# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୧୨/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, January 12/ 2019 ★★

୧୫୩ ଭାଗ ୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସ୍ନେହା ସୋରେନଙ୍କୁ ସ୍ୱର୍ଣ୍ଣ**

ପୁଣେରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସ୍ନେହା ସୋରେନ। ୧୨

୧୪

**ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ**

ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ ବୋଲି ବଲିଉଡ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ପୂଜା ଭଟ୍ଟ ପ୍ରକାଶ କରିଛନ୍ତି।








**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ଖାକି ବାବୁଙ୍କ ରାଜଧାନୀ ମୋହ

- ବଦଳି ସତ୍ତ୍ୱେ ଗାଦି ଛାଡ଼ିବାକୁ ଅମଙ୍ଗ
- 'ଦୁର୍ନୀତିଗ୍ରସ୍ତ ହେବା ଆଶଙ୍କା'

ତ୍ରିନାଥ ମହାନ୍ତି

ଭୁବନେଶ୍ୱର, ୧୧।୧

କମିଶନରେଟ ପୋଲିସରେ ଦୀର୍ଘଦିନ ହେବ ଅନେକ ପୋଲିସ ଅଫିସର ଗାଦି ମାଡି ବସିଛନ୍ତି। ଅନ୍ୟ ଜିଲାକୁ ସେମାନଙ୍କ ବଦଳି ହେଉଥିଲେ ମଧ୍ୟ ସେମାନେ ସ୍ଥାନ ଛାଡିବାକୁ ଅମଙ୍ଗ। ଉପରିସ୍ଥ ଅଧିକାରୀ କିମ୍ବା ରାଜନେତାଙ୍କୁ ହାତକରି ସେମାନେ ବଦଳି ଆଦେଶ ବାତିଲ କରିଦେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଏଠାରେ ରହି ସବ୍‌ଇନ୍ସପେକ୍ଟରରୁ ଏସିପି ପଦବୀକୁ ମଧ୍ୟ ପଦୋନ୍ନତି ପାଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ କେତେଜଣ ପୋଲିସ ଅଫିସର ଅଛନ୍ତି ଯେଉଁମାନେ କି ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଭୁବନେଶ୍ୱର ଏବଂ କଟକରେ ଆଣ୍ଡା ଜମାଇଛନ୍ତି। ସୂଚନା ଅଧିକାର(ଆରଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏପରି ପୋଲିସ ଅଧିକାରୀଙ୍କ ସଂଖ୍ୟା ୮।

ପୋଲିସ ଅର୍ଡର ୧୦୯ ଓ ଧାରା ୮ରେ ଉଲ୍ଲେଖ ରହିଛି ଯେ, ଜଣେ ପୋଲିସ ଅଫିସର ଗୋଟିଏ ଜିଲାରେ ଅତି ବେଶିରେ ୧୦ ବର୍ଷ ରହିପାରିବେ। ଯଦି କୌଣସି ପୋଲିସ ଅଫିସର ବଦଳିକୁ ବାତିଲ କରି ରହୁଛନ୍ତି ସେ ଅତିବେଶିରେ ୩ବର୍ଷରୁ ଊର୍ଦ୍ଧ୍ୱ ରହି ପାରିବେ ନାହିଁ। କିନ୍ତୁ ଏହି ନିୟମକୁ ପୋଲିସ ମୁଖ୍ୟାଳୟ ଓ କମିଶନରେଟ ପୋଲିସର ଅନେକ ଅଧିକାରୀ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି।

ଆରଟିଆଇ ତଥ୍ୟ ଅନୁଯାୟୀ, କମିଶନରେଟ ପୋଲିସରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା ପୋଲିସ ଅଫିସରମାନେ ହେଲେ କଟକରେ କାର୍ଯ୍ୟ କରୁଥିବା ଡବ୍ଲ୍ୟୁଏସ୍‌ଆଇ ଚମ୍ପାବତୀ ପାଟ, କଟକରେ କାର୍ଯ୍ୟ କରୁଥିବା ଏସ୍‌ଆଇ ହରିଶଙ୍କର ଭୋଇ, ଭୁବନେଶ୍ୱର ୟୁପିଡିରେ କାର୍ଯ୍ୟରତ ମଞ୍ଚେଶ୍ୱର ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ର। ନିକଟରେ ମିଶ୍ରଙ୍କର ଜଗତ୍‌ସିଂହପୁର ଜିଲାକୁ ବଦଳି ହୋଇଛି। ବଦଳିର ୨ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସେ ନୂଆ ଜାଗାକୁ ଯାଇନାହାନ୍ତି। ଭୁବନେଶ୍ୱରରେ ଥିବା ଇନ୍ସପେକ୍ଟର ଅମିତା ତ୍ରିପାଠୀ, ଇନ୍ସପେକ୍ଟର ସୁକାନ୍ତ ପତି, ଭୁବନେଶ୍ୱର ଜୋନ-୧ ଏସିପି ଅସୀମ କୁମାର ପଣ୍ଡା, ଜୋନ-୬ ଏସିପି ରବୀନ୍ଦ୍ରନାଥ ଶତପଥୀ, କଟକରେ ଥିବା ଅତିରିକ୍ତ ଡିସିପି ମାୟାଧର ସେଠୀ।

ସେହିପରି ଏସିପି ର୍‍ୟାଙ୍କ୍‌କୁ ପଦୋନ୍ନତି ପାଇବା ପରେ ଅନ୍ୟତ୍ର ବଦଳି ହୋଇଥିଲେ ହେଁ ରାଜଧାନୀ ଛାଡ଼ି ନ ଥିବା ୨ ଅଧିକାରୀ ହେଉଛନ୍ତି ଏୟାରଫିଲ୍ଡ ଥାନା ଅଧିକାରୀ ଦେବୀଶଙ୍କର ପ୍ରତାପ ଏବଂ ଇନ୍ସପେକ୍ଟର ଅତନୁ କୁମାର ରାଉତ। ଗତ ଅକ୍ଟୋବରରେ ଦେବୀଶଙ୍କର ଏବଂ ଅତନୁଙ୍କର ସୁନ୍ଦରଗଡ ଏସ୍‌ପି ମୁଖ୍ୟାଳୟକୁ ବଦଳି ହୋଇଥିଲେ ମଧ୍ୟ ଉଭୟେ ଯାଇନାହାନ୍ତି। ଏହାବ୍ୟତୀତ ଅନ୍ୟ କେତେଜଣ ଅଧିକାରୀ ରାଜଧାନୀରେ ୧୦ ବର୍ଷରୁ ଊର୍ଦ୍ଧ୍ୱ କାଳ ରହିସାରିଛନ୍ତି। ସେମାନଙ୍କୁ ଭୁବନେଶ୍ୱରରେ ଥିବା ପୋଲିସ ବିଭାଗର ବିଭିନ୍ନ ସଂସ୍ଥାକୁ ଲୋକ ଦେଖାଣିଆ ଭାବେ ବଦଳି କରାଯାଇ ପୁଣି କମିଶନରେଟ ପୋଲିସରେ ଅବସ୍ଥାପିତ କରାଯାଇଛି।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ରାଜଧାନୀରେ ଅନେକ ପୋଲିସ ଅଫିସର ୮/୧୦ ବର୍ଷ ରହିଲେଣି। କେତେଜଣ ଅଫିସର ☞ପୃଷ୍ଠା-୪

# ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଆୟକର ଚଢ଼ାଉ

**ଆୟକର ଫାଙ୍କିବା ଅଭିଯୋଗ**

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଆୟକର ଫାଙ୍କିବା ଅଭିଯୋଗରେ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଶୁକ୍ରବାର ସକାଳେ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଆୟକର ବିଭାଗ ଇନ୍ଦ୍ରାଣୀ ଓ ତାଙ୍କ ସ୍ୱାମୀ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ଘର ଏବଂ କାର୍ଯ୍ୟାଳୟ ସହିତ ସମୁଦାୟ ୧୬ଟି ସ୍ଥାନରେ ଏକକାଳୀନ ଚଢାଉ କରିଛି। ଚଢାଉରେ ଆୟକର ବିଭାଗର ପ୍ରାୟ ୧୮ଟି ଟିମ୍ ସାମିଲ ହୋଇଥିଲେ।

ଆୟକର ଟିମ୍ କେନ୍ଦୁଝର ଜିଲା ଯୋଡା ଉଁଛବାଲି ମହାପର୍ବତସ୍ଥିତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣି କାର୍ଯ୍ୟାଳୟ ଏବଂ ସ୍ଥାନୀୟ ଡି. ଆର. ପଟ୍ଟନାୟକ ଖଣି କାର୍ଯ୍ୟାଳୟରେ ଚଢାଉ କରିଥିଲେ। ସେଠାରେ ଅଧିକାରୀମାନେ ବିଭିନ୍ନ କାଗଜପତ୍ର ଯାଞ୍ଚକରିବା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନିଜ ସାଥିରେ ନେଇଥିବା ଜଣାପଡିଛି। ସେହିଭଳି ରାଉରକେଲାରେ ଥିବା ଇନ୍ଦ୍ରାଣୀଙ୍କ ଅଫିସ ଓ ଟାଉନଶିପ୍‌ଠାରେ ଥିବା ଏକ୍ସ/୬ ଘର ଏବଂ ତାଙ୍କର ଦୁଇ ସହଯୋଗୀଙ୍କ ଘରେ ଚଢାଉ କରାଯାଇଛି। ଇନ୍ଦ୍ରାଣୀଙ୍କ ପରିଚାଳନାଧୀନ କୋଇଡା ମାଇନ୍ସ ଅଞ୍ଚଳରେ ଥିବା କାର୍ଯ୍ୟାଳୟ, ଭୁବନେଶ୍ୱର ଶହୀଦନଗରସ୍ଥିତ ଇନ୍ଦ୍ରାଣୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଆୟକର ବିଭାଗର ୨ଟି ଟିମ୍ ଚଢାଉ କରିଥିଲେ। ସୂଚନା ମୁତାବକ, କିଛିବର୍ଷ ହେବ ଦୀପ୍ତିରଞ୍ଜନ ପଟ୍ଟନାୟକ ☞ପୃଷ୍ଠା-୪

## ଫେବୃୟାରୀରେ ୫ ଦିନିଆ ବିଧାନସଭା ଅଧିବେଶନ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ଆସନ୍ତା ଫେବୃୟାରୀ ୧୫ ବେଳକୁ ଚଳିତ ବିଧାନସଭାର ଶେଷ ଅଧିବେଶନ ଅନୁଷ୍ଠିତ ହେବ। ଏହା ୫ ଦିନିଆ ହେବ । ଏଥିରେ କେବଳ ଆସନ୍ତା ୬ ମାସ ପାଇଁ ଏକ କାମଚଳା ବଜେଟ ଉପସ୍ଥାପନ କରାଯିବ। ବିଭିନ୍ନ ଯୋଜନା ଖର୍ଚ୍ଚ ତୁଲାଇବା ପାଇଁ ଏହି ସ୍ୱଳ୍ପକାଳୀନ ଅଧିବେଶନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ର ବଜେଟ ସହିତ ତାଳ ଦେଇ ବଜେଟ ପ୍ରସ୍ତୁତ କରୁଥିଲେ। ☞ପୃଷ୍ଠା-୪

**ଇସ୍ତଫା ଦେଲେ ଆଲୋକ ବର୍ମା**

........୩........

**ଆଜିର ସମ୍ପାଦକୀୟ**

ପ୍ରଶାସନିକ ନିଅଣ୍ଟ

**ଆଜିର ମନ୍ତବ୍ୟ**

"ଭ୍ରଷ୍ଟାଚାର ମାମଲାରେ ଜାମିନରେ ମୁକୁଳିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣୁଛନ୍ତି।

**-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

**କିଛି ତଥ୍ୟ**

ଗତ ୩ ଆର୍ଥିକ ବର୍ଷରେ ଦେଶର ରାଷ୍ଟ୍ରାୟତ୍ତ ଇସ୍ପାତ ସଂସ୍ଥାଗୁଡ଼ିକ ଗବେଷଣା ଏବଂ ଉନ୍ନତିକରଣ ବାବଦକୁ ୧୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିଛନ୍ତି। **– ଇସ୍ପାତ ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 11.01.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 69 | 118 | 128 |
| DKL | 69 | 118 | 128 |
| BDK | 69 | 118 | 128 |
| BLS | 71 | 120 | 130 |
| ANG | 69 | 118 | 128 |

*Conditions Apply

Eggs Retail Price- 56/-Dozen

Issued in the Interest of Consumers


# ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

- ମଥୁରାନଗରୀରେ କଂସଙ୍କ ରାଜୁତି ଆରମ୍ଭ



ଅତିଥିମାନେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

ମଥୁରା ନଗରୀ,୧୧।୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଉଦ୍‌ଘାଟିତ ହୋଇଯାଇଛି । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ମୁକେଶ କୁମାର ଭାମୁ, ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ମହୋତ୍ସବ ଉଦ୍‌ଘାଟନ ପରେ ବରଗଡ଼ ମଥୁରାନଗରୀ ପାଲଟି ଯାଇଛି ଏବଂ ଏଠାରେ କଂସଙ୍କ ରାଜୁତି ଆରମ୍ଭ ହୋଇଛି । ମହୋତ୍ସବର ପ୍ରଥମ ଦିବସରେ ମହାରାଜା ଉଗ୍ରସେନ ☞ପୃଷ୍ଠା-୪

- ୧୫ରେ ମୋଦିଙ୍କ ବଲାଙ୍ଗୀର ଗସ୍ତ

# ବଲାଙ୍ଗୀର-ବିଚ୍ଛୁପାଲି ରୁଟ୍‌ରେ ଗଡ଼ିବ ଟ୍ରେନ

- ଲୋକାର୍ପଣ ହେବ ୧୫୫୦ କୋଟି ଟଙ୍କାର ପ୍ରକଳ୍ପ
- ଝାରସୁଗୁଡ଼ାରେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ
- ଆଉ ୬ ଡାକଘରେ ପାସ୍‌ପୋର୍ଟ ସେବା କେନ୍ଦ୍ର

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ ତାରିଖରେ ପୁଣିଥରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ବଲାଙ୍ଗୀରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ୧୫୫୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଥିମଧ୍ୟରେ ସୋନପୁରଠାରେ ୧୫.୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ସେହିଭଳି ଝାରସୁଗୁଡ଼ାରେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ (୧୦୦ କୋଟି ଟଙ୍କା) ଲୋକାର୍ପଣ ହେବାକୁ ଥିବାବେଳେ ୧୧୫ କୋଟି ଟଙ୍କାରେ ନିର୍ମିତ ବଲାଙ୍ଗୀର-ବିଚ୍ଛୁପାଲି ନୂଆ ରେଳଲାଇନରେ ଗଡ଼ିବ ଟ୍ରେନ। ଏହି ନୂତନ ଟ୍ରେନ ଚଳାଚଳକୁ ମୋଦି ଶୁଭାରମ୍ଭ କରିବେ ବୋଲି ଭୁବନେଶ୍ୱରର ରେଳ ସଦନଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ☞ପୃଷ୍ଠା-୪




ସରଣ୍ଡା ପଞ୍ଚାୟତ ହାଇସ୍କୁଲ

# ସୃଜନଶୀଳ ପ୍ରତିଭାର ଗନ୍ତାଘର

**ପୃଷ୍ଠଭୂମି:** ଶିକ୍ଷାର ବିକାଶ ପାଇଁ ବରଗଡ଼ ଜିଲା ସରଣ୍ଡାରେ ୧୮୮୧ ମସିହାରୁ ୟୁଜିଏମ୍ଇ ସ୍କୁଲ ଚାଲିଥିଲା। ସେହି ସ୍କୁଲରେ ୧୯୯୧ ମସିହା ଜୁଲାଇ ୧୦ରେ ଏକ ହାଇସ୍କୁଲ ଆରମ୍ଭ ହୋଇଥିଲା। ଏହାକୁ ପଞ୍ଚାୟତ ହାଇସ୍କୁଲ ନାମରେ ନାମିତ କରାଯାଇଛି। ସଭାପତି ନବୀନ ମିଶ୍ରଙ୍କ ଅଧ୍ୟକ୍ଷତାରେ ତତ୍କାଳୀନ ସମ୍ବଲପୁର ବିଧାୟକ ଦୁର୍ଗାଶଙ୍କର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଅଭିଭାବକଙ୍କ ଅକୁଣ୍ଠ ସହଯୋଗ, ଶିକ୍ଷକଙ୍କ ନିରନ୍ତର କର୍ମଯୋଗ, ହିତାକାଂକ୍ଷୀଙ୍କ ଅସୀମ ପ୍ରେରଣାକୁ ପାଥେୟ କରି ପ୍ରଗତି ପଥରେ ଏହି ଅନୁଷ୍ଠାନ ଗତିଶୀଳ । ଆଜି ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟ ହୃଷ୍ଟପୃଷ୍ଟ, ବଳିଷ୍ଠ ଶରୀରରେ ତାହାର ଅଷ୍ଟବିଂଶ ବସନ୍ତର ବର୍ଣ୍ଣାଢ୍ୟ ସ୍ୱାକ୍ଷର ବହନ କରିଛି ।



ଅତିଥିଙ୍କ ସ୍ୱାଗତ ପାଇଁ ଛାତ୍ରୀମାନେ ଝୋଟି ଅଙ୍କନ କରୁଛନ୍ତି ।

**ସ୍କୁଲ ପରିଚାଳନା କମିଟି:** ବିଦ୍ୟାଳୟର ସୁପରିଚାଳନା ତଥା ସର୍ବାଙ୍ଗୀନ ବିକାଶ ନିମନ୍ତେ ଅନୁଷ୍ଠାନର ପ୍ରାରମ୍ଭରୁ ଏପର୍ଯ୍ୟନ୍ତ ଅନେକ କମିଟି ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ସମ୍ପ୍ରତି ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନେ ହେଲେ ଆନନ୍ଦ ମେହେର ସଭାପତି, ଚିତ୍ତରଞ୍ଜନ ମେହେର ପ୍ରଧାନଶିକ୍ଷକ ତଥା ସମ୍ପାଦକ, ସୁଲତା ପ୍ରଧାନ ସରପଞ୍ଚ, ପ୍ରଣତି ପ୍ରଧାନ ସମିତି ସଭ୍ୟ, ବିନୋଦ ମେହେର ବିଧାୟକ ପ୍ରତିନିଧି, ଝାରୁ ସାହୁ ସଭ୍ୟ, ପ୍ରଦୀପ କୁମାର ମହାପାତ୍ର ସଭ୍ୟ, ଅଗଷ୍ଟ ପ୍ରଧାନ ସଭ୍ୟ, ମିଥିଳା ପ୍ରଧାନ ମହିଳା ସଭ୍ୟ ଏବଂ ସତ୍ୟଭାମା ପ୍ରଧାନ ଶିକ୍ଷକ ପ୍ରତିନିଧି।

**ଛାତ୍ରୀଛାତ୍ରଙ୍କ କୃତିତ୍ୱ:** ଛାତ୍ରୀଛାତ୍ରଙ୍କ ବହୁମୁଖୀ ପ୍ରତିଭାର ଉନ୍ନତି ତଥା ଉତ୍କର୍ଷ ସାଧନ ପାଇଁ ଏହି ଅନୁଷ୍ଠାନ ଶତ ଚେଷ୍ଟିତ। ୧୯୯୪ ମସିହାଠାରୁ ଏପର୍ଯ୍ୟନ୍ତ ବହୁ ଛାତ୍ରୀଛାତ୍ର ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାଳୟର ଗୌରବ ବୃଦ୍ଧି କରିଛନ୍ତି । ଚଳିତବର୍ଷ ୧୧୬ ଜଣ ଛାତ୍ରୀଛାତ୍ର ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ। ୨୦୧୮ ମସିହାର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୪୩୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୦ଜଣ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ଚିତ୍ତରଞ୍ଜନ ମେହେର ଓ ଶିବାନୀ ମହାପାତ୍ର ମୁଖ୍ୟମନ୍ତ୍ରୀ ପ୍ରଦତ୍ତ ମେଧାବୃତ୍ତି ଏବଂ ଚିତ୍ତରଞ୍ଜନ ମେହେର ଭାଷା ବୃତ୍ତି ଲାଭ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ପରିପ୍ରକାଶ ପାଇଁ ପ୍ରତିବର୍ଷ ତର୍କ, ପ୍ରବନ୍ଧ, ସଙ୍ଗୀତ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଅନେକ ଛାତ୍ରୀଛାତ୍ର ବ୍ଲକ ତଥା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ଅନୁଷ୍ଠାନର ଦୁଇ ଜଣ ଛାତ୍ର ସାଇନ୍ସ ଇନ୍ସପ୍ରିଇଡ୍ କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି । ଅନେକ ଛାତ୍ରୀଛାତ୍ର ଏନଏମଏମଏସ, ଏନଟିଏସ, ପଠାଣି ସାମନ୍ତ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ୨୦୧୫ ମସିହାରୁ ଏପର୍ଯ୍ୟନ୍ତ ଅନେକ ଛାତ୍ର ସ୍କାଉଟ୍ ଗାଇଡରେ ରାଜ୍ୟ ପୁରସ୍କାର ଲାଭ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି ।

**କ୍ରୀଡ଼ା କ୍ଷେତ୍ରରେ ସଫଳତା:** ଶାରୀରିକ ବିକାଶରେ କ୍ରୀଡ଼ାର ଭୂମିକା ମହତ୍ତ୍ୱପୂର୍ଣ୍ଣ । କ୍ରୀଡା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ନୈପୁଣ୍ୟର ବିକାଶ ପାଇଁ କ୍ରୀଡା ଶିକ୍ଷକଙ୍କ ବଳିଷ୍ଠ ନେତୃତ୍ୱରେ ପ୍ରତିବର୍ଷ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଅନେକ ଛାତ୍ରୀଛାତ୍ର ବ୍ଲକ ତଥା ଜିଲା ସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି । ଚଳିତ ବର୍ଷ ହୃଷିକେଶ ଭୋଇ ଫୁଟବଲ, ସୌମ୍ୟରଞ୍ଜନ ପ୍ରଧାନ କବାଡି, ହେମାନନ୍ଦ ନାଗ କ୍ରିକେଟ ଏବଂ ରିତେଶ ନାଗ ଖୋ ଖୋ ଖେଳରେ ଜିଲାସ୍ତରରେ ଅଂଶ ଗ୍ରହଣ କରି ଦକ୍ଷତା ପ୍ରଦର୍ଶନ କରିଛନ୍ତି ।

**ଅଭାବ ଅସୁବିଧା:** ଏହି ଶିକ୍ଷାନୁଷ୍ଠାନ ନିରନ୍ତର ନୂଆ ନୂଆ ପ୍ରତିଭାର ବିକାଶ ସାଧନରେ ବ୍ରତୀ ରହିଛି। କିନ୍ତୁ ଦୁଃଖର ବିଷୟ ଅନୁଷ୍ଠାନ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଅନୁଷ୍ଠାନରେ ପରିଣତ ହୋଇ ପାରିନାହିଁ । ଏଠାରେ ଶ୍ରେଣୀ କୋଠରୀର ଅଭାବ ରହିଛି। ତତ୍ ସହିତ ସ୍କୁଲ ପାଚେରୀ, ଲାଇବ୍ରେରୀ ଗୃହ, ବିଜ୍ଞାନଗାର, କମ୍ପ୍ୟୁଟର ଗୃହ, ସାଇକେଲ ଷ୍ଟାଣ୍ଡର ଆବଶ୍ୟକତା ଥିଲେ ମଧ୍ୟ ଏସବୁ ପୂରଣ ହୋଇପାରିନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ, ଜନସାଧାରଣ ତଥା ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।


ବରଗଡ଼ ଜିଲା ପାଣିମୋରାରୁ ଆସିଥିବା ୬ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି ।

## ଏମାନେ ଯାହା କହନ୍ତି...


"ସରଣ୍ଡା ଗ୍ରାମବାସୀଙ୍କ ସହଯୋଗ, ପୁରାତନ ଛାତ୍ରୀଛାତ୍ରଙ୍କ ସଦିଚ୍ଛା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ କର୍ମଚାରୀଙ୍କ ମହାର୍ଘ କର୍ମ ସାଧନାର ଅବଦାନରେ ଆଜି ଆମ ସାରସ୍ୱତ ଅନୁଷ୍ଠାନ ରୌପ୍ୟ ଜୟନ୍ତୀ ପାଳନ କରୁଛି ।

**-ଚିତ୍ତରଞ୍ଜନ ମେହେର, ପ୍ରଧାନଶିକ୍ଷକ ତଥା ରୌପ୍ୟ ଜୟନ୍ତୀ କମିଟି ଆବାହକ**


"ସମସ୍ତଙ୍କ ଆପ୍ରାଣ ସହଯୋଗ ଓ ସାହାଯ୍ୟ ଆଜି ପରି ଆଗକୁ ଜାରି ରହିଲେ ଭଲ ହେବ । ସ୍କୁଲଟି ଉତ୍ତରୋତ୍ତର ଉନ୍ନତି କରିବ । ପ୍ରଥମ ବ୍ୟାଚ୍‌ର ଛାତ୍ର ହୋଇ ସଭାପତି ଦାୟିତ୍ୱ ବହନ କରିଥିବାରୁ ଗର୍ବ ଅନୁଭବ କରୁଛି ।

**-ଦୀପକ ପ୍ରଧାନ, ପୁରାତନ ଛାତ୍ର ତଥା ରୌପ୍ୟ ଜୟନ୍ତୀ କମିଟି ସଭାପତି**


"ନୈରାଶ୍ୟ ମଧ୍ୟରେ ଆଶାର ନୂଆ କିରଣ ଏବଂ ଜୀବନ ସଂଗ୍ରାମରେ ଲଢ଼ିବା ପାଇଁ ଛାତ୍ରୀଛାତ୍ରମାନଙ୍କଠାରେ ନୂତନ ଶକ୍ତି ସଂଚାର କରିଚାଲିବା ଦ୍ୱାରା ଆଜିର ଏହି ସଫଳତା ।

**-ରାଜେଶ କୁମାର ମହାପାତ୍ର, ରୌପ୍ୟ ଜୟନ୍ତୀ କମିଟି ସମ୍ପାଦକ**


"ମନ ଭିତରେ ଅହଙ୍କାର ଓ ସ୍ୱାର୍ଥପରତାକୁ ଜଳାଞ୍ଜଳି ଦେଇ କାର୍ଯ୍ୟ କଲେ ସାମୂହିକ ଉନ୍ନତି ମିଳିଥାଏ । ଏଣୁ ସମସ୍ତେ ଏକ ମନ ଏକ ଲକ୍ଷ୍ୟରେ କାର୍ଯ୍ୟ କରିଚାଲିଲେ ଶିକ୍ଷାର ବିକାଶ ସହ ଅନୁଷ୍ଠାନର ଉନ୍ନତି ସମ୍ଭବ ହେବ ।

**-ଆନନ୍ଦ ମେହେର, ଶିକ୍ଷା ପରିଚାଳନା କମିଟି ସଭାପତି**


"ମୁଁ ଏହି ସ୍କୁଲରୁ ବିଦ୍ୟା ଅର୍ଜନ କରି ପୋଲିସ ବାହିନୀରେ ଭର୍ତ୍ତି ହୋଇଛି । ଆଜି ସ୍କୁଲର ରୌପ୍ୟ ଜୟନ୍ତୀ ଦେଖି ମନରେ ଆନନ୍ଦର ଲହରୀ ଖେଳି ଯାଇଛି ।

**-ରାଜେଶ କୁମାର ଗଡ଼ତିଆ, ପୁରାତନ ଛାତ୍ର**


"ଏହି ସ୍କୁଲରୁ ଶିକ୍ଷାଲାଭ କରି ଏବେ ଭେଡ଼େନ ବ୍ଲକରେ ରାଜସ୍ୱ ନୀରିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛି । ସ୍କୁଲଟି ମୋ ପାଇଁ ଚିରସ୍ମରଣୀୟ ହୋଇ ରହିବ । ଏଠାରେ କିଛି ବର୍ଷ ବେସରକାରୀ ଭାବେ ଶିକ୍ଷାଦାନର ସୁଯୋଗ ମିଳିଥିଲା ।

**-ଜଗନ୍ନାଥ ମେହେର, ପୁରାତନ ଛାତ୍ର**


"ଗତବର୍ଷ ମୁଁ ଏହି ବିଦ୍ୟାଳୟରୁ ମାଟ୍ରିକ୍ ପାସ କରିଛି । ଏଠାରେ ଗୁରୁଜନଙ୍କ ଶିକ୍ଷାଦାନ ସହ ସେମାନଙ୍କ ମାର୍ଗଦର୍ଶନ ପାଇପାରିଛି। ଏବେ ମୁଁ 'ଧରିତ୍ରୀ' ଖବରକାଗଜ ହକର୍ ଭାବେ କାର୍ଯ୍ୟ କରି ଗର୍ବ ଅନୁଭବ କରୁଛି ।

**-ଅକ୍ଷୟ ଭୋଇ, ପୁରାତନ ଛାତ୍ର**

ଉପସ୍ଥାପନା: ଯୁଧିଷ୍ଠିର ମହାପାତ୍ର


ରୌପ୍ୟ ଜୟନ୍ତୀ ପାଇଁ ମଶାଲ ଯାତ୍ରା ଚାଲିଛି ।

## ଆଜି କ'ଣ କେଉଁଠି

- ତା.୧୨/୦୧/୨୦୧୯ (ଶନିବାର)
- ସକାଳ ୧୦ଟା- ଆଲୁମିନି ଅଧିବେଶନ ।
- ଅପରାହ୍ନ ୩ଟା-ଉଦ୍‌ଯାପନୀ ସମାରୋହ ।
- ସନ୍ଧ୍ୟା ୬ଟା -ସାଂସ୍କୃତିକ କାର୍ଯ୍ୟକ୍ରମ ।

SPOT ADMISSION 2018-19
ROURKELA SENIOR NURSING COLLEGE, SUNDARGARH GNM TRAINING SCHOOL
MAA BAUTI ANM TRAINING SCHOOL Approved by (INC), New Delhi, Recognized by Govt. Of Odisha (ONC) BBSR, Sambalpur
SUNDARGARH DMLT INSTITUTE Approved by H & FW Deptt. Govt of Odisha
MAHESWARI +2 SCIENCE COLLEGE (Approved by CHSE, Odisha)

| COURSE | ELIGIBILITY | AGE |
|---|---|---|
| B.Sc. NURSING (M/F) 4 Yrs Course | +2 Science Passed with PCB from CHSE Odisha/CBSE/ICSE (45% Gen. & 40 % SC/ST) | 17-30 Yrs. |
| GNM (STAFF NURSE) (M/F) 3 Yrs Course | +2 Passed Any Stream (40% Gen. & 35 % SC/ST) | 17-30 Yrs. |
| ANM (HW/F) (F) 2 Yrs Course | +2 Passed Any Stream | 17-30 Yrs. |
| DMLT (M/F) 2 Yrs Course | +2 Sc. Passed with Bio-logy | 17-30 Yrs. |
| +2 SCIENCE (M/F) 2 Yrs | 10th Passed | 17-30 Yrs. |

AT/PO- SANKARA, DIST- SUNDARGARH, ODISHA- 770001
Mob: 94371-58472, 99376-93555, 83429-27552, Ph- 06622- 219214, FAX- 06622- 273781
Email- snggnmtrainingcollege@gmail.com, nlcattabira@gmail.com, rsncbsc@gmail.com, maheswariscience college@gmail.com
FACILITIES AVAILABLE:- Well Furnished Infrastructure, Well Equipped Computerised Laboratory, Experience & Expertise Teaching Faculty, Practical Training in Govt. Hospital D.H.H., Sundargarh & CHC, PHC, Library, Book Bank and Reading Room, In House Hostel Accommodation, Study Loan Support and Scholarship, 100% Placement Assistance, Study Tour, Best Exposure visit inside and outside the state.

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ରିତା ସାହୁ
ଅଧ୍ୟକ୍ଷା, ଅତାବିରା ପଞ୍ଚାୟତ ସମିତି
ଅତାବିରା, ଜି- ବରଗଡ

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଡ଼ି. ନୃସିଂହ ମୂର୍ତ୍ତି
ଅତାବିରା, ବରଗଡ

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ରଣଜିତ ସାହୁ
ସରପଞ୍ଚ, ଲରାସରା ଗ୍ରାମ ପଞ୍ଚାୟତ
ଅତାବିରା, ଜିଲା- ବରଗଡ

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ହରପ୍ରସାଦ ପ୍ରଧାନଙ୍କ ସ୍ମୃତିରେ ୫୦ ହଜାର ଟଙ୍କା ଦାନ କରାଗଲା ।
ସ୍ୱର୍ଗତ ହରପ୍ରସାଦ ପ୍ରଧାନ
ଶ୍ରୀମତୀ ସୁଲତା ପ୍ରଧାନ
ସରପଞ୍ଚ, ଡକୁଳି ଗ୍ରାମ ପଞ୍ଚାୟତ
ଅତାବିରା ବ୍ଲକ, ଜି- ବରଗଡ

Siddhartha PUBLIC SCHOOL
(AN ENGLISH MEDIUM CO-EDUCATIONAL RESIDENTIAL PUBLIC SCHOOL)
ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
At/Po- Kumelsingha, Via- Godbhaga, Dist- Bargarh
Tel. : 06682-224921, Mob: 9437421179, 9861196830

ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସରଣ୍ଡା
ତା. ୧୧.୦୧.୨୦୧୯ (ଶୁକ୍ରବାର) ଓ
ତା. ୧୨.୦୧.୨୦୧୯ (ଶନିବାର)
ଆପଣଙ୍କୁ ସ୍ୱାଗତ ଜଣାଉଛି ।
- ସୌଜନ୍ୟ - ରୌପ୍ୟ ଜୟନ୍ତୀ କମିଟି, ସରଣ୍ଡା

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ରାଜେଶ ଗଡ଼ିଆ
ପୁରାତନ ଛାତ୍ର

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Mob : 9437104663
SHANKHOLIA RICE INDUSTRIES
SARANDA, ATTABIRA, N.H-6, DIST BARGARH (ODISHA)
MOB : 943403338, 9437051463
SHANKHOLIA FUELS
KANAHTURA, N.H.-49, DIST- JHARSUGUDA (ODISHA)
MOB : 9437051463, 9437345737
SHANKHOLIA TRANSPORT
KHETRAJPUR, SAMBALPUR (ODISHA)
HPCL / BPCL / IOCL OIL TANKER
SHANKHOLIA AGRO INDUSTRIES
KANAKTORA NH- 49, DIST- JHARSUGUDA

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ସଞ୍ଜୀବ କୁମାର ଅଗ୍ରୱାଲ
ଶ୍ରୀ ଶ୍ରୀ ବାଲାଜି ଆଗ୍ରୋ ଫୁଡ୍‌ସ୍ ପି. ଲିଃ ଭୋରପାଲି, ଲରାସରା, ଅତାବିରା, ଜିଲ୍ଲା- ବରଗଡ

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Indane
T.S. INDANE AGENCY
Attabira, Ph- 06682-221222,
Mob: 94372 62962
ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ପଣ୍ଡା (ମଣ୍ଟୁ)
ଅତାବିରା

ସରଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଅଶୋକ କୁମାର ଅଗ୍ରୱାଲ
ସମ୍ବଲପୁର

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ




# ଓଡ଼ିଶା କନ୍ଦମୂଳରେ ୧ ନମ୍ବର

- 'କୃଷି-୨୦୧୯' ମାସ୍କଟ ଉନ୍ମୋଚିତ
- ବାର୍ଷିକ ଉତ୍ପାଦନ ହେଉଛି ୩.୮୨ଲକ୍ଷ ଟନ୍

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ 'କୃଷି-୨୦୧୯' ଲୋଗୋ ଉନ୍ମୋଚନ କରିଛନ୍ତି। ଓଡିଶା କନ୍ଦମୂଳ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିପାଇଁ କୃଷି-୨୦୧୯କୁ ଚୟନ କରାଯାଇଛି। କନ୍ଦମୂଳ ଭିଟାମିନ-ଏ'ରେ ପରିପୂର୍ଣ୍ଣ। ଏହାକୁ ବିପର୍ଯ୍ୟୟ ପ୍ରଶମନ ଶସ୍ୟ କୁହାଯାଇଥାଏ।ବାତ୍ୟା ଓ ମରୁଡ଼ି ସମୟରେ ଏହି ଶସ୍ୟ ଉତ୍ପାଦନ ହୋଇଥାଏ।

କନ୍ଦମୂଳ ଏକ ଲାଭଜନକ ଫସଲ, ଯାହା କି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ବ୍ୟଞ୍ଜନରେ ବ୍ୟବହୃତ ହୁଏ। ସମଗ୍ର ଦେଶରେ କନ୍ଦମୂଳ ଉତ୍ପାଦନରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟରେ ସମୁଦାୟ ୪୦,୪୦୯ ହେକ୍ଟର ଜମିରେ ଏହା ଚାଷ କରାଯାଏ। ସେଥିରୁ ମୋଟ ୩.୮୨ ଲକ୍ଷ ମେଟ୍ରିକ ଟନ ଉତ୍ପାଦିତ ହୋଇଥାଏ। ଭିଟମିନ-ଏ'ରେ ପରିପୂର୍ଣ୍ଣ ଏହି ଫସଲର ୨ଟି କିସମ କଞ୍ଚନଗଡ ଓ ବିଧାନଜ୍ୟୋତି ଭାରତରେ ଅତ୍ୟନ୍ତ ଆଦୃତି ଲାଭ କରିଛି। ଏହି ଫସଲ ଓ ଚାଷର ଆୟତନ ବୃଦ୍ଧି ପାଇଁ ଗେନ୍ସ ନାମକ ଏକ ପ୍ରକଳ୍ପ ୨୦୧୬-୧୭ରୁ ରାଜ୍ୟରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର ଆନୁକୂଲ୍ୟରେ ଗଞ୍ଜାମ, ଢେଙ୍କାନାଳ, କୋରାପୁଟ ଓ ସୁନ୍ଦରଗଡ ଜିଲାରେ କାର୍ଯ୍ୟ କରୁଛି। ଏହାଦ୍ୱାରା ୬ ହଜାର ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଫସଲ ଓ ଚାଷୀମାନଙ୍କୁ ଖାଦ୍ୟ ନିରାପତ୍ତା, ପୁଷ୍ଟି ଯୋଗାଣରେ ଏହା ବିଶେଷ ସହାୟକ ହୋଇପାରିବ। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କନ୍ଦ ଜାତୀୟ ଫସଲ ଗବେଷଣା କେନ୍ଦ୍ର (ସିଟିସିଆରଆଇ) ଠାରେ କନ୍ଦମୂଳ ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯାଇ ଚିପ୍ସ, ପାସ୍ତା, ଅଟା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏଥିସହିତ ଚାଷୀମାନଙ୍କୁ ମଧ୍ୟ ତାଲିମ ଦେବାର ବ୍ୟବସ୍ଥା କରାଯାଉଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲୋଗୋ ଉନ୍ମୋଚନ ସମୟରେ ଅର୍ଥ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରା, ଏମ୍‌ପି ତଥାଗତ ସତପଥୀ, କୃଷି ବିଭାଗ ସଚିବ, ଜଳ ସମ୍ପଦ ସଚିବ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ସଚିବାଳୟରେ 'କୃଷି-୨୦୧୯' ମାସ୍କଟକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ପୂରଣ ହେବ ୯୦୮ କନିଷ୍ଠ ଯନ୍ତ୍ରୀ ପଦବୀ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପଞ୍ଚାୟତିରାଜ ବିଭାଗରେ ୯୦୮ଟି କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ଲାଗି ନିଷ୍ପତ୍ତି ନେଇଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବ୍ଲକସ୍ତରୀୟ ଯୋଜନା ଲାଗି ଅଧିକ କନିଷ୍ଠ ଯନ୍ତ୍ରୀ ପଦବୀର ଆବଶ୍ୟକତା ଥିବାରୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ପଞ୍ଚାୟତିରାଜ ବିଭାଗରେ କନିଷ୍ଠ ଯନ୍ତ୍ରୀ ସଂଖ୍ୟା ୧୭୬୧କୁ ବୃଦ୍ଧି ପାଇବ।

- ପଶ୍ଚିମ,ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ

# ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ସ୍ଥାନୀୟ ଜନସାଧାରଣ ଦୀର୍ଘଦିନ ଧରି ଦାବି କରିବା ସହ ଆନ୍ଦୋଳନ କରି ଆସୁଛନ୍ତି। ଏହା ଦ୍ୱାରା ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। କେନ୍ଦ୍ର ସରକାର ଉକ୍ତ ଦୁଇଟି ଭାଗରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ବିହୀତ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଶୁକ୍ରବାର ସେ ଚିଠି ଲେଖି କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ପୂର୍ବରୁ ସମାନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗତ ସେପ୍ଟେମ୍ବର ୫ରେ ମଧ୍ୟ ଏକ ଚିଠି ଲେଖିଥିଲେ। ଏହା ପୂର୍ବରୁ ୨୦୧୩ ସେପ୍ଟେମ୍ବର ୨୮ ଏବଂ ୨୦୧୪ ଫେବୃୟାରୀ ୧୩ରେ ଚିଠି ଲେଖି ସାରିଛନ୍ତି। ନିକଟରେ ପଶ୍ଚିମ ଓଡ଼ିଶାର ବିଧାୟକମାନଙ୍କର ଏକ ପ୍ରତିନିଧି ଦଳ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି କରିଥିଲା।

ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜଷ୍ଟିସ ଯଶୱନ୍ତ ସିଂ କମିଶନଙ୍କ ସୁପାରିସ ଅନୁଯାୟୀ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ପ୍ରତିଷ୍ଠା କରିବାର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି। ତେଣୁ ରାଜ୍ୟରେ ବେଞ୍ଚ ପ୍ରତିଷ୍ଠା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ଏହାକୁ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ। ଉକ୍ତ ଅଞ୍ଚଳଗୁଡିକରେ ଜନ ଆନ୍ଦୋଳନ ଜାରି ରହିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ତୁରନ୍ତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ନବୀନ କହିଛନ୍ତି।

# ଇସ୍ତଫା ଦେଲେ ଆଲୋକ ବର୍ମା

ନୂଆଦିଲ୍ଲୀ,୧୧।୧(ପି.ଟି.)



ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏହା ସାମୂହିକ ଆତ୍ମନିରୀକ୍ଷଣର ସମୟ ବୋଲି ବର୍ମା ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନେଇ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟି ୧୯୭୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ବର୍ମାଙ୍କୁ ସିବିଆଇ ମୁଖ୍ୟ ପଦରୁ ହଟାଇ ଅଗ୍ନିଶମ ଡିଜି ଭାବେ ନିଯୁକ୍ତି ଦେଇଥିଲେ। ବର୍ମା ଲେଖିଛନ୍ତି, ୨୦୧୭ ଜୁଲାଇ ୩୧ରେ ସେ ସର୍ବବରିଷ୍ଠ ଆଇପିଏସ୍ ଅଫିସର ବିବେଚିତ ହୋଇଥିବାରୁ ୨୦୧୯ ଜାନୁୟାରୀ ୩୧ ପର୍ଯ୍ୟନ୍ତ କେବଳ ସିବିଆଇ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିପାରିବେ। ତାହା ହେଉଛି ଧାର୍ଯ୍ୟ କାର୍ଯ୍ୟକାଳ। ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମ୍‌ଗାର୍ଡ ଡିଜି ହେବା ବୟସ ତାଙ୍କର ଅତିକ୍ରାନ୍ତ ହୋଇସାରିଛି। ତେଣୁ ସେ ଆଜିଠାରୁ ନିଜକୁ ସେବାନିବୃତ୍ତ ମନେକରୁଥିବା ବର୍ମା କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମଗାର୍ଡ ଡିଜି ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିବାକୁ ମନାକରିବା ସହ ବର୍ମା କହିଛନ୍ତି, ତାଙ୍କୁ ବଦଳି କରିବା ଲାଗି ନିଷ୍ପତ୍ତି ନେବା ପୂର୍ବରୁ ଚୟନ କମିଟି ସିଭିସିଙ୍କ ଦ୍ୱାରା ରେକର୍ଡ ହୋଇଥିବା ବିବରଣୀ ସମ୍ପର୍କରେ ମତ ରଖିବାକୁ ମଧ୍ୟ ସୁଯୋଗ ଦେଲାନାହିଁ। ବାସ୍ତବ ନ୍ୟାୟଠାରୁ ଦୂରେଇ ଯାଇ କମିଟି ତାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରୁ ବହିଷ୍କାର କରିବା ଲାଗି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଓଲଟପାଲଟ କରିଦେଇଥିବା ସେ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ନାଁ ନ ନେଇ ସିବିଆଇ ତଦନ୍ତାଧୀନ ଥିବା ଜଣେ ଅଫିସରଙ୍କ ଅଭିଯୋଗ ଉପରେ ସିଭିସି ରିପୋର୍ଟ ପ୍ରସ୍ତୁତ ହୋଇଥିଲାବେଳେ ଚୟନ କମିଟି ଏହାର ସତ୍ୟାସତ୍ୟକୁ ମଧ୍ୟ ବିଚାରକୁ ନେଇନାହିଁ ବୋଲି ବର୍ମା ଲେଖିଛନ୍ତି।







# କାଳିଆ ପାଇଁ ଓଏଏସ୍ ଅଧିକାରୀ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ) ଯୋଜନା ଆରମ୍ଭ କରିଛନ୍ତି। ଏହାକୁ ପ୍ରକୃତ ହିତାଧିକାରୀ ନିକଟରେ ପହଞ୍ଚାଇବା ସକାଶେ ୩୦ ଜିଲା ପାଇଁ ରାଜ୍ୟ ସରକାର ବରିଷ୍ଠ ଓଏଏସ ଅଫିସରମାନଙ୍କୁ ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏମ୍‌ଏସଏମ୍‌ଇ ବିଭାଗ ଅତିରିକ୍ତ ସଚିବ ମନ୍ମଥ ବିଶ୍ୱାଳଙ୍କୁ କଟକ ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡାଙ୍କୁ ବାଲେଶ୍ୱର, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଇଷ୍ଟେଟ) ସୁଶାନ୍ତ କୁମାର ଦାଶଙ୍କୁ ମୟୂରଭଞ୍ଜ, ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ କୃପାସିନ୍ଧୁ ମିଶ୍ରଙ୍କୁ ଅନୁଗୋଳ, ଇଡ୍‌କୋ ସିଜିଏମ୍ (ପିଆଣ୍ଡଏ) ଗଣେଶ୍ୱର ଜେନାଙ୍କୁ ବରଗଡ, ଲ୍ୟାଣ୍ଡ ଅଫିସର ଦେବାଶିଷ ସିଂଙ୍କୁ ଭଦ୍ରକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ବିଜୟ କୁମାର ପୁଷ୍ଟିଙ୍କୁ କଟକ, ଜଳ ସମ୍ପଦ ବିଭାଗ ଯୁଗ୍ମ ସଚିବ ଲାଲା ମନୋଜ କୁମାର ରାୟଙ୍କୁ ବଲାଙ୍ଗୀର, ଓମ୍‌ସା ରାଜ୍ୟ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଚିତ୍ରସେନ ପଶାୟତଙ୍କୁ ବୌଦ୍ଧ ଓ ସୋନପୁର, ସେରିଫେଡ ଏମ୍‌ଡି ସତ୍ୟରଞ୍ଜନ ସାହୁଙ୍କୁ ଦେବଗଡ ଓ ସମ୍ବଲପୁର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଏମ.କ୍ୟୁ. ହକ୍‌ଙ୍କୁ ଢେଙ୍କାନାଳ, ଓଏସସିଏସସି ଜେନେରାଲ ସେକ୍ରେଟାରୀ ସନ୍ତୋଷ କୁମାର ଦାଶଙ୍କୁ ଗଜପତି, ଏନଆରଏଚଏମ୍ ଯୁଗ୍ମ ସଚିବ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ଜଗତ୍‌ସିଂହପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଥିବା ମନୋରଞ୍ଜନ ମହାପାତ୍ରଙ୍କୁ ଯାଜପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଯୁଗ୍ମ ସଚିବ ସୁଶାନ୍ତ ମିଶ୍ରଙ୍କୁ କଳାହାଣ୍ଡି, ଗୋପବନ୍ଧୁ ଏକାଡେମୀର ଯୁଗ୍ମ ସଚିବ ପ୍ରଫୁଲ୍ଲ ସ୍ୱାଇଁଙ୍କୁ କେନ୍ଦ୍ରାପଡା, ସମବାୟ ବିଭାଗ ଯୁଗ୍ମ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନଙ୍କୁ କେନ୍ଦୁଝର, ବୋର୍ଡ ଅଫ ରେଭିନ୍ୟୁର ଏଫ.ଏ. ସୁବ୍ରତ ଶତପଥୀଙ୍କୁ କୋରାପୁଟ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ସଚିବ କୈଳାସ ଚନ୍ଦ୍ର ସାହୁଙ୍କୁ ମାଲକାନଗିରି, ବୋର୍ଡ ଅଫ ରେଭିନ୍ୟୁର ଯୁଗ୍ମ ସଚିବ ନିଗମାନନ୍ଦ ପଣ୍ଡାଙ୍କୁ ନବରଙ୍ଗପୁର ଜିଲାର ପର୍ଯ୍ୟବେକ୍ଷକ ରୂପେ ନିଯୁକ୍ତି ଦିଆଯାଇଛି । ଅନୁରୂପ ଭାବେ ଗୃହ ବିଭାଗ ଯୁଗ୍ମ ସଚିବ ବିଭୂତିଭୂଷଣ ମିଶ୍ରଙ୍କୁ ନୟାଗଡ, ଏସସି/ଏସଟି ଉନ୍ନୟନ ବିଭାଗ ଯୁଗ୍ମ ସଚିବ ନୃପରାଜ ସାହୁଙ୍କୁ ନୂଆପଡା, ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ ସୁବାସ ଦାଶଙ୍କୁ ପୁରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ବ୍ରହ୍ମାନନ୍ଦ ବେହେରାଙ୍କୁ ରାୟଗଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଶ୍ରୀଧର ନାୟକଙ୍କୁ ଝାରସୁଗୁଡା, ଇପିଏମ୍ ଯୁଗ୍ମ ସଚିବ ମନୋଜ ପାଢୀଙ୍କୁ କନ୍ଧମାଳ ଏବଂ ଯୋଜନା ଓ ସମନ୍ୱୟ ବିଭାଗର ଯୁଗ୍ମ ସଚିବ ସୁକାନ୍ତ ପଟ୍ଟନାୟକଙ୍କୁ ସୁନ୍ଦରଗଡର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।





ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସାଇ ରାମ
ପରିବାରବର୍ଗ



ଅପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗଣିତରେ ଦୁର୍ବଳ ପିଲାଙ୍କ ପାଇଁ ସହଜ ପ୍ରଶ୍ନପତ୍ର

## ସିବିଏସ୍‌ଇର ନୂଆ ଯୋଜନା

- ୨୦୨୦ରୁ ୧୦ମ ଶ୍ରେଣୀରେ କାର୍ଯ୍ୟକାରୀ ହେବ
- ମୂଲ୍ୟାଙ୍କନରେ ତ୍ରୁଟି ହେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଦଶମ ଶ୍ରେଣୀରେ ଗଣିତରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ପାଇଁ ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ଯୋଜନା କରିଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)। ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ପ୍ରଶ୍ନପତ୍ର ତିଆରି ହେବ। ଗୋଟିଏ ପୂର୍ବଭଳି ପ୍ରସ୍ତୁତ ହେବ ଏବଂ ଅନ୍ୟଟି ସହଜ ପ୍ରଶ୍ନପତ୍ର ରହିବ। ଏହା ଦୁର୍ବଳ ଛାତ୍ରୀଛାତ୍ରଙ୍କ ଲାଗି ସହାୟକ ହେବ। ଶୁକ୍ରବାର ସିବିଏସ୍‌ଇ ପକ୍ଷରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ପରିଚାଳନା ଓ ଖାତାର ସଠିକ୍ ମୂଲ୍ୟାଙ୍କନ ଉପରେ ଆୟୋଜିତ କର୍ମଶାଳାରେ ସିବିଏସ୍‌ଇର ସଚିବ ଅନୁରାଗ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ସେହିପରି ଦଶମ ଏବଂ ଦ୍ୱାଦଶ ପରୀକ୍ଷା ମୂଲ୍ୟାୟନ ଓ ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଲେ ଏଣିକି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିବିଏସ୍‌ଇ ପକ୍ଷରୁ ମୂଲ୍ୟାଙ୍କନ କରୁଥିବା ଶିକ୍ଷକଙ୍କୁ ନିଲମ୍ବନ କିମ୍ବା ଆବଶ୍ୟକ ପଡ଼ିଲେ ବହିଷ୍କାର କରାଯିବ ବୋଲି ତ୍ରିପାଠୀ କହିଛନ୍ତି।

ପୂର୍ବଭଳି ପ୍ରସ୍ତୁତ ଗଣିତ ପ୍ରଶ୍ନପତ୍ରକୁ 'ମ୍ୟାଥ୍‌ମେଟିକ୍ସ ଷ୍ଟାଣ୍ଡାର୍ଡ' ଓ ସହଜ ପ୍ରଶ୍ନପତ୍ରକୁ 'ମ୍ୟାଥ୍‌ମେଟିକ୍ସ ବେସିକ' ଭାବେ ନାମିତ କରାଯାଇଛି। ଛାତ୍ରୀଛାତ୍ରମାନେ ଚାହିଁଲେ ଯେକୌଣସି ପ୍ରଶ୍ନପତ୍ରକୁ ବାଛିପାରିବେ। ଯଦି କୌଣସି ଛାତ୍ରୀଛାତ୍ର 'ମ୍ୟାଥ୍‌ମେଟିକ୍ସ ବେସିକ'ରେ ଫେଲ୍ ହୁଅନ୍ତି, ତେବେ ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷାରେ କେବଳ 'ମ୍ୟାଥ୍‌ମେଟିକ୍ସ ବେସିକ' ପ୍ରଶ୍ନପତ୍ରରେ ହିଁ ପରୀକ୍ଷା ଦେବେ। ଯଦି କେହି 'ମ୍ୟାଥ୍‌ମେଟିକ୍ସ ଷ୍ଟାଣ୍ଡାର୍ଡ' ପ୍ରଶ୍ନପତ୍ରରେ ଫେଲ୍ ହୁଅନ୍ତି, ତେବେ ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷାରେ 'ମ୍ୟାଥ୍‌ମେଟିକ୍ସ ଷ୍ଟାଣ୍ଡାର୍ଡ' କିମ୍ବା 'ମ୍ୟାଥ୍‌ମେଟିକ୍ସ ବେସିକ' ପ୍ରଶ୍ନପତ୍ରରେ ପରୀକ୍ଷା ଦେଇପାରିବେ। ସେହିପରି ବୋର୍ଡର ନିୟମାନୁସାରେ ଯଦି କୌଣସି ଛାତ୍ରୀଛାତ୍ର 'ମ୍ୟାଥ୍‌ମେଟିକ୍ସ ବେସିକ' ପ୍ରଶ୍ନପତ୍ରରେ ପାସ୍ ହୋଇଥିବେ ଏବଂ ଗଣିତରେ ଅଧିକ ପଢ଼ିବାକୁ ଚାହୁଁଥିବେ ତେବେ ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷାରେ 'ମ୍ୟାଥ୍‌ମେଟିକ୍ସ ଷ୍ଟାଣ୍ଡାର୍ଡ' ପ୍ରଶ୍ନପତ୍ରରେ ପରୀକ୍ଷା ଦେଇପାରିବେ ବୋଲି କର୍ମଶାଳାରେ ସୂଚନା ଦିଆଯାଇଛି। ସେହିପରି ପରୀକ୍ଷାକୁ ତ୍ରିସ୍ତରୀୟ ମୂଲ୍ୟାୟନ ପାଇଁ ଅଧକ୍ଷମାନଙ୍କୁ କୁହାଯାଇଛି। ଏହାବ୍ୟତୀତ ରାଜ୍ୟରେ ଜାଲ ସିବିଏସ୍‌ଇ ସ୍କୁଲଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତ୍ରିପାଠୀ କହିଛନ୍ତି। ସିବିଏସ୍‌ଇ ଡାଇରେକ୍ଟର(ସ୍କିଲ୍ ଏଜୁକେଶନ୍ ଏବଂ ଟ୍ରେନିଂ) ଡ. ବିଶ୍ୱଜିତ୍ ସାହା ଯୋଗଦେଇଙ୍କ ସମେତ ସବିଏସ୍‌ଇ ଯୁଗ୍ମ ସଚିବ ପ୍ରଜ୍ଞା ଏମ୍. ସିଂ, ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀ ଥୋଙ୍ଗୋଖୋଲେଟ୍ ମେଟ୍, ସ୍କୁଲର ପ୍ରିନ୍ସିପାଲ୍ ହରିଶ୍ ସାନ୍ଧୁଜା ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ଭୁବନେଶ୍ୱର ରିଜିଅନ୍ (ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼)ର ୯୦୦ ଶିକ୍ଷାବିତ୍ ଏବଂ ୧୮୭ ଅଧକ୍ଷ ଯୋଗଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍‌ର ଚେୟାରମ୍ୟାନ୍ ଡ. ବିଜୟ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍କୁଲର ରେଡିଓ ଅରେଞ୍ଜ ଓ ସାଇନ୍ସ ପାର୍କ ଉଦ୍‌ଘାଟିତ ହୋଇଥିଲା।

## ପିଠା କାର୍ଯ୍ୟକ୍ରମ: ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ହେବ ପଞ୍ଚାୟତ

ଭୁବନେଶ୍ୱର, ୧୧।୧(ବ୍ୟୁରୋ): ସଫଳଭାବେ ପିଠା କାର୍ଯ୍ୟକ୍ରମର ଆୟୋଜନ କରୁଥିବା ପଞ୍ଚାୟତକୁ ରାଜ୍ୟ ସରକାର ପ୍ରତ୍ୟେକ ମାସର ୨୩ତାରିଖରେ ପୁରସ୍କାର ଦେବା ଲାଗି ଏକ ବିଜ୍ଞପ୍ତି ଜାରି କରିଥିଲେ। ସେହିକ୍ରମରେ ଏଥର ୩୧୪ବ୍ଲକର ଗୋଟାଏ ଲେଖା ପଞ୍ଚାୟତ ଭଲଭାବେ ପିଠା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ତାଲିକାରେ ସ୍ଥାନ ପାଇଥିବା ପଞ୍ଚାୟତଗୁଡିକୁ ଆସନ୍ତା ୨୬ରେ ରାଜ୍ୟ ସରକାର ପୁରସ୍କାର ପ୍ରଦାନ କରିବେ। ଏହିସବୁ ପଞ୍ଚାୟତଗୁଡିକୁ ୫ଲକ୍ଷ ଟଙ୍କା ଲେଖା ମିଳିବ।

## ପ୍ରଥମ ପୃଷ୍ଠାରୁ...

### ଧନୁଯାତ୍ରା ମହୋତ୍ସବ

ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ତାଙ୍କ ଅଳିଅଳ କନ୍ୟା ଦେବକୀଙ୍କ ବିବାହ ସମ୍ପନ୍ନ କରୁଥିବାବେଳେ ଯୁବରାଜ କଂସ ସେଠାରେ ପହଞ୍ଚିଥିଲେ। ଦେବକୀଙ୍କ ଅଷ୍ଟମ ସନ୍ତାନ ତାଙ୍କ ମୃତ୍ୟୁର କାରଣ ହେବ ବୋଲି ଶୂନ୍ୟବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ ଏବଂ ଦେବକୀ, ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ) ମଧ୍ୟକୁ ପଠାଇ ଦେଇଥିଲେ। ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ମଥୁରା ଶାସନ ଭାର ନିଜ ହାତକୁ ନେଇଥିଲେ। କଂସ ଉଗ୍ରସେନଙ୍କୁ କଟୁଆଳ ପଦବୀରେ ନିଯୁକ୍ତି ଦେବା ସହିତ ତାଙ୍କ ଭୃତ୍ୟ, ମନ୍ତ୍ରୀ, ପାତ୍ର, ଅମାତ୍ୟଙ୍କୁ ରାଜସେବାରୁ ନିବୃତ୍ତ କରିଥିଲେ। କଂସଙ୍କ ଏଭଳି ରାଜୁତି ପରେ ସମଗ୍ର ମଥୁରାନଗରୀ ଅଶାନ୍ତ ହୋଇପଡ଼ିଛି। ନିଜ ମନକୁ ଶାନ୍ତ କରିବା ପାଇଁ ମହାରାଜ କଂସଙ୍କ ନିର୍ଦ୍ଦେଶରେ ରାଜ ଦରବାରରେ ନୃତ୍ୟ ପରିବେଷଣ କରାଯାଇଥିଲା।

ଏହା ପୂର୍ବରୁ ଅପରାହ୍ନ ପ୍ରାୟ ଦେଢ଼ଟାରେ ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀଛକ କଲ୍ୟାଣ ମଣ୍ଡପରୁ ବାହାରିଥିଲା। ଜିଲାପାଳ ତ୍ରିପାଠୀ, ଏସପି ଭାମ୍ବୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ଶତପଥୀ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସ୍ଥାନୀୟ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରକୁ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ସରିବା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ସାଂସ୍କୃତିକ ଶୋଭାଯାତ୍ରା ହାଟପଦାସ୍ଥିତ ରାଜ ଦରବାର ମଞ୍ଚକୁ ଆସିଥିଲା। ପରେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରାଯାଇଥିଲା।

#### ଆଜିର ଆକର୍ଷଣ

ତା୧୨।୧।୧୯(ଶନିବାର)

**ମଥୁରାନଗରୀ**

ସନ୍ଧ୍ୟା ୬ଟାରେ ରଙ୍ଗମହଲ (ଲୋକମଣ୍ଡପ ପଡ଼ିଆ)ରେ ଉଦ୍‌ଘାଟନ, ରାତ୍ରିରେ ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରରେ ଶ୍ରୀକୃଷ୍ଣ ଜନ୍ମ, ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଯାତ୍ରା, ଉଗ୍ରସେନଙ୍କ ସହ ଭେଟ, ବିଜୁଳି କନ୍ୟାଙ୍କ ସହ ମଥୁରା ପ୍ରତ୍ୟାବର୍ତ୍ତନ।

**ଗୋପପୁର**

ଶ୍ରୀକୃଷ୍ଣଙ୍କୁ ଧରି ବସୁଦେବଙ୍କ ଗୋପପୁରରେ ପ୍ରବେଶ, ବିଜୁଳି କନ୍ୟା ସହ ମଥୁରା ପ୍ରବେଶ।

### ଫେବୃୟାରୀରେ ୫ ଦିନିଆ ...

ତେବେ ଗତ କିଛି ବର୍ଷ ହେବ ରାଜ୍ୟ ସରକାର କେନ୍ଦ୍ର ବଜେଟ ପରେ ରାଜ୍ୟ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରୁଛନ୍ତି। କେନ୍ଦ୍ର ସରକାର କେଉଁ ଯୋଜନା ପାଇଁ କେତେ ଅର୍ଥ ବରାଦ କରୁଛନ୍ତି ତାହା ସ୍ପଷ୍ଟ ହେବା ପରେ ରାଜ୍ୟ ସରକାର ସେହି ଆଧାରରେ ରାଜ୍ୟ ଯୋଜନା ସହ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବଜେଟ ପ୍ରସ୍ତୁତ କରାଯାଉଛି ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ଫେବୃୟାରୀରେ କେବଳ ବଜେଟ ପାଇଁ ଅଧିବେଶନ ବସିବ ବୋଲି ଜଣାପଡିଛି। ତେବେ ଆସନ୍ତା ଅଧିବେଶନ ନେଇ ବିଧାନସଭା ସଚିବାଳୟ ପକ୍ଷରୁ କୌଣସି ପ୍ରସ୍ତାବ ସରକାରଙ୍କୁ ଦିଆଯାଇ ନାହିଁ। ଚଳିତ ମାସରେ ଅଧିବେଶନ ଡାକିବା ପାଇଁ ପ୍ରସ୍ତାବ ଦିଆଯିବ ବୋଲି ଜଣାପଡିଛି।

### ଇନ୍ଦ୍ରାଣୀ ପଟ୍ଟନାୟକ ...

ରାଜ୍ୟରେ ସବୁଠାରୁ ଅଧିକ ଆୟକର ପଇଠ କରୁଥିଲେ। କିନ୍ତୁ ଗତ କିଛିବର୍ଷ ଧରି ସେ ଆୟକର ଫାଙ୍କିଚାଲିଥିଲେ। ଫଳରେ ତାଙ୍କ ଉପରେ ଆୟକର ବିଭାଗର ନଜର ପଡିଥିଲା। ସୂଚନାଯୋଗ୍ୟ, ଇନ୍ଦ୍ରାଣୀ ପଟ୍ଟନାୟକ ହେଉଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଭାଇବୋହୂ ଏବଂ ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଭାଉଜ।

### ଖାକି ବାବୁଙ୍କ ...

ବିଲ୍ଡର, କୁଜି ନେତା ଓ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇ ପରୋକ୍ଷରେ ସେମାନଙ୍କଠାରୁ ସୁବିଧା ପାଉଛନ୍ତି। ଦୀର୍ଘଦିନ ଧରି ରହିଥିବାରୁ ଅନେକ ପୋଲିସ ଅଧିକାରୀ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଛନ୍ତି। ରାଜଧାନୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ସେମାନେ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି। ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରାଗଲେ ଏସବୁର ସତ୍ୟତା ଜଣାପଡ଼ିବ।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ବଦଳି ସତ୍ତ୍ୱେ କେଉଁମାନେ ଯାଉନାହାନ୍ତି ତାହା ସେ ବୁଝିବେ। ଏହାସହ ଦୀର୍ଘଦିନ ଧରି ଅଫିସରମାନେ ଏଠାରେ ରହୁଥିବାରୁ ସେମାନଙ୍କ ବଦଳି ସମ୍ପର୍କରେ ଚିନ୍ତା କରାଯିବ ବୋଲି ସେ କହିଛନ୍ତି।

### ବଲାଙ୍ଗୀର-ବିଚ୍ଛୁପାଲି...

ଏହାବାଦ୍ ୧୦୮୫ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ା-ବିଜୟନଗରମ ଓ ସମ୍ବଲପୁର-ଅନୁଗୋଳ ମଧ୍ୟରେ ମୋଟ୍ ୮୧୩ କିମି ରେଳଲାଇନର ବିଦ୍ୟୁତୀକରଣ କାର୍ଯ୍ୟ, ୧୮୯.୩୨ କୋଟି ଟଙ୍କା ବିନିଯୋଗରେ ବରପାଲି-ଡୁଙ୍ଗୁରିପାଲି

ଏବଂ ବଲାଙ୍ଗୀର-ଦେଓଗାଁ ରୋଡ୍‌ର ୩୧.୫୬ କିମି ରେଳ ଟ୍ରାକ୍‌ର ଦୋହରୀକରଣ, ରାୟଗଡା ଥେରୁବାଲି-ସିଙ୍ଗାପୁର ରେଳଷ୍ଟେଶନ ବ୍ରିଜ ୫୮୮ ମଧ୍ୟ ଏହି ଅବସରରେ ଲୋକାର୍ପଣ ହେବ। ସେହିପରି ବୌଦ୍ଧ ଜିଲାର ଗନ୍ଧରଡ଼ିସ୍ଥିତ ନୀଳମାଧବ ଏବଂ ସିଦ୍ଧେଶ୍ୱର ମନ୍ଦିର, ବଲାଙ୍ଗୀର ଜିଲାର ରାଣୀପୁର ଝରିଆଲ କୀର୍ତ୍ତିରାଜି ସମୂହ, ବୌଦ୍ଧ ଜିଲାର ପଶ୍ଚିମ ସୋମନାଥ ମନ୍ଦିରର ପୁନରୁଦ୍ଧାର ତଥା ଉନ୍ନତୀକରଣ, କଳାହାଣ୍ଡିର ଅସୁରଗଡ଼ ଦୁର୍ଗର ଉନ୍ନତୀକରଣ କାର୍ଯ୍ୟ ଏବଂ ରାଜ୍ୟରେ ୬ ଡାକଘରେ ପାସ୍‌ପୋର୍ଟ ସେବାକେନ୍ଦ୍ରକୁ ମୋଦି ଶୁଭାରମ୍ଭ କରିବେ ବୋଲି ସୂଚନା ରହିଛି। ଏହା ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ, କନ୍ଧମାଳ, ବରଗଡ଼, ବଲାଙ୍ଗୀର ଜିଲା ସ୍ଥାନିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍‌ଆଇ) ସଂସ୍ଥାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜୀବ ଦ୍ୱିବେଦୀ, କଳିଙ୍ଗ ବିଦ୍ୟାଳୟ ସଙ୍ଗଠନର ଡେପୁଟି କମିଶନର ଏଭିଏଲ୍ ଜଗନ୍ନାଥ ରାଓ, ପୂର୍ବତଟ ରେଳପଥର ଚିଫ୍ ଆର୍‌ପିଓ ଜେ.ପି. ମିଶ୍ର, ଆଞ୍ଚଳିକ ପାସପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ୧ ମାସ ମଧ୍ୟରେ ମୋଦିଙ୍କର ଏହା ତୃତୀୟ ଗସ୍ତ। ସେ ଡିସେମ୍ବର ୨୪ରେ ଖୋର୍ଦ୍ଧା ଏବଂ ଜାନୁୟାରୀ ୫ରେ ବାରିପଦା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ।

## ହାତୀ ଆକ୍ରମଣରେ ମହିଳା ଗୁରୁତର

ନିରାକାରପୁର, ୧୧।୧(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନ ନୂଆଗଡ ପଞ୍ଚାୟତସ୍ଥ ବୃନ୍ଦାବନପୁର ଗ୍ରାମର ଜନୈକ ମହିଳା ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ନାମ ବାସନ୍ତୀ ବଳବନ୍ତରାୟ(୫୦)। ଶୁକ୍ରବାର ଭୋର ସମୟରେ ବାସନ୍ତୀ ଶୌଚ ହେବା ପାଇଁ ବାରି ପଛପଟକୁ ଯାଇଥିବା ବେଳେ ଏକ ହାତୀ ଆକ୍ରମଣରେ ଗୁରୁତର ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।


## classified




**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-10485




**SALE**

ହଂସପାଳ 100' କେନାଲ ପିରୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

**Gharabari plots at Baliantaand Bhingarpur immediate possession, registration. Contact: 9437147826.** D-10478

Residential plot 30' road at KIIT College, Sunderpada, Nakhara. Flat/ duplex, Patia Chhak. 8328811411, 7978620820. D-65332

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10517

3600 sqft. (1200x3floor) commercial building for sale in Indradhanu Market, Bhubaneswar. Expected cost- 1.5 crores. Contact: 7894416003, 7008994500. D-65502

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10518

Booking 1 lakh simplex 2BHK 1000 sqft. land 18,30,000/- BDA area Tankapani Road Sai Temple, installment available. 7735738102. D-10498




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10519




1000, 750, 700, 650, 450 sqft. available for office purpose at Centrally located Unit-9, 2300 sqft. office space available at Metro House, Vani Vihar, 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10483

1400 sqft. commercial space at BMC Bhabani mall sqft. 50/-. 9337119834. D-65331

Sahidnagar, commercial rent. For 2000 sqft. @ 35/- for office, showroom available near Maharana Hardware. Mobile: 9861256033. D-63899




Ayurvedic full body massage ladies/ gents smart experts therapist. 9114697517. D-64686

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

**In Fond Memory**



**Late Snigdha Mohapatra**
**(Founder Secretary)**
**Gourisankar Residential English Medium School, Bhubaneswar-751002**
Birth: 12.01.1961
Demise: 12.01.2000

Late her Soul rest in peace and be a source of inspiration to all of us. Students, Staff, Management and Relatives.

D-58030

**ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ**



**ସ୍ୱର୍ଗତା ରମାମଣି ପରିଡ଼ା**
ଆଙ୍କୋ, ରୂପ୍‌ସା, ବାଲେଶ୍ୱର
ଆବିର୍ଭାବ: ୧୯୨୭
ତିରୋଧାନ: ୧୩।୦୧।୨୦୧୮

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ତୁମ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ଶୋକସନ୍ତପ୍ତ: ପୁଅ- ଦାମୋଦର, ନରେନ୍ଦ୍ର, ଅମୂଲ୍ୟ, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ। ଧ-୧୦୪୯୭

**ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜୀବନାନନ୍ଦ ଦାଶ**
ବରିମୁଣ୍ଡ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ
ଆବିର୍ଭାବ: ୧୨।୦୭।୧୯୨୯
ତିରୋଧାନ: ୩୦।୧୨।୨୦୧୮

ଆପଣଙ୍କର ସେହି ହସ ହସ ମୁହଁ, ସ୍ନେହ, ଶ୍ରଦ୍ଧା, ସରଳତା ଓ ପରୋପକାର ଆମ ଚଲାପଥରେ ସହାୟକ ହେଉ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବରିମୁଣ୍ଡ ଗ୍ରାମବାସୀବୃନ୍ଦ, ବନ୍ଧୁ ଓ ପରିବାରବର୍ଗ। ଧ-୬୨୯୧୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦିଗମ୍ବର ପତି**
ସମେଇଗାଡ଼ିଆ ଗାଁ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୯।୧୯୩୪
ତିରୋଧାନ: ୦୨।୦୧।୨୦୧୯

ତୁମ ସ୍ନେହ, ସରଳ ଜୀବନ, ନିରପେକ୍ଷ ବିଚାର, ସର୍ବୋପରି ଈଶ୍ୱରଙ୍କ ବିଶ୍ୱାସ ଓ ସମସ୍ତଙ୍କ ସହିତ ସୁସମ୍ପର୍କ ସ୍ଥାପନ ଥିଲା। ଆମ ପାଇଁ ପ୍ରେରଣାର ଉତ୍ସ। ଶ୍ରୀକ୍ଷେତ୍ରରେ ତୁମର ଜନ୍ମ, ସ୍ୱର୍ଗଦ୍ୱାରରେ ଚିତାଗ୍ନି, ତୁମକୁ ଚିରଦିନ ପାଇଁ ହରାଇ ଆମେ ଶୋକାକୁଳ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୬୫୪୪୦


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ସହ ମଙ୍ଗଳ ଯୋଗ ଲକ୍ଷ୍ମୀଯୋଗ ସୃଷ୍ଟି କରୁଥିବାରୁ ଯେମିତି ପାଇବେ ବ୍ୟସ୍ତ ହେତୁ ସେମିତି ମଧ୍ୟ ଖର୍ଚ୍ଚ କରିବେ। ବାଧବାଧକତାରେ ପଡ଼ି ଯାତ୍ରା କରିବେ। ସ୍ୱଗୃହାଭିମୁଖୀ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ଆନୁଷ୍ଠାନିକ କାମ, ପ୍ରଶାସନ, ପ୍ରକାଶନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** ଅଷ୍ଟମସ୍ଥ ରବି ସହ ଶନି ଓ ବୁଧ ଆପଣଙ୍କୁ ବିଭିନ୍ନ ସମସ୍ୟା ମଧ୍ୟରେ ବ୍ୟଥିତ କରାଇପାରେ। କର୍ମ କ୍ଷେତ୍ରରେ ଯାହାକୁ ଯାହା କହିବେ, ଭୁଲ୍ ବୁଝାମଣା କ୍ରମରେ ସେହି ବ୍ୟକ୍ତି ତାହାକୁ ଓଲଟା ଅର୍ଥରେ ଗ୍ରହଣ କରିବ। ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ଓ କାର୍ଯ୍ୟ ସଫଳ ହେବାରେ ଅସୁବିଧା ହେବନାହିଁ।

**ମିଥୁନ** ଶନି ଓ କେତୁଙ୍କ ସ୍ଥିତି ଫଳରେ କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ଆକସ୍ମିକ ଭାବରେ ଖର୍ଚ୍ଚଭାର ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ଆଲୋଚନା ପରିସରରେ ବିରକ୍ତିକର କଥା କହି ସଂଯମତା ହରାଇ ଅପଦସ୍ଥ ହୋଇପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ** ବିଭିନ୍ନ ପ୍ରକାର ଦାୟିତ୍ୱ ସମ୍ଭାଳିବାରେ ନୟାନ୍ତ ହୋଇପାରନ୍ତି। କିନ୍ତୁ ଶୁଭ ଗ୍ରହମାନଙ୍କ ସୁପ୍ରଭାବରେ କୌଣସି କାମରେ ଓହରି ଆସିବେ ନାହିଁ। ବନ୍ଧୁମାନଙ୍କ ପରାମର୍ଶରେ ଅର୍ଥ ଲାଭର ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିପାରନ୍ତି। ତଥାପି ରାହୁଙ୍କ କୁପ୍ରଭାବରୁ ଅଧିକାଂଶ ସମୟ ଅନ୍ୟମନସ୍କତା ହେତୁ କେତେକ ଭୁଲ୍ କରିବେ।

**ସିଂହ** ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ବିଷମ ପରିସ୍ଥିତି ସୃଷ୍ଟି କରିବ। ସେହିଭଳି ପରିସ୍ଥିତିରେ ମଧ୍ୟ ନିକଟ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ କିଛି ନ କହି ନୀରବ ରହିବା ଭଲ ହେବ। ସଭାସମିତିରେ ସମ୍ମାନ ଲାଭ ସାଙ୍ଗକୁ ଆଇନ ଅଦାଲତର ରାୟ ସପକ୍ଷରେ ଯିବାରୁ ଖୁସି ରହିବେ।

**କନ୍ୟା** ନିଜ ସହ ଭଲ ସମ୍ପର୍କ ରହିଥିବା ଲୋକମାନଙ୍କ ସହଯୋଗ ଲାଭକରି ଅଭିଳଷିତ କାମ ହାସଲ କରିବେ। ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସାମୟିକ ଭାବରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ପିଲାଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ଭ୍ରମଣଜନିତ କ୍ଳାନ୍ତି ଦେଖାଦେଇପାରେ।

**ତୁଳା** ଅଫିସରେ କିମ୍ବା କର୍ମକ୍ଷେତ୍ରରେ ରହିଥିବା କେତେକ କାରଣରୁ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ବନ୍ଧୁଙ୍କ ସହ ଆଲୋଚନାରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ହେତୁ ପରୋକ୍ଷ ଶତ୍ରୁତା ସୃଷ୍ଟି ହୋଇପାରେ। ଆଜିର ଯାତ୍ରାରେ ସଫଳତା ପାଇବେ, କିନ୍ତୁ ଫେରନ୍ତା ସମୟ ମନସ୍ତାପରେ କଟିବ। ବାଣିଜ୍ୟ, ବ୍ୟବସାୟ, କ୍ରୟବିକ୍ରୟ କ୍ଷେତ୍ରରେ ସଫଳତା ପାଇବେ।

**ବିଛା** ଶୁଭଗ୍ରହ ପ୍ରଭାବରେ ଚିନ୍ତାଧାରା ଭଲ ହେଲେ ମଧ୍ୟ ବ୍ୟବହାରରେ ବ୍ୟତିକ୍ରମ ପରିସ୍ଥିତିକୁ ଓଲଟପାଲଟ କରିଦେଇପାରେ। କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନି, ବରଂ କୌଶଳ ପ୍ରୟୋଗ କରି କାମ ହାସଲ ପାଇଁ ଚେଷ୍ଟା କରିବା ଭଲ ହେବ। ଏଜେନ୍ସିପ୍, ରାଜନୀତି, ନୂତନ କର୍ମାରମ୍ଭ, କଳା ଓ ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ** ପରିସ୍ଥିତିର ବିଷମତାରେ ଅଧିକାଂଶ ସମୟ ନେଗେଟିଭ୍ ଚିନ୍ତାଧାରା ମନକୁ ବିବ୍ରତ କରାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତାର କୁପ୍ରଭାବ ଅନୁଭବ କରିପାରନ୍ତି। ସହକର୍ମୀ, ଭାଇଭଉଣୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଅନ୍ୟମାନଙ୍କଠାରୁ ଅର୍ଥ, କାମ ଆଦାୟ କରିବାରେ ସଫଳ ହେବେ।

**ମକର** ଆଜି କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ରହିଲେ ମଧ୍ୟ ସଫଳତା ଆପଣଙ୍କ ପଛରେ ରହିଛି। ସମ୍ପର୍କୀୟ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି।

**କୁମ୍ଭ** କୌଣସି ବ୍ୟକ୍ତିଙ୍କ ଅର୍ଥ ତୋସରପାତକୁ କେନ୍ଦ୍ରକରି କଳହ ଲାଗିପାରେ। ପାରିବାରିକ କ୍ଷେତ୍ରରେ ପୂର୍ବରାଗକୁ ନେଇ କାହା କଥାକୁ କିଏ ସମର୍ଥନ କରି ନ ପାରନ୍ତି। ଯାତ୍ରା, ବାଣିଜ୍ୟ,ବ୍ୟବସାୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସାୟାହ୍ନେ କୌଣସି ଶୁଭଖବର ମନକୁ ହାଲୁକା କରିଦେବ।

**ମୀନ** ରାଶିରେ ଚନ୍ଦ୍ର ଧନାଧିପତିଙ୍କ ସଙ୍ଗ ଲାଭକରି ଅର୍ଥଲାଭ,ସମ୍ମାନପ୍ରାପ୍ତି ସାଙ୍ଗକୁ ପ୍ରତ୍ୟେକ କାମରେ ସିଦ୍ଧିଲାଭ କରାଇବ। ଶାରୀରିକ ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା,ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ବ୍ୟବସାୟ ଓ ପରିବହନରୁ ଲାଭବାନ୍ ହେବେ।

ଆଜି ପୌଷ ଶୁକ୍ଳ ଷଷ୍ଠୀ ଶନିବାର, ଜାନୁୟାରୀ ୧୨ ତାରିଖ, ଜାତୀୟ ଯୁବଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର- ପୂର୍ବଭାଦ୍ରପଦ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସିଂହ, ଧନୁ ରାଶିର ରାଶିର ଘାତଚନ୍ଦ୍ର। ଦିବା ଘ୧୨।୦୨ମି. ଗତେ ଘ୧।୨୫ମି. ମଧ୍ୟେ, ଘ୨।୪୮ମି. ଗତେ ଘ୪।୧୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୯।୧୧ମି. ଗତେ ଘ୧୦।୩୩ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଜାନୁୟାରୀ ୧୨/୨୦୧୯



" ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଡିଆଇଜିଙ୍କ ସମୀକ୍ଷା

ଝାରସୁଗୁଡ଼ା ଅଫିସ,୧୧।୧ ଜାନୁୟାରୀ ୧୫ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିବେ। ସେ ଏକ ସ୍ୱତନ୍ତ୍ର ବିମାନରେ ଆସି ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ କରିବେ । ସେଠାରୁ ବାୟୁସେନା ହେଲିକପ୍ଟର ଯୋଗେ ବଲାଙ୍ଗୀର ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେଥିପାଇଁ ଶୁକ୍ରବାର ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ବିମାନବନ୍ଦରର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ କେଉଁସବୁ ପଦକ୍ଷେପ ଗ୍ରହଣ କରାଯିବ ଏବଂ କେତେ ସଂଖ୍ୟକ ସୁରକ୍ଷାକର୍ମୀ ଓ ପୋଲିସ ଅଧିକାରୀ ନିୟୋଜିତ ହେବେ ସେନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ଚାଲିଛି । ଖୁବ୍‌ଶୀଘ୍ର ଏବିଷୟରେ ଅବଗତ କରିବେ ବୋଲି ଡିଆଇଜି ଭୋଇ କହିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ଦୃଢ଼ ନିଷ୍ପତ୍ତି ଗ୍ରହଣ କଲା ଓକିଲ ସଂଘ

# ଟ୍ରେଜେରି ଚାଲିବନି, କମ୍ପାନୀକୁ ପାଣି ବନ୍ଦ

ସମ୍ବଲପୁର,୧୧।୧(ବ୍ୟୁରୋ) ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଚାଲୁଥିବା ଆନ୍ଦୋଳନ ଏବେ 'କର ଅବା ମର' ସ୍ଥିତିରେ ପହଞ୍ଚିଛି । ପୁଣି ଦୃଢ଼ ନିଷ୍ପତ୍ତି ନେଇଛି ଓକିଲ ସଂଘ । ଗତ ୪ ମାସ ହେଲା ସମସ୍ତ ସରକାରୀ ଅଫିସ ଓ ଅନୁଷ୍ଠାନ ବନ୍ଦ କରି ଦିଆଯାଇଛି। ଚାଲିଥିବା ଆନ୍ଦୋଳନ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏଥିରେ ଲୋକେ ସାମିଲ ହେଉଛନ୍ତି। ସରକାରୀ ଅଫିସ, କୋର୍ଟ ବନ୍ଦ ରହିଛି। ତଥାପି ରାଜ୍ୟ ସରକାରଙ୍କ ତତ୍ପରତା ପ୍ରକାଶ ପାଉନି। ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ଓକିଲ ସଂଘ ଶୁକ୍ରବାର ଘୋଷଣା କରିଛି । ଏଥର ଟ୍ରେଜେରି ଅଫିସକୁ ଅଚଳ କରି ସରକାରଙ୍କ ସମସ୍ତ ଆର୍ଥିକ କାରବାର ବନ୍ଦ କରାଯିବ। ଅନ୍ୟପକ୍ଷେ ଜିଲାରେ ଥିବା ବିଭିନ୍ନ କମ୍ପାନୀଗୁଡିକୁ ପାଣି ଯୋଗାଣ ମଧ୍ୟ ବନ୍ଦ କରାଯିବ। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ସରକାର ନିଜର ଆଭିମୁଖ୍ୟ ଘୋଷଣା ନ କରିବା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଜାରି ରହିବ। ଏଥିପାଇଁ ଓକଲ ସଂଘ ସବୁ ପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ରହିଛି ବୋଲି ଘୋଷଣା କରାଯାଇଛି ।

ଶୁକ୍ରବାର ଜିଲା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏଭଳି ଚରମ ନିଷ୍ପତ୍ତି ନିଆଯାଇଛି। ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଓକିଲମାନେ ନିଜ ନିଜ ମତ ରଖିଥିଲେ । ବୈଠକରେ ନିଷ୍ପତ୍ତି ହୋଇଥିବା ବିଷୟକୁ ଜାନୁୟାରୀ ୧୮ ତାରିଖ ସିଏସ୍‌ସି ବୈଠକରେ ଉପସ୍ଥାପନ କରାଯିବ । ଏହାପରେ କାର୍ଯ୍ୟକାରୀ କରାଯିବ ବୋଲି ସଭାପତି ପ୍ରଧାନ କହିଛନ୍ତି । ସେ ଦର୍ଶାଇଛନ୍ତି, ୨୦୧୩ ସେପ୍ଟେମ୍ବର ୨୮, ୨୦୧୪ ଫେବୃୟାରୀ ୧୩ ଏବଂ ଗତ ସେପ୍ଟେମ୍ବର ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ଶୁକ୍ରବାର ୪ର୍ଥ ଥର ଲାଗି ପୁଣି କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ହେଲେ ଏହି ଚିଠି କେବଳ ଔପଚାରିକ ଓ ପରମ୍ପରାଗତ। ଏଥିରେ କିଛି ନୂତନତା ନାହିଁ। ମୁଖ୍ୟମନ୍ତ୍ରୀ ସବୁବେଳେ ଏମିତି ଚିଠି ଲେଖନ୍ତି ଆଉ ଲେଖୁଛନ୍ତି। ଏଭଳି ଚିଠି ଲେଖିଦେଇ ମୁଖ୍ୟମନ୍ତ୍ରୀ ଭାବୁଛନ୍ତି, ଓକିଲମାନଙ୍କ ଧ୍ୟାନ ଭାଙ୍ଗିବେ। ହେଲେ ସେଭଳି କିଛି ବି ହେବନି। ମୁଖ୍ୟମନ୍ତ୍ରୀ ଆନ୍ଦୋଳନରେ ଘିଅ ଢାଳିଛନ୍ତି । ଯେଉଁ ଚିଠିକୁ ନେଇ ଓକିଲମାନେ ବିରୋଧ କରୁଥିଲେ । ଅନୁରୂପ ଭାବେ ପୁଣି ମୁଖ୍ୟମନ୍ତ୍ରୀ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଓ ଆଇନ ପରାମର୍ଶଦାତା ପଶ୍ଚିମ ଓଡିଶାବାସୀଙ୍କୁ ଭକୁଆ ଭାବୁଛନ୍ତି । ଚିଠି ରାଜନୀତି ଚଳିବ ନାହିଁ । କେନ୍ଦ୍ରମନ୍ତ୍ରୀ ରବି ଶଙ୍କର ତାଙ୍କ ଚିଠିରେ ଦେଇଥିବା ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ଦେଇ ନାହାନ୍ତି । ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ସ୍ପଷ୍ଟ ଭାବେ କିଛି ଲେଖି ନାହାନ୍ତି। କେଉଁ କେଉଁ ଜିଲାକୁ ନେଇ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ହେବ । କେଉଁ ଜିଲାରେ ହେବ ଓ ତାହାର ଭିତ୍ତିଭୂମି ବିକାଶ ପାଇଁ କ'ଣ ସ୍ଥିତି ରହିଛି । କେତେ ଜଣିଆ ବିଚାରପତିଙ୍କୁ ନେଇ ବେଞ୍ଚ ସ୍ଥାପନ ହେବ। ଏଭଳି ପ୍ରଶ୍ନକୁ ସ୍ପଷ୍ଟ ଭାବେ ଉତ୍ତର ନ ଦେଇ ପୂର୍ବଭଳି ମୁଖ୍ୟମନ୍ତ୍ରୀ ଚିରାଚରିତ ଚିଠି ଲେଖିଛନ୍ତି। ତେଣୁ ଏହାକୁ ଓକିଲ ସଂଘ ବିରୋଧ କରୁଛି । ପଶ୍ଚିମଓଡ଼ିଶାବାସୀଙ୍କ ସହ ରାଜ୍ୟ ସରକାର ଚାଲ୍‌ବାଜି କରିବା ବହୁତ ହୋଇଗଲାଣି। ଏବେ ଟ୍ରେଜେରି ବନ୍ଦ କରି ରାଜ୍ୟ ସରକାରଙ୍କ ଆର୍ଥିକ କାରବାରକୁ ବନ୍ଦ କରିଦିଆଯିବ। ସରକାରଙ୍କ ପକ୍ଷରୁ ଶିଳ୍ପକାରଖାନାକୁ ଯୋଗାଇ ଦିଆଯାଉଥିବା ପାଣି ଯୋଗାଣ ମଧ୍ୟ ବନ୍ଦ କରି ଦିଆଯିବ ବୋଲି ଓକିଲ ସଂଘ ସଭାପତି ପ୍ରଧାନ କହିଛନ୍ତି।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି**

- ■ସାଧାରଣର ପରିଷଦ ବୈଠକରେ ଉଦ୍‌ବେଗ
- ■ସବୁ ପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ସଂଘ ପ୍ରସ୍ତୁତ
- ■ମୁଖ୍ୟମନ୍ତ୍ରୀଙ୍କ ଚିଠିକୁ ନେଇ ନିନ୍ଦା

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କେନ୍ଦ୍ର ଆଇନମନ୍ତ୍ରୀ ରବି ଶଙ୍କରଙ୍କୁ ପୁଣି ଥରେ ପଶ୍ଚିମଓଡିଶା ଓ ଦକ୍ଷିଣ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଚିଠି (ଡିଓ ନଂ-ୟୁଏମ/୧୫/୨୦୧୯-୦୫/ସିଏମ) ଲେଖିଛନ୍ତି । ଚିଠିରେ ଉଲ୍ଲେଖ କରିଛନ୍ତି, ସୁପ୍ରିମକୋର୍ଟ ଦେଇଥିବା ରାୟ ଓ ବିଚାରପତି ଯଶୋବନ୍ତ ସିଂ କମିଶନ ରିପୋର୍ଟ ସମ୍ପର୍କରେ ସରକାର ଅବଗତ ଅଛନ୍ତି । କେନ୍ଦ୍ର ସରକାର ମଧ୍ୟ ସ୍ୱତନ୍ତ୍ର ଭାବେ ଏ ନିଷ୍ପତ୍ତି ନେଇ ପାରିବେ । କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଭିତ୍ତିଭୂମି ଓ ଆବଶ୍ୟକ ସମ୍ବଳ ଯୋଗାଇ ଦିଆଯିବ।

## ନବୀନଙ୍କୁ ଶୁଭେଚ୍ଛା ଦେଲେ ଦେବେଗୌଡା

ଭୁବନେଶ୍ୱର,୧୧।୧(ବ୍ୟୁରୋ) ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉ। ଏହାକୁ ଆଇନରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରୟାସ ଜାରି ରଖିଛନ୍ତି। ଏଭଳି ଉଦ୍ୟମକୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜନତା ଦଳ(ଧର୍ମନିରପେକ୍ଷ) ମୁଖ୍ୟ ଏଚ୍.ଡି. ଦେବେଗୌଡା ସ୍ୱାଗତ କରିବା ସହ ନବୀନଙ୍କୁ ଶୁକ୍ରବାର ଫୋନ କରି ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ପ୍ରତିନିଧି ଏମ୍‌ପି ନଗେନ୍ଦ୍ର ପ୍ରଧାନ ଓ ରବୀନ୍ଦ୍ର ଜେନା ଦେବେଗୌଡାଙ୍କୁ ଗୁରୁବାର ସାକ୍ଷାତ କରିସାରିଛନ୍ତି।

**ମହିଳା ସଂରକ୍ଷଣ ପାଇଁ ପ୍ରୟାସ**



ପରିଚାଳନା କମିଟି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

## ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ନାମ ବଦଳିବ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ):** କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର(ଏଏଚ୍‌ଆର୍‌ସିସି)ର ନାମ ବଦଳି ଆଚାର୍ଯ୍ୟ ହରିହର ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସର ହେବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ କର୍କଟ କେନ୍ଦ୍ରର ବିକାଶ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯିବା ସହିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କ ପାଇଁ ସ୍ଥାନାଭାବ ଦୂର କରାଯିବା ଲାଗି କେନ୍ଦ୍ରର ପରିସରକୁ ବୃଦ୍ଧି କରାଯିବ। ପରିସରକୁ ଲାଗି ପୂର୍ତ୍ତ ବିଭାଗ ଅଧୀନରେ ଥିବା ଶିଳ୍ପ ବିଭାଗ ଏବଂ ସାଧାରଣ ପ୍ରଶାସନ(ଜିଏ) ବିଭାଗର ପ୍ରାୟ ୪ ଏକର ଜମି କର୍କଟ କେନ୍ଦ୍ରକୁ ହସ୍ତାନ୍ତର କରାଯିବ। କେନ୍ଦ୍ରର ବିକାଶ ତଥା ଉନ୍ନତୀକରଣ ନିମନ୍ତେ ଟାଟା ଟ୍ରଷ୍ଟ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଖୁବ୍‌ଶୀଘ୍ର ଏଠାରେ ରୋଗୀଙ୍କ ନିମନ୍ତେ ପେଟ୍, ସିଟି ଓ ଏମ୍‌ଆର୍‌ଆଇ ସ୍କାନ ସୁବିଧା ପିପିପି ମୋଡ୍‌ରେ ଉପଲବ୍ଧ ହେବ। ସେହିପରି ସ୍ତ୍ରୀ ଓ ପ୍ରସୂତି ଅନ୍‌କୋଲୋଜି, ସର୍ଜରୀ ଅନ୍‌କୋଲୋଜି ଓ ମେଡିକାଲ ଫିଜିକ୍ସରେ ପିଜି ପାଠ୍ୟକ୍ରମ ଜାରି ରହିବ ଏବଂ ଆଗାମୀ ଦିନରେ ଅନ୍ୟାନ୍ୟ ବିଷୟରେ ମଧ୍ୟ ପିଜି ପାଠ୍ୟକ୍ରମ ଆରମ୍ଭ କରାଯିବା ନିମନ୍ତେ ବ୍ୟବସ୍ଥା ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପକ୍ଷରୁ ପ୍ରକାଶିତ ପ୍ରଥମ 'ଇୟର ବୁକ୍-୨୦୧୭' ଉନ୍ମୋଚିତ ହୋଇଥିଲା। ଏଏଚ୍‌ଆର୍‌ସିସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ, ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ ଏବଂ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ସିଦ୍ଧାର୍ଥ ଦାଶଙ୍କ ସମେତ ପରିଚାଳନା କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଭିଏସ୍‌ଏସ୍‌ୟୁଟିରେ ପ୍ରତିଷ୍ଠା ହେବ ମହାକାଶ ପ୍ରଯୁକ୍ତି ଇନ୍‌କ୍ୟୁବେଶନ ସେଣ୍ଟର

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିଏସ୍‌ଏସ୍‌ୟୁଟି)ଠାରେ ମହାକାଶ ପ୍ରଯୁକ୍ତି ଇନ୍‌କ୍ୟୁବେଶନ ସେଣ୍ଟର ପ୍ରତିଷ୍ଠା କରାଯିବ। ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ଉଚ୍ଚମାନର ଭିଏସ୍‌ଏଲ୍‌ଭି ରକେଟ୍ ନିର୍ମାଣ କରାଯାଇପାରିଛି। ଛାତ୍ରୀଛାତ୍ରମାନଙ୍କ ବୈଷୟିକ ଦକ୍ଷତା ଓ ଉତ୍କର୍ଷ ରକେଟ୍ ଲଞ୍ଚିଂ ଗବେଷଣା କ୍ଷେତ୍ରରେ ଏକ ମାନକ ସୃଷ୍ଟି କରିଛି। ଓଡ଼ିଶା ପାଇଁ ଏହା ଗର୍ବ ଓ ଗୌରବର ବିଷୟ। ଇସ୍ରୋର ଏକ ପ୍ରତିନିଧି ଦଳ ଭିଏସ୍‌ଏସ୍‌ୟୁଟି ପରିଦର୍ଶନ କରି ଏହାର ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥାର ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମିତ ରକେଟ୍ ଓ ଏହାର ନମୁନା ବିକାଶ ଦେଖି ଇସ୍ରୋ କର୍ତ୍ତୃପକ୍ଷ ଅଭିଭୂତ ହୋଇଥିଲେ। ଭିଏସ୍‌ଏସ୍‌ୟୁଟିର ଗବେଷଣାରତ ଛାତ୍ରୀଛାତ୍ରମାନଙ୍କ ଅଭିନବ ବୈଜ୍ଞାନିକ ଚିନ୍ତାଧାରା ଓ ମହାକାଶ ଗବେଷଣା କ୍ଷେତ୍ରରେ ଅପୂର୍ବ ଉତ୍ସାହ ଇସ୍ରୋର ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ଇସ୍ରୋ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ସ୍ୱରୂପ ଏଠାରେ ସ୍ୱତନ୍ତ୍ର ମହାକାଶ ଗବେଷଣା ଲ୍ୟାବ୍ ପ୍ରତିଷ୍ଠା ନିମନ୍ତେ ଇସ୍ରୋର ଚେୟାରମ୍ୟାନ ସମ୍ମତି ପ୍ରଦାନ କରିଛନ୍ତି।

**ଇସ୍ରୋ ଦେବ ୫୦ ଲକ୍ଷ**

ସୁରେନ୍ଦ୍ର ସାଏ ସ୍ପେସ୍ ଇନ୍‌କ୍ୟୁବେଶନ୍ ସେଣ୍ଟର ନାମରେ ନାମିତ ଏହି ଲ୍ୟାବ୍‌କୁ ଇସ୍ରୋ ପକ୍ଷରୁ ଇନ୍‌କ୍ୟୁବେଶନ୍ ସେଣ୍ଟର ସିଡ୍ ପାଣ୍ଠି ଭାବେ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥି ସହିତ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ସମସ୍ତ ପରାମର୍ଶ ଓ ସହାୟତା ଯୋଗାଇ ଦିଆଯିବ। ଏହି କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ରକେଟ୍ ପରୀକ୍ଷଣ ପଦ୍ଧତି ଓ ଉପକରଣ ନିମନ୍ତେ ଇସ୍ରୋ ସମସ୍ତ ପ୍ରକାର ସହାୟତା କରିବ। ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ମଧ୍ୟ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ ତତ୍‌ସମ୍ପର୍କୀୟ ପାଣ୍ଠି ଯୋଗାଇଦେବେ। ଏହି ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଛାତ୍ରୀଛାତ୍ରମାନେ ଥୁମ୍ବା, ଶ୍ରୀହରିକୋଟା କିମ୍ବା ବାଲେଶ୍ୱରସ୍ଥିତ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ରକୁ ସେମାନଙ୍କ ଲଞ୍ଚିଂ ପ୍ୟାଡ୍ ଭାବେ ବ୍ୟବହାର କରିପାରିବେ। ଛାତ୍ରୀଛାତ୍ରମାନଙ୍କ ଏହି ପ୍ରଚେଷ୍ଟା ଆଗାମୀ ଦିନରେ ଓଡ଼ିଶାର ମହାକାଶ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହିତ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।



ଭଗବାନ ଆମର ଚୈତ୍ୟରେ ପ୍ରେମରୂପେ, ମନରେ ଜ୍ଞାନରୂପେ, ପ୍ରାଣରେ ଶକ୍ତିରୂପେ ଏବଂ ଶରୀରରେ ସୌନ୍ଦର୍ଯ୍ୟରୂପେ ପ୍ରକାଶିତ ହୁଅନ୍ତି।
-ଶ୍ରୀମା

# ପ୍ରଶାସନିକ ନିଅଣ୍ଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାର ସ୍ପଷ୍ଟ କରିଛନ୍ତି ଯେ, ନୀତି ଆୟୋଗ ଦେଇଥିବା ପ୍ରସ୍ତାବ ଅନୁଯାୟୀ ସାଧାରଣ ଆଇଏଏସ୍-ଆଇପିଏସ୍ ଆଶାୟୀମାନଙ୍କ ବୟସସୀମା ୩୨ରୁ ୨୭ ବର୍ଷକୁ କମାଇବାକୁ କୌଣସି ଯୋଜନା ନାହିଁ। ଯେଉଁମାନଙ୍କୁ ନିଯୁକ୍ତି ପାଇଁ ଚୟନ କରାଯିବ, ସେମାନଙ୍କୁ ଏକ କେନ୍ଦ୍ରୀୟ ପ୍ରତିଭା ପୁଲ୍ ମଧ୍ୟରେ ରଖାଯିବ। ତା'ପରେ ସେମାନଙ୍କୁ ନିଜର ଯୋଗ୍ୟତା, ଦକ୍ଷତା ଓ ପଦବୀର ଆବଶ୍ୟକତା ଅନୁଯାୟୀ ନିଯୁକ୍ତି ଦିଆଯିବ। ଏହା ପୂର୍ବରୁ ଅନ୍ତତଃ ତିନୋଟି କମିଟି ଏକ 'ଅତି ପ୍ରୟୋଜନୀୟ' ସଂସ୍କାରସ୍ୱରୂପ ପ୍ରଶାସନିକ ସେବା ପାଇଁ ପ୍ରାର୍ଥୀମାନଙ୍କ ବୟସସୀମା ହ୍ରାସ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏ ସୁପାରିସକୁ ମାନିଲେ ଖୁବ୍ ବଡ଼ ରାଜନୈତିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ମନେକରି ସରକାର ଏହା ଗ୍ରହଣ କରିବାକୁ ଅନିଚ୍ଛୁକ। ସରକାରଙ୍କର ଏହି ସ୍ପଷ୍ଟୀକରଣ ପ୍ରଶାସନିକ ସେବା ପରୀକ୍ଷା ଦେବା ପାଇଁ ବିଳମ୍ବରେ ପ୍ରସ୍ତୁତି ଆରମ୍ଭ କରିଥିବା ଆଶାୟୀମାନଙ୍କୁ ଆଶ୍ୱସ୍ତି ଦେଇଛି। ତେବେ ସରକାର ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୪୦୦ରୁ ଅଧିକ ଆଇଏଏସ୍ ଓ ଆଇପିଏସ୍ ପଦବୀ ଖାଲି ପଡ଼ିଥିବା ବେଳେ ତାକୁ କେମିତି ପୂରଣ କରାଯିବ, ସେ ପ୍ରଶ୍ନର ଉତ୍ତର ବାବଦରେ ନୀରବ। ଆଇପିଏସ୍ ବାବୁମାନଙ୍କ ଅଭାବଜନିତ ପରିସ୍ଥିତି କ୍ରମଶଃ ଉତ୍କଟତର ହେବାରେ ଲାଗିଛି, କାରଣ ଗତବର୍ଷ ତୁଳନାରେ ସେମାନଙ୍କ ସଂଖ୍ୟା ଏ ବର୍ଷ ଆହୁରି କମିଯାଇଛି। ତେବେ ସେହି ତୁଳନାରେ ଆଇଏଏସ୍ ଅଫିସରଙ୍କ ସଂଖ୍ୟାରେ କିଛିଟା ବୃଦ୍ଧି ଘଟିଛି। କାର୍ମିକ, ଜନଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ଦ୍ୱାରା ୨୦୧୭ ମସିହାରେ ପ୍ରଦତ୍ତ ସରକାରୀ ତଥ୍ୟ ଅନୁସାରେ ୯୦୮ ଆଇପିଏସ୍ ଅଫିସରଙ୍କ ଅଭାବ ଥିବାବେଳେ ତାହା ବୃଦ୍ଧି ପାଇ ୨୦୧୮ ଜାନୁୟାରୀ ସୁଦ୍ଧା ୯୭୦ରେ ପହଞ୍ଚିଛି। ଅଫିସରମାନଙ୍କ ଉତ୍କଟ ଅଭାବକୁ ନେଇ ସଂସଦୀୟ ସ୍ଥାୟୀ କମିଟି ପକ୍ଷରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି କୋଟା ଅଧୀନରେ ଅଧିକ ସଂଖ୍ୟକ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କୁ ନିଆଯାଉଛି ବୋଲି ସରକାର ଦାବି କରିଛନ୍ତି।

### ୟୁପି ବାବୁଙ୍କ ଅବହେଳା

ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବ ଅନୁପ ଚନ୍ଦ୍ର ପାଣ୍ଡେ ପ୍ରମୁଖ ସଚିବ, ସଚିବ ଓ ସ୍ୱତନ୍ତ୍ର ସଚିବ ପାହ୍ୟାର ଅନେକ ସହକର୍ମୀଙ୍କ କାର୍ଯ୍ୟକୁ ନେଇ ନୈରାଶ୍ୟ ପ୍ରକାଶ କରିଛନ୍ତି। କାରଣ ସେମାନେ ସରକାରଙ୍କ ପ୍ରମୁଖ ପ୍ରକଳ୍ପଗୁଡ଼ିକର ଅବସ୍ଥା ସମ୍ପର୍କରେ ବୁଝିବା ପାଇଁ କ୍ଷେତ୍ର ପରିଦର୍ଶନରେ ଯାଇ ଏ ପର୍ଯ୍ୟନ୍ତ ରିପୋର୍ଟ ପ୍ରଦାନ କରିନାହାନ୍ତି। ପାଣ୍ଡେ ସମସ୍ତ ୭୫ ଜଣ ଅଫିସରଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି ଯେ, ଗତ ୨୦୧୮ ଅଗଷ୍ଟମାସରେ ୧୬ ଜଣ ଅଫିସର, ସେପ୍ଟେମ୍ବରରେ ୩୧ ଜଣ ଅଫିସର ଏବଂ ଅକ୍ଟୋବରରେ ୪୭ ଜଣ ଅଫିସର ସେମାନଙ୍କ କ୍ଷେତ୍ର ପରିଦର୍ଶନ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିନାହାନ୍ତି। ପାଣ୍ଡେଙ୍କ କହିବା ଅନୁସାରେ ଭବିଷ୍ୟତରେ ଜିଲା ପରିଦର୍ଶନ ସମୟରେ ରିପୋର୍ଟ ଦେବାରେ ଏପରି ଅବହେଳା କଲେ ସମ୍ପୃକ୍ତ ବାବୁମାନଙ୍କ ବିରୋଧରେ ପ୍ରତିକୂଳ ରିପୋର୍ଟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ସେ ମଧ୍ୟ କହିଛନ୍ତି ଯେ, ଏଥିରୁ ଜଣାପଡୁଛି ନୋଡାଲ ଅଫିସରମାନେ ସେମାନଙ୍କ ଜିଲା ପରିଦର୍ଶନ ଦାୟିତ୍ୱ ସମ୍ପର୍କରେ ଆଦୌ ସମ୍ବେଦନଶୀଳ ବା ନିଷ୍ଠାବାନ୍ ନୁହନ୍ତି। ଭବିଷ୍ୟତରେ ସେ ନିଜେ ବାବୁମାନଙ୍କ କ୍ଷେତ୍ର ପରିଦର୍ଶନ ବିଷୟ ମନିଟର କରିବାକୁ ନିର୍ଦ୍ଦେଶିତ ହୋଇଛନ୍ତି ବୋଲି ଏହି ଚିଠିରେ ସହକର୍ମୀମାନଙ୍କୁ ଜଣାଇଛନ୍ତି। ଏଥିରୁ ଜଣାପଡୁଛି ଯୋଗୀଙ୍କ ଶାସନରେ ବାବୁମାନେ ପ୍ରଶାସନିକ ନୀତିନିୟମକୁ ଉପେକ୍ଷା କରିପାରିବେ ନାହିଁ।

### ସିଆଇସି ନିଯୁକ୍ତି

କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି)ରେ ନିକଟରେ ଚାରିଜଣ ନୂଆ ସୂଚନା କମିଶନର ଓ ଜଣେ ମୁଖ୍ୟ ସୂଚନା କମିଶନରଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ସରକାର ଏହି କାର୍ଯ୍ୟ କଲେ ବହୁ ବିଳମ୍ବରେ। ମୁଖ୍ୟ ସୂଚନା ଆୟୁକ୍ତ ଆର୍.କେ. ମାଥୁର ଏବଂ ସୂଚନା କମିଶନର ଯଶୋବର୍ଦ୍ଧନ ଆଜାଦ, ଶ୍ରୀଧର ଆଚାର୍ଯ୍ୟୁଲୁ ଏବଂ ଅମିତାଭ ଭଟ୍ଟାଚାର୍ଯ୍ୟ ଅବସର ନେବା ପରେ ସିଆଇସିରେ ଅନୁମୋଦିତ ସଂଖ୍ୟା ୧୧ ସ୍ଥାନରେ ଆଉ ମାତ୍ର ତିନିଜଣ ସୂଚନା କମିଶନର ରହିଥିଲେ। ତେବେ ବିଳମ୍ବରେ ହେଲେ ବି ସରକାର ସୂଚନା କମିଶନର ସୁଧୀର ଭାର୍ଗବଙ୍କୁ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଏବଂ ପୂର୍ବତନ ଆଇଏଫ୍‌ଏସ୍ ଅଫିସର ଯଶୋବର୍ଦ୍ଧନ କୁମାର ସିହ୍ନା, ପୂର୍ବତନ ଆଇଆର୍‌ଏସ୍ ଅଫିସର ବନଜ ଏନ୍. ସର୍ମା, ପୂର୍ବତନ ଆଇଏଏସ୍ ଅଫିସର ନୀରଜ କୁମାର ଗୁପ୍ତା ଏବଂ ପୂର୍ବତନ ଆଇନ ସଚିବ ସୁରେଶ ଚନ୍ଦ୍ରଙ୍କୁ ସୂଚନା କମିଶନର ଭାବେ ନିଯୁକ୍ତି ଦେଇ ଉକ୍ତ ଅଭାବକୁ କିଛି ପରିମାଣରେ ପୂରଣ କରିଛନ୍ତି। କିନ୍ତୁ ଏହି ନୂତନ ନିଯୁକ୍ତିକୁ ନେଇ ସମସ୍ତେ ଖୁସି ନୁହନ୍ତି। ସୂଚନା ଅଧିକାର ଆଇନ ଅନୁଯାୟୀ ଆୟୋଗରେ ଅଣ-ବାବୁମାନଙ୍କୁ ଯଥେଷ୍ଟ ଅଧିକ ପ୍ରତିନିଧିତ୍ୱ ଦେବା ଲାଗି ହେଉଥିବା ଆବେଦନକୁ ସରକାର ଉପେକ୍ଷା କରିଛନ୍ତି। ବର୍ତ୍ତମାନ ସିଆଇସି ଏକ ପ୍ରକାର ପୂର୍ବତନ ବାବୁମାନଙ୍କ କ୍ଲବ୍‌ରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ତେବେ ଅବଶିଷ୍ଟ ପଦଗୁଡ଼ିକ ଶୀଘ୍ର ପୂରଣ କରାଯିବ ବୋଲି ସରକାର ଆଶା ଦେଖାଇଛନ୍ତି। କିନ୍ତୁ ସରକାର ଏହି ପଦଗୁଡ଼ିକୁ ଅମଲାତନ୍ତ୍ର ବାହାରୁ ପୂରଣ କରିବେ ବୋଲି ବେଶି ଲୋକ ଆଶା କରିପାରୁ ନାହାନ୍ତି।

Email: dilipcherian@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | | | A | | | | | 1 | C | |
| | | 4 | | 2 | B | 3 | 0 | | 6 | | | | D | |
| | 3 | B | | | 6 | 8 | | | 7 | | | | 9 | |
| | | | 8 | E | D | | | | A | 0 | | 4 | | |
| | | 6 | 5 | | | | 4 | | 2 | 1 | B | | | |
| | | | | D | | | | | | | 1 | 5 | | |
| | 7 | 0 | | | 8 | | | 3 | | C | | | | |
| 8 | | | | | 4 | 9 | | | 5 | | | 7 | | |
| | | | | | | 6 | B | | 8 | | 4 | | | |
| | | | | | 0 | C | E | A | 9 | | 7 | B | | |
| | | C | | | | | | E | | | D | 0 | | |
| | | 2 | | 8 | A | | | D | | | | 9 | | |
| | | | | | | 4 | | | | | | 2 | 6 | |
| | | 1 | | 3 | | | 9 | 7 | E | 2 | 0 | D | | 4 |
| | 5 | D | 9 | 1 | | | | | | 4 | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ AରୁE ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 6 | 4 | 9 | A | E | 1 | 5 | C | B | 7 | 2 | 8 | 0 |
| 5 | 8 | A | 2 | 0 | 6 | C | 3 | 9 | D | 4 | 1 | B | 7 | E |
| E | 1 | 7 | 5 | C | D | A | 2 | B | 0 | 8 | 3 | 6 | 9 | 4 |
| 9 | 4 | B | E | 8 | 1 | 7 | 0 | D | 2 | 6 | A | 3 | C | 5 |
| 0 | 2 | C | 7 | 3 | B | 8 | 6 | 4 | 9 | 5 | E | D | A | 1 |
| 7 | 9 | 2 | 1 | E | 8 | D | 4 | 6 | 3 | A | 0 | C | 5 | B |
| 3 | D | 0 | C | 6 | 7 | 1 | 9 | E | 5 | 2 | B | 8 | 4 | A |
| A | 6 | E | 0 | 5 | 3 | B | 8 | C | 1 | 7 | 4 | 9 | 2 | D |
| 8 | 5 | 4 | B | A | 9 | 0 | 7 | 2 | 6 | C | D | 1 | E | 3 |
| B | C | 1 | D | 2 | 4 | 5 | A | 3 | E | 9 | 8 | 7 | 0 | 6 |
| 6 | 0 | 8 | A | D | E | 9 | C | 1 | 7 | 3 | 5 | 4 | B | 2 |
| 1 | E | D | 3 | 4 | C | 2 | B | A | 8 | 0 | 9 | 5 | 6 | 7 |
| C | 7 | 9 | 6 | B | 5 | 3 | E | 0 | 4 | D | 2 | A | 1 | 8 |
| 2 | A | 3 | 9 | 7 | 0 | 4 | 5 | 8 | B | 1 | 6 | E | D | C |
| 4 | B | 5 | 8 | 1 | 2 | 6 | D | 7 | A | E | C | 0 | 3 | 9 |

ଗତକାଲିର ଉତ୍ତର

# ସ୍ୱର୍ଗକୁ ନିଶୁଣି



## ମନ-ମାନଚିତ୍ର

ଡ. ନରହରି ବେହେରା

ମଣିଷ ସବୁବେଳେ ସ୍ୱତନ୍ତ୍ର ହେବାକୁ ପ୍ରୟାସ କରେ। କାରଣ ଏହି ସ୍ୱତନ୍ତ୍ରତା ତାକୁ ନିଆରା ପରିଚୟ ଦିଏ। ଏହି ପ୍ରୟାସ ତାକୁ କଷ୍ଟସହିଷ୍ଣୁ ଓ ଆତ୍ମାନୁବର୍ତ୍ତୀ କରିଥାଏ। ଆଜି ଆମେ ଯାହା ପାଇଛୁ, ତାହା କେବଳ ସମ୍ଭବ ହୋଇଛି ଏହି ସ୍ୱତନ୍ତ୍ର ହେବାର ପ୍ରୟାସରୁ। ମାତ୍ର ଏହି ପ୍ରୟାସ ଯେତେବେଳେ ତୁଚ୍ଛା ଅହମିକା ପାଇଁ କରାଯାଏ, ତାହା ଜନନେତ୍ରରେ ଏକ ନଗଣ୍ୟ ପ୍ରୟାସ ଭାବେ ବିବେଚିତ ହୋଇଥାଏ। ରାମାୟଣରେ ମହାପ୍ରତାପୀ ରାବଣ ସ୍ୱର୍ଗକୁ ନିଶୁଣି ବାନ୍ଧିବାର ପ୍ରୟାସ କରିବା କଥା ଏବେ ବି ଜନମୁଖରେ ପ୍ରଚଳିତ। ତାହା ପୂର୍ଣ୍ଣ ହେଲାନାହିଁ। ଅହମିକାର ଏକ ବୃଥା ଆସ୍ଫାଳନ ଭାବେ ଏହା କାଳକାଳକୁ ରହିଯାଇଛି। ଏପରି ଆସ୍ଫାଳନ ସାଧାରଣତଃ କ୍ଷମତାଶାଳୀ ଏବଂ ଧନାଢ଼୍ୟ ବ୍ୟକ୍ତିଙ୍କ ନିକଟରେ ଅଧିକ ଦେଖାଯାଇଥାଏ।

ଭାରତରେ ଏବେ ମୂର୍ତ୍ତି ଏବଂ ସୌଧ ନିର୍ମାଣ କରିବାର ପ୍ରତିଯୋଗିତା ବଢ଼ି ଚାଲିଛି। ପରିସ୍ଥିତି ଏବଂ ପରିବେଶକୁ ଲକ୍ଷ୍ୟ କଲେ ଏହି ସବୁ ପ୍ରତିଯୋଗିତାରେ ସ୍ୱତନ୍ତ୍ରତା ପ୍ରତିପାଦନ ଅପେକ୍ଷା ନିଜର ରାଜନୈତିକ ଅଭିସନ୍ଧି ଅଧିକ ଥିବାପରି ମନେହୁଏ। ଏହାଦ୍ୱାରା ଏ ଦେଶର କି ଉନ୍ନତି ହେବ, ଆର୍ଥିକ ଅବସ୍ଥା ଉପରେ ଏହାର କି ପ୍ରଭାବ ପଡିବ, ସେ ବିଷୟରେ କିଛି ଚିନ୍ତା କରାଯାଉଥିବା ମନେହୁଏ ନାହିଁ। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପରେ ଭାରତରେ ଏହି ପ୍ରତିଯୋଗିତାର ସୂତ୍ରପାତ ହୋଇଛି।

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ଜଣେ ସର୍ବମାନ୍ୟ ନମସ୍ୟ ନେତା। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ଗୁଜରାଟ ସରକାର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପ୍ରତିମୂର୍ତ୍ତି ଭାରତକୁ ଜନନେତାଙ୍କ ସର୍ବୋଚ୍ଚ ମୂର୍ତ୍ତି ସ୍ଥାପନ କ୍ଷେତ୍ରରେ ପ୍ରଥମ ଦେଶର ମାନ୍ୟତା ଆଣିଦେଇଛି। କାରଣ ଭାରତର ଏହି ମୂର୍ତ୍ତି ୧୮୨ ମିଟର ଥିବାବେଳେ ଏ ପର୍ଯ୍ୟନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ଚାଇନାର ସ୍ପ୍ରିଙ୍ଗ୍ ଟେମ୍ପଲ୍ ବୁଦ୍ଧ (୧୨୮ ମିଟର) ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। କୁହାଯାଉଛି, ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ୧୮୨ ମିଟର ହେବା ପଛରେ ଏକ ଗଭୀର ଉଦ୍ଦେଶ୍ୟ ରହିଛି। ଗୁଜରାଟ ବିଧାନସଭାର ମୋଟ ଆସନ ସଂଖ୍ୟା ହେଉଛି ୧୮୨। ଏହି ଆସନ ଅନ୍ୟ ସବୁ ରାଜ୍ୟଠାରୁ ଊର୍ଦ୍ଧ୍ୱରେ ବୋଲି ଦେଖାଇବା ପାଇଁ ଲୌହମାନବଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ୧୮୨ ମିଟର ରଖାଯାଇଛି। ଏଥିପାଇଁ ୨,୯୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ପ୍ରତିମୂର୍ତ୍ତି ସ୍ଥାପନ ପରେ ଗୁଜରାଟର ଅଖ୍ୟାତ ନର୍ମଦା ସରୋବର ଡ୍ୟାମ୍ ଏବେ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି। ଏହି 'ଷ୍ଟାଚ୍ୟୁ ଅଫ୍ ୟୁନିଟି'କୁ ଦେଖିବା ପାଇଁ ପର୍ଯ୍ୟଟକଙ୍କର ଭିଡ଼ ଲାଗିଛି। ଭାରତ ମଧ୍ୟ ସର୍ବୋଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରି ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ମାତ୍ର ଗୁଜରାଟ ସରକାରଙ୍କର ଏହି କୃତିତ୍ୱକୁ ଅନ୍ୟ ରାଜନୈତିକ ଦଳମାନେ ଏକ ଚାଲେଞ୍ଜ ଭାବରେ ଗ୍ରହଣ କରିଛନ୍ତି। ଏକଥା ସତ କୌଣସି କୃତି ପ୍ରଶଂସାଭାଜନ ହେଲେ ଅନ୍ୟମାନେ ସେହିପରି କୃତି ବା ତା'ଠାରୁ ଅଧିକ ସୁନ୍ଦର କୃତି ଗଢ଼ିବାକୁ ପ୍ରୟାସ କରିଥାନ୍ତି।

ଗୁଜରାଟ ସରକାରଙ୍କ ଏହି କୃତିତ୍ୱକୁ ପଛରେ ପକାଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୨୫୦ ମିଟର ଉଚ୍ଚର ତିନି ମହଲା ବିଶିଷ୍ଟ ରାଜ୍ୟ ବିଧାନସଭା ସୌଧ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଚ୍ଚତାଠାରୁ ୬୮ ମିଟର ଅଧିକ ଉଚ୍ଚ ହେବ। ସୁତରାଂ ଆନ୍ଧ୍ରପ୍ରଦେଶର ବିଧାନ ସୌଧ ହେବ ବିଶ୍ୱର ଉଚ୍ଚତମ ସୌଧ। ଫଳରେ ଆନ୍ଧ୍ରପ୍ରଦେଶ ଗୁଜରାଟକୁ ପଛରେ ପକାଇ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିବ। ଏହି ଦୁଇ ରାଜ୍ୟର ରାଜନୈତିକ ଛକାପଞ୍ଝାକୁ ଲକ୍ଷ୍ୟକରି ଏବେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଅନ୍ୟ ରାଜ୍ୟ ସରକାରମାନେ ମଧ୍ୟ ଅଣ୍ଟା ଭିଡ଼ି ନିଜର ପତିଆରା ଜାହିର କରିବାକୁ ବାହାରିଛନ୍ତି। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧ୍ୟାରେ ୧୫୧ ମିଟର ଉଚ୍ଚତା ବିଶିଷ୍ଟ ରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବେ ବୋଲି ଘୋଷଣା କରିଛନ୍ତି। ରାଜସ୍ଥାନ ସରକାର ୧୦୭ ମିଟର ଉଚ୍ଚତା ବିଶିଷ୍ଟ ଶିବମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିସାରିଲେଣି। ୨୦୧୯ ମାର୍ଚ୍ଚ ସୁଦ୍ଧା ଏହି ମୂର୍ତ୍ତି ଉନ୍ମୋଚିତ ହେବ ବୋଲି ସେ ଘୋଷଣା କରିଛନ୍ତି। ଏହା ସମ୍ପୂର୍ଣ୍ଣ ହେଲେ ବିଶ୍ୱରେ ଚତୁର୍ଥ ଉଚ୍ଚତମ ପ୍ରତିମୂର୍ତ୍ତି ହେବାର ଗୌରବ ଅର୍ଜନ କରିବ। ପ୍ରତିମୂର୍ତ୍ତି ନିର୍ମାଣ କରି ବାହାବା ନେବା ପାଇଁ କର୍ନାଟକ ସରକାର ମଧ୍ୟ ପଛରେ ପଡ଼ିଯାଇ ନାହାନ୍ତି। ସେ ମା' କାବେରୀଙ୍କ ୩୮ ମିଟର ଉଚ୍ଚର ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଯୋଜନା ମଧ୍ୟ କରିଛନ୍ତି।

ଏହିପରି ପ୍ରତିମୂର୍ତ୍ତି ନିର୍ମାଣର ପ୍ରତିଯୋଗିତାକୁ ଲକ୍ଷ୍ୟ କଲେ ଜଣାଯାଉଛି ସତେଯେମିତି କିଛିବର୍ଷ ପରେ ସମଗ୍ର ଭାରତବର୍ଷ କେବଳ ମୂର୍ତ୍ତିମୟ ହିଁ ହୋଇଯିବ। କେବେଠାରୁ ଆମ ସମାଜରେ ଏହି ମୂର୍ତ୍ତି ପ୍ରତିଷ୍ଠାର ନିଶା ଲାଗିଲା ତାହା ଜଣା ନାହିଁ, ମାତ୍ର ରାସ୍ତାଘାଟ, ମନ୍ଦିର, ଖୋଲା ପଡ଼ିଆ ସବୁଠି ମୂର୍ତ୍ତିମାନ ଠିଆ ହୋଇଥିବା ଦେଖାଯାଉଛି। କିନ୍ତୁ ଅଧିକାଂଶ ମୂର୍ତ୍ତି ସରକାରୀ ଜାଗାଗୁଡ଼ିକୁ ମାଡ଼ି ବସିଥିବା ଦେଖାଯାଏ। ମୂର୍ତ୍ତିଗୁଡ଼ିକ ସ୍ଥାପନ ହେବା ପରେ ସେଗୁଡ଼ିକ ଉପରେ ସାଧାରଣତଃ ଦୃଷ୍ଟି ଦିଆଯାଏ ନାହିଁ। ମୁକ୍ତ ଆକାଶ ତଳେ ଏହି ଦିଅଁ ଦେବତା ଏବଂ ମହାପୁରୁଷମାନଙ୍କର ମୂର୍ତ୍ତି ଖରାବର୍ଷା ସହି ଅତ୍ୟନ୍ତ ବିକଳ ଅବସ୍ଥାରେ ଠିଆ ହୋଇଥାନ୍ତି। ବହଳ ଧୂଳି ଜମିଯାଇଥାଏ, ପକ୍ଷୀମାନଙ୍କର ମଳମୂତ୍ରର ଛାପ ମଧ୍ୟ ଥାଏ। ଯେଉଁମାନେ ଭକ୍ତିରେ ଗଦ୍ ଗଦ୍ ହୋଇ ପ୍ରତିମୂର୍ତ୍ତି ସ୍ଥାପନ କରିଥାନ୍ତି, ସେମାନେ କେବଳ ଜନ୍ମଦିନ କିମ୍ବା ପୂଜୋତ୍ସବ ଦିନ ପାଣି ଢାଳି ଫୁଲହାର ଝୁଲାଇ ଦେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି। ପ୍ରତିମୂର୍ତ୍ତି ସ୍ଥାପନ କରି ତା'ର ଉପଯୁକ୍ତ ଯତ୍ନ ନିଆ ନ ଗଲେ ଏହା ମହାମାନବ ବା ଦେବତାମାନଙ୍କ ପ୍ରତି ଅପମାନ ହେବ। ଅବଶ୍ୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କିମ୍ବା ଅନ୍ୟାନ୍ୟ ପ୍ରତିମୂର୍ତ୍ତି ସ୍ଥାପନ କ୍ଷେତ୍ରରେ ଏକଥା ହୋଇ ନ ପାରେ। କାରଣ ସରକାରୀ ସ୍ତରରେ ଏତେ ଅର୍ଥ ବ୍ୟୟ ହେଉଥିବାରୁ ସେଗୁଡ଼ିକର ଖୁବ୍ ଯତ୍ନ ନିଆଯିବ ବୋଲି ଆଶା କରାଯାଏ । ମାତ୍ର ଏଠାରେ ପ୍ରଶ୍ନ ଉଠେ, ନିଜକୁ ସ୍ୱତନ୍ତ୍ର ଭାବରେ ପରିଚିତ କରାଇବା ପାଇଁ ଏବଂ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ କେବଳ ପ୍ରତିମୂର୍ତ୍ତି ବା ସୌଧ ସ୍ଥାପନ କ'ଣ ଏକମାତ୍ର ମାଧ୍ୟମ? ନିଜକୁ ସ୍ୱତନ୍ତ୍ର ଏବଂ ବିଶ୍ୱରେ ପ୍ରଥମ କରି ପ୍ରତିଷ୍ଠା କରିବା ପାଇଁ ଅନ୍ୟ କିଛି ମାଧ୍ୟମ ନାହିଁ? ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ପରମ ସମ୍ମାନନୀୟ ବ୍ୟକ୍ତିତ୍ୱ । ତାଙ୍କର ସର୍ବୋଚ୍ଚ ପ୍ରତିମୂର୍ତ୍ତି ସ୍ଥାପନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସର୍ଦ୍ଦାରଜୀଙ୍କ ଦଶମିଟରର ପ୍ରତିମୂର୍ତ୍ତି ସ୍ଥାପନ କରି ଯଦି ବିଶ୍ୱର ଗୋଟିଏ ସର୍ବବୃହତ୍ ଚିକିତ୍ସାଳୟ କରାଯାଇଥାନ୍ତା, ତାହାହେଲେ ଭାରତ ନାଁ ବି ବିଶ୍ୱର ଏକ ନମ୍ବର ତାଲିକାରେ ରହିଥାନ୍ତା। ବହୁଲୋକ ନିଯୁକ୍ତି ପାଇବା ସହିତ କେତେ ମୁମୂର୍ଷୁ ଜୀବନ ଲାଭ କରିପାରିଥାନ୍ତେ। ଭାରତରେ ପ୍ରାଚୀନ କାଳରେ ନାଳନ୍ଦା ବିଶ୍ୱବିଦ୍ୟାଳୟ, ବିକ୍ରମଶିଳା ବିଶ୍ୱବିଦ୍ୟାଳୟ, ପୁଷ୍ପଗିରିବିହାର ପରି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ବହୁ ବିଦେଶୀ ବିଦ୍ୟାର୍ଥୀ ଧାଇଁ ଆସୁଥିଲେ। ଆମେ କାହିଁକି ଆଉ ଗୋଟିଏ ସେହିପରି ବିଶ୍ୱବିଦ୍ୟାଳୟ ଗଢ଼ି ପାରିବା ନାହିଁ? ଏ ବିଷୟରେ ଚିନ୍ତା ନ କରି କାହିଁକି ଆମ ସରକାରମାନେ ପ୍ରତିମୂର୍ତ୍ତି ଗଢ଼ି ଆକାଶକୁ ନିଶୁଣି ବାନ୍ଧୁଛନ୍ତି? ସର୍ବବୃହତ୍ ବିଶ୍ୱବିଦ୍ୟାଳୟ ହେଉ କି ଚିକିତ୍ସାଳୟ ହେଉ ତା'କୁ ସ୍ଥାପନ କରି ସେହି ଅନୁଷ୍ଠାନର ନାମକରଣ ରାମଚନ୍ଦ୍ର, ଶିବ କିମ୍ବା ମା' କାବେରୀଙ୍କ ନାଁରେ କରାଗଲେ ସେଥିରେ କାହାରି ହୁଏତ ଆପତ୍ତି ରହିବ ନାହିଁ। ମାତ୍ର ଦୁଃଖର ବିଷୟ ଆମ ନେତୃମଣ୍ଡଳୀ କେବଳ ପ୍ରତିମୂର୍ତ୍ତି ନିର୍ମାଣ କରି, ସହଜ ସୁବିଧାରେ ସ୍ୱର୍ଗକୁ ନିଶୁଣି ବାନ୍ଧିବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। ଏପରି ଉଦ୍ୟମ ରାବଣର ସେହି ପ୍ରୟାସର ନାମାନ୍ତର ହେବ ନାହିଁ ତ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ, ଭଦ୍ରକ, ଫୋନ୍: ୭୯୭୮୯୦୩୫୦୯

# ବିବେକାନନ୍ଦଙ୍କ ଭାରତ

ଡ. ଭାରତ ଭୂଷଣ ରଥ

ସ୍ୱାମୀ ବିବେକାନନ୍ଦ ଜଣେ ମହାପୁରୁଷ, ଯେ କି ୧୮୬୩ ଜାନୁୟାରୀ ୧୨ ତାରିଖରେ ଏ ଧରାପୃଷ୍ଠରେ ଅବତରଣ କରିଥିଲେ। ସ୍ୱାମିଜୀଙ୍କର ଜନ୍ମ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ହୋଇଥିଲା ଯେତେବେଳେ ଭାରତବର୍ଷର ବୈଦିକ ଆର୍ଯ୍ୟ ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ବସିଥିଲା। ପବିତ୍ର ଭାରତବର୍ଷ ଇଂରେଜମାନଙ୍କ ଦ୍ୱାରା ଶୋଷିତ ହେଉଥିଲା। ଗୋଟିଏ ପଟେ ଇଂରେଜ ଏବଂ ସାମନ୍ତ ରାଜାମାନଙ୍କର ତାଡ଼ନା, ଅନ୍ୟପଟେ ମୁଷ୍ଟିମେୟ ରାଜକର୍ମଚାରୀଙ୍କର ଦୌରାତ୍ମ୍ୟ ଏବଂ କିଛି ପାଖଣ୍ଡିଙ୍କର ଅନ୍ଧବିଶ୍ୱାସର ମାୟାଜାଲରେ ଏ ଦେଶର ନିରୀହ ଜନସାଧାରଣ ଆବଦ୍ଧ ଥିଲେ। ଭାରତର ଶାଶ୍ୱତ ଏବଂ ପରିମାର୍ଜିତ ପରମ୍ପରା ତଥା ଜୀବନଶୈଳୀ ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଠିକ୍ ଏତିକି ବେଳେ ଜନ୍ମ ନେଲେ ସ୍ୱାମୀ ବିବେକାନନ୍ଦ। ଯେମିତି ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ମାତ୍ର ୩୨ ବର୍ଷର ଜୀବନାବଧି ଭିତରେ ଭାରତରେ ଅନେକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣି ପାରିଥିଲେ, ସେମିତି ଭାରତର ଦୁର୍ଦ୍ଦିନ ସମୟରେ ସ୍ୱାମୀ ବିବେକାନନ୍ଦଙ୍କର ଅଦମ୍ୟ ଉତ୍ସାହ ଓ ସଂଘର୍ଷର ପରିଣାମ ସ୍ୱରୂପ ଭାରତୀୟ ପରମ୍ପରା ଏବଂ ଜୀବନଦର୍ଶନର ଯତ୍‌କିଞ୍ଚିତ୍ ଆଜି ବଞ୍ଚି ରହିଛି ତାହା ହିଁ ବର୍ତ୍ତମାନ ଆମ ଦୃଷ୍ଟିଗୋଚର ହୁଏ। ମାତ୍ର ୩୮ ବର୍ଷର ଆୟୁ ନେଇ ସେ କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱରେ ପ୍ରଚାର କରିଯାଇଛନ୍ତି ମାନବିକତାର ମହନୀୟ ଗୁଣାବଳୀ।

ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନର ଏକ ବିଶିଷ୍ଟ ତତ୍ତ୍ୱ ଥିଲା ସେ ପ୍ରାନ୍ତୀୟତାରେ ବିଶ୍ୱାସ ନ କରି ଜାତୀୟତାରେ ବିଶ୍ୱାସ ରଖୁଥିଲେ। ଭାରତଭୂମିର ମହତ୍ତ୍ୱକୁ ପ୍ରତିପାଦନ କରିବା ପାଇଁ ସେ କହିଥିଲେ, ଏ ଦେଶର ମାନବିକତା ଅତି ଉଚ୍ଚ ସ୍ତରରେ ଉଦାରତା, ପବିତ୍ରତା, ପ୍ରଶାନ୍ତି, ଆତ୍ମ ବିଶ୍ଳେଷଣ ଏବଂ ଆଧ୍ୟାତ୍ମିକତାକୁ ସମ୍ମାନ ଦେଇ ବିଶ୍ୱ ମଙ୍ଗଳର କାମନା କରେ। ଯଥା ''The land where humanity has attained its highest towards generosity, towards purity, towards calmness, above all, the land of introspection and of spirituality—it is India.'' ଏଥିରୁ ଜଣାଯାଏ, ଏ ଦେଶର ମୁଠାଏ ମାଟି, ବିନ୍ଦୁଏ ପାଣି ଏବଂ ଟୋପାଏ ରକ୍ତ ମଧ୍ୟ ଭ୍ରଷ୍ଟାଚାର, ଅଧର୍ମ ଏବଂ ଅସତ୍ୟକୁ ପ୍ରଶ୍ରୟ ଦିଏ ନାହିଁ। ଏହା ହିଁ ଭାରତର ଚରିତ୍ର। ତେବେ ଏଠି ପ୍ରଶ୍ନ ଉଠେ ଏତେ ଲକ୍ଷଣଯୁକ୍ତ ଭାରତର ଏ ଦୁରବସ୍ଥା କ'ଣ ସ୍ୱତଃ ନା ମାନବକୃତ? ପ୍ରଶ୍ନର ଉତ୍ତର ଗୋଟିଏ ଛୋଟ ଉଦାହରଣରେ ମିଳିଯିବ।

ତାହା ହେଲା, ଦେବଭୂମି ହିମାଳୟର ଗିରିଗହ୍ୱରରୁ ପ୍ରବାହିତ ହୋଇ ଅନେକ ଔଷଧୀୟ ବୃକ୍ଷଙ୍କର ପାଦସ୍ପର୍ଶ କରି ନିଜର ଶୁଦ୍ଧ ବୁଦ୍ଧ ଏବଂ ପବିତ୍ର ଭାବକୁ ନେଇ କଳକଳ ନାଦରେ ବହିଯାଉଥିବା ଗଙ୍ଗା ନଦୀ



ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ଉପଲକ୍ଷେ

ହିମାଳୟ ଛାଡି ତଳକୁ ଆସିଗଲେ ଏତେ ଦୂଷିତ ହେଉଛି କ'ଣ ନିଜ ଦୋଷରୁ ନା ମାନବର ଅଜ୍ଞାନତା ଓ ଅପାରଗରୁ? ଅନେକ ପାରିପାର୍ଶ୍ୱିକ କାରଣକୁ ନେଇ ଆଜକୁ ପ୍ରାୟ ୪୦୦ ବର୍ଷ ତଳର ଭାରତ ଏବଂ ଆଜିର ଭାରତ ଭିତରେ ଆକାଶପାତାଳର ତାରତମ୍ୟ ପରିଲକ୍ଷିତ ହୁଏ। ବିଗତ ୪୦୦ ବର୍ଷ ସମୟର ପ୍ରବାହରେ ଏ ଦେଶ କ୍ରମାନୁସାରେ କିଛି ଅସାମାଜିକ ଲୋକଙ୍କ ଯୋଗୁ ନିଜର ପ୍ରାଚୀନ ଗୌରବକୁ ହରାଇଛି। ସର୍ବପ୍ରଥମେ କିଛି ଏକଚ୍ଛତ୍ରବାଦୀ ଶାସକଙ୍କର ଲୋଲୁପ ଦୃଷ୍ଟିର ଶିକାର ହୋଇଛି ଭାରତବର୍ଷ। ତା'ର ଠିକ୍ ପରେ ପରେ ଇଂରେଜମାନଙ୍କର ତାଡ଼ନାରେ ମୂର୍ଚ୍ଛିତ ହୋଇଛି ଏ ଦେଶର ପୁରପଲ୍ଲୀ। ଏହା ଭିତରେ ଅନ୍ତର୍ଦ୍ଦେଶୀୟ ବିଶ୍ୱାସଘାତୀଙ୍କର ନିର୍ଘାତ ପ୍ରହାରରେ ସଂଜ୍ଞାହୀନ ହୋଇଛି ଏ ଜାତିର ପ୍ରାଣ। ସବୁଠାରୁ ଦୁଃଖଦ ବିଷୟ ହେଲା ବିଗତ କିଛିବର୍ଷ ହେଲା କୁତ୍ସିତ ରାଜନୀତି ଏବଂ ମୁଷ୍ଟିମେୟ ରାଷ୍ଟ୍ର ବିଭାଜନକାରୀ ଶକ୍ତିଙ୍କ ଚକ୍ରବ୍ୟୂହର ଏ ଦେଶ ଏକ ନୀରବ ଦର୍ଶକ ସାଜିଛି।

ସ୍ୱାମୀ ବିବେକାନନ୍ଦ ଯେବେ ଜନ୍ମଗ୍ରହଣ କଲେ ସେତେବେଳକୁ ଏ ଦେଶର ବାତାବରଣ ଭିତରକୁ ପ୍ରବେଶ କରିସାରିଥିଲା ଅନେକ ନକାରାତ୍ମକ ଶକ୍ତି। ନିଜକୁ ଦେବତା ଏବଂ ଗୁରୁ ବୋଲାଉଥିବା କିଛି ଅଜ୍ଞାନଙ୍କର ବାକ୍‌ପ୍ରବାହରେ ଦୂଷିତ ହୋଇ ସାରିଥିଲା ଏ ଦେଶର କୋଟିକୋଟି ସରଳ ଜୀବନ। ଅନ୍ଧବିଶ୍ୱାସ, ଧନୀ-ଗରିବର ଭେଦଭାବ, ଜାତିପ୍ରଥା ତଥା ଅନେକ କୁସଂସ୍କାର କବଳିତ କରିସାରିଥିଲା ମାନବର ସରଳ ମନକୁ। ତା' ଭିତରେ ଯତ୍ପରୋନାସ୍ତି ସଂଘର୍ଷ କରି ସମାଜରେ ସତ୍ୟ, ଧର୍ମ ଓ ଶାନ୍ତି ପ୍ରତିଷ୍ଠା ପାଇଁ ସ୍ୱାମିଜୀ ଖୁବ୍ ପ୍ରୟାସ କରିଛନ୍ତି ଏବଂ ଅନେକାଂଶରେ ସଫଳ ମଧ୍ୟ ହୋଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏ ଦେଶର ବାସ୍ତବ ଚିତ୍ରକୁ ସ୍ୱାମିଜୀ ଯେଭଳି ଉପସ୍ଥାପନ କରିଛନ୍ତି ତାକୁ ଅବଗମନ କରି ଆଜିର ମାନବ କେତେଦୂର ନିଜ ମାନବିକତାର ମାପକାଠିରେ ନିଜକୁ ମାପି ପାରୁଛି। ସମସ୍ତ ତତ୍ତ୍ୱରେ ପରିପୂରିତ ଏ ଦେଶ ପାଇଁ ନୂତନ କିଛି କରିବାର ଆବଶ୍ୟକତା ନାହିଁ କିନ୍ତୁ ଆବଶ୍ୟକତା ରହିଛି ଯାହା ବର୍ତ୍ତମାନ ରହିଯାଇଛି ଏବଂ ଯାହା ଦିନୁଦିନ କ୍ଷୟ ହୋଇଯାଉଛି ତା'ର ସୁରକ୍ଷା। ଏହାର ଉପାୟ ଏ ଦେଶର ପ୍ରତ୍ୟେକ ନାଗରିକଙ୍କ ପାଖରେ ହିଁ ରହିଛି। ଏକ ସଚେତନ ମନ, ଦେଶପ୍ରେମର ଭାବ ଏବଂ ସମାଜ ପ୍ରତି ଆମର ଉତ୍ତରଦାୟିତ୍ୱକୁ ଚିନ୍ତନ କରି ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତକୁ ସାକାର କରିବା ମାନବର ଲକ୍ଷ୍ୟ ହେଉ।

ଭଗବାନ ସମସ୍ତଙ୍କ ହୃଦୟରେ ବିରାଜମାନ ଅଛନ୍ତି, ସେଥିପାଇଁ ଉପନିଷଦ କହିଛନ୍ତି, ଅହଂ ବ୍ରହ୍ମାସ୍ମି ଅର୍ଥାତ୍ ମୁଁ ନିଜେ ବ୍ରହ୍ମ। ତେଣୁ ମାନବ ଚାହିଁଲେ ନିଜର ଦିବ୍ୟତ୍ୱକୁ ପରିପ୍ରକାଶ କରି ଏ ସମାଜ ପାଇଁ ଅନେକ କିଛି ଆଦର୍ଶପୂର୍ଣ୍ଣ କାର୍ଯ୍ୟ କରିପାରିବ। ଯେପରି ସ୍ୱାମୀ ବିବେକାନନ୍ଦ ନିଜର ଦିବ୍ୟ ଭାବନାକୁ ଉଦ୍ରେକକରି ଭାରତକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ପୂର୍ଣ୍ଣତଃ ସମର୍ଥ ହୋଇଥିଲେ।

ଅଧ୍ୟାପକ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ମୋ- ୮୮୯୭୪୨୬୨୪୩

## ଏଇ ଭାରତରେ

ମାନବର ସେବା କରିବା ମାଧବଙ୍କ ସେବା କରିବା ସହିତ ସମାନ। କିନ୍ତୁ ମୃତବ୍ୟକ୍ତିର ବ୍ୟବଚ୍ଛେଦ କରାଇ ଜଣେ ପୋଲିସ କନ୍‌ଷ୍ଟେବଳ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେବା ମନୋବୃତ୍ତି ରଖି ସେ ଦୀର୍ଘ ୧୦ବର୍ଷ ଧରି ଶବ ବ୍ୟବଚ୍ଛେଦ ବେଳେ ଉପସ୍ଥିତ ରହି ଆସୁଛନ୍ତି। ପୋଲିସ ବିଭାଗରେ ଯୋଗଦେଇଥିବା ଏହି ଜନସେବୀ ହେଉଛନ୍ତି କନ୍‌ଷ୍ଟେବଳ ଅଙ୍ଗଦ ବାଲ୍ମୀକି। ସେ ଏବେ ଜନସେବାକୁ ପ୍ରମୁଖ କାର୍ଯ୍ୟ ବୋଲି ଧରି ନେଇଛନ୍ତି। ସେ ଗତ ୧୦ବର୍ଷ ଧରି ରାଜସ୍ଥାନର ଜୟ ଆରୋଗ୍ୟ ହସ୍ପିଟାଲ ଫାଣ୍ଡିରେ ମୁତୟନ ଅଛନ୍ତି। ଏଠାରେ ତାଙ୍କୁ ପୋଷ୍ଟମର୍ଟମ ରୁମ୍‌ରେ ଅଧିକ ସମୟ ଉପସ୍ଥିତ ହେବାକୁ ପଡେ। କେତେକ ମୃତଦେହ ପଚିଶଢ଼ି ଗଲେ ପୋଷ୍ଟମର୍ଟମ ସମୟରେ ଦୁର୍ଗନ୍ଧ ହୋଇଥାଏ। ତେବେ ତାଙ୍କର ଆତ୍ମୀୟସ୍ୱଜନଙ୍କ ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଅଙ୍ଗଦ ଶୀଘ୍ର ପଞ୍ଚନାମାର ବ୍ୟବସ୍ଥା କରାଇଥାଆନ୍ତି। ମୃତଦେହ ସହିତ ୫ଜଣ ଲୋକ ଆସି ନ ଥିଲେ ଏପରିସ୍ଥଳେ ଅଙ୍ଗଦ ଅନ୍ୟ ଲୋକଙ୍କୁ ଯୋଗାଡ଼ କରିଥାଆନ୍ତି। ବେଳେବେଳେ ପୋଷ୍ଟମର୍ଟମ ପରେ ମୃତଦେହକୁ ନେବା ପାଇଁ ଆତ୍ମୀୟସ୍ୱଜନଙ୍କ ପାଖରେ ଅର୍ଥ ନ ଥାଏ। ଅଙ୍ଗଦ ନିଜ ପକେଟରୁ ଟଙ୍କା ଦେଇ ସେମାନଙ୍କୁ ଘରକୁ ଫେରିବାର ବନ୍ଦୋବସ୍ତ କରିଥାଆନ୍ତି। ଗତ ୧୦ବର୍ଷ ମଧ୍ୟରେ ସେ ୯ ହଜାରରୁ ଅଧିକ ମୃତଦେହର ପଞ୍ଚନାମା କରାଇଛନ୍ତି। ପୋଲିସ ବିଭାଗ ତାଙ୍କ ସେବା ମନୋବୃତ୍ତିକୁ ଦୃଷ୍ଟିରେ ରଖି ତାଙ୍କର ବଦଳି ଆଦେଶ ଦେଇନାହିଁ।

## ଚିରନ୍ତନୀ

ଏ ବିଶ୍ୱର ଏକତମ କେନ୍ଦ୍ର ଯାହା
ଚଉପାଶେ ଯା'ର
ଘୂରିବୁଲେ କୋଟି ଗ୍ରହ ବହି କୋଟି
ଆଚାର ବିଚାର।
ଦୟା ପ୍ରେମ ଜ୍ଞାନ ଧ୍ୟାନ ଦୁଃଖ ସୁଖ
ମାନ ଅପମାନ
ସକଳ ଊର୍ଦ୍ଧ୍ୱରେ ଉଡ଼େ ଜୀବନର
ବିଜୟ ନିଶାଣ।
ତାହାରି ଉଦ୍ଦେଶ୍ୟେ ଜାତ ସବୁ ଧର୍ମ
ନୀତି ଆଲୋଚନା
ସକଳ ସମସ୍ୟା ଦ୍ୱନ୍ଦ୍ୱ ଦିବା ନିଶି
ପ୍ରାଣାନ୍ତ ସାଧନା।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚଜାତି ଗରିବଙ୍କୁ ସଂରକ୍ଷଣ

ମହାଶୟ,

ଭାରତ ପରି ଏକ ଜନମଙ୍ଗଳ ରାଷ୍ଟ୍ରରେ ଆର୍ଥିକ ଅନଗ୍ରସର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା। ହେଲେ ଜାତିଭିତ୍ତିକ ସଂରକ୍ଷଣ ଫଳରେ ଉଚ୍ଚଜାତିର ଗରିବମାନେ ଦିନକୁ ଦିନ ଗରିବ ହେଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଉଚ୍ଚଜାତିର ଗରିବଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଅତୀତରେ ପ୍ରବାଦପୁରୁଷ ବିଜୁବାବୁ ମଧ୍ୟ କହିଥିଲେ ଯେ ଗରିବର ଜାତି ନାହିଁ। ତେଣୁ ଅର୍ଥନୈତିକ ଦୃଷ୍ଟିକୋଣରୁ ସଂରକ୍ଷଣ ବ୍ୟବସ୍ଥା କରାଗଲେ ଗରିବମାନଙ୍କ ବାସ୍ତବ ବିକାଶ ହୋଇପାରିବ। ଉଚ୍ଚଜାତିର ଅନଗ୍ରସର ଲୋକଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ ବିଲ୍ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାସ ହୋଇଛି। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜାତିଭିତ୍ତିକ ସଂରକ୍ଷଣ ନୁହେଁ ବରଂ ଯୋଗ୍ୟତା ଭିତ୍ତିରେ ଚାକିରି ମିଳିବା ଦରକାର। ତେବେ ଆର୍ଥିକ ଦୃଷ୍ଟିରୁ ଗରିବ ଛାତ୍ରୀଛାତ୍ରଙ୍କୁ ସରକାର ପାଠ ପଢିବା ପାଇଁ ଆବଶ୍ୟକ ଆର୍ଥିକ ସହଯୋଗ କରି ସେମାନଙ୍କୁ ଅଧିକ ଦକ୍ଷ ଏବଂ ଯୋଗ୍ୟ କରି କେବଳ ଯୋଗ୍ୟତା ଓ ଦକ୍ଷତା ଭିତ୍ତିରେ ଚାକିରି ପ୍ରଦାନ କଲେ ଦେଶ ସମୃଦ୍ଧ ହେବ।

ସନ୍ତୋଷ କୁମାର ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### କୋଟିପତି ଜୁନିୟର ଏମ୍‌ଭିଆଇ

କିଛିଦିନ ତଳେ ଭଦ୍ରକର ଜୁନିୟର ଏମ୍‌ଭିଆଇ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲ ଯିବା ଘଟଣା ଧରିତ୍ରୀରେ ପ୍ରକାଶ ପାଇଥିଲା। ଅବଶ୍ୟ ଏପରି କୋଟିପତିଙ୍କ ସଂଖ୍ୟା କମ୍ ନୁହେଁ। କେବଳ ସମୟାନ୍ତରରେ ଗୋଟେ ଅଧେ ଘଟଣା ପଦାକୁ ଆସି ହଇଚଇ ସୃଷ୍ଟି କରିବା ପରେ ପୁଣି ସବୁ ଚୁପ୍‌ଚାପ ହୋଇଯାଏ। ଓଡ଼ିଶା ଦରିଦ୍ର ରାଜ୍ୟ ରୂପେ ପରିଗଣିତ ହୋଇ ସ୍ୱତନ୍ତ୍ର ପାହ୍ୟା ଦାବି କରୁଥିବା ବେଳେ ପ୍ରଶାସନରେ ଥିବା ପିଅନ, ଡ୍ରାଇଭରଠାରୁ ଆରମ୍ଭ କରି ଉଚ୍ଚ ପଦପଦବୀରେ ଥିବା ବାବୁମାନେ କୋଟିପତି ହେବାର ସୁଯୋଗ ହାତଛଡ଼ା କରୁନାହାନ୍ତି। ଏପରି ଲାଞ୍ଚଖୋରମାନଙ୍କୁ ପ୍ରଥମେ ଚାକିରିରୁ ବହିଷ୍କାର କରାଯାଉ ଓ ପରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ଶିବିର

ସମ୍ବଲପୁର, ୧୧।୧ (ବ୍ୟୁରୋ): ନେତାଜୀ ସୁବାସଚନ୍ଦ୍ର ବୋଷ (ଏନଏସସିବି) କଲେଜରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ହରିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅଧାପିକା ଏସ. ପୂର୍ତ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମିଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ସମ୍ବଲପୁର ଜିଲା ପରମାଣପୁରସ୍ଥିତ ଡା. ଝସକେତନ ସାହୁ କଲେଜରେ ଶୁକ୍ରବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଯୁକ୍ତ ୨ର ୧୨୦ଜଣ ଛାତ୍ରୀ ସାମିଲ ହୋଇଥିଲେ । ଲକ୍ଷ୍ମୀ ପଣ୍ଡିତ ଓ ମୌସୁମି ସୁନା ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଛନ୍ତି । ପ୍ରାଧାପକ ପୂର୍ଣ୍ଣଚନ୍ଦ୍ର ସେଠ ସୂଚନା ପ୍ରଦାନ କରିଥିଲେ । ୧୨ଦିନ ପର୍ଯ୍ୟନ୍ତ ଶିବିର ଚାଲିବ ।

■ଚେତି ଶୁଇଛେ ପରଶାସନ

# ବେଧଡ଼କ ଚାଲିଛେ ଅସାଧୁ ବେପାରିକର ରାଜୁତି

**ସମ୍ବଲପୁର,୧୧।୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ବିଲମ୍‌ରେ ଧାନ ଘିନା ଆରମ୍ ହେଇଥିଲା। ହେଲେ ଏହେଦେ ବଡ଼ଭାଗି ଚାଷୀକର ଧାନବିକା ସରିଯାଇଛେ। ଜିଲା କୃଷକ ସଂଗଠନ ତରଫୁ ଆଗ୍‌ରୁ ଜିଲା ପରଶାସନକେ ଚଲତି ବଛର ଶେଷ ଆଡ଼କେ ଧାନ ଚୁରା ଚାଲାନ ହେବା ବଲି ସଚେତନ କରିଥିଲା। ହେଲେ ପରଶାସନ ଇ କଥାକେ ଗୁରୁତ୍ ନାଇଁ ଦେବାର। ଯେନ୍‌ଥିରଲାଗି ଏହେଦେ ସେ ଅସବିଧାଟା ଭିନେ ଭିନେ ମାର୍କେଟରେ ଦେଖିବାକେ ମିଲୁଛେ। ଚାଷୀମାନେ ପରଶାସନ ଚେତି ଶୁଇଛେ ବଲି ଅଭିଯୋଗ କରିଛନ୍। ମାର୍କେଟ ୟାର୍ଡମାନକେ ଏହେଦେ ବେପାରୀ ଲାଗିପଡ଼ିଛନ୍। ଫିଦିନ ଜିଲା ବାହାରୁ ମାର୍କେଟ ୟାର୍ଡମାନକେ ଧାନ ଆସୁଛେ। ଆରଏମସି ଗେଟମାନ ଉଠିଯିବା ଆର ରାସ୍‌ତାରେ ଧରପଗଡ଼ ନାଇଁ ହେବାର ଲାଗି ବେପାରୀମାନେ ଆରାମରେ ଧାନ ନେବାର ଆନବାର କରୁଛନ୍। ଆଘର ରାତିରୁ ଧାନ ଆନି ମାର୍କେଟ ୟାର୍ଡରେ ବିକୁଛନ୍। ଥାନୀୟ ଚାଷୀମାନକରନୁ କୁଇଣ୍ଟାଲ ପିଛା ୧ଶହ ଟଙ୍କା ଦେଇ କାର୍ଡ ଘିନୁଛନ୍ ଆର ତାକର ନାଁରେ ବିକୁଛନ୍। ଏନ୍‌ତା ଗୁଁଦ୍‌ଲାଗୁପା କରି ଭାଗ ଚାଷୀ ନାଁରେ କାର୍ଡ ବି ତିଆର କରୁଛନ୍। ମାର୍କେଟରେ ଧାନ ବିକ୍‌ଲା ଉତାରୁ ଖାଲି କରବାକେ ମିଲକେ ନାଇଁଯିବାର। ବେପାରୀମାନେ ମିଲର୍ସମାନକର ସଂଗେ ସଲାସୁତରା କରୁଛନ୍। ସେଥିରଲାଗି ମିଲରେ ଧାନ ଅନଲୋନ ନାଇଁକରି ବି ମିଲର୍ସମାନେ ଉଜନର ରିପୋର୍ଟ ସମବାୟ ସମିତିକେ ଦେଉଛନ୍। କାଗଜ କଲମରେ ଚାଲିଛେ ଧାନ ଘିନାବିକା। ଇଥିରେ ଯୋଗାଣ ବିଭାଗ ପାଁଝଲଗୁଲି ସାଜିଥିବାର ଅଭିଯୋଗ ହେଉଛେ।

**ଧରପଗଡ଼ ଲାଗି ଖାସ୍ ସ୍କ୍ୱାଡର ବେବସ୍‌ତା ନାଁଇଁ**

■ଟିପି କାଟଲା ଉତାରୁ ମିଲକେ ନାଇଁଯିବାର ଧାନ
■ମିଲର୍ସ ବେପାରୀକର ଭିତରେ ପାଁଝଲଗୁଲି ସାଜିଛେ ଯୋଗାଣ ବିଭାଗ
■ଆଜିନୁ ସମ୍ବଲପୁର ଉପଖଣ୍ଡର ମାର୍କେଟ ୟାର୍ଡମାନ ବଁଦ୍ ହେଲା।

ସେନ୍‌ତା ଅଦିନିଆଁ ବର୍ଷାରେ ଜିଲାର ରେଢ଼ାଖୋଲ ଆର ନାକଟିଦେଉଲ ବ୍ଲକରେ କମ ଫସଲ ଖରାପ ହେଇଥିଲା ବେଲେ ପାଖାପାଖି ସବୁ ବ୍ଲକ୍‌ମାନକେ ଫସଲ ଖରାପ ହେଇଥିବାର କୃଷି ବିଭାଗ ରିପୋର୍ଟ ଦେଇଥିଲା। ଇଆଡ଼େ ଚଲତି ବଛର ଧାନ ଅମଲ ଠିକ୍ ନାଇଁ ହେଇଥିବାର ଚାଷୀମାନେ ଅଭିଯୋଗ କରିଛନ୍। ହେଲେ ଏହେଦେ ଫିଦିନ ମାର୍କେଟମାନକେ ବାହାରୁ ଟ୍ରକ ଟ୍ରକ ଧାନ ଆସୁଛେ। ଇ ବାବ୍‌ଦେ ଉପ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁଁ ପଚରାଲାରୁ ମାର୍କେଟମାନକେ ଇ ସବୁ ବଁଦ୍ କରବାର ଲାଗି ଖାସ୍ ବେବସ୍‌ତା କରାଯିବା ବଲି କହିଥିଲେ। ସେନ୍‌ତା ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ ଯେ ଚାଷୀ ସଂଗଠନ ତରଫୁ ଇ କଥାଟାକେ ସଁଧେ କରି ଅଭିଯୋଗ କରାଯାଇଥିଲା। ଫିଦିନ ମାର୍କେଟ ୟାର୍ଡକେ ହଜାର ହଜାର ବସ୍‌ତା ଧାନ ଆସୁଛେ। ଇ ବାବ୍‌ଦେ ଜିଲାପାଳ ସମର୍ଥ ବର୍ମାଙ୍କୁଁ ଉପ ସମିତି ବଇଠକ୍‌ରେ ଅଭିଯୋଗ କରିଥିଲୁଁ। ଜାନୁୟାରୀ ୧୨ ତାରିଖରୁ ସମ୍ବଲପୁର ଉପଖଣ୍ଡରେ ଥିବାର ମାର୍କେଟ ୟାର୍ଡମାନ ବଁଦ୍ ହେବା। ସେନ୍‌ତା କୁଚିଣ୍ଡା ଆର ରେଢ଼ାଖୋଲରେ ଥିବାର ମାର୍କେଟ ୟାର୍ଡମାନ ଜାନୁୟାରୀ ଶେଷ ତକ୍ ଖୁଲା ରଖିବାକେ ଥିର ହେଇଛେ ବଲି ସେ କହିଥିଲେ।

### ଅଲସୁଆ ବାବାଙ୍କ ଶ୍ରାଦ୍ଧ ଉତ୍ସବ, ଅଷ୍ଟପ୍ରହର ନାମଯଜ୍ଞ

**ରେଢ଼ାଖୋଲ,୩।୧(ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତର ମୂଷାକଟାସ୍ଥିତ ସାଧୁପାଳ ମନ୍ଦିର ପରିସରରେ ସାଧୁ ଅବଧୂତ ସନ୍ୟାସୀ ଅଲସୁଆ ବାବାଙ୍କ ୪୬ ତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଳସ ଯାତ୍ରା, ଅଧିବାସ ହୋଇଥିଲା। ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ ମହେଶ ପ୍ରଧାନ ଓ ସୁଷମା ପ୍ରଦାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗୋପିନାଥ ପଣ୍ଡା, ମାଧବ ପଣ୍ଡା, ଟିକୁନୁ ହୋତା ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ନାମ ଯଜ୍ଞରେ ରେଢ଼ାଖୋଲ ସମେତ ବୌଦ୍ଧ, ସୋନପୁର, ଯୁଯୋମୁରା ଆଦି ଅଞ୍ଚଳରୁ ୨୫ ଦଳ ସଂକୀର୍ତ୍ତନ ମଣ୍ଡଳି ଯୋଗ ଦେଇ ଥିଲେ। ଶୁକ୍ରବାର ସକାଳେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଦିଲ୍ଲୀପ ପ୍ରଧାନ, ରୋହିତ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ଗୁଣନିଧି ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଯଦୁନାଥ ସାହୁଙ୍କ ସମେତ ବଂଶାଜାଲ, ତ୍ରିବଣପୁର, ଗରଗଡବାହାଲ, ଓ ତ୍ରିବଣପୁର ପଞ୍ଚାୟତର ୨୨ଟି ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ବାବାଙ୍କ ଶ୍ରାଦ୍ଧ ଉତ୍ସବ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

# ଠକେଇରେ ଜଡିତ ଅଭିଯୁକ୍ତ ରିମାଣ୍ଡରେ କଲିକତାରୁ ଆସିଲେ

**ସମ୍ବଲପୁର,୧୧।୧(ବ୍ୟୁରୋ)**




ସମ୍ବଲପୁର ସାଇବର ସେଲ୍ ଗିରଫ କରିଥିବା ଅଭିଯୁକ୍ତ ।

ସମ୍ବଲପୁର ଜିଲା ପୋଲିସର ସାଇବର ସେଲ୍ ବହୁ ମାମଲାରେ ସଂପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ କଲିକତାରୁ ରିମାଣ୍ଡରେ ଆଣିଛି। ଅଭିଯୁକ୍ତ ହେଲେ ବିହାର ରାଜ୍ୟ ଗୟା ଦନେତା ଫତେପୁରର ସୁରେନ୍ଦ୍ର କୁମାର (ମଣ୍ଟୁ ସିଂ)। ସୁରେନ୍ଦ୍ର ଏବେ କଲିକତାର ଏଲିପୋରେ ଜେଲରେ ବିଚାରଧୀନ କଏଦୀ ଭାବେ ରହିଛନ୍ତି। ସମ୍ବଲପୁର ପୋଲିସ ସ୍ଥାନୀୟ କୋର୍ଟରେ ଆବେଦନ କରି ତାଙ୍କୁ ରିମାଣ୍ଡରେ ସମ୍ବଲପୁର ଆଣୁଛି । ସୂଚନାଯୋଗ୍ୟ ଯେ ସମ୍ବଲପୁର ଜିଲାରେ ୨୦୧୮ ମେ ଓ ଜୁନ ମାସରେ ବିଭିନ୍ନ ଉପାୟରେ ୯ ଲକ୍ଷ ୫୭ ହଜାର ଟଙ୍କା ଠକେଇ ହୋଇଥିଲା । ଏ ନେଇ ଅଭିଯୋଗ କ୍ରମେ ସାଇବର ଥାନାରେ ପୃଥକ ପୃଥକ ୫ ଟି ମାମଲା ରୁଜୁ ହୋଇଥିଲା । ଏସ୍‌ଆଇ ଦେବଦତ୍ତ ବସ୍ତିଆଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୧୧।୧ (ବ୍ୟୁରୋ)

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ଶୁକ୍ରବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ବିଷୟରେ ବିଶଦ ଆଲୋଚନା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ସଦର ଉପଜିଲାପାଳ ପ୍ରଦୀପ କୁମାର ସାହୁ, ମହାନଗର ନିଗମ କମିଶନର ଜ୍ଞାନରଞ୍ଜନ ଭଞ୍ଜଦେଓ ଯୋଗ ଦେଇଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ବରିଷ୍ଠ ନାଗରିକ, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ମହିଳା ଅନୁଷ୍ଠାନର ସଭ୍ୟା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ । ଚଳିତ ବର୍ଷ ଜେଲ ଛକ ନେଲସନ୍ ମେଣ୍ଡେଲା ରାସ୍ତାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଛି ।

# ଏସ୍‌ବି ହାଇସ୍କୁଲର ବାର୍ଷିକ କ୍ରୀଡା





ସମ୍ବଲପୁର ଏସବି ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବରେ ବାଳିକା ବର୍ଗ ଚାମ୍ପିୟାନ ଅଞ୍ଜଳୀ ରଣା (ବାମ) । ବାଳକ ବର୍ଗ ଚାମ୍ପିୟାନ ସମିର ପ୍ରଧାନ ।

**ସମ୍ବଲପୁର, ୧୧।୧ (ବ୍ୟୁରୋ)**

ଶୋଭାରାମ ବୁଢ଼ିଆ (ଏସବି) ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ବଢ଼େଇଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ଗୋପାଳପାଲି ଉପକଣ୍ଠସ୍ଥ ମାଁ ବନଦୁର୍ଗା ମନ୍ଦିରରୁ ଛାତ୍ରୀଛାତ୍ର ମଶାଲ ଆଣି ସ୍କୁଲ ପରିସରରେ ପହଞ୍ଚିଥିଲେ । ଏହା ପରେ ଇଭେଣ୍ଟ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବାଳିକା ବର୍ଗରେ ଅଞ୍ଜଳି ରଣା ଓ ବାଳକରେ ସମିର ପ୍ରଧାନ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ । ସମ୍ବଲପୁର ଜିଲା ଓଷ୍ଟା ଯୁଗ୍ମ ସମ୍ପାଦକ ବିଭୁତିଭୂଷଣ ଚାନ୍ଦ, ଧନକଉଡା ବ୍ଲକ ଓଷ୍ଟା ବ୍ଲକ ସଭାପତି ପ୍ରେମାନନ୍ଦ ଖମାରୀ, ଯୁଯୁମୁରା ବ୍ଲକ ଓଷ୍ଟା ସଭାପତି ବିଶ୍ୱମିତ୍ର ଦୀପ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଖେଳ ଶିକ୍ଷକ ରାଜାରାମ ପଣ୍ଡା ଇଭେଣ୍ଟ ପରିଚାଳନା କରିଥିଲେ । ବିଜୟ କୁମାର ସାହୁ, ଅନନ୍ତ ଭୋଇ, ବିଳାସିନୀ ବାବୁ, ଚିତ୍ତରଞ୍ଜନ ସ୍ୱାଇଁ, ଦେବଦତ୍ତ ପଣ୍ଡା, ତୃପ୍ତିମୟୀ ସ୍ୱାଇଁ, ବୀରେନ୍ଦ୍ର ସାହୁ, ସନାତନ ମାଝୀ, ମନବୋଧ ମିର୍ଦ୍ଧା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଭିଏସଏସ ମାର୍ଗରେ ମେକାନିକ୍ ମିଟ୍




ଶୁକ୍ରବାର ସମ୍ବଲପୁର ମେକାନିକ୍ ମିଟ୍ କାର୍ଯ୍ୟକ୍ରମ ଜେକେ ଅଟୋ ପକ୍ଷରୁ ପୁରସ୍କୃତ କରାଯାଉଛି ।

**ସମ୍ବଲପୁର,୧୧।୧(ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ମାର୍ଗସ୍ଥିତ ଏକ ହୋଟେଲରେ ମେକାନିକ୍ ମିଟ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜେକେ ଅଟୋର ଅଧ୍ୟକ୍ଷ ରିତେଶ ଶର୍ମା ଯୋଗଦେଇ ମେକାନିକ୍‌ମାନଙ୍କ ସହ ଆଲୋଚନା କରିଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ୫୦ଜଣ ବରିଷ୍ଠ ଓ କନିଷ୍ଠ ମେକାନିକ୍ ଯୋଗ ଦେଇଥିଲେ । ସୁଦାମ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଗୋଧିଡ଼ିପ-ହିକପାଲି ରାସ୍ତା କାମର ଶିଳାନ୍ୟାସ

**ନାକଟିଦେଉଳ,୧୧।୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଧିଡ଼ିପରୁ ହିକପାଲି ପର୍ଯ୍ୟନ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କାମ ହେବ। ଏଥିପାଇଁ ଶୁକ୍ରବାର ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଶିଳାନ୍ୟାସ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ୭.୫ କି.ମି. ରାସ୍ତା ପାଇଁ ସମୁଦାୟ ୩ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ରାସ୍ତା ହେବା ଦ୍ୱାରା ଗୌଡ଼ପଡ଼ା, କରଡ଼ାପାଳ, ମହୁଲପାଲୀ, ଜେମାଯୋରୀ ଆଦି ଗ୍ରାମର ଲୋକଙ୍କ ଗମନାଗମନରେ ଉନ୍ନତି ହେବା ସହ ସେମାନଙ୍କ ଅର୍ଥନୈତିକ ବିକାଶ ଦିଗରେ ଏହା ସହାୟକ ହୋଇପାରିବ । ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବ ବୋଲି ବିଧାୟକ କହିଛନ୍ତି। ବିଭାଗୀୟ ଜେଇ ବିଭୁ ବେହେରା, ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ, ରାମପ୍ରସାଦ ସାହୁ, ପିଣ୍ଟୁ ଧଳ, ଧୀରେନ ସାହୁ, ମଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୋଷୀ ହେଲା ଠିକା ସଂସ୍ଥା

**ସମ୍ବଲପୁର,୧୧।୧(ବ୍ୟୁରୋ)**

■ଆହାର କେନ୍ଦ୍ରରେ ଖାଦ୍ୟ ଫିଙ୍ଗା ଘଟଣା
■କାରଣ ଦର୍ଶାଅ ନୋଟିସ, କଡା ତାଗିଦ
■ମାନା ଟ୍ରଷ୍ଟ ଉପରେ କାର୍ଯ୍ୟାନୁଷ୍ଠାନ
■୨୭ ଶହ ମିଲ୍‌ର ଟଙ୍କା ଦିଆଯିବନି

ସମ୍ବଲପୁର ମହାନଗର ନିଗମ ଅଧୀନରେ ଚାଲିଥିବା ଆହର କେନ୍ଦ୍ରରୁ ଗୁରୁବାର ପ୍ରାୟ ୮ ହଜାର ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ଫିଙ୍ଗା ଯାଇଥିଲା। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା । ଏହି ଘଟଣାରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଜିଲାପାଳ ସମର୍ଥ ବର୍ମା ଠିକା ସଂସ୍ଥା ମାନା ଟ୍ରଷ୍ଟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏହା ସହ ୨ ଦିନରେ ୨୭ ଶହ ମିଲ୍‌ର ମୋଟ ୪୦ ହଜାର ୫ ଶହ ଟଙ୍କା ବିଲ୍‌ରୁ କାଟି ଦେବାକୁ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି। ଠିକା ସଂସ୍ଥାକୁ ଏଥିରେ ଦୋଷୀ କରାଯାଇଛି । ଯଦି ବନ୍ଦ ପାଳନ ହେବା ଫଳରେ ପ୍ରଥମ ଦିନରେ ଖାଦ୍ୟ ବଳିଥିଲା ତାହା ହେଲେ ସେ କାହିଁକି ମହାନଗର ନିଗମକୁ ଜଣାଇଲା ନାହିଁ। ଅନ୍ୟପକ୍ଷେ ଦ୍ୱିତୀୟ ଦିନରେ ପୁଣି ଜାଣିକି ଏତେ ପରିମାଣର ଖାଦ୍ୟ ରନ୍ଧା ଯାଇଥିଲା । ଖାଦ୍ୟ ବଳିଥିବା ନ ଜଣାଇ କାହିଁକି ଫିଙ୍ଗା ଗଲା ବୋଲି ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ହୋଇଛି। ଅନ୍ୟପଟେ ଚଞ୍ଚକତା କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିବାର ଯୋଜନା ରହିଥିଲା । ଘଟଣା ପ୍ରଚାର ହେବା ପରେ ଏବେ ନିଜ ଦୋଷ ଚପାଇବାକୁ ପ୍ରଶାସନ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ମହାନଗର ନିଗମ ଓ ମାନା ଟ୍ରଷ୍ଟ ମଧ୍ୟରେ ସମନ୍ୱୟ ରହୁନାହିଁ । ପ୍ରତିଦିନ ଯାଞ୍ଚ କରାଯାଉ ନାହିଁ। ଠିକା ସଂସ୍ଥା କମ୍ ରୋଷେଇ କରି ନିୟମିତ ଅଧିକ ବିଲ୍ ତିଆରି କରୁଥିବା ସନ୍ଦେହ ରହୁଛି । ଜିଲା ସଦର ଡାକ୍ତରଖାନା, ବୁର୍ଲା ଡାକ୍ତରଖାନା, ଲକ୍ଷ୍ମୀ ଟକିଜ ଛକ, ଚେରୁଆପଡା, ଜେଲଛକରେ ଆହର କେନ୍ଦ୍ର ରହିଛି । ସେଥିରୁ ସହରରେ ଥିବା ଆହାର କେନ୍ଦ୍ରରୁ ଗୁରୁବାର ସକାଳେ ଟ୍ରାକ୍ଟର ଯୋଗେ ବଳକା ଖାଦ୍ୟ ନେଇ ଦୁର୍ଗପାଲିସ୍ଥିତ ଡମ୍ପିଂୟାର୍ଡରେ ଫିଙ୍ଗା ଯାଇଥିଲା । ଓକିଲ ସଂଘର ୩ ଦିନିଆ ଅର୍ଥନୈତିକ ଅବରୋଧ ଓ ଭାରତ ବନ୍ଦ ପାଳନ ଯୋଗୁ ଏଭଳି ହୋଇଥିବା ମହାନଗର ନିଗମ ଓ ଠିକା କମ୍ପାନୀ ସଫେଇ ଦେଇଥିଲା। ପ୍ରତିଦିନ ୪ ହଜାର ୫ ଶହ ଲୋକଙ୍କ ଖାଇବା ତିଆରି ଦର୍ଶାଇ ଠିକା ସଂସ୍ଥା ମାନା ଟ୍ରଷ୍ଟ ପ୍ରାୟ ୧ ଲକ୍ଷ ୩୫ ହଜାର ସରକାରୀ ଟଙ୍କା ଲୁଟିଥିବା ଭଳି ସାଂଘାତିକ ଅଭିଯୋଗ ହୋଇଥିଲା।

### ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ କମ୍ବଳ ବଣ୍ଟନ

**ସମ୍ବଲପୁର, ୧୧।୧ (ବ୍ୟୁରୋ)**

ଆଦିତ୍ୟ ଆଲୁମିନିୟର ପକ୍ଷରୁ ଶୁକ୍ରବାର ରେଙ୍ଗାଲି ରାମଚନ୍ଦ୍ର ନଗର ସରକାରୀ ହାଇସ୍କୁଲ ଛାତ୍ରୀନିବାସରେ କମ୍ବଳ ବଣ୍ଟନ କରା ଯାଇଛି । ୧୧୦ ଜଣ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ରାଜୀବ ମିଶ୍ର, ସ୍କୁଲ ପ୍ରଧାନ ଶିକ୍ଷକ ଭଗବାନ ରାଉତ ଏବଂ କମ୍ପାନୀର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### କିଙ୍ଗଫିସର କପ୍ କ୍ରିକେଟ: ଜଗନ୍ନାଥ ପ୍ରସାଦ ଚାମ୍ପିୟନ

ନାକଟିଦେଉଳ,୧୧।୧(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ହାଇସ୍କୁଲ ଖେଳପଡ଼ିଆଠାରେ ଗତ ୪ତାରିଖ ଠାରୁ ଚାଲିଥିବା ସରାପାଲି କିଙ୍ଗଫିସର କପ କ୍ରିକେଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ଉପରମୁଣ୍ଡା ଏବଂ ଜଗନ୍ନାଥ ପ୍ରସାଦ ମଧ୍ୟରେ ଆୟୋଜିତ ହୋଇଥିଲା । ଟସ୍ ଜିଣି ଉପରମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୬୨ ରନ୍ କରିଥିଲା । ଜବାବରେ ଜଗନ୍ନାଥପ୍ରସାଦ ୧୯ ଓଭରରେ ୫ ଉଇକେଟ ହରାଇ ୧୬୩ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜଗନ୍ନାଥପ୍ରସାଦର ଅଗସ୍ତି ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଉପରମୁଣ୍ଡାର ସୌମ୍ୟରଞ୍ଜନ ରାଉଳଙ୍କୁ ମ୍ୟାନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା । ଧୀରେନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ, ଅନାଦି ଚରଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଜେତା ଏବଂ ଉପବିଜେତା ଦଳକୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଶେଷରେ ଶୈଳେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରହ୍ଲାଦ ଦାଶ ଏବଂ ପ୍ରିୟତମ ସେଠ ଖେଳ ପରିଚାଳନା କରିଥିଲେ।

# ବୁଢ଼ାରଜା ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ





ଶୁକ୍ରବାର ସମ୍ବଲପୁର ବୁଢ଼ାରଜା ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବରେ ଶଟପୁଟ୍ ଥ୍ରୋ ଇଭେଣ୍ଟ (ବାମ) । ଲମ୍ଫଡିଆଁ ଇଭେଣ୍ଟ ।

**ସମ୍ବଲପୁର, ୧୭।୧ (ବ୍ୟୁରୋ)**

ବୁଢ଼ାରଜା ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ସ୍କୁଲ ପରିସରରେ ଦୌଡ, ସଟପୁଟ, ଉଚ୍ଚଡିଆଁ ଇଭେଣ୍ଟ ହୋଇଥିଲା । ଏଥିରେ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୟାନିଧି ପୂଜାରୀ ମୁଖ୍ୟ ଅତିଥି ଓ ଶିକ୍ଷାବିତ ଉଦିତ ଚନ୍ଦ୍ର ପାଇଯୋଷୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବରିଷ୍ଠ ଶିକ୍ଷକ ହରନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଖେଳଶିକ୍ଷକ ସୁରେଶ୍ୱର କର୍ମୀ ଇଭେଣ୍ଟ ପରିଚାଳନା କରିଥିଲେ । ବଦ୍ରିନାରାୟଣ ପୁରୋହିତ, ଭୋଳାନାଥ ବିଶୋଇ ଏବଂ ଶିକ୍ଷୟିତ୍ରୀ ପୁଷ୍ପରାଣୀ ମିଶ୍ର ସହଯୋଗ କରିଥିଲେ । ଶନିବାର ଉତ୍ସବ ଉଦ୍‌ଯାପିତ ହେବ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

## ସଂକ୍ଷେପରେ

### କାଳିଆ ଏବେ ବିଜେଡିର ପିସି ଯୋଜନାରେ ପରିଣତ ହୋଇଛି: ଭାଜପା

**ଭୁବନେଶ୍ୱର, ୧୧।୧(ବ୍ୟୁରୋ):** ରାଜ୍ୟ ସରକାରଙ୍କ କାଳିଆ ଯୋଜନା ବିଜେଡିର ପିସି ଯୋଜନାରେ ପରିଣତ ହୋଇଯାଇଛି ବୋଲି ଭାଜପା ଅଭିଯୋଗ କରିଛି। କାଳିଆ ଯୋଜନା କୃଷକମାନଙ୍କ ପାଇଁ ବୋଲି ସରକାର କହୁଥିବାବେଳେ, ଏହା କିନ୍ତୁ ଦଳୀୟ ପାଣ୍ଠିଭାବେ ଖର୍ଚ୍ଚ କରିବାକୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ଅପରପକ୍ଷରେ କଂଗ୍ରେସ ମଧ୍ୟ କାଳିଆ ଯୋଜନାର ପୋଷ୍ଟର ଏବଂ ବ୍ୟାନର ଛାପିବାକୁ ନେଇ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ କରିଛି। ଭାଜପା ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବା ବଦଳରେ ଦଳୀୟ ଆଧାରରେ ହିତାଧିକାରୀ ଚୟନ କରାଯାଇଛି। ରାଜ୍ୟରେ ଭାଗଚାଷୀଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଯାହାଫଳରେ ଲକ୍ଷଲକ୍ଷ ଭାଗଚାଷୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କାଳିଆ ଯୋଜନାକୁ ନେଇ ଗାଁ, ଗହଳିରେ ବାଡାବାଡି ଆରମ୍ଭ ହୋଇଯାଇଛି। ପ୍ରକୃତ ଚାଷୀମାନେ ହକ୍ ଦାବି କରୁଥିବାବେଳେ ବିଜେଡି ଗୁଣ୍ଡାବାହିନୀ ଏବେ ସେମାନଙ୍କୁ ବାଡାବାଡି କରୁଛନ୍ତି। ଯୋଗ୍ୟ ହିତାଧିକାରୀଙ୍କ ମୁହଁକୁ ଚୁପ୍ କରିବା ପାଇଁ ବିଜେଡି ଗୁଣ୍ଡାବାହିନୀକୁ କାମରେ ଲଗାଇଛି ବୋଲି ସମୀର କହିଛନ୍ତି। ରାଜ୍ୟ ସରକାର 'କାଳିଆ' ଯୋଜନା ପାଇଁ ପୋଷ୍ଟର ଓ ବ୍ୟାନର ଛାପିବା ଲାଗି ଟେଣ୍ଡର ପ୍ରକ୍ରିୟା ସାରି ନାହାନ୍ତି। ମାତ୍ର ବର୍ତ୍ତମାନ ଉକ୍ତ ଯୋଜନାର ପୋଷ୍ଟର ଏବଂ ବ୍ୟାନର ଏକ ନିର୍ଦ୍ଦିଷ୍ଟ ଛାପାଖାନାରେ ଛପା ଯାଉଥିବା ନେଇ କଂଗ୍ରେସ ପାଖରେ ତଥ୍ୟ ଥିବା ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି। ରାଜ୍ୟରେ ଟେଣ୍ଡର ଫିକ୍ସିଂ ଚରମସୀମାରେ ପହଞ୍ଚିଛି ଏବଂ ବିନା ଟେଣ୍ଡରରେ 'କାଳିଆ' ଯୋଜନା ପାଇଁ ପୋଷ୍ଟର ଓ ବ୍ୟାନର ପ୍ରଭୃତି ଛପା ଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଟେଣ୍ଡର କାହାକୁ ଦିଆଯିବ ସେକଥା ଆଗରୁ ସ୍ଥିର ହୋଇସାରିଛି ଏବଂ ଲୋକ ଦେଖାଣିଆ ଭାବରେ ଟେଣ୍ଡର ପ୍ରକ୍ରିୟାକୁ ସମ୍ପାଦନ କରାଯାଉଛି। ଏହାଦ୍ୱାରା ପ୍ରାୟ ୧୫କୋଟି ଟଙ୍କାର ଫିକ୍ସିଂ ହୋଇଥିବା ସତ୍ୟ ପ୍ରକାଶ ଅଭିଯୋଗ କରିଛନ୍ତି।

■ ପ୍ରଦେଶ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ପିପିଲି ଗଣବଳାତ୍କାର ଘଟଣାକୁ ପ୍ରସଙ୍ଗ କରିବ ମହିଳା କଂଗ୍ରେସ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ପିପିଲି ଗଣବଳାତ୍କାର ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରି ବିଧାନସଭା ଘେରିବ କଂଗ୍ରେସ। ଏନେଇ ଚୂଡ଼ାନ୍ତ ତାରିଖ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଫେବୃୟାରୀ ୭ରୁ ୧୨ ମଧ୍ୟରେ ହୋଇପାରେ ବୋଲି ପ୍ରଦେଶ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା କହିଛନ୍ତି। ପ୍ରଦେଶ ମହିଳା କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଏନେଇ ଆଲୋଚନା କରାଯାଇଛି। ସ୍ଥାନୀୟ ଏକ ହୋଟେଲ୍‌ରେ ଶୁକ୍ରବାର ଆୟୋଜିତ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ସୁମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନିରଞ୍ଜନ କହିଛନ୍ତି ଯେ, ଶାସକ ବିଜେଡିର ଶାସନକାଳ ମଧ୍ୟରେ ନାରୀମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ରାଜ୍ୟ ସରକାରଙ୍କ ମା'କୁ ସମ୍ମାନ ଦେବାର ନାରା ଆଜି ଫେଲ ମାରିଛି। ୩୩ ପ୍ରତିଶତ ମହିଳାମାନଙ୍କୁ ବିଧାନସଭା ଓ ଲୋକସଭା ସଂରକ୍ଷଣ କଥା ଏକ ନିର୍ବାଚନ ଚାଲ୍ ବୋଲି ନିରଞ୍ଜନ କହିଛନ୍ତି। ରାଷ୍ଟ୍ରୀୟ ମହିଳା କଂଗ୍ରେସ ଅଧ୍ୟକ୍ଷା ତଥା ଏମ୍‌ପି ସୁସ୍ମିତା ଦେବ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ବାଚନ ପୂର୍ବର ମିଛ ପ୍ରତିଶ୍ରୁତିକୁ ଲୋକେ ବୁଝିସାରିଲେଣି ବୋଲି କହିଛନ୍ତି। ସୁସ୍ମିତା କହିଛନ୍ତି, ମହିଳା କଂଗ୍ରେସ ସୁସଙ୍ଗଠିତ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହିଳାମାରଣ ନୀତି ବିରୋଧରେ ଆନ୍ଦୋଳନ କରାଯିବ। ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦକ ଜି. ରୁଦ୍ରରାଜୁ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଛନ୍ତି, ମହିଳା କଂଗ୍ରେସ ରାଜ୍ୟର ପରିବର୍ତ୍ତନର ବାହାକ ହେବ। ପିପିଲି ଗଣବଳାତ୍କାର ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବ। ଅପରାହ୍ନରେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ସୁମିତ୍ରା ଜେନା ଏବଂ ସୁଶ୍ରୀ ସୁସ୍ମିତା ଦେବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି।



ଖବରଦାତା ସମ୍ମିଳନୀରେ ସୁମିତ୍ରା ଜେନା ଓ ରାଷ୍ଟ୍ରୀୟ ମହିଳା କଂଗ୍ରେସ ଅଧ୍ୟକ୍ଷା ସୁସ୍ମିତା ଦେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ଧ ଆଗେ ଦୀପ,**
**ବଧିର ଆଗେ ଗୀତ ।**

ଅନ୍ଧ କିଛି ଦେଖିପାରି ନ ଥାଏ। ଦୀପର ଜ୍ୟୋତି ତା'ର ଅନ୍ଧତ୍ୱକୁ ପ୍ରଜ୍ୱଳିତ କରିପାରି ନ ଥାଏ। ସେହିପରି କାନକୁ ଶୁଭୁ ନ ଥିବା ବ୍ୟକ୍ତି ଆଗରେ ସଙ୍ଗୀତର ମୂର୍ଚ୍ଛନା ବ୍ୟର୍ଥ ସାବ୍ୟସ୍ତ ହୋଇଥାଏ। କାଲ ଆଗରେ ମୂଳା ଚୋବାଇବା ଭଳି ଏସବୁ ମୂଲ୍ୟହୀନ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅତିଥି ପୂଜଇ ଯେ ଭାଗ୍ୟବନ୍ତ ଜାଣ,**
**ତାହା ସରି ଭାଗ୍ୟବନ୍ତ ନାହିଁ ସଂସାରେଣ ।**

ଅତିଥି ଦେବୋ ଭବଃ । ଆମ ସଂସ୍କୃତିରେ ଅତିଥିଙ୍କୁ ଉଚ୍ଚାସନ ଦିଆଯାଇଛି। ଅତିଥିଙ୍କୁ ଯିଏ ଦେବତା ଭଳି ପୂଜା କରନ୍ତି, ସମ୍ମାନ ଦିଅନ୍ତି ତାଙ୍କ ପ୍ରତି ଈଶ୍ୱର ପ୍ରୀତ ହୋଇଥାନ୍ତି। ଯଥାର୍ଥରେ ଏପରି ବ୍ୟକ୍ତି ହିଁ ସବୁଠାରୁ ବଡ଼ ଭାଗ୍ୟବନ୍ତ ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁଣି ଏକ ଶେଲ୍‌ଟର ହୋମ୍ ସିଲ୍

## କ୍ୟାମ୍ପ୍ ମାଧ୍ୟମରେ ୧୧୬ ଶିଶୁଙ୍କୁ ହସ୍ତାନ୍ତର

**ବ୍ରହ୍ମପୁର ଅଫିସ୍, ୧୧।୧**

କିଶୋର ନ୍ୟାୟ ଆଇନ ଉଲ୍ଲଂଘନ କରୁଥିବା ଶେଲ୍‌ଟର ହୋମରେ ଗଞ୍ଜାମ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇ ସେଗୁଡିକୁ ବନ୍ଦ କରାଯାଉଛି। ଗୁରୁବାର ବ୍ରହ୍ମପୁର ସହରର ୨ଟି ଶିଶୁ ଭବନ ବ୍ଲେସିଂ ବଏଜ ହୋମ ଓ ଗ୍ରେସ ଗୋସ୍‌ପେଲ୍ ଗ୍ରେସ ହୋମରେ ଚଢ଼ାଉ କରାଯାଇଥିଲା। ଉଭୟ ସ୍ଥାନରେ ଶିଶୁମାନଙ୍କ ରହିବା ପାଇଁ ମୌଳିକ ସୁବିଧା ନ ଥିବା ଜଣାପଡ଼ିବା ପରେ ସେସବୁକୁ ବନ୍ଦ କରାଯାଇଥିଲା। ଶୁକ୍ରବାର ପୁଣି ସହରରେ ଥିବା ୱାର୍ଲ୍ଡ ମିଶନ୍ ଇଭାନ୍‌ଜେଲିଜମ୍ ନାମକ ଏକ ଶେଲ୍‌ଟର ହୋମ୍‌ରେ ଚଢ଼ାଉ କରାଯାଇ ତାହାକୁ ସିଲ୍ କରି ଦିଆଯାଇଛି।

ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ଥିବା ୱାର୍ଲ୍ଡ ମିଶନ୍ ଇଭାନ୍‌ଜେଲିଜମ୍ ଶିଶୁ ଭବନରେ ପୂର୍ବରୁ ଚଢାଉ ହୋଇଥିଲା। ସର୍ବନିମ୍ନ ମୌଳିକ ସୁବିଧା ନ ଥିବା ହେତୁ ଏହାକୁ ବନ୍ଦ କରିବା ପାଇଁ ସେ ସମୟରେ ଜିଲାପ୍ରଶାସନ ପକ୍ଷରୁ ଶେଲ୍‌ଟର ହୋମ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଦିଆଯାଇଥିଲା। ତଥାପି ତାହା ବନ୍ଦ ହୋଇ ନ ଥିଲା। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ ଏବଂ ଶିଶୁ କଲ୍ୟାଣ କମିଟି ସଦସ୍ୟ ହରିହର ପାଢୀ, ସିଏଚ୍.ଜ୍ୟୋତି କୁମାରୀ, ଡ.ଶ୍ୟାମାକାନ୍ତ, ମିନତି ପ୍ରଧାନ ଏବଂ ଟାଉନ ଥାନା ପୋଲିସ ଚଢାଉ କରି ଉକ୍ତ ଶେଲ୍‌ଟର ହୋମକୁ ସିଲ୍ କରିଛନ୍ତି। ସେଠାରେ କ୍ୟାମ୍ପ୍ ଆୟୋଜନ କରାଯାଇ ଉଦ୍ଧାର ୮୮ ଶିଶୁଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର ହୋଇଥିବା ବିଭିନ୍ନ ଜିଲାର ଶିଶୁମାନଙ୍କର ତାଲିକା ସମ୍ପୃକ୍ତ ଜିଲାର ଶିଶୁ ସୁରକ୍ଷା ୟୁନିଟ୍‌କୁ ପଠାଇ ଦିଆଯାଇଛି। ସେଠାରେ ଏମାନଙ୍କ ଥାଇଥାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ ଷଡଙ୍ଗୀ କହିଛନ୍ତି। ଅନ୍ୟପକ୍ଷରେ ଗ୍ରେସ୍ ଗୋସ୍‌ପେଲ୍ ଗ୍ରେସ୍ ହୋମ୍‌ରୁ ଉଦ୍ଧାର ହୋଇଥିବା ୩୫ ଅନ୍ତେବାସୀଙ୍କ ମଧ୍ୟରୁ ୨୮ ଜଣଙ୍କୁ ପୂର୍ବାହ୍ନରେ କ୍ୟାମ୍ପ୍ ଆୟୋଜନ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଦିଆଯାଇଥିବା ଡିସିପିଓ ସୂଚନା ଦେଇଛନ୍ତି।

## 'ଓପିଏସ୍‌ସି ପଦବୀ ବିକ୍ରି କରିଦେବାକୁ ଯୋଜନା କରିଛି'

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ସରକାରୀ ଚାକିରିକୁ ନେଇ ଓଡ଼ିଶା ସରକାର ରାଜ୍ୟର ଲକ୍ଷ ଲକ୍ଷ ଶିକ୍ଷିତ ଯୁବତୀ ଓ ଯୁବକଙ୍କ ଭାଗ୍ୟ ସହ ଖେଳୁଥିବା କଂଗ୍ରେସ ଅଭିଯୋଗ କରିଛି। ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ପରିଚାଳନା କରୁଥିବା ସହାୟକ ଲୋକୋ ପାଇଲଟ୍ ପାଇଁ ମୁଖ୍ୟ ପରୀକ୍ଷା ଆସନ୍ତା ୨୦ପୂର୍ବରୁ ସ୍ଥିରୀକୃତ ହୋଇଛି । ସେହିପରି ଆଇ.ବି.ପି.ଏସ୍. ପରିଚାଳନା କରୁଥିବା ବ୍ୟାଙ୍କସେବା ସମ୍ପର୍କିତ ସର୍ବ ଭାରତୀୟସ୍ତରର ପରୀକ୍ଷା ମଧ୍ୟ ସମାନ ଦିନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦୁଇଟି ସର୍ବ ଭାରତୀୟସ୍ତରର ମୁଖ୍ୟ ପରୀକ୍ଷା ପାଇଁ ଓଡିଶାର ୧୦ହଜାରରୁ ଊର୍ଦ୍ଧ୍ୱ ମେଧାବୀ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ଏପରିସ୍ଥଳେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳନା କରୁଥିବା ପରୀକ୍ଷାକୁ ସମାନ ତାରିଖରେ କରିବାକୁ ନେଇ ଲକ୍ଷ ଲକ୍ଷ ଓଡିଆ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବୋଲି କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି। କଂଗ୍ରେସ ଉକ୍ତ ପରୀକ୍ଷାକୁ ବାତିଲ କରିବାକୁ ଦାବି କରୁଥିବା ସେ କହିଛନ୍ତି। ସର୍ବଭାରତୀୟ ସ୍ତରର ଦୁଇଟିପରୀକ୍ଷା ରେଲୱେ ବୋର୍ଡ ଏବଂ ଆଇ.ବି.ପି.ଏସ୍ ଦ୍ୱାରା ପୂର୍ବରୁ ସ୍ଥିରୀକୃତ ହୋଇସାରିଛି। ଏଥିପାଇଁ ରାଜ୍ୟର ଅଧିକାଂଶ ଛାତ୍ରୀଛାତ୍ର ରାଜ୍ୟ ବାହାରକୁ ଯିବା ନିଶ୍ଚିତ। ଏପରିସ୍ଥଳେ ଓପିଏସ୍‌ସି ପକ୍ଷରୁ ହେବାକୁ ଥିବା ପରୀକ୍ଷାର ତାରିଖ ସେହିଆସନ୍ତା ୨୦ରେ ରଖିବାକୁ ନେଇ କଂଗ୍ରେସ ପ୍ରଶ୍ନ କରିଛି। ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷାରେ ବସିବାକୁ ସୁଯୋଗ ନ ଦେଇ ଏହିସବୁ ପଦବୀ ବିକ୍ରି କରିଦେବା ପାଇଁ ଶାସକ ଦଳ ଷଡ଼ଯନ୍ତ୍ର କରୁଥିବା ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି।

# ଓଜନ ମାପ ଉପନିୟନ୍ତ୍ରକ ଗିରଫ

■ ଗାଡ଼ିରୁ ବାହାରିଲା ୧ ଲକ୍ଷ ୮ହଜାର ୪୦୦ ଟଙ୍କା
■ ଭିଜିଲାନ୍ସକୁ ଦେଇପାରିଲେନି ହିସାବ

**କଟକ ଅଫିସ, ୧୧।୧**

ଓଜନ ମାପ ବିଭାଗର ଉପନିୟନ୍ତ୍ରକ ସନାତନ ବାରିଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଗୁରୁବାର ବାରି ସରକାରୀ ଗାଡ଼ି (ଓଡି୦୨ଏଡି-୬୭୯୫) ଯୋଗେ ଅଫିସ୍‌ରୁ ନିଜ ଘର ଭୁବନେଶ୍ୱରର ଗୋଠପାଟଣାକୁ ଯାଉଥିଲେ। ତେବେ ସେ ବିପୁଳ ଟଙ୍କା ଧରି ଘରକୁ ଫେରୁଥିବା ଖବର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ନିକଟରେ ପହଞ୍ଚିଥିଲା। ଖଣ୍ଡଗିରି ଉଦୟଗିରି ମୁଖ୍ୟରାସ୍ତା ମଝିରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଗାଡ଼ି ଯାଞ୍ଚ କରିବାରୁ ତାଙ୍କ ନିକଟରୁ ବହୁ ପରିମାଣର ଲଫାପା ବାହାରିଥିଲା। ଲଫାପା ଭିତରେ ୧ ଲକ୍ଷ ୮ହଜାର ୪୦୦ ଟଙ୍କା ଥିବା ଭିଜିଲାନ୍ସ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏହା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ଅଫିସ ତନଖି କରିଥିଲେ। ଅଫିସରୁ ଆହୁରି ୮ହଜାର ଟଙ୍କା ବାହାରିଥିଲା। ଉପରୋକ୍ତ ଟଙ୍କା ସମ୍ପର୍କରେ ବାରି ଭିଜିଲାନ୍ସ ଅଧିକାରୀମାନଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏ ନେଇ ବାରିଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୨/୨୦୧୯ରେ ଏକ ଫୌଜଦାରି ମାମଲା ରୁଜୁ କରାଯାଇଛି। ମାମଲା ରୁଜୁ ପରେ ବାରିଙ୍କ ଗୋଠପାଟଣା ଘର ସମେତ ମୟୂରଭଞ୍ଜ ଜିଲାର ଜଳାସାହି ଗ୍ରାମରେ ଥିବା ଘରକୁ ଭିଜିଲାନ୍ସ ଯାଞ୍ଚ କରୁଛି।

# ୩୦ ଫୁଟ ଲମ୍ବର ମୃତ ତିମି ଉଦ୍ଧାର

**ରାଜନଗର, ୧୧।୧(ଡିଏନଏ)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ସୀମାବର୍ତ୍ତୀ ଅହିରାଜପୁର ଗ୍ରାମ ନିକଟରେ ପ୍ରବାହିତ ବୈତରଣୀ ନଦୀ କୂଳରୁ ଶୁକ୍ରବାର ଏକ ୩୦ ଫୁଟ ଲମ୍ବର ମୃତ ତିମି ଉଦ୍ଧାର କରାଯାଇଛି। ତିମିଟି ଦିନେ ଦୁଇ ଦିନ ତଳେ ମରିଥିବା ଅନୁମାନ କରାଯାଉଛି। ଏହା ଭାସି ଆସି ନଦୀକୂଳରେ ଲାଗିବା ପରେ ଗାଁର ପିଲାମାନେ ସେଠାରେ ଭିଡ ଜମାଇବା ସହ ଫଟୋ ଉଠାଇବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ଖବରପାଇ ରାଜନଗର ବନବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତ ତିମକୁ ଉଦ୍ଧାର କରିଥିଲେ। ଶନିବାର ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପତିତପାବନ ବଳ ଏବଂ ସହକାରୀ ଚିକିତ୍ସାଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡଙ୍କ ଦ୍ୱାରା ତିମିର ବ୍ୟବଚ୍ଛେଦ କରାଯିବ ବୋଲି ଜାତୀୟ ଉଦ୍ୟାନ ଦାୟିତ୍ୱରେ ଥିବା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ର ସୂଚନା ଦେଇଛନ୍ତି। ଗଭୀର ସମୁଦ୍ରରେ ଚଳପ୍ରଚଳ କରୁଥିବା ଶକ୍ତିଶାଳୀ ଯନ୍ତ୍ରଚାଳିତ ଟ୍ରଲର ମାଡରେ ତିମିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ, ମୃତ ତିମି ପଡିଥିବା ସ୍ଥାନଠାରୁ ଅଳ୍ପ ଦୂରରେ ଧାମରା ମୁହାଣ ଅବସ୍ଥିତ ।



ବୈତରଣୀ ନଦୀ କୂଳରେ ଲାଗିଥିବା ମୃତ ତିମି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍‌ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143, 7050017585

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ନିଜର ସ୍ୱାର୍ଥକୁ ପୋଡ଼ି ନ ପକାଇଲେ ଜଗତରେ ଶାନ୍ତି ଦର୍ଶନ ହୋଇପାରିବ ନାହିଁ।

- ସନ୍ଥକବି ଭୀମଭୋଇ



# ୯୪ ଲକ୍ଷ ପରିବାର ପାଇବେ ଏଲଇଡି ବଲ୍ବ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ୪ଟି ଲେଖାଏ ଏଲ୍ଇଡି ବଲ୍ବ ମାଗଣାରେ ଦିଆଯିବ। ଏହାଦ୍ୱାରା ପ୍ରାୟ ୯୪ଲକ୍ଷ ହିତାଧିକାରୀ ପରିବାର ଉପକୃତ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଶୁକ୍ରବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅବସରରେ 'ଆମ ଘରେ ଏଲଇଡି' ନାମରେ ଏକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୧୫ ତାରିଖରେ ହେବାକୁ ଥିବା ପିଠା କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଉକ୍ତ ଏଲ୍ଇଡି ବଲ୍ବ ଯୋଗାଇ ଦିଆଯିବ। ଏହାଦ୍ୱାରା ବିଜୁଳି ଖର୍ଚ୍ଚ କମିବା ସହିତ ପିଲାମାନଙ୍କ ପାଠପଢ଼ାରେ ମଧ୍ୟ ସୁବିଧା ହେବ। ଏହି ଅବସରରେ ଏକ ଭିଡିଓ ରିଲିଜ କରାଯାଇଛି। ଏନେଇ ଶକ୍ତି ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ଉଭୟ ରାଜ୍ୟ ଏବଂ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମାଗଣାରେ ଏଲ୍ଇଡି ବଲ୍ବ ଦିଆଯିବ, ଯାହାର ବଜାର ମୂଲ୍ୟ ରହିଛି ଗୋଟାକୁ ୩୨୦ଟଙ୍କା।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି ଭାଜପା ମୁଖପାତ୍ର ଗୋଲୋକ ମହାପାତ୍ର। କେନ୍ଦ୍ର ସରକାରଙ୍କ ଯୋଜନାକୁ ହଡପ କରିବାରେ ବିଜେଡି ସରକାର ମାହିର, ଯାହାର ଅଂଶବିଶେଷ ହେଉଛି ଏହି ଏଲଇଡି ଯୋଜନା। ୧୯ ବର୍ଷ ଶାସନରେ ରହି ରାଜ୍ୟବାସୀଙ୍କୁ ୨୪ ଘଣ୍ଟିଆ ବିଜୁଳି ସେବା ଦେଇ ପାରୁ ନ ଥିବା ବିଜେଡି ସରକାର ନିର୍ବାଚନର କିଛିଦିନ ପୂର୍ବରୁ ଏଲ୍ଇଡି ଯୋଜନାରେ ଲୋକମାନଙ୍କୁ ଠକିବା ପାଇଁ ଅପଚେଷ୍ଟା କରୁଛନ୍ତି ବୋଲି ଗୋଲୋକ ଅଭିଯୋଗ କରିଛନ୍ତି।

**ଆମ ଗାଁ ଆମ ବିକାଶ**

- 'ଆମ ଘରେ ଏଲଇଡି' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ପ୍ରତି ପରିବାରକୁ ମିଳିବ ୪ଟି ଲେଖାଏ ବଲ୍ବ
- ୧୦୬ ପଞ୍ଚାୟତ ପାଇଁ ୮୭୭ ପ୍ରକଳ୍ପ ମଞ୍ଜୁର

ଅପରପକ୍ଷରେ ଆମ ଗାଁ ଆମ ବିକାଶ ଯୋଜନାରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ୫ ଜିଲା ୭ ବ୍ଲକର ୧୦୬ ପଞ୍ଚାୟତ ପାଇଁ ୨୪.୨୫ କୋଟି ଟଙ୍କାରେ ୮୭୭ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ସେଥିମଧ୍ୟରେ ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକର ୨୨ପଞ୍ଚାୟତ ପାଇଁ ୫.୫ କୋଟି ଟଙ୍କାରେ ୧୦୭ପ୍ରକଳ୍ପ, ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ୮ ପଞ୍ଚାୟତ ପାଇଁ ୨କୋଟି ଟଙ୍କାରେ ୧୧୬ ପ୍ରକଳ୍ପ, ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ୧୩ ପଞ୍ଚାୟତ ପାଁଇ ୧.୭ କୋଟି ଟଙ୍କାରେ ୮୪ ପ୍ରକଳ୍ପ, ବଲାଙ୍ଗୀର ସଦର ବ୍ଲକର ୨୫ ପଞ୍ଚାୟତ ପାଇଁ ୬.୩ କୋଟି ଟଙ୍କାରେ ୨୪୭ ପ୍ରକଳ୍ପ, ଝାରସୁଗୁଡା ଜିଲା କିରିମିରା ବ୍ଲକର ୮ ପଞ୍ଚାୟତ ପାଇଁ ୨ କୋଟି ଟଙ୍କାରେ ୪୭ ପ୍ରକଳ୍ପ, ମୟୂରଭଞ୍ଜ ଜିଲା ମୋରଡା ବ୍ଲକର ୨୦ ପଞ୍ଚାୟତ ପାଇଁ ୪.୮ କୋଟି ଟଙ୍କାରେ ୨୨୯ ପ୍ରକଳ୍ପ ଏବଂ ବାରିପଦା ବ୍ଲକର ୧୦ ପଞ୍ଚାୟତ ପାଇଁ ୨.୭୫ କୋଟି ଟଙ୍କାରେ ୪୭ ପ୍ରକଳ୍ପ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୮୫ ବ୍ଲକର ୬୨୧୧ ପଞ୍ଚାୟତ ପାଇଁ ୧୪୨୨.୮୭ କୋଟି ଟଙ୍କାରେ ୫୭ହଜାର ୧୦୭ ପ୍ରକଳ୍ପ ମଞ୍ଜୁର ହୋଇଛି।

## କଂଗ୍ରେସ ଛାଡ଼ିବେନି ନବ

ଭୁବନେଶ୍ୱର,୧୧।୧(ବ୍ୟୁରୋ)–ଝାରସୁଗୁଡା ବିଧାୟକ ତଥା ପିସିସି କାର୍ଯ୍ୟକାରୀ ସଭାପତି ନବ ଦାସ ଦଳ ଛାଡିବେ ନାହିଁ। ପୂର୍ବଥର ଭଳି ଚଳିତବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ କଂଗ୍ରେସ ଦଳରୁ ହିଁ ପ୍ରାର୍ଥୀ ହେବେ। ସେ ଶୁକ୍ରବାର ଭୁବନେଶ୍ୱରରେ ଏହି ଘୋଷଣା କରିଛନ୍ତି। ନବ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ନେଇ କିଛି ମାସ ଧରି ଚର୍ଚ୍ଚା ହେଉଥିଲା, ଯେଉଁଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି। ନବ କହିଛନ୍ତି ଯେ, ସେ କଂଗ୍ରେସ ଦଳରେ ଅଛନ୍ତି। ତେଣୁ କଂଗ୍ରେସର ଦଳୀୟ ଚିହ୍ନରେ ହିଁ ସେ ଆଗାମୀ ନିର୍ବାଚନ ଲଢିବେ। କିଛିଦିନ ପୂର୍ବେ କଂଗ୍ରେସ ବ୍ୟାନର ବିନା ନବ ନିଜ ନିର୍ବାଚନମଣ୍ଡଳୀରେ ସଭା ଆୟୋଜନ କରିଥିଲେ। ସେ ଯଦି ଅନ୍ୟ କୌଣସି ଦଳକୁ ଯାଆନ୍ତି, ତେବେ ତାଙ୍କ ପ୍ରତି ସମର୍ଥନ ରହିବ ନା ନାହିଁ ବୋଲି ପ୍ରଶ୍ନ କରୁଥିଲେ। ସେହିପରି ଲଇକେରାକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ କରିବା ସର୍ତ୍ତରେ ନବ ବିଜେଡିରେ ଯୋଗଦାନ କରିବେ ବୋଲି ଚର୍ଚ୍ଚା ଜୋର ଧରିଥିଲା।

ଭାଜପା ପାର୍ଟି ଅଫିସ ଜମି ବିବାଦ

# ଜମି ଲେ-ଆଉଟ୍ ବେଳେ ବିରୋଧ

ବଲାଙ୍ଗୀର ଅଫିସ, ୧୧।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର ଆସିବାକୁ ନେଇ ଭାଜପା ନେତା ଓ କର୍ମୀମାନେ ଉତ୍ସାହିତ ଥିବାବେଳେ ଭାଜପା ପାର୍ଟି ଅଫିସ ଜମି ବିବାଦ ସମାଧାନ ହେଉ ନ ଥିବାରୁ ଦଳୀୟ ଶିବିରରେ ଚିନ୍ତା ମଧ୍ୟ ପ୍ରକଟ ପାଇଛି । ପାର୍ଟି ଅଫିସ ପାଇଁ ପଥରେଚପାଠାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ଶିଳାନ୍ୟାସ କରିଥିଲେ । ଏହି ଶିଳାନ୍ୟାସ ପରେ ଉକ୍ତ ଜମିଟି ବିବାଦୀୟ ଥିବା ଜଣାପଡିଥିଲା । ଯେଉଁ ବ୍ୟକ୍ତିଙ୍କଠାରୁ ଜମିଟି କିଣାଯାଇଥିଲା ତାଙ୍କର ସମ୍ପର୍କୀୟମାନେ ଏହାକୁ ବିରୋଧ କରି ଅଦାଲତର ଆଶ୍ରୟ ନେଇଥିଲେ । ଫଳରେ ସେହିଦିନରୁ ଉକ୍ତ ସ୍ଥାନରେ ପାର୍ଟି ଅଫିସ ତିଆରି ହୋଇପାରିନାହିଁ । ଗୁରୁବାର କେତେକ ଭାଜପା ନେତା ଉକ୍ତ ଜମିକୁ ଯାଇ ପାର୍ଟି ଅଫିସ ଲେ-ଆଉଟ୍ ପାଇଁ ଚିହ୍ନ ଦେଉଥିବାବେଳେ ପ୍ରଦୀପ ବାରିକ, ମର୍ଦ୍ଦରାଜ ବାରିକ, ନକୁଳ ବାରିକ ଇନ୍ଦୁଲତା ବାରିକ ଓ କୁନ୍ତି ଅମାତ୍ ଉକ୍ତ ଜମିକୁ ଆସି ବିରୋଧ କରିଥିଲେ। ଉକ୍ତ ଜମିରେ କୌଣସି ପ୍ରକାର ଚିହ୍ନ ନ ହେବାକୁ କହିଥିଲେ । ଫଳରେ ଭାଜପା ନେତା ଓ କର୍ମୀମାନେ ସେଠାରୁ ଫେରିଯାଇଥିବା ଜଣାପଡିଛି। ଏହି ପାର୍ଟି ଅଫିସ ଜମି ବିବାଦ ପ୍ରସଙ୍ଗଟି ଭାଜପା ମହଲରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି।


INDIAN RAILWAYS ଭାରତୀୟ ରେଲ

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/21, ତା.08.01.2019ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।

ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ **www.ireps.gov.in** (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍(Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।

PR-427/J/18-19

**ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର**



**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।





**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉପକ୍ରମ)
ମଣ୍ଡଳୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**ଗୃହ ଆବଶ୍ୟକ**

ବ୍ୟାଙ୍କ ଏହାର ବର୍ତ୍ତମାନର ଶାଖା ସ୍ଥାନାନ୍ତର କରିବା ନିମନ୍ତେ ୧୦୦୦ ବର୍ଗଫୁଟ କାର୍ପେଟ୍ ଏରିଆ ବିଶିଷ୍ଟ ନିମ୍ନଲିଖିତ ସ୍ଥାନରେ ଭଡା ସୂତ୍ରରେ ଗୃହ ଆବଶ୍ୟକ କରୁଅଛି । ତଳ ମହଲା ଗୃହକୁ ଅଗ୍ରାଧିକାର ଦିଆଯିବ।

| କ୍ର.ନଂ. | ଶାଖାର ନାମ | କେଉଁଥି ପାଇଁ ଗୃହ ଆବଶ୍ୟକ | କାର୍ପେଟ୍ ଏରିଆ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|
| ୧. | କୋକଲବା | ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ୧୦୦୦ ବର୍ଗଫୁଟ | ସା/ପୋ.: କୋକଲବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, ୩/୧-ବି, ଆଇ.ଆର୍.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫** ରୁ ସଂଗ୍ରହ କରିପାରିବେ କିମ୍ବା କୋକଲୋବା ଶାଖାରୁ କିମ୍ବା ଆମର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ। ଇଚ୍ଛୁକ ପକ୍ଷମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଜଉମୁଦ ଦିଆ ଲଫାପାରେ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ: ୩୦.୦୧.୨୦୧୯ ଅପରାହ୍ନ ୫.୦୦ ଘଟିକା।

ତାରିଖ: ୧୧.୦୧.୨୦୧୯ — ଉପ-ମହାପ୍ରବନ୍ଧକ


**ସେଲ୍‌ଫି କର୍ନର**



@ ଅବିନାଶ



@ ଚିଉ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


**State Level Flower Show, 2019**

Botanic Gardens (Ekamrakanan)

Regional Plant Resource Centre, Nayapalli, Bhubaneswar

**12th - 13th January, 2019**

(9 AM to 7 PM)

ENTRY TO GARDEN FREE

FREE PARKING INSIDE GARDEN

*Organised by :*

Regional Plant Resource Centre, Bhubaneswar

*in collaboration with*

Plant Lovers' Association, Bhubaneswar

*Supported by :*

नालको NALCO

&

Directorate of Horticulture, Odisha



OFFICE OF THE

**SUPERINTENDING ENGINEER, RURAL WORKS CIRCLE, BERHAMPUR**

(At:- Ambapua, Po:- Engineering School Near Income Tax Office, Berhampur-760011)

E-Mail:- serwbpr2004@yahoo.com Tel/FAX:- 0680-2404287

NATIONAL COMPETITIVE BIDDING THROUGH "e"-Procurement

ADB Assisted PMGSY Packages

Identification No. Online Tender/32-2018-19/PMGSY(ADB)/BPR

ADB// 105 // RWC // BAM // Dated. 08.01.2019

**No.1354-O:-** Superintending Engineer, Rural Works Circle, Berhampur on behalf of the employer invited online item rates bids from eligible bidders for Construction of Road and C.D. works including maintenance for 5 years of Rural Roads [RCIP-2 Tr-I (2017-18) Batch-I] under Pradhan Mantri Gram Sadak Yojana (ADB Rural Connectivity investment programme).

**Period of Availability of tenders online :- The details are as below.**

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works Circle, Berhampur | Online Tender / 32-2018-19 / PMGSY(ADB)/BPR | 01 (One) | 16.01.2019 at 11.00 A.M. | 30.01.2019 at 3.00 P.M. |

One PDF file is created under Cover-II i.e. Envelope for Financial Bid with the heading "Letter of Financial Bid" and "Summary of Bill of Quantities". The Bidder will upload "Letter of Financial Bid" and "Summary of Bill of Quantities" in PDF format with their Bid as per requirement of SBD.

**Key dates are:**

1. Submission of Original Bid Security Instrument, Bid Submission Fee & Original Affidavit : From 21.01.2019 at 11.00 A.M. to 30.01.2019 at 3.30 P.M.
2. Opening of "Bid Security" (Bid Security Instrument, Bid Submission fee & Original Affidavit) & Technical Bid : 30.01.2019 at 3.30 P.M.
3. Opening of Financial Bid : 04.02.2019 at 11.00 A.M.

Detailed NIB, other details and corrigendum if any can be viewed on website www.pmgsytenders.gov.in

The Original EMD, DD towards paper cost, Affidavit regarding Correctness in a sealed cover shall be physically furnished by the tenderer in original before the Procurement Officer (Superintending Engineer, R.W.Circle, Berhampur) within the specified period as mentioned in the NIT, otherwise his tender will entail rejection and blacklist of his Licence.

**25071/11/0049/1819** — **Sd./- Superintending Engineer, R.W.Circle, Berhampur**



See Career Appointment on every Wednesday & Saturday



**ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ରିହାବିଲିଟେସନ୍ ଟ୍ରେନିଙ୍ଗ୍ ଓ ରିସର୍ଚ୍ଚ**

ଓଲଟପୁର, ବାଇରୋଇ, କଟକ, ଓଡ଼ିଶା - ୭୫୪୦୧୦, ଫୋନ ନଂ.୦୬୭୧-୨୮୦୫୫୫୨

**ନୋଟିସ**

ଏତଦ୍ୱାରା ନିମ୍ନଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ତୁମ୍ଭମାନଙ୍କୁ କୋର୍ଟ ସହାୟତାରେ ଓ ପଞ୍ଜୀକୃତ ଡାକ ଯୋଗେ ଉପରୋକ୍ତ କେସ୍‌ର ନୋଟିସ୍ ପଠାଯାଇଥିଲା। କିନ୍ତୁ ତୁମ୍ଭେ ବିଭିନ୍ନ କାରଣ ଦର୍ଶାଇ ସେ ନୋଟିସ ଗ୍ରହଣ ନ କରିବାରୁ ତାହା ଫେରସ୍ତ ଆସିଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ତୁମ୍ଭମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକଙ୍କ ଇଜିଲାସରେ ତା୩୧।୦୧।୨୦୧୯ରିଖ ଦିବା ୧୨ ଘଟିକା ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଛି।

ତେଣୁ ଆପଣ ନିଜେ ବା ନିଜର ଓକିଲ ବା କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିର୍ଦ୍ଧାରିତ ତାରିଖ, ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ତଦ୍‌ଦ୍ୱୀର କରିବେ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ। ଉକ୍ତ ନୋଟିସ୍ ଅତିରିକ୍ତ କମିଶନର (ଏସ୍ ଓ ଜି) ଙ୍କ ଆଦେଶ କ୍ରମେ ବିଜ୍ଞାପନ କରାଗଲା।

| କ୍ରମିକ ନଂ. | ଚକବନ୍ଦୀ କେସ୍ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା | ଜମିର ବିବରଣୀ |
|---|---|---|---|
| ୦୧. | ୨୯୮/୨୦୦୬ ପ୍ରତିବାଦୀ ଉଷା ଜେନା ଓ ଓଗେର | ୦୧. ଉଷା ଜେନା, ପିତା ନଟ ଜେନା, ୦୨. କୁଶି ଜେନା, ପିତା ନଟ ଜେନା ଓଲଟପୁର, ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୬, ପ୍ଲଟ ନଂ.- ୧୮୨, ରକବା ଏ୦.୦୬ ଡି., ବନ୍ଦୋବସ୍ତ ଖାତା ନଂ.- , ପ୍ଲଟ ନଂ.- ୧୬୮, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ. ୧୯୯ (ପି) ରକବା ଏ୦.୦୬ ଡି ରେ ମୋକଦ୍ଦମା ହୋଇଅଛି। |
| ୦୨. | ୩୦୨/୨୦୦୬ ପ୍ରତିବାଦୀ ନରେଶ ନନ୍ଦ ଓ ଓଗେର | ୦୧. ନରେଶ ନନ୍ଦ, ପିତା ୰ନରହରି ନନ୍ଦ, ସା./ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା- କଟକ, ଚକ ଖାତା ନଂ.- ୧୫୨, ପ୍ଲଟ ନଂ.-୧୪୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.-୧୪୯, ପ୍ଲଟ ନଂ.- ୧୨୦, ସାବିକ ଖାତା ନଂ.- ୧୪୭, ପ୍ଲଟ ନଂ.୧୦୨ରେ ମୋକଦ୍ଦମା ହୋଇଅଛି। |
| ୦୩. | ୩୦୧/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା ୰ନନ୍ଦ ଜେନା, ସା./ପୋ.ଅ/ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୭, ପ୍ଲଟ ନଂ.- ୧୭୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.- ୨୬୭, ପ୍ଲଟ ନଂ.- ୧୬୪, ସାବିକ ଖାତା ନଂ.- ୧୩୭/୩୬, ପ୍ଲଟ ନଂ.- ୧୯୯ (ପି)ରେ ମୋକଦ୍ଦମା ହୋଇଅଛି। |
| ୦୪. | ୩୦୦/୨୦୦୬ ପ୍ରତିବାଦୀ ବନମାଳୀ ନାୟକ ଓ ଓଗେର | ୦୧. (କ) ବନମାଳୀ ନାୟକ, ପିତା ୰ଟିମା ନାୟକ, ସା.ପୋ.ଅ., ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୩୩, ପ୍ଲଟ ନଂ.- ୧୭୫, ରକବା ଏ୦.୩୪ଡି., ବନ୍ଦୋବସ୍ତ ଖାତା ନଂ.୧୬୧, ପ୍ଲଟ ନଂ.-୧୬୦, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି। |
| ୦୫. | ୨୯୭/୨୦୦୬ ପ୍ରତିବାଦୀ ଡା. ଅନ୍ନପୂର୍ଣ୍ଣା ମିଶ୍ର ଓ ଓଗେର | ୦୧. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଘ) ପ୍ରାଣନାଥ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଙ) ପ୍ରଦୀପ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଚ) ଡା.ଅଜୟ କୁମାର ମିଶ୍ର, ପିତା ୰ବିଜୟରାମ ମିଶ୍ର କ୍ରମିକ ନଂ. ୧ (କ) ରୁ (ଚ) ସା.,ପୋ.,ଅ., ଥାନା, ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୫୫, ପ୍ଲଟ ନଂ.- ୩୧୪, ରକବା ଏ.୦.୩୫ଡି., ପ୍ଲଟ ନଂ.- ୨୯୫, ରକବା ଏ ୦.୨୪ଡି (ପି) ପ୍ଲଟ ନଂ.- ୩୨୩, ରକବା ଏ୦.୦୪ଡି., ବନ୍ଦୋବସ୍ତ ଖାତା ନଂ.- ୩୫୬, ପ୍ଲଟ ନଂ.- ୧୨୭, ପ୍ଲଟ ନଂ.- ୧୨୪, ସାବିକ ଖାତା ନଂ.- ୨୩୭, ପ୍ଲଟ ନଂ.- ୨୦୫ (ପାର୍ଟ) ରକବା ଏ୦.୫୯ଡି., ଖାତା ନଂ.- ୯୪, ପ୍ଲଟ ନଂ.- ୨୦୬ (ପାର୍ଟ), ରକବା ଏ୦.୦୪ଡି. ରେ ମୋକଦ୍ଦମା ହୋଇଅଛି। |
| ୦୬. | ୨୯୯/୨୦୦୬ ପ୍ରତିବାଦୀ ରବି ନାୟକ ଓ ଓଗେର | ୦୧. (କ) ରବି ନାୟକ, ପିତା ୰ଝରି ନାୟକ, ୦୧. (ଖ) କବି ନାୟକ, ପିତା ୰ ଝରି ନାୟକ ସା., ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୨୯, ପ୍ଲଟ ନଂ.-୩୦୪, ରକବା ଏ୦.୦୭ଡି., ପ୍ଲଟ ନଂ.- ୩୦୫, ଏ୦.୨୫ଡି., ବନ୍ଦୋବସ୍ତ ଖାତା ନଂ.- ୧୦୬, ପ୍ଲଟ ନଂ.-୧୩୩ ଓ ୧୩୪, ସାବିକ ଖାତା ନଂ.- ୨୮୬/୨, ପ୍ଲଟ ନଂ- ୨୦୧, ରକବା ଏ୦.୩୨ଡି.ରେ ମୋକଦ୍ଦମା ହୋଇଅଛି। |
| ୦୭. | ୨୯୬/୨୦୦୬ ପ୍ରତିବାଦୀ କେଶବ କାଣ୍ଡି ଓ ଓଗେର | ୦୧. (କ) କେଶବ କାଣ୍ଡି, ପିତା ୰ମାଗୁଣି କାଣ୍ଡି, ୦୨. (କ) ବୃନ୍ଦାବନ କାଣ୍ଡି, ପିତା ୰ପ୍ରାଣକୃଷ୍ଣ କାଣ୍ଡି, ୦୩. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଘ) ପ୍ରାଣନାଥ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଙ) ପ୍ରଦୀପ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଚ) ଡା. ଅଜୟ କୁମାର ମିଶ୍ର, ପିତା ୰ବିଜୟରାମ ମିଶ୍ର, କ୍ରମିକ ନଂ. ୧(କ) ଓ ୨(କ) ସା- ଶିଶୁଆ, ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ। କ୍ରମିକ ନଂ. ୩(କ) ରୁ ୩(ଚ) ପର୍ଯ୍ୟନ୍ତ ସା.,ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର ନଂ.୫୯ ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୦୮, ପ୍ଲଟ ନଂ.-୧୫୮, ରକବା ଏ୦.୧୮ଡି., ବନ୍ଦୋବସ୍ତ ଖାତା ନଂ.- ୨୬୬, ପ୍ଲଟ ନଂ.- ୧୪୦, ସାବିକ ଖାତା ନଂ.- ୨୦୭, ପ୍ଲଟ ନଂ.- ୧୦୫ରେ ମୋକଦ୍ଦମା ହୋଇଅଛି। |
| ୦୮. | ୨୯୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. (କ) କୈଳାସ ଜେନା, ପିତା- ୰ନନ୍ଦ ଜେନା, ୦୨. (କ) ଅରକ୍ଷିତ ଜେନା, ପିତା- ୰ ସିନ୍ଧୁ ଜେନା, ୦୨. (ଖ) ଅନୁ ଜେନା, ପିତା- ୰ସିନ୍ଧୁ ଜେନା, ୦୩. ବାନ ଜେନା, ପିତା ୰ମହଣି ଜେନା, ୦୪. (କ) ଶୁକ ଜେନା, ପିତା ୰ମାନ ଜେନା, ୦୪. (ଖ) ହରି ଜେନା, ପିତା- ୰ମାନ ଜେନା, ୦୪. (ଗ) ବାବୁଲି ଜେନା, ପିତା- ୰ମାନ ଜେନା, ୫. ବେଣୁ ଜେନା, ପିତା ୰ ଗନ୍ଧର୍ବ ଜେନା, ୬. କାହ୍ନୁ ଜେନା, ପିତା ୰ ଗନ୍ଧର୍ବ ଜେନା, ୭. ଅନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୮. ଧରମୁ ଜେନା, ପିତା ୰ଗନ୍ଧର୍ବ ଜେନା, ୯. ମଷି ଜେନା, ପିତା ୰ଗନ୍ଧର୍ବ ଜେନା କ୍ରମିକ ନଂ. ୧(କ) ରୁ ୯ ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.-୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୯, ପ୍ଲଟ ନଂ.- ୧୭୬ ରକବା ଏ୦.୧୩ଡି., ବନ୍ଦୋବସ୍ତ ଖାତା ନଂ.- ୧୪୭, ପ୍ଲଟ ନଂ.- ୧୫୯, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି। |
| ୦୯ | ୩୦୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା- ୰ ବନ୍ଧୁ ଜେନା, ୦୨. ଆଦିକନ୍ଦ ଜେନା, ପିତା ୰ମଦନ ଜେନା, ୦୩. ପଦ ଜେନା, ପିତା ୰ ମଦନ ଜେନା, ୦୪. କୈଳାସ ଜେନା, ପିତା ୰ନନ୍ଦ ଜେନା, ୦୫. (କ) ଅରକ୍ଷିତ ଜେନା, ପିତା ୰ସିନ୍ଧୁ ଜେନା, ୦୫. (ଖ) ଜଗବନ୍ଧୁ ଜେନା, ପିତା ୰ସିନ୍ଧୁ ଜେନା, ୦୬. ବାନ ଜେନା, ପିତା ୰ମହଣି ଜେନା, ୭. (କ) ଶୁକ ଜେନା, ପିତା ୰ମାନ ଜେନା, ୭. (ଖ) ଭୈରବ ଜେନା, ପିତା ୰ମାନ ଜେନା, ୦୭ (ଗ) ହରି ଜେନା, ପିତା ୰ମାନ ଜେନା, ୦୮. ବେଣୁ ଜେନା, ପିତା ୰ଗନ୍ଧର୍ବ ଜେନା, ୦୯. କାହ୍ନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୧୦. ଅନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୧୧.ଧନୁ ଜେନା ପିତା ୰ଗନ୍ଧର୍ବ ଜେନା, ୧୨.ମୁଷି ଜେନା, ପିତା ୰ଗନ୍ଧର୍ବ ଜେନା, ୧୩. ବଂଶୀଧର ନାୟକ, ପିତା ୰ମଗୁ ନାୟକ, ୧୪. ବନମାଳୀ ନାୟକ, ପିତା ୰ମଗୁ ନାୟକ, ୧୫. ମୁରଲୀ ନାୟକ, ପିତା ୰ମଗୁ ନାୟକ, ୧୬. (କ) ଗଲୁ ନାୟକ, ପିତା ୰ସୁରେନ୍ଦ୍ର ନାୟକ, ୧୬. (ଖ) ସଲୁ ନାୟକ, ପିତା ୰ସୁରେନ୍ଦ୍ର ନାୟକ, କ୍ରମିକ ନଂ.୧(କ) ରୁ ୧୬(ଖ) ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.-୨୮୨, ପ୍ଲଟ ନଂ.- ୧୭୭, ରକବା ଏ୦.୦୮ଡି., ପ୍ଲଟ ନଂ.- ୧୭୪, ରକବା ଏ୦.୨୯ଡି. ବନ୍ଦୋବସ୍ତ ଖାତା ନଂ. ୧୮୯, ପ୍ଲଟ ନାଂ. ୧୬୫ ଓ ୧୬୩, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ ନଂ.୧୯୯(ପି) ରେ ମୋକଦ୍ଦମା ହୋଇଅଛି। |

ସ୍ୱାଃ ନିର୍ଦ୍ଦେଶକ



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



# କାଳିଆ ଯୋଜନାରେ ମାଗଣା ଫର୍ମ ମିଳୁନି

**ବାମରା, ୧୧।୧ (ସ୍ୱ.ପ୍ର.)**

ବର୍ତ୍ତମାନ ରାଜ୍ୟରେ କାଳିଆ ଭକ୍ତଙ୍କଠାରୁ ବେସି କାଳିଆ ଯୋଜନା ଭକ୍ତଙ୍କ ଦେଖିବାକୁ ମିଳୁଛି । ପ୍ରତିଦିନ ବାମରା ବ୍ଲକ ସମସ୍ତ ୧୭ଟି ଯାକ ପଞ୍ଚାୟତରେ ହଜାର ହଜାର ସଂଖ୍ୟାରେ ହିତାଧିକାରୀ ଆବେଦନ କରିବା ପାଇଁ ଆସିବା ଦେଖାଯାଇଛି। ହେଲେ ଯୋଜନାର ଲାଭ ମିଳିବା ତ ଦୂରର କଥା ବର୍ତ୍ତମାନ ଫର୍ମ ପାଇଁ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି । ପଞ୍ଚାୟତ ଗୁଡିକରେ ବ୍ୟାପକ ଭିଡ । ଠିକ ସମୟରେ କର୍ମଚାରୀ ଉପସ୍ଥିତ ନ ରହିବା ଓ ଏ ବିଷୟରେ ଲୋକେ ସଚେତନ ନ ରହିବା କାରଣରୁ ହିତାଧିକାରୀ ବାହରେ ଥିବା ଦୋକାନ ଗୁଡିକରୁ ଫର୍ମ କିଣିବା ପାଇଁ ବାଧ ହେଉଥିବା ଦେଖାଯାଇଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାମରା ବ୍ଲକ ସଦର ମହକୁମା ଗୋବିନ୍ଦପୁର ପଞ୍ଚାୟତରେ ।



ବାମରା ଅଞ୍ଚଳରେ କାଳିଆ ଯୋଜନାରେ ହିତାଧିକାରୀ ଫର୍ମ କିଣି ଦେଖାଉଛନ୍ତି।

ପଞ୍ଚାୟତରେ ବିଭିନ୍ନ ସମୟରେ କର୍ମଚାରୀ ଉପସ୍ଥିତ ନ ରହିବା କାରଣରୁ ହିତାଧିକାରୀ ବାଧ ହୋଇ ବାହାରୁ ଆବେଦନ ଫର୍ମ କିଣୁଛନ୍ତି। ଏହା ସହିତ ଆବେଦନପତ୍ରରେ ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରିବା ପାଇଁ କୃଷି ବିଭାଗ ମୁଖ୍ୟ ସଚିବଙ୍କ ଦ୍ୱାରା ଫର୍ମ ବିକ୍ରି ବେଆଇନ କାର୍ଯ୍ୟ ବୋଲି ଘୋଷଣା କରିବା ପରେ ମଧ ବାମରା ଅଞ୍ଚଳରେ ଖୋଲାଖୋଲି ସରକାରୀ ଫର୍ମ ଗୁଡିକ ବିକ୍ରି ହେଉଥିବା ପରିଲକ୍ଷିତ ହୋଇଛି । ଶୁକ୍ରବାର ମଧ କେତେକ ହିତାଧିକାରୀ ଆବେଦନ କରିବା ପାଇଁ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟକୁ ପହଞ୍ଚିଥିବା ବେଳେ ସେଠାରେ କୌଣସି କର୍ମଚାରୀ ଉପସ୍ଥିତ ରହି ନ ଥିଲେ । ଫଳରେ ହିତାଧିକାରୀ ବାହାରୁ ଫର୍ମ କିଣି ଆବେଦନ କରିଥିବା ଅଭିଯୋଗ ରହିଛି । କେବଳ କାଳିଆ ଯୋଜନା ଫର୍ମ ନୁହେଁ, ଅନ୍ୟାନ୍ୟ ସରକାରୀ ଯୋଜନା ଫର୍ମ ଯଥା ମଧୁବାବୁ ପେନସନ ଯୋଜନା ଫର୍ମ, ବିଜୁ ପକ୍କାଘର ଫର୍ମ, ଭୂମିହୀନ ଜମିପଟ୍ଟା ଆବେଦନ ଫର୍ମ, ମ୍ୟୁଟେସନ ଫର୍ମ, ଉଜ୍ଜ୍ୱଳା ଯୋଜନା ଫର୍ମ, ଉଜାଲା ଯୋଜନା ଫର୍ମ, ୱେସ୍କୋ ଇଲେକ୍ଟ୍ରିସିଟି ସଂଯୋଗ ଫର୍ମ, ଚାଲାଣ ଡିପୋଜିଟ୍ ଫର୍ମ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଫର୍ମ, ଶୌଚାଳୟ ନିର୍ମାଣ ଫର୍ମ ଭଳି ଅନ୍ୟାନ୍ୟ ସରକାରୀ ଯୋଜନା ଫର୍ମ ଗୁଡିକ ସଂପୃକ୍ତ କାର୍ଯ୍ୟାଳୟରେ ମାଗଣାରେ ମିଳିବା କଥା। ମାତ୍ର ଉକ୍ତ ଓରିଜିନାଲ ଫର୍ମ ଗୁଡିକ କେତେକ ଅସାଧୁ କର୍ମଚାରୀ ସଂପୃକ୍ତ ଫର୍ମ ବିକ୍ରେତାମାନଙ୍କୁ ବିକ୍ରି କରି ଦେଉଥିବା ଅଭିଯୋଗ ରହିଛି । ଏହା ଦ୍ୱାରା ହିତାଧିକାରୀ ସଂପୃକ୍ତ କାର୍ଯ୍ୟାଳୟ ଗୁଡିକରୁ ଫର୍ମ ନ ପାଇ ଦୋକାନୀମାନଙ୍କଠାରୁ ଫର୍ମ କିଣିବା ପାଇଁ ବାଧ ହେଉଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ପର୍ଯ୍ୟନ୍ତ ବାମରା ବ୍ଲକରେ ୧୪୩୫୪ଟି ସବୁଜ ଫର୍ମ କାଳିଆ ଯୋଜନାରେ ହିତାଧିକାରୀ ଆବେଦନ କରିଥିବା ବେଳେ ୩ରୁ ୧୦ ଟଙ୍କାରେ ଫର୍ମ କିଣିବାକୁ ବାଧ ହେଉଥିବା ଦେଖା ଯାଉଛି । ଏ ନେଇ ଗୋବିନ୍ଦପୁର ସରପଞ୍ଚ ମିନାକ୍ଷୀ ମାଝୀଙ୍କୁ ପଚାରିବାରୁ ସଂପୃକ୍ତ ଅଧିକାରୀ ସକାଳ ୧୦ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ରହିବା କଥା, କିନ୍ତୁ ସେ ଗୋଟାଏବେଳେ ପଳାଇ ଯାଉଥିବା ଯୋଗୁ ଏପରି ପରିସ୍ଥିତି ଉପୁଜିଥିବା କହିଛନ୍ତି । ଦାୟିତ୍ୱରେ ଥିବା କାଳିଆ ଯୋଜନା ନୋଡାଲ ଅଧିକାରୀ କୃଷି ପର୍ଯ୍ୟବେକ୍ଷକ ହରିପ୍ରିୟା ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପ୍ରତିଦିନ ଆମକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ଫର୍ମ ବ୍ଲକ ପକ୍ଷରୁ ପ୍ରଦାନ କରାଯାଉଛି । ଏହା କମ୍ ସମୟରେ ସରି ଯାଉଛି । ଏଣୁ ହିତାଧିକାରୀ ବାହାରୁ ଫର୍ମ କିଣିବା ପାଇଁ ବାଧ ହେଉଛନ୍ତି । ଫର୍ମ କଳାବଜାର ଯୋଗୁ ହିତାଧିକାରୀଙ୍କ ମଧରେ ଅସନ୍ତୋଷ ଲାଗି ରହିଥିବା ଦେଖା ଯାଇଛି ।

## ଗୋବିନ୍ଦପୁର ଥାନାରେ ବରିଷ୍ଠ ନାଗରିକ ବୈଠକ

**ବାମରା, ୧୧।୧ (ସ୍ୱ.ପ୍ର.)**

ଗୋବିନ୍ଦପୁର ଥାନାରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋବିନ୍ଦପୁର ଓ ଗଡପୋଷଠାରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ପ୍ରତାପ ରଣା ଯୋଗ ଦେଇଥିଲେ। ଏକାକୀ ଓ ଅଭାବୀ ଭାବେ ରହୁଥିବା ବରିଷ୍ଠ ନାଗରିକଙ୍କ ସହାୟତା ପାଇଁ ପୋଲିସ ସଦାବେଳେ ତତ୍ପର ରହିବ ବୋଲି କହିଥିଲେ । ଗୋବିନ୍ଦପୁର ଥାନା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଶିର ବାଘ, ଗୋପାଳ ଦେବ, ଅନିମା ଦେବ, ଜୁହାନି ମୁଣ୍ଡା, ଫୁଲ କିସାନ, ବିମଳା ଦେବି, ଘାସିରାମ ଖଣ୍ଡେଲୱାଲ ଓ ଶଙ୍କରଲାଲ ଖଣ୍ଡେଲୱାଲ ଉପସ୍ଥିତ ଥିଲେ। ଗଡପୋଷ ଫାଣ୍ଡି ପରିସରରେ ବୋରଦା ମାଝୀ, ଜନ୍ମଜୟ କାଲୋ, ସମ୍ବାରୀ ମିଞ୍ଜ, ଫୁଲଡୁଳି ବାଘ ଓ ଦିନବନ୍ଧୁ ସେଠି ଯୋଗ ଦେଇଥିଲେ। ଏସଆଇ ଥୋମାସ୍ କେର୍କେଟା, ଏସଆଇ ଯୋଗେଶ୍ୱର କିସାନ, ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ, ରମେଶ କର୍ଣ୍ଣ ଓ ମନ୍ଦୋଦରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପେସା ଆଇନରେ ଜମିପଟ୍ଟା ପ୍ରଦାନ ଦାବି

**କୁଚିଣ୍ଡା, ୧୧।୧ (ଡି.ଏନ.ଏ.)**-ପେସା ଆଇନ ଅଧୀନରେ ଗରିବ ଜନସାଧାରଣଙ୍କୁ ୫ ଏକର ଜମି ଯୋଗାଇ ଦେବା ପାଇଁ ଆମ ଆଦମୀ ପାର୍ଟି ପକ୍ଷରୁ ଏକ ଦାବିପତ୍ର ଏବଂ ୫୦୦ରୁ ଅଧିକ ଆବେଦନପତ୍ର ଅତିରିକ୍ତ ଜିଲାପାଳ କପିଳ ରଣାଙ୍କୁ ପ୍ରଦାନ କରାଯାଇଛି। ପାର୍ଟିର ନେତା ଲିଙ୍କନ କିଣ୍ଡୋ, ଅଭିଳାଷ ମାନକି, କମଳ ଟପ୍ପୋ, ବିଶ୍ୱଜିତ କୁଜୁର, ପ୍ରମୋଦ ହାତୀଙ୍କ ନେତୃତ୍ୱରେ ୫୦୦ରୁ ଉର୍ଦ୍ଧ୍ୱ ପୁରୁଷ ଏବଂ ମହିଳା ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଏବଂ ସମସ୍ତ ଆବେଦନ ଫର୍ମ ପ୍ରଦାନ କରିଥିଲେ।

### ଆଜିଠାରୁ କୁଚିଣ୍ଡାରେ ମେରୁ ମହୋତ୍ସବ

**କୁଚିଣ୍ଡା, ୧୧।୧ (ଡି.ଏନ.ଏ.)**-କୁଚିଣ୍ଡାରେ ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ଶନିବାର ମେରୁ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଆଞ୍ଚଳିକ କଳାକାରମାନଙ୍କ ସହ ଜାପାନ, ସ୍ପେନ ଓ ରୁଷିଆରୁ କଳାକାରମାନେ ଆସି ନିଜର କଳା ପରିବେଷଣ କରିବେ। ଶୁକ୍ରବାର ଗଣମାଧମକୁ ସୂଚନା ଦେଇ ଅଭୟ ଆର୍ଟ ଏକାଡେମୀର ଅଧକ୍ଷା ପଙ୍କଜିନୀ ସାହୁ ଏବଂ ନିର୍ଦ୍ଦେଶକ ରିଙ୍କୁ କୁମାର ସାହୁ କହିଛନ୍ତି ଯେ, ଶନିବାର ଓ ରବିବାର ଦୁଇ ଦିନ ଧରି ଏହି ମେରୁ ଉତ୍ସବ ମୁକୁନ୍ଦି ପଡିଆଠାରେ ଆୟୋଜିତ ହେବ । ଏଥିରେ ନୃତ୍ୟ ପାଇଁ ବିଶିଷ୍ଟ ନୃତ୍ୟଗୁରୁ ଗୁରୁଶ୍ରୀ ଗାନ୍ଧୀ ବାରିକ, କଳାକୃତି ପାଇଁ ଡ. ସୁରେନ୍ଦ୍ର ମେହେର, ଭକ୍ତପ୍ରସାଦ ନନ୍ଦଙ୍କୁ ମେରୁ ସମ୍ମାନ-୨୦୧୯ ପ୍ରଦାନ କରାଯିବ । ସେହିପରି କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇଙ୍କୁ ଅଭୟ ୟୁଥ ଆଇକନ୍ ସମ୍ମାନ ପ୍ରଦାନ କରାଯିବ।

### ତ୍ରିବଣପୁର ପଞ୍ଚାୟତରେ ଦନ୍ତା ଉପଦ୍ରବ

**ରେଢ଼ାଖୋଲ,୧୧।୧(ଡି.ଏନ.ଏ.)**-ରେଢ଼ାଖୋଲ ବନଖଣ୍ଡରେ ଦନ୍ତା ଉପଦ୍ରବ ଜାରି ରହିଛି। ଗୁରୁବାର ରାତି ତ୍ରିବଣପୁର ପଞ୍ଚାୟତର ହରିପୁର, ଗୋବିନ୍ଦପୁର, ରାହାଣ, ତ୍ରିବଣପୁର ଗ୍ରାମରେ ଏକ ଦନ୍ତା ହାତୀ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇ ନଷ୍ଟ କରିଛି। ରାହାଣ ଅଙ୍ଗନୱାଡି କେନ୍ଦ୍ରର କବାଟ ଝରକା ଭାଙ୍ଗି ଦେଇ ଚାଉଳ ଖାଇ ଦେଇଛି। ହରିପୁର ଗ୍ରାମର ରେବତୀ ପ୍ରଧାନ, ଗୋବିନ୍ଦପୁର ଗ୍ରାମର ରାମଜୀ ବାଦି, ତ୍ରିବଣପୁର ଗ୍ରାମର ସୁଶାନ୍ତ ମାଝିଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଦେଇଛି। ଗୋବିନ୍ଦପୁର ଗ୍ରାମର ଡିଲେ ବାଦିଙ୍କ ଘରେ ପଶି ବାସନ କୁସନ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଲୋକେ ବନ ବିଭାଗ ନିକଟରେ ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି।

### ଭାଜପାରେ ୩୭୦ କର୍ମୀ ମିଶିଲେ

**ଚିପିଲିମା, ୧୧।୧ (ଡି.ଏନ.ଏ.)**-ରଘୁନାଥପାଲିରେ ଭାଜପାର ବରିଷ୍ଠ କର୍ମୀ ଯୋଗେନ୍ଦ୍ର ମାଝୀଙ୍କ ଅଧକ୍ଷତାରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ଏଥିରେ ୩୭୦ ଜଣ ବିଭିନ୍ନ ଦଳରୁ ଭାଜପାରେ ଯୋଗ ଦେଇଥିଲେ। ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ପ୍ରଧାନ, ବରିଷ୍ଠ ନେତା ନାଉରୀ ନାଏକ, ବ୍ଲକ ଅଧକ୍ଷା ସୀତା ଛୁରିଆ, ଉପାଧକ୍ଷା ସୁଷମା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୯ ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ହୀରାକୁଦ, ୧୧।୧ (ଡି.ଏନ.ଏ)**

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ ରାଜେଶ କୁମାର ଗୁପ୍ତା, ସମ୍ମାନୀତ ଅତିଥି ଭାବେ ହିଣ୍ଡାଲ୍‌କୋର ମାନବସମ୍ବଳ ମୁଖ୍ୟ କୃଷ୍ଣ କୁମାର ପାଢ଼ୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଜିଲା ଶିକ୍ଷା ତାଲିମ ଅନୁଷ୍ଠାନର ଅଧକ୍ଷ ଡ. ଗୀତାଞ୍ଜଳି ଭୋଇ ଓ ମୁଖ୍ୟବକ୍ତା ଭାବରେ ଡେପୁଟି କଲେକ୍ଟର ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସିତାଂଶୁ ତ୍ରିପାଠୀ ଯୋଗଦେଇ ଶିଶୁମାନଙ୍କୁ ସମସ୍ତ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ପାଦକ ଆଜାଦ୍ ଶେଖର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧକ୍ଷ ଈଶ୍ୱରଚନ୍ଦ୍ର ବାରିକ, ସଦସ୍ୟା ସୁଦୀପ୍ତା ମହାନ୍ତି, ମଧୁସ୍ମିତା ହୋତା ମଞ୍ଚାସୀନ ଥିଲେ । ବୀରେନ୍ଦ୍ର ପାଣିଗ୍ରାହୀ ଓ ପ୍ରୀତି ପ୍ରିୟଦର୍ଶିନୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଗତବର୍ଷର ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶମ୍ଭୁ ପ୍ରସାଦ ଠାକୁର ଓ ଆଶୁତୋଷ ପ୍ରଧାନ, ବିଦ୍ୟାଳୟର ପ୍ରଥମ ଅବସରପ୍ରାପ୍ତ ଗୁରୁଜୀ ଯୋଗେନ୍ଦ୍ର ପ୍ରଧାନଙ୍କୁ ସମ୍ମାନୀତ କରାଯାଇଥିଲା। ପୂର୍ବତନ ଛାତ୍ର ତଥା ବର୍ତ୍ତମାନ ସରକାରୀ ଡାକ୍ତରଖାନାରେ ଡାକ୍ତର ଭାବରେ କାର୍ଯ୍ୟରତ ଶରତ କୁମାର ଦେହୁରୀଙ୍କୁ ବିଦ୍ୟାଳୟ ଭାସ୍କର ପ୍ରତିଭାରେ ସମ୍ମାନୀତ କରାଯାଇଥିଲା । ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଅଙ୍କିତା ଦାସ ଓ ଅନ୍ୟାନ୍ୟ କୃତୀ ପ୍ରତିଯୋଗୀମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ସାଂସ୍କୃତିକ ପ୍ରମୁଖ ଅଭୟ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ରଞ୍ଜନ କୁମାର ଦାସଙ୍କ ନିର୍ଦ୍ଦେଶନାରେ ବକାସୁର ବଦ୍ଧ ଗୀତିନାଟ୍ୟ ଓ ପ୍ଲାଷ୍ଟିକ ବର୍ଜନ ଉପରେ ଏକ ନୃତ୍ୟ ବିଶେଷ ଆକର୍ଷଣ ଥିଲା । ଏହି ଅବସରରେ ବାର୍ଷିକ ପତ୍ରିକା ଶାରଦା ଉନ୍ମୋଚନ କରାଯାଇଥିଲା । ବିଦ୍ୟାଳୟର ମମତା ଗଉଡ, ବୈକୁଣ୍ଠ ନାଗ, ସଂଯୁକ୍ତା ବଡପଣ୍ଡା, ଦୀପ୍ତି ରଞ୍ଜନ ପୋଥାଳ, ସୁଶୀଲ ଗୌଡ ଓ ଅନ୍ୟାନ୍ୟ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ସର୍ଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଜମନକିରା, ୧୧। ୧ (ଡି.ଏନ.ଏ.)**

ଜମନକିରା ବ୍ଲକ୍ ଉଷାକୋଠି ଅଭୟାରଣ୍ୟରେ ଅବସ୍ଥିତ ସର୍ଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଆଶିଷ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାରଦା ପ୍ରସନ୍ନ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ଜମନକିରା ସହ-ବ୍ଲକ୍ ଶିକ୍ଷା ଅଧିକାରୀ ଦେବକୀ ବେହେରା, ଏବିଇଓ ତଥା ବିଆର୍‌ସି ସୁଦୀପ୍ତ ନାଏକ, ସରପଞ୍ଚ ସର୍ଡ଼ା ଉମାକାନ୍ତ ପଧାନ, ସର୍ଡ଼ା ସମିତି ସଭ୍ୟ ଅମୃତ ମହାକୁଲ, ଭୁବନେଶ୍ୱର ଦ୍ୱିବେଦୀ, ସିଆର୍‌ସିସି ମୋତିଲାଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ଲିସିଆ ବାଘ, ହରିହର ପଧାନଙ୍କୁ ସମ୍ମାନୀତ କରାଯାଇଥିଲା। ଝୁମି ମାଝୀ, ସୁଜଲ ମୁଣ୍ଡା, ମୀନୁ ମୁଣ୍ଡା, କୁବେର ମାଝୀ, ପାଞ୍ଚାଲି କିସାନ, ଉର୍ସିଲା ବାଘ, ରଞ୍ଜିତା କିସାନ, ପ୍ରଦୀପ ତୀର୍କି, ଉର୍ବସୀ ସେଉଲଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ସୁଚିତ୍ରା ଲାକ୍ରା, ଉମାକାନ୍ତ ଅଦାବର, କ୍ଷମାନିଧି ସାହୁ, ଜଗତା ପଧାନ, ପଙ୍କଜ ପଧାନ ଏବଂ ଭରତ ଚନ୍ଦ୍ର ବିଶ୍ୱାଳ ସହଯୋଗ କରିଥିଲେ। ସୁଷାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଛରାର ୮ ଶ୍ରମିକ ତାମିଲନାଡୁରେ ବନ୍ଧା

# ଉଦ୍ଧାର ପାଇଁ ଉପଜିଲାପାଳଙ୍କୁ ପରିବାର ବର୍ଗଙ୍କ ନିବେଦନ

**କୁଚିଣ୍ଡା, ୧୧।୧ (ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ଗ୍ରାମର ୮ଜଣ ଶ୍ରମିକଙ୍କୁ ଦଲାଲ ମିଥ୍ୟା ପ୍ରତିଶ୍ରୁତି ଦେଇ ତାମିଲନାଡୁକୁ ନେଇଥିଲେ। ବର୍ତ୍ତମାନ ଶ୍ରମିକମାନେ ସେଠାରୁ ଘରକୁ ଫେରି ପାରୁନାହାନ୍ତି। ଏଣୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଶୁକ୍ରବାର ଶ୍ରମିକମାନଙ୍କ ପରିବାର ବର୍ଗ ଉପଜିଲାପାଳଙ୍କୁ ଆକୁଳ ନିବେଦନ କରିଛନ୍ତି ।

ଗତ ଡିସେମ୍ବର ୧୦ ତାରିଖ କୁଚିଣ୍ଡା ଏନଏସି ସଇଡା ଗ୍ରାମର ନାରାୟଣ ପୃଷ୍ଟେ ଏବଂ ସୁଶାନ୍ତ ସେଠୀ ଗୋଛରା ଗ୍ରାମକୁ ଯାଇଥିଲେ। ସେଠାରେ ଭୁବନେଶ୍ୱରରେ ମଜୁରୀ କଲେ ଖାଇ ପିଇ ଦିନକୁ ୩ଶହ ଟଙ୍କା ମଜୁରୀ ମିଳିବ ବୋଲି ପ୍ରଲୋଭନ ଦେଇଥିଲେ। ଏମାନଙ୍କ କଥାରେ ପଡି ଗାଁର ରାଜୁ ଡମ (୧୭), ଅଜିତ ମହାନନ୍ଦିଆ (୨୨), ବଜରଙ୍ଗ ଡମ (୧୫), ତପସ୍ୟା ମହାନ୍ଦିଆ (୩୫), ଚନ୍ଦନ ଡମ (୨୫),ଶିବୁ କିସାନ (୧୭), ଉପେନ୍ଦ୍ର ଡମ (୧୮) ଓ ଶ୍ୟାମ ଡମ (୨୧) ଭୁବନେଶ୍ୱର ବାହାରିଥିଲେ। ହେଲେ ଭୁବନେଶ୍ୱରରେ ୪ ଦିନ ରଖିବା ପରେ କାମ ମିଳୁନାହିଁ ବୋଲି କହି ସମସ୍ତଙ୍କୁ ତାମିଲନାଡିର କାରୁର ଜିଲାକୁ ନେଇଯାଇ ସେଠାରେ ଏମାନଙ୍କୁ ଜଣେ ଠିକାଦାରଙ୍କୁ ହସ୍ତାନ୍ତର କରି ଦେଇଥିଲେ। ସଂପୃକ୍ତ ଠିକାଦାର ଶ୍ରମିକମାନଙ୍କୁ ଦିନକୁ ୧୪ରୁ ୧୫ ଘଣ୍ଟା ଖଟାଇ ପାରିଶ୍ରମିକ ଦେଉନାହାନ୍ତି । ଠିକରେ ଖାଇବାକୁ ମଧ ଦେଉନାହାନ୍ତି। ପ୍ରତିବାଦ କଲେ ମାଡ ଦିଆଯାଉଛି । ଶ୍ରମିକମାନଙ୍କୁ ଛାଡୁ ନାହାନ୍ତି। ଏହି ଶ୍ରମିକମାନଙ୍କ ମଧରେ ବଜରଙ୍ଗ ରାଜୁ ଏବଂ ଶିବୁ ପ୍ରମୁଖ ୩ଜଣ ନାବାଳକ ମଧ ରହିଛନ୍ତି । ଏ ବାବଦରେ ଜାଣିବା ପରେ ପରିବାରର ସଦସ୍ୟମାନେ ନାନା ଆଶଙ୍କାରେ ଅଛନ୍ତି । ଏଣୁ ସେହି ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ପରିବାରର ସଦସ୍ୟମାନେ ଶେଷରେ ଶୁକ୍ରବାର କୁଚିଣ୍ଡା ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଆକୁଳ ନିବେଦନ କରିଛନ୍ତି।

## ନାକଟିଦେଉଳ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ନାକଟିଦେଉଳ,୧୧।୧(ଡି.ଏନ.ଏ.)**

ନାକଟିଦେଉଳ ମହାବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଖେଳ ପଡ଼ିଆଠାରେ ଦୁଇ ଦିନ ଧରି ଆୟୋଜିତ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ୧୪ଟି ବର୍ଗରେ ସମୁଦାୟ ୧୬୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଯୁକ୍ତ ଦୁଇ ବାଳିକା ବର୍ଗରେ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଟୁନି ସାହୁ ଚାମ୍ପିୟନ ହୋଇଥିଲେ। ଯୁକ୍ତ ତିନିର ବାଳକ ବର୍ଗରେ ଶେଷବର୍ଷ କଳା ଛାତ୍ର ପୁରୁଷୋତ୍ତମ ସାହୁ ଓ ବାଳିକା ବର୍ଗରେ ଦ୍ୱିତୀୟ ବର୍ଷ କଳାଛାତ୍ରୀ ସଂଯୁକ୍ତା ବିଶି ଚାମ୍ପିୟନ ହୋଇଥିଲେ । ଯୁକ୍ତ ଦୁଇର ଅଧକ୍ଷ କନ୍ଦର୍ପ ରାଉଳଙ୍କ ଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ନାକଟିଦେଉଳ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅମୂଲ୍ୟରତ୍ନ ମହନ୍ତ, ଅଧାପକଦୀପେନ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଅତିଥି ଭାବେ ଯୋଗ ଦେଇଥିଲେ । ଯୁକ୍ତ ତିନିର ଅଧକ୍ଷ ସୁଧୀର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପକପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଡେସିଂହାରେ ଖଳା ଛାଡେନ ପରମ୍ପରା ପାଳିତ

**ସମ୍ବଲପୁର,୧୧।୧(ବ୍ୟୁରୋ)**

କୃଷି ଭିତ୍ତିକ ନିଆରା ପରମ୍ପରା ଖଳା ଛାଡେନ ଏବେ ଲୋପ ପାଇବାକୁ ବସିଛି । ଆଧୁନିକ ସଭ୍ୟତା ତଥା ଜୀବନ କାଟିବା ଏହାର ଏକ କାରଣ ହୋଇଛି। କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ହେବା ମଧ ଆଉ ଏକ ମୁଖ୍ୟ କାରଣ। ପ୍ରଥମେ ଜମିଦାର ଗୌନ୍ତିଆମାନେ ଚାଷ କାମରେ ଶ୍ରମିକମାନଙ୍କୁ ନିୟୋଜିତ କରୁଥିଲେ। ଚାଷ କାମ ଆରମ୍ଭରୁ ଅମଳ ହେବା ପର୍ଯ୍ୟନ୍ତ ସେମାନେ ନିଷ୍ଠାର ସହିତ କାମ କରୁଥିଲେ। ଧାନ କ୍ଷେତରୁ କାଟି ଆଣି ଖଳାରେ ମଡାଇ ଚୁନା କରୁଥିଲେ। ଖଳାରେ ଯେଉଁ ଦିନ କାମ ସରିଥାଏ ସେହିଦନି ଜମିଦାର ଗୌନ୍ତିଆମାନେ ଖଳା ଛାଡେନ (ଧାନ, ଟଙ୍କା, ବସ୍ତ୍ର, ଖାଇବା ସମାଗ୍ରୀ) ପ୍ରଦାନ କରଥାନ୍ତି। ଏହି ନିଆରା ପରମ୍ପରାକୁ ଆଜି ମଧ ବଜାୟ ରଖିବା ପାଇଁ ପ୍ରାୟସ କରୁଛନ୍ତି ମାନେଶ୍ୱର ବ୍ଲକ୍ ତବଲା ପଞ୍ଚାୟତ ଗୁଡେସିଂହା ଗ୍ରାମର ବିଶ୍ୱମ୍ବର ପ୍ରଧାନ । ଶୁକ୍ରବାର ସେ ନିଜ ଖଳାରେ ଶ୍ରମିକମାନଙ୍କୁ ଖଳା ଛାଡେନ ଦେଇଥିଲେ । ଶ୍ରମିକମାନ ମଧ ଖୁସିରେ ଗ୍ରହଣ କରିଥିଲେ। ପ୍ରତିବର୍ଷ ଚାଷ କାମ ଶେଷରେ ସେ ଏହି ପରମ୍ପରା ପାଳନ କରି ଶ୍ରମିକମାନଙ୍କୁ ଖୁସି କରିବା ପାଇଁ ଚେଷ୍ଟା କରିଥାନ୍ତି।

## ଧମା କଲେଜରେ ଆଲୋଚନାଚକ୍ର

**ଧମା, ୧୧।୧ (ଡି.ଏନ.ଏ.)**

ସ୍ଥାନୀୟ ମାଁ ଖାଡେଶ୍ୱରୀ କଲେଜ ଏହାର ୨୫ ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଛି । ଏହି କ୍ରମରେ ଶୁକ୍ରବାର କଲେଜ ପରିସରରେ ସମ୍ବଲପୁର ସାମ୍ରାଜ୍ୟର ଉତଥାନ୍ ଓ ପତନ ଏବଂ ହୁମା ପ୍ରଗଣା ବିଷୟକୁ ନେଇ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଲୋଚକ ଦୀପକ କୁମାର ପଣ୍ଡା ଯୋଗଦେଇ ପ୍ରତ୍ୟେକ ଜାତି ନିଜର ଇତିହାସ ପ୍ରତି ସଚେତନ ହେବା ଆବଶ୍ୟକ । ସମ୍ବଲପୁର ରାଜ୍ୟ ସ୍ଥାପନଠାରୁ ଆରମ୍ଭ କରି ବ୍ରିଟିଶ ଶାସନାଧିକ ହେବା ପର୍ଯ୍ୟନ୍ତ ବିଭିନ୍ନ ଘଟଣା ତଥା ଐତିହାସିକ ତଥ୍ୟମାନଙ୍କର ଦୃଷ୍ଟାନ୍ତ ଦେଇ ସେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅନ୍ୟତମ ଆଲୋଚକ ଭାବେ ଗବେଷକ ସାଲେଗ୍ରାମ ହୋତା ପ୍ରାଚୀନ ସମ୍ବଲଙ୍କ ସହ ହୁମା ଓ ଧମା ଅଞ୍ଚଳର ସମ୍ପର୍କ ବିଷୟରେ ଆଲୋଚନା କରିବା ସଙ୍ଗେ ହୁମା ମନ୍ଦିର ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟମାନ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ଅଧାପକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ରବୀନ୍ଦ୍ର ନାରାୟଣ ଠାକୁର ଏବଂ ସଂସାର ପଧାନ ସମ୍ବଲପୁର ଇତିହାସ ଆଲୋଚନା କରିଥିଲେ । ସଭାରେ ପୂର୍ବତନ ପରିଚାଳନା ସଭାପତି ଦିଲୀପ ମହାପାତ୍ର, ସଦସ୍ୟ ପରମାନନ୍ଦ ସିଂ, ରବୀନ୍ଦ୍ର ପୃଷ୍ଟି, ପୁରାତନ ଛାତ୍ର ସଂସଦ ସଭାପତି କମଳଲୋଚନ ପଣ୍ଡା, ସମ୍ପାଦକ ଅନୀଲ ଦାଶ, ସନ୍ତୋଷ ପୁରୋହିତ, ବୁଦ୍ଧଦେବ ସିଂ, ଲିଙ୍ଗରାଜ ଦାଶ, ଅନନ୍ତ କୁମ୍ଭାର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଧାପକ ବ୍ୟାସଦେବ ପଣ୍ଡା, ସତ୍ୟନାରାୟଣ ଦାଶ, ରବିଶଙ୍କର ହୋତାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଯୁକ୍ତ ୩ ଅଧକ୍ଷ ଅନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ସମାବେଶରେ ଧରାପଡିଲା ଦଳୀୟ ଫାଟ

**ଚିପିଲିମା, ୧୧।୧ (ଡି.ଏନ.ଏ.)**

ଧନକଉଡା ବ୍ଲକ ଗୋଶାଳା ବଜାର ପ୍ରାଙ୍ଗଣରେ ଶୁକ୍ରବାର ବିଜେଡି କର୍ମୀ ସମାବେଶରେ ଦଳୀୟ ଫାଟ ଧରା ପଡିଛି। ତେବେ ଏହି ସମାବେଶରେ ଦଳର ଜିଲା ସଭାପତିପ୍ରମୋଦ ରଥ, ସ୍ଥାନୀୟ ବିଧାୟକ ରମେଶ ପଟୁଆ, ତାଙ୍କ ପ୍ରତିନିଧି ଅନୀଲ ଭୋଇ କିମ୍ବା ତାଙ୍କ ସମର୍ଥକଙ୍କ ଦେଖା ନ ଥିଲା। ଏଣୁ ବିଜେଡି ମଧରେ ଫାଟ ଜଳଜଳ ହୋଇ ବାରି ହେଉଥିଲା । ତେବେ ଗହଳି ଜମାଇବାକୁ ଗ୍ରାମାଞ୍ଚଳରୁ ଗାଡିରେ ଏସଏଚଜି ମହିଳା ତଥା ଲୋକମାନଙ୍କୁ ଅଣାଯାଇଥିଲା। ଅନ୍ୟପକ୍ଷରେ ବିଧାୟକ ପଟୁଆଙ୍କ ସମର୍ଥକମାନେ ଘଣ୍ଟେଶ୍ୱରୀ ଅଞ୍ଚଳରେ ଏକ କାର୍ଯ୍ୟକ୍ରମ କରିଥିବା ନେଇ ଚର୍ଚ୍ଚା ସାମନାକୁ ଆସିଛି ।

ବ୍ଲକ ସଭାପତି ଯତିନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ରେଙ୍ଗାଲି ପର୍ଯ୍ୟବେକ୍ଷକ କୁନା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମୀ ସମାବେଶରେ ରାଜସଭା ସଦସ୍ୟ ତଥା ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ରାଜ୍ୟ କୃଷକ ସଭାପତି ମନୋଜ ମହାପାତ୍ର, ଜିଲା କୃଷକ ସଭାପତି ଆନନ୍ଦ ଜେନା, ଆଶାୟୀ ପ୍ରାର୍ଥୀ ଇଂ. ଦିଲୀପ ଦୁରିଆ, ଇଂ. ଗାନ୍ଧୀ ବେହେରା, ପ୍ରମୋଦ ସୁନା, ସୁଶାନ୍ତ ଡନସନା, ହରିଶ୍ଚନ୍ଦ୍ର ବେହେରା କୁମାରଚାନ୍ଦ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ବରିଷ୍ଠ କର୍ମୀ କାହ୍ନୁ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାବେଶରେ ସମସ୍ତେ ବିଜେଡି ନବୀନ ପଟ୍ଟନାୟକଙ୍କ ସଫଳତା ବଖାଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟୁ ସମାଲୋଚନା କରିଥିଲେ । ପ୍ରତାବ ଦେବ କହିଥିଲେ ଯେ, ବିଜେଡି କଥାରେ ନୁହେଁ କାମକୁ ବିଶ୍ୱାସ କରିଥାଏ । ଏଣୁ ବିଜେଡି ହାତମୁଠାକୁ ମଜବୁତ କରି ଆଗାମୀ ନିର୍ବାଚନରେ ପୂର୍ଣ୍ଣ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କଲାମାଟି ସରପଞ୍ଚ ଶ୍ରୀହରି ନାଗ, କର୍ଡୋଲା ପୂର୍ବତନ ସରପଞ୍ଚ ଗୋରେଖ ରାଉତ, ଚନ୍ଦ୍ରମଣି ମେହେର, ସୁଦର୍ଶନ ହରିପାଲ, ରାମଦାସ ପ୍ରଧାନ, ଜାନୁ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଗୋଶାଳା ବଜାରରେ ବିଜେଡିର ଦଳୀୟ ସମାବେଶରେ ନେତୃବୃନ୍ଦ।

## କିସିଣ୍ଡା କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ନାକଟିଦେଉଳ, ୧୧।୧ (ଡି.ଏନ.ଏ.)**

କିସିଣ୍ଡା ହାୟର୍ ସେକେଣ୍ଡାରୀ ସ୍କୁଲ (କଲେଜ)ର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବାଳିକା ବର୍ଗରେ ଅର୍ଚ୍ଚନା ସାବତ ଓ ବାଳକ ବର୍ଗରେ ଦିବ୍ୟସ୍ୱରୂପ ଧଳ ଚାମ୍ପିୟନ ହୋଇଛନ୍ତି । କଲେଜ ଅଧକ୍ଷା ସୁଶ୍ରୀତା ଭୋଇଙ୍କ ପରିଚାଳନାରେ ଉତ୍ସବ ଆୟୋଜିତ ହୋଇଥିଲା । କିସିଣ୍ଡା ସରପଞ୍ଚ ଅହଲ୍ୟା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଖେଳ ଶିକ୍ଷକ ସୁରେଶ କୁମାର ପାତ୍ରଙ୍କ ପରିଚାଳନାରେ ଇଭେଣ୍ଟ ପରିଚାଳିତ ହୋଇଥିଲା । କିସିଣ୍ଡା ହାଇସ୍କୁଲ ଖେଳ ଶିକ୍ଷକ ଗୁରେଖ ବିହାରୀ ସାହୁ ଓ ଫୁଲକୁସୁମ ହାଇସ୍କୁଲ ଖେଳ ଶିକ୍ଷକ ହୃଦାନନ୍ଦ ସାହୁ ଇଭେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । କୌଶିକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଞ୍ଜୟ କୁମାର ପ୍ରଧାନ, ସୁଶାନ୍ତ କୁମାର ନାୟକ, ଅନୀତା ପ୍ରଧାନ, ସିମାରାଣୀ ନାୟକ, ଦିଲୀପ କୁମାର ପ୍ରଧାନ, ଗୋଲେକ ବିହାରୀ ବିଶ୍ୱାଳ, ହରେକୃଷ୍ଣ ପ୍ରଧାନ ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଓଡ଼ିଶା ସରକାର

# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

**File No.: L.A.I.-63/2018-784** **Dated: 11.09.2018**

No.: XXIX-71: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଜାଙ୍ଗଡ଼ା, ଥାନା- ଖମାର, ଥାନା ନଂ.- ୬୭, ତହସିଲ- ପାଲଲହଡ଼ା, ଜିଲ୍ଲା- ଅନୁଗୋଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୬୩୭୧ ତା୧୦।୦୮।୨୦୧୭ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା- ୩୦୪୮୯ ତା୧୨।୦୯।୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହି ଘୋଷଣା କରାଯାଉଅଛି ଯେ ମୌଜା- ଜାଙ୍ଗଡ଼ା, ଥାନା- ଖମାର, ଥାନା ନଂ.- ୬୭, ଜିଲ୍ଲା- ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.angul.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା- ଅନୁଗୋଳ, ତହସିଲ- ପାଲଲହଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏ.୪.୨୦୦ | ଏଥିସହ ସଂଲଗ୍ନ କରାଗଲା |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା- ଅନୁଗୋଳ, ତହସିଲ- ପାଲଲହଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ:**

**ତଫସିଲ - କ**
**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା- ଜାଙ୍ଗଡ଼ା, ତହସିଲ- ପାଲଲହଡ଼ା, ଥାନା: ଖମାର, ଥାନା ନଂ.- ୬୭, ଜିଲ୍ଲା- ଅନୁଗୋଳ**
**ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୧ | ୧୫ | ଶାରଦ ଦୁଇ | ୦.୪୦୦ | ୦.୪୦୦ | ଅଭିମନ୍ୟୁ ପଧାନ, ପି.- ବାସୁଦେବ ପଧାନ, ଜା: ଚଷା, ବା: ଖମାର |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୨ | ୧୭ | ଶାରଦ ଦୁଇ | ୦.୪୧୦ | ୦.୧୦୦ | କାହ୍ନୁ ଚରଣ ପଧାନ, ପି.- ବାସୁ ପଧାନ, ଜା: ଚଷା, ବା: ଖମାର |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୩ | ୨ | ଶାରଦ ଏକ | ୨.୬୨୦ | ୧.୫୮୦ | ଚମ୍ପାବତୀ ସାହୁ, ପି.- ନବଘନ ପଧାନ, ଜା: ଚଷା, ବା: ଖମାର |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୪ | ୩ | ଶାରଦ ଦୁଇ | ୧.୩୯୦ | ୧.୨୮୦ | ଜନାର୍ଦ୍ଦନ ପଧାନ, ପି.- ବାସୁ ପଧାନ, ଜା: ଚଷା, ବା: ଖମାର |
| | | | ୧୪ | ଶାରଦ ଦୁଇ | ୦.୩୫୦ | ୦.୩୫୦ | |
| | | | ୨/୧୮ | ଶାରଦ ଏକ | ୦.୨୧୦ | ୦.୨୧୦ | |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୫ | ୧୩ | ଶାରଦ ଦୁଇ | ୦.୪୨୦ | ୦.୧୯୦ | ମାଳତୀ ବିଶ୍ୱାଳ, ସ୍ୱା.- ଦିବାକର ବିଶ୍ୱାଳ, ଜା: ଚଷା, ବା: ଖମାର |
| | | | ୨୭ | ଶାରଦ ଦୁଇ | ୦.୭୭୦ | ୦.୦୬୦ | |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୫/୧ | ୩/୩୦ | ଶାରଦ ଦୁଇ | ୦.୦୧୦ | ୦.୦୧୦ | କୌଶଲ୍ୟା ପ୍ରଧାନ, ସ୍ୱା.- କୈଳାସ ଚନ୍ଦ୍ର ପ୍ରଧାନ, ଜା: ଚଷା, ବା: ଖମାର |
| | | | ୧୪/୩୧ | ଶାରଦ ଦୁଇ | ୦.୦୧୦ | ୦.୦୧୦ | |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୫/୨ | ୧୫/୩୨ | ଶାରଦ ଦୁଇ | ୦.୦୧୦ | ୦.୦୧୦ | ପ୍ରଦୀପ କୁମାର ପ୍ରଧାନ, ପି.- ଧରଣୀଧର ପ୍ରଧାନ, ଜା: ଚଷା, ବା: ଖମାର |
| ମୌଜାର ସର୍ବମୋଟ ୧୧ ପ୍ଲଟକୁ ଅଧିକୃତ ରକବା | | | | | | ଏ.୪.୨୦୦ | |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ମୌଜା- ଜାଙ୍ଗଡ଼ା, ଥାନା: ଖମାର, ଥାନା ନଂ.- ୬୭, ତହସିଲ- ପାଲଲହଡ଼ା, ଜିଲ୍ଲା- ଅନୁଗୋଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

**ସ୍ୱା./- ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, ଅନୁଗୋଳ**

**24012/14/0039/1819**

---

**idco** | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**No. HO/Civil/T&E/E/4056/04/2018/ 700** **Dated.10.01.19**

## QUOTATION CALL NOTICE

Sealed Quotations are invited from the original Manufacture / Registered Supplier/Authorized Dealers of **Utensils for "Supplying, Installing, Fixing & Commissioning of Utensils For Krushi Bhawan at Bhubaneswar".** The last date of submission of the quotation is 06.02.2019 by 5.00 P.M and the quotation will be opened on 07.02.2019 at 11.00 A.M.

For the detail Quotation Call Notice, Terms & Condition, Specification and B.O.Q, Please visit our web site **www.idco.in** (Tender & Quotation)

**Sd/-**
**Chief General Manager (Civil) I/C**
**IDCO, Bhubaneswar**

---

# OFFICE OF THE EXECUTIVE ENGINEER

## RURAL WORKS DIVISION-II, GANJAM, BERHAMPUR

**Phone-0680-2404096, E-Mail: eerwgmt@yahoo.co.in**

## Government of Odisha e-Procurement Notice Bid Identification No. Online Tender/10/ EERWD-II/2018-19

**No.202 / RWD-IIGB, Date 09.01.2019**
**No.1352-O:-**

| | | | |
|---|---|---|---|
| 1 | Name of the work | : | Road & Building Works |
| 2 | Estimated cost | : | Rs.22.13 lakhs |
| 3 | Period of Completion | : | 3 (Three) Calendar Months as per Annexure |
| 4 | Date & Time of availability of Bid documents in the Portal | : | From 16.01.2019 at 10.00 AM to 25.01.2019 upto 3.00 PM |
| 5 | Last Date/ Time for receipt of Bids in the Portal | : | 25.01.2019 upto 3.00 PM |
| 6 | Name and address of the Officer Inviting Bid | : | Executive Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website https://tenders.ori.nic.in/nicgep/app.

**Executive Engineer**
**R.W Division-II, Ganjam**
**Berhampur**

**25073/11/0013/1819**

---

# DISTRICT PROJECT OFFICE

# RTE-SARVA SIKSHYA ABHIYAN, NUAPADA

**Behind Mini Stadium, At/P.O./P.S./Dist.- Nuapada - 766105**
**Phone No.: 06678-223295, E-mail: dpcnuapadassa.opepa@nic.in**
**No.: 105** **Dt.: 9.1.19**

## SHORT TENDER CALL NOTICE FOR PRINTING AND SUPPLY OF QUESTION-CUM-ANSWER SHEETS OF SUMMATIVE ASSESSMENT - II, 2019

Sealed tenders under two bid systems are invited from the registered offset printers/firms of Odisha having valid PAN, IT Clearance, GST Registration No., etc. for printing, packing & supply of Question-cum-Blank Answer sheets of Summative Assessment-II, 2019 for the year 2018-19 of Nuapada district. The tender papers (bid documents) containing detailed specification with terms and conditions, application of Technical Bid & application of Financial Bid can be obtained by downloading from the Nuapada district website **http://nuapada.nic.in** or OPEPA website **http://opepa.odisha.gov.in** or may be obtained from our office from Dt.09.01.19 to Dt.28.01.19 during working day (till 1.00 P.M.) by paying Rs.1000/- (Rupees one thousand only) (non-refundable) towards cost of tender paper. In case of downloading the tender paper from website, the bidders are required to submit Demand Draft of Rs.1000/- (Rupees one thousand only) (non-refundable) towards cost of tender paper drawn in favour of DPC, RTE-SSA, Nuapada. The tender paper shall only be received through Registered Post/ Speed Post before 5.00 P.M. of 28.01.19. The tender received after 5.00 P.M. will not be entertained. The undersigned will not be responsible for any postal delay. The tender will be opened on Dt.29.01.19 at 4.00 P.M. in the Office Chamber of the District Project Coordinator, RTE-SSA, Nuapada in presence of the bidders or their authorized representatives. For details please visit district website **http://nuapada.nic.in** or OPEPA website **http://opepa.odisha.gov.in**. Undersigned reserves the right to reject any or all of the quotations without assigning any reason therefor.

**Sd./- Collector-cum-Chairperson**
**RTE-SSA, Nuapada**

---

# DISTRICT PROJECT OFFICE

# RTE-SSA, SUNDARGARH

**Notice No. 62** **Pdg/Date: 11.01.19**

## SHORT TENDER CALL NOTICE FOR PRINTING & SUPPLY OF QUESTION-CUM-BLANK ANSWER SHEETS FOR SUMMATIVE ASSESSMENT-II, 2019

Sealed tenders are invited in plain paper from reputed experienced and tradable offset printers/firms having valid registered GST, PAN & ITCC for printing, packing and supply of question-cum-blank answer sheet (approximately 80 lakh pages) for the Summative Assessment-II, 2019 from Class-I to Class-VIII (Odia/English/Hindi) for all Govt & Govt aided Schools of Sundargarh District. Actual requirement may vary which shall be given to selected firm only at the time of agreement on award of work order.

The details of tender call notice containing specification, terms and conditions may be downloaded from our official website www.sundergarh.nic.in or www.opepa.in or the same may be collected from District Project Office, RTE-SSA, Sundargarh. Quotation should be submitted in the envelope duly marked on the top "Quotation for printing & supply of question-cum-answer sheet for Summative Assessment-II, 2018-19" to the District Project Office, RTE-SSA, Sundargarh in front of B.S. High School, At/ PO/Dist.- Sundargarh, PIN-770001. It must be sent only through Registered/Speed Post on or before 28.01.2019 upto 5.00 PM. The tender paper/bid received after the scheduled time (5.00 PM on 28.01.2019) shall not be taken into consideration. The tender shall be opened at 3.30 PM on dt.29.01.2019 in the office chamber of Collector in the presence of the bidders or their authorised representatives. This office reserves the right to cancel all or part of the tender without assigning any reason thereof.

By the order of Collector-cum-Chairman
**Sd./- DPC, RTE-SSA, Sundargarh**

---

ଓଡ଼ିଶା ସରକାର

# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No. L.A.I-71/2018 - 1075 Dated 13.11.2018

No. XXIX-77: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- **ରେଙ୍ଗାଳମୁଣ୍ଡା,** ଥାନା- **ଖମାର,** ନଂ.**୨୧**, ତହସିଲ- **ପାଲଲହଡ଼ା,** ଜିଲ୍ଲା- **ଅନୁଗୋଳ**ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୩.୯୧୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବାଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବ-ତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study vide No.36761 dtd.28.09.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ପାଲଲହଡ଼ା।
୬. ଜମିର ବିବରଣୀ – ଏଥି ସହିତ ସଂଲଗ୍ନ କରାଗଲା।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଅନୁଗୋଳ | **ପାଲଲହଡ଼ା** | ରେଙ୍ଗାଳମୁଣ୍ଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ୩.୯୧୦ | ଏଥି ସହିତ ସଂଲଗ୍ନ କରାଗଲା |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

**ଭୂମି ଅନୁସୂଚୀ**
**ପ୍ରକଳ୍ପର ନାମ: ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

**ମୌଜା: ରେଙ୍ଗାଳମୁଣ୍ଡା** **ଥାନା: ଖମାର**
**ଥାନା ନଂ. ୨୧** **ତହସିଲ: ପାଲଲହଡ଼ା**
ଜିଲ୍ଲା: ଅନୁଗୋଳ

| ଗ୍ରାମର ନାମ | ଗ୍ରାମପଞ୍ଚାୟତର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରେଙ୍ଗାଳମୁଣ୍ଡା | ଖେମଳା | ୨ | ୨୫୨ | ଶାରଦ ତିନି | ୦.୧୫୦ | ୦.୦୯୦ | କନ୍ଦର୍ପ ବିଶ୍ୱାଳ, ପି. ବୁଧିଆ ବିଶ୍ୱାଳ, ଜା: ଚଷା, ବା: ନିଜଗାଁ |
| | | ୫ | ୫୦୨ | ଶାରଦ ତିନି | ୦.୯୪୦ | ୦.୩୭୦ | କୁହୁରୁ ବିଶ୍ୱାଳ, ପି. ହରି ବିଶ୍ୱାଳ, ଜା: ଚଷା, ବା: ନିଜଗାଁ |
| | | ୧୫ | ୫୩୯ | ବିଆଳି | ୦.୮୦୦ | ୦.୧୧୦ | ଠେଙ୍ଗୁ ମହାକୁଳ, ପି. ବାଇଧର ମହାକୁଳ, ଜା: ଗଉଡ, ବା: ନିଜଗାଁ |
| | | ୧୬ | ୫୪୪ | ଶାରଦ ତିନି | ୦.୨୫୦ | ୦.୦୪୦ | ଠେଙ୍ଗୁ ମହାକୁଳ, ମଧୁ ମହାକୁଳ, ପି. ବାଇଧର ମହାକୁଳ, ଜା: ଗଉଡ, ବା: ନିଜଗାଁ |
| | | | ୫୪୮ | ଶାରଦ ତିନି | ୦.୧୭୦ | ୦.୦୩୦ | |
| | | ୧୯ | ୫୪୧ | ଡଇଳା ଏକ | ୦.୫୨୦ | ୦.୨୭୦ | ଦିଗ ଗାଗରାଇ, ସାନ କଇରା ଗାଗରାଇ, ପି.ମାଣିକ ଗାଗରାଇ, ଜା: ହୋ, ବା: ନିଜଗାଁ |
| | | ୨୫ | ୫୪୨ / ୧୦୭୫ | ବିଆଳି | ୦.୬୦୦ | ୦.୪୬୦ | ନବଘନ ବିଶ୍ୱାଳ, ପି. ଧରଣୀ ବିଶ୍ୱାଳ, ଜା: ଚଷା, ବା: ନିଜଗାଁ |
| | | ୩୭ | ୫୨୯ | ଡଇଳା ଦୁଇ | ୨.୧୧୦ | ୦.୭୭୦ | ପୁରୁମୀ ବିରୁଆ, ଜଗ ବିରୁଆ, ଅଭି ବିରୁଆ, ଗୋପୀ ବିରୁଆ, ପି. କାର୍ତ୍ତିକ ବିରୁଆ, ସମବାରୀ ବିରୁଆ, ସ୍ୱା. କାର୍ତ୍ତିକ ବିରୁଆ, ଜା: ହୋ, ବା: ନିଜଗାଁ |
| | | ୩୮ | ୨୫୧ | ଶାରଦ ଦୁଇ | ୦.୩୬୦ | ୦.୧୪୦ | ବଣ୍ଟୁ ବିଶ୍ୱାଳ, ପି. ବୁଧିଆ ବିଶ୍ୱାଳ, ଜା: ଚାଷା, ବା: ନିଜଗାଁ |
| | | ୪୭ | ୫୦୪ | ଶାରଦ ତିନି | ୦.୮୮୦ | ୦.୩୨୦ | ବୈଜୁ ବିରୁଆ, ମିଲୁ ବିରୁଆ, ପି. ଚେଙ୍ଗ ବିରୁଆ, ଜା: ହୋ, ବା: ନିଜଗାଁ |
| | | | ୫୨୭ | ଘରବାରି | ୦.୬୨୦ | ୦.୩୬୦ | |
| | | ୪୯ | ୫୪୬ | ଶାରଦ ତିନି | ୦.୧୬୦ | ୦.୦୭୦ | ମଧୁ ମହାକୁଳ, ପି. ବାଇଧର ମହାକୁଳ, ଜା: ଗଉଡ଼, ବା: ନିଜଗାଁ |
| | | | ୫୩୯ / ୧୦୭୪ | ବିଆଳି | ୦.୩୬୦ | ୦.୧୫୦ | |
| | | ୫୭ | ୫୪୦ | ଡଇଳା ଦୁଇ | ୦.୩୦୦ | ୦.୩୦୦ | ସଦାଶିବ ବିଶ୍ୱାଳ, ପି. ଜଟିଆ ବିଶ୍ୱାଳ, ଜା: ଚଷା, ବା: ନିଜଗାଁ |
| | | ୫୯ | ୨୨୭ | ଶାରଦ ତିନି | ୧.୦୮୦ | ୦.୪୩୦ | ସାନ କାଇରା ଗାଗରାଇ, ଦିଗି ଗାଗରାଇ, ପି. ମାଣାକି ଗାଗରାଇ, ଜା: ହୋ, ବା: ନିଜଗାଁ |
| | | **ମୋଟ** | | | **୯.୩୦୦** | **୩.୯୧୦** | |

24012/14/0045/1819 **ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**

---

XXIX-74

ଓଡ଼ିଶା ସରକାର

# ଅନୁଗୋଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No. L.A.I. 70/2018-802 Dated : 11.09.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ହାତୀବିନ୍ଧା, ଥାନା- ଖମାର, ଥାନା ନଂ-୧୮, ତହସିଲ- ପାଲଲହଡା, ଜିଲ୍ଲା – ଅନୁଗୋଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୨୬୩୬୪, ତା. ୧୦.୦୮.୨୦୧୭ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା- ୩୦୪୮୯, ତା.୧୨.୦୯.୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ହାତୀବିନ୍ଧା, ଥାନା- ଖମାର, ଥାନା ନଂ-୧୮, ଜିଲ୍ଲା- ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପାରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.angul.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/ revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା : ଅନୁଗୋଳ** **ତହସିଲ : ପାଳଲହଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ହାତୀବିନ୍ଧା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ. ୫.୪୨୦ | ଏଥି ସହିତ ସଂଲଗ୍ନ କରାଗଲା |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା : ଅନୁଗୋଳ** **ତହସିଲ : ପାଳଲହଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**

**ତଫସିଲ-କ**
**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା- ହାତୀବିନ୍ଧା, ତହସିଲ- ପାଲଲହଡା, ଥାନା- ଖମାର, ଥାନା ନଂ-୧୮, ଜିଲ୍ଲା- ଅନୁଗୋଳ**
**ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର- ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୩ | ୨୨୫ | ଶାରଦ ଏକ | ୦.୯୪୦ | ୦.୩୬୦ | କଷ୍ଟୁଚରଣ ବେହେରା, ପି. ପବିତ୍ର ବେହେରା, ଜା : ତଅଁଳା, ବା: ନିଜଗାଁ |
| | | | ୨୨୭ | ଶାରଦ ଏକ | ୧.୧୪୦ | ୦.୮୬୦ | |
| | | | ୨୩୭/ ୫୦୩ | ଶାରଦ ଏକ | ୧.୫୫୦ | ୦.୨୦୦ | |
| | | | ୨୩୭/ ୫୦୪ | ଶାରଦ ତିନି | ୦.୮୪୦ | ୦.୭୯୦ | |
| | | | ୨୨୭/ ୫୬୨ | ଶାରଦ ତିନି | ୦.୨୨୦ | ୦.୧୫୦ | |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୧୮ | ୪୫୯ | ଶାରଦ ଏକ | ୧.୧୩୦ | ୦.୦୩୦ | ପୀତାମ୍ବର ପଧାନ, ପି. ମିଟୁ ପଧାନ, ଜା: ତଅଁଳା, ବା: ନିଜଗାଁ |
| | | | ୪୬୦ | ନାଳ | ୦.୧୯୦ | ୦.୦୩୦ | |
| | | | ୪୬୨ | ଶାରଦ ଏକ | ୦.୬୯୦ | ୦.୫୮୦ | |
| | | | ୪୬୩ | ଆଡ଼ି | ୦.୨୩୦ | ୦.୧୪୦ | |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୨୦ | ୪୩୯ | ଶାରଦ ଏକ | ୧.୬୩୦ | ୦.୧୧୦ | ବଂଶୀଧର ପଧାନ, ପି. ମିଟୁ ପଧାନ, ଜା: ଚଷା , ବା: ନିଜଗାଁ |
| | | | ୪୫୫ | ଆଡ଼ି | ୦.୨୦୦ | ୦.୦୨୦ | |
| | | | ୪୩୯/ ୫୩୬ | ଶାରଦ ଏକ | ୦.୧୨୦ | ୦.୦୨୦ | |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୨୫ | ୨୨୩ | ଶାରଦ ତିନି | ୦.୧୭୦ | ୦.୧୭୦ | ମଧୁ ମହାକୁଳ, ପି: ବାଇଧର ମହାକୁଳ, ଜା: ଗଉଡ, ବା: ନିଜଗାଁ |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୩୭ | ୪୬୫ | ଶାରଦ ଏକ | ୦.୯୧୦ | ୦.୪୨୦ | ଶାମ ବେହେରା, ପି. ମୃଷା ବେହେରା, ଜା: ତଅଁଳା, ବା: ନିଜଗାଁ |
| | | | ୪୬୫/ ୫୨୨ | ଶାରଦ ଦୁଇ | ୦.୪୪୦ | ୦.୨୭୦ | |
| | | | ୪୬୬ | ଶାରଦ ଦୁଇ | ୦.୧୩୦ | ୦.୧୩୦ | |
| | | | ୪୬୭ | ଶାରଦ ଦୁଇ | ୦.୨୭୦ | ୦.୨୭୦ | |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୪୧/୧ | ୪୬୪ | ଶାରଦ ଦୁଇ | ୦.୫୬୦ | ୦.୫୬୦ | ଶ୍ରୀମତୀ ସତ୍ୟଭାମା ବେହେରା, ସ୍ୱା. ସନାତନ ବେହେରା, ଜା: ତଅଁଳା, ବା: ନିଜଗାଁ |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୪୧/୮ | ୨୩୨ | ଶାରଦ ଦୁଇ | ୦.୩୬୦ | ୦.୩୧୦ | ସରସ୍ୱତୀ ବେହେରା, ସ୍ୱା : ରମେଶ ଚନ୍ଦ୍ର ବେହେରା, ଜା: ତଅଁଳା, ବା: ଖମାର |
| **ମୌଜାର ସର୍ବମୋଟ ୧୯ ପ୍ଲଟକୁ ଅଧିକୃତ ରକବା** | | | | | | **ଏ. ୫.୪୨୦** | |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ମୌଜା- ହାତୀବିନ୍ଧା, ଥାନା- ଖମାର, ଥାନା ନଂ-୧୮, ତହସିଲ- ପାଲଲହଡା, ଜିଲ୍ଲା- ଅନୁଗୋଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**

24012/14/0042/1819



ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୟୁଏଇ ବିପକ୍ଷ ମ୍ୟାଚରେ ଆମକୁ ମିଳିଥିବା ସୁଯୋଗର କାର୍ଯ୍ୟକାରୀ ହୋଇଥିଲେ ଫଳାଫଳ ଭିନ୍ନ ହୋଇଥାନ୍ତା।

– ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଚମକପ୍ରଦ ଐତିହାସିକ ବିଜୟ ଦ୍ୱାରା ଭାରତ ସେମାନଙ୍କୁ ହତାଶ କରିଦେଇଛି।

– ମହମ୍ମଦ ଆଝାରୁଦ୍ଦିନ, ପୂର୍ବତନ କ୍ରିକେଟର

## ସଂକ୍ଷେପରେ

### ୟୁନିୟନ ସ୍ପୋର୍ଟିଂ ଫାଇନାଲରେ

ରାଜନଗର, ୧୧।୧: ରାଜନଗରସ୍ଥିତ ବଡପଲ୍ଲୀ ମିନି ଷ୍ଟାଡିୟମରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ସ୍କାନକୁ ୬ ଉଇକେଟରେ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୪ ତାରିଖ ଦିନ ୟୁନିୟନ ଫାଇନାଲରେ ଖୋର୍ଦ୍ଧାର ଷ୍ଟର୍ଡ କ୍ରିକେଟ ଆସୋସିଏଶନକୁ ଭେଟିବ। ଶୁକ୍ରବାର ଟସ ଜିତି ସ୍କାନ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ସନ୍ତୋଷ ଦେବକାନ୍ତ ୨୫ ଓ ଶୁଭମ ସତ୍ୟଜିତ ୩୦ ରନ କରିଥିଲେ। ୟୁନିୟନ ସ୍ପୋର୍ଟିଂର ବୋଲର ରତିକ ଅଲ୍ଲୀ ୩ଟି ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ମାତ୍ର ୪ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ଜ୍ୟୋତି ରଞ୍ଜନ ଦଳାଇ ୪୮ ରନ, ସର୍ବେଶ୍ୱର ମହାନ୍ତି ୩୨ ରନ କରିଥିଲେ। ସ୍କାନର ମନୋଜ ବାରିକ ୨ଟି ଉଇକେଟ ନେଇଥିଲେ। ଜ୍ୟୋତିରଞ୍ଜନ ଦଳାଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସୈନିକ ସ୍କୁଲର ଅଧ୍ୟାପକ ବିଘ୍ନେଶ୍ୱର ପ୍ରଧାନ, ମହାକାଳପଡା ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ବରାଳ ଅତିଥି ଭାବେ ଯୋଗଦେଇଥିଲେ। ବଂଶୀଧର ସ୍ୱାଇଁ, ନିରୋଦ ବଳ ଖେଳ ପରିଚାଳନା କରିଥିଲେ।

### ମୁରେଙ୍କ ଅବସର ସୂଚନା

ମେଲବୋର୍ନ,୧୧।୧- ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି ଆଣ୍ଡି ମୁରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ଚଳିତ ସିଜନର ୱିମ୍ବେଲଡନ ଓପନ ତାଙ୍କର ଅନ୍ତିମ ଇଭେଣ୍ଟ ହେବ ବୋଲି ମୁରେ ହୋଇ ଶୁକ୍ରବାର କହିଛନ୍ତି। ତିନି ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଗତ ବର୍ଷ ଆହତ ସମସ୍ୟା ଯୋଗୁ ପ୍ରାୟତଃ ଖେଳି ନ ଥିଲେ। ଅଣ୍ଟା ସମସ୍ୟା ଲାଗି ସେ ଅଷ୍ଟ୍ରେଲିଆନ ଓପନର ଗତ ସଂସ୍କରଣରେ ଖେଳି ନ ଥିଲେ। ଅସ୍ତ୍ରୋପଚାର କରାଇବା ପରେ ୱିମ୍ବେଲଡନ ଓପନରେ ଖେଳିଥିଲେ। ଏହାପରେ ସେ ଫୁଲ ଫିଟ୍‌ନେସକୁ ଗୁରୁତ୍ୱ ଦେଇ ବଳକା ଟୁର୍ନାମେଣ୍ଟରେ ଓହରି ଯାଇଥିଲେ। ଚଳିତ ସିଜନ ଆରମ୍ଭରୁ ବ୍ରିସ୍‌ବେନ ଓପନର ଦ୍ୱିତୀୟ ରାଉଣ୍ଡରୁ ବିଦା ହୋଇଥିଲେ। ଗୁରୁବାର ନୋଭାକ ଜୋକୋଭିଚ୍‌ଙ୍କ ସହ ଏକ ଘଣ୍ଟାରୁ କମ୍ ସମୟ ପାଇଁ ଅଭ୍ୟାସ କରିବା ପରେ ସେ ଅବସର ସମ୍ପର୍କିତ ନିଷ୍ପତ୍ତି ନେଇଛନ୍ତି। ମୋତେ ସୀମା ମଧ୍ୟରେ ରହି ଖେଳିବାକୁ ପଡୁଛି। ଏହା ସହିତ ଅତ୍ୟଧିକ ଯନ୍ତ୍ରଣା ମୋତେ ଅଭ୍ୟାସ କିମ୍ବା ପ୍ରତିଦ୍ୱନ୍ଦ୍ୱିତାମୂଳକ ଟେନିସ ଖେଳିବାକୁ ଅନୁମତି ଦେଉନାହିଁ। ମୋ ଖେଳ ଜୀବନର ଅନ୍ତ କରିବା ଲାଗି ୱିମ୍ବେଲଡନ ଶ୍ରେଷ୍ଠ ସ୍ଥାନ। ମାତ୍ର ମୁଁ ସେ ପର୍ଯ୍ୟନ୍ତ ଖେଳିପାରିବି କି ନାହିଁ ଜାଣିନାହିଁ। ଚଳିତ ଅଷ୍ଟ୍ରେଲିଆନ ଓପନ ଟୁର୍ନାମେଣ୍ଟ ମଧ୍ୟ ମୋର ଅନ୍ତିମ ଇଭେଣ୍ଟ ହୋଇପାରେ ବୋଲି ଭାବବିହ୍ୱଳ ହୋଇ ବ୍ରିଟିଶ ଖେଳାଳି ମୁରେ ମେଲବୋର୍ନଠାରେ କହିଛନ୍ତି।

### ଜାତୀୟ ସ୍କୁଲ କିକ୍‌ବକ୍ସିଂ ଚାମ୍ପିୟନଶିପ୍, ସବ୍ ଜୁନିୟରରେ ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)-ପଶ୍ଚିମବଙ୍ଗର ସିଲିଗୁଡ଼ିସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପସରେ ଅନୁଷ୍ଠିତ ଆଇଏକେଓ(ଇଣ୍ଡିଆନ ଆସୋସିଏଶନ ଅଫ୍ କିକ୍‌ବକ୍ସିଂ ଅର୍ଗାନାଇଜେଶନ) ଜାତୀୟ ସ୍କୁଲ କିକ୍‌ବକ୍ସିଂ ଚାମ୍ପିୟନଶିପ୍‌ର ସବ୍‌ଜୁନିୟର କାଟେଗୋରିରେ ଓଡ଼ିଶା ରନର୍ସଅପ୍ ହୋଇଛି। ପ୍ରତିଯୋଗିତାରେ ୨୩ ସ୍କୁଲରୁ ପାଖାପାଖି ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର କାଟେଗୋରିରେ ଭାଗ ନେଇଥିବା ୧୦ ଜଣିଆ ଓଡ଼ିଶା ଦଳ ୧୦ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ପାଇ ରନର୍ସଅପ୍ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଚାମ୍ପିୟନ ହୋଇଥିବାବେଳେ ଉତ୍ତରପ୍ରଦେଶର ସେଣ୍ଟ ପଲ୍ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅଲ୍‌ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସମ୍ପାଦକ ବିଭୂତି ଭୂଷଣ ବେହେରା କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପାଣ୍ଡ୍ୟା, ରାହୁଲ ସସ୍‌ପେଣ୍ଡ

ନୂଆଦିଲ୍ଲୀ/ସିଡ୍‌ନୀ, ୧୧।୧ (ପି.ଟି.)



ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ।

ଏକ ଟିଭି ଶୋ'ରେ ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ୍ ରାହୁଲ ଭାରତର କ୍ରିକେଟ ପ୍ରଶାସକ (ସିଓଏ) ଦ୍ୱାରା ଶୁକ୍ରବାର ସସ୍‌ପେଣ୍ଡ ହୋଇଛନ୍ତି। ଅଧିନାୟକ ବିରାଟ କୋହଲି ଖେଳାଳିଦ୍ୱୟଙ୍କ ମନ୍ତବ୍ୟକୁ ସମାଲୋଚନା କରିବାର କିଛି ଘଣ୍ଟା ପରେ ଏହି ଦଣ୍ଡବିଧାନ କରାଯାଇଛି। ଫଳରେ ସିଡ୍‌ନୀଠାରେ ଶନିବାର ଆରମ୍ଭ ହେବାକୁଥିବା ୩ ମ୍ୟାଚ ବିଶିଷ୍ଟ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରୁ ଏହି ଖେଳାଳିଦ୍ୱୟଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କୁ ତୁରନ୍ତ ଭାରତ ପଠାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ପାଣ୍ଡ୍ୟା ଓ ରାହୁଲଙ୍କ ବିରୋଧରେ ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରାଯିବ। ଏହା ପୂର୍ବରୁ ସେମାନଙ୍କ ବିରୋଧରେ ସାନି କାରଣଦର୍ଶାଅ ନୋଟିସ ଜାରି କରାଯିବ। ସିଓଏ ଚେୟାରମ୍ୟାନ ବିନୋଦ ରାୟ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଦୁଇ କ୍ରିକେଟରଙ୍କୁ ନେଇ 'କଫି ୱିଥ୍ କରନ'ର ଅଧ୍ୟାୟକୁ ସମ୍ପୃକ୍ତ ଚ୍ୟାନେଲ ଏହାର ଅନ୍‌ଲାଇନ୍ ପ୍ଲାଟଫର୍ମରୁ ହଟାଇ ଦେଇଛି। ବିଷୟର ତଦନ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଆଭ୍ୟନ୍ତରୀଣ କମିଟି କିମ୍ବା ଜଣେ ଆଡ୍‌ହକ୍ ଅମ୍ବୁଡ୍ସମ୍ୟାନଙ୍କ ଦ୍ୱାରା କରାଯିବ, ତାହା ସ୍ପଷ୍ଟ କରାଯାଇନାହିଁ। ରବିବାର ପ୍ରସାରଣ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସେକ୍ସିଷ୍ଟ ମନ୍ତବ୍ୟକୁ ନେଇ ପାଣ୍ଡ୍ୟା ତାଙ୍କ ଟ୍ୱିଟର ପେଜ୍‌ରେ ଅନୁତାପ କରିଛନ୍ତି। ଏହାଛଡ଼ା ବୁଧବାର ବିସିସିଆଇର କାରଣ ଦର୍ଶାଅ ନୋଟିସର ଜବାବ ମଧ୍ୟ ଦେଇଛନ୍ତି। ରାହୁଲ କିନ୍ତୁ ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଦୁଇ ଖେଳାଳିଙ୍କ ଆଗକୁ ନ୍ୟୁଜିଲାଣ୍ଡ ଟୁର୍ ଯିବା ସମ୍ଭାବନା ମଉଳି ଯାଇଛି। ଟିଭି ଶୋ'ରେ ପାଣ୍ଡ୍ୟା ନିଜ ସେକ୍ସ ଲାଇଫ୍ ଉପରେ ଖୋଲାଖୋଲି ମନ୍ତବ୍ୟ ଦେବା ସହ ନିଜ ପରିବାର ସଦସ୍ୟଙ୍କ ଖୋଲା ଚିନ୍ତାଧାରା ନେଇ ନିଜର ମତ ରଖିଥିଲେ। ରାହୁଲ କିନ୍ତୁ ଏହି ପ୍ରସଙ୍ଗ ଉପରେ ତାଙ୍କ ମତ ଉପସ୍ଥାପନ କଲାବେଳେ ସଂଯମତା ଅବଲମ୍ବନ କରିଥିଲେ। ସମ୍ଭବତଃ ଏହି ଦୁଇ ଖେଳାଳିଙ୍କ ସ୍ଥାନରେ ରିଷଭ ପନ୍ତ ଓ ମନୀଷ ପାଣ୍ଡେଙ୍କୁ ନିଆଯାଇପାରେ। ସସ୍‌ପେଣ୍ଡ ହୋଇ ନ ଥିଲେ ଶନିବାର ମ୍ୟାଚରେ ପାଣ୍ଡ୍ୟା ଚୂଡ଼ାନ୍ତ ଏକାଦଶରେ ଖେଳିବା ନିଶ୍ଚିତ ଥିଲା। କିନ୍ତୁ ଫର୍ମରେ ନ ଥିବାରୁ ରାହୁଲଙ୍କର ସମ୍ଭାବନା ନ ଥିଲା। ସୂଚନାଯୋଗ୍ୟ, ବିସିସିଆଇ ଭବିଷ୍ୟତରେ ହୁଏତ ଖେଳାଳିମାନଙ୍କୁ ଟିଭି ରିୟଲିଟି ଶୋ'ରେ ଅଂଶଗ୍ରହଣ ନେଇ କଟକଣା ଜାରି କରିପାରେ।

■ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ: ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ

# ସ୍ନେହାଙ୍କୁ ସ୍ୱର୍ଣ୍ଣ, ଜଗଦୀଶ, ପ୍ରଜ୍ଞାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୧।୧
(କ୍ରୀଡ଼ା ପ୍ରତିନିଧି)

ପୁଣେରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ଭାରୋତ୍ତୋଳନରେ ଓଡ଼ିଶାର ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ ଜଗଦୀଶ ବାରିକ ୧୭ ବର୍ଷରୁ କମ୍ ଟେବୁଲ ଭଲ୍ଟରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ୨୧ ବର୍ଷରୁ କମ୍ ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରଜ୍ଞା ୧୪.୩୪ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ। ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରୟ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ୧:୧୦.୬୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ପ୍ରଜ୍ଞା ସାହୁ



ପ୍ରତ୍ୟାଶା ରୟ

### ହକି: ସେମିରେ ଓଡ଼ିଶା

୨୧ବର୍ଷରୁ କମ୍ ପୁରୁଷ ହକିରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପୁଲ-ବିରେ ସ୍ଥାନ ପାଇଥିବା ଦୀପକ କେରକେଟାଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଶୁକ୍ରବାର ୨-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ଏହି ସଫଳତା ପାଇଛି। ଶୈଳେନ୍ଦ୍ର ଲାକ୍ରା ୯ମ ଓ ୩୫ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ୩୯ତମ ମିନିଟରେ ଅସୀମ ତିର୍କୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସେମିରେ ୨୧ବର୍ଷରୁ କମ୍ ଓଡ଼ିଶା ଦଳ ଉତ୍ତରପ୍ରଦେଶକୁ ଭେଟିବ। ଅନ୍ୟପକ୍ଷରେ ଗୁରୁବାର ଦିଲ୍ଲୀକୁ ୩-୧ ଗୋଲରେ ହରାଇ ସେମିରେ ପ୍ରବେଶ କରିଥିବା ୧୭ବର୍ଷରୁ କମ୍ ବାଳକ ଦଳ ସେମିଫାଇନାଲରେ ପଞ୍ଜାବକୁ ଭେଟିବ।

# ପଶ୍ଚିମବଙ୍ଗ ଚାମ୍ପିୟନ, ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

**ପୂର୍ବାଞ୍ଚଳ ଏଜି ହକି**

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ଅଡିଟ୍ ଓ ଆକାଉଣ୍ଟ୍ସ(ଏଜି) ହକି ଟୁର୍ନାମେଣ୍ଟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଚାମ୍ପିୟନ ଏବଂ ଓଡ଼ିଶା ରନର୍ସଅପ୍ ହୋଇଛି। ଫାଇନାଲରେ ପଶ୍ଚିମବଙ୍ଗ ୩-୧ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ୧୩ତମ ମିନିଟରେ ଅମିତ ଶର୍ମା ଏକ ଫିଲ୍ଡ ଗୋଲ ଦେଇ ପଶ୍ଚିମବଙ୍ଗକୁ ଅଗ୍ରଣୀ କରାଇଥିଲେ। ୩୩ତମ ମିନିଟରେ ଓଡ଼ିଶାର ଥିଓଫିଲ୍ କୁଜୁର ଏକ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୧-୧ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୫୯ତମ ମିନିଟରେ ଚନ୍ଦନ ଶର୍ମା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପଶ୍ଚିମବଙ୍ଗକୁ ଅଗ୍ରଣୀ କରାଇଥିଲେ। ୬୮ତମ ମିନିଟରେ ଅଧିନାୟକ ଯାଦିନ୍ଦର ସିଂ ଆଉ ଏକ ଫିଲ୍ଡ ଗୋଲ ଦେବାରୁ ପଶ୍ଚିମବଙ୍ଗ ୩-୧ ଗୋଲରେ ବିଜୟୀ ହୋଇଥିଲା। ରେଫରି ପ୍ରଦୀପ ଗୌତମ ଓ ମୀନାକ୍ଷି ସୁନ୍ଦରମ ମ୍ୟାଚ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ମୁଖ୍ୟ ଅତିଥି, ଦେବସ୍ମିତା ନାୟକ, ହକି ଅଲିମ୍ପିଆନ ଲାଜରୁସ ବାର୍ଲା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଉପମହାଲେଖାକାର ବିଶ୍ୱନାଥ ସିଂ ଜର୍ଡାନ, ଉପ-ମହାଲେଖାକାର ଆର.କେ. ସୋଲାଙ୍କି, ଡ. ଜ୍ୟୋତି ଚୌରାସିଆ, ପି. ରାହୁଲ, ଦୀନମଣି ମଲିକ, ନନ୍ଦଦୁଲାଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଅବକାଶ ଖଟୁଆ, ଚିନ୍ମୟ ହୋତା, ବି. କିରଣ, ପୁରୁଷୋତ୍ତମ ବଳ, ସରୋଜ ବାରିକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

**PERMANENT JOB**
OPENING NEW OFFICE AT CUTTACK & BHUBANESWAR
Vacancy - 20, Qualification- 10th/+2/Graduation. Age (18-30) yrs. Monthly Rs.10000/- and Room free. Contact :
Bhubaneswar : 9437277519
Cuttack : 7978772624

**URGENT REQUIRED**
ରାୟଗଡ଼ା, ଅନୁଗୁଳ, ବ୍ରହ୍ମପୁର, ମୟୂରଭଞ୍ଜ, ଭଦ୍ରକ, କଟକ, ଭୁବନେଶ୍ୱର OFFICE STAFF ଆବଶ୍ୟକ।
Salary: 24,000/-.
Qualification: 9th to 10th or above.
Contact: 8018284966

**DRIVER REQUIRED**
12/14 ଚକିଆ Fly Ash Bulker ଚଳାଇବା ପାଇଁ ଅନ୍ୟୁନ 5 ବର୍ଷର Experience ଥିବା Driver ଆବଶ୍ୟକ।
Salary Best in Industries.
Contact: 9090848325

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs. 27000/-. (Part Time/Full Time)
Contact: 9938676412

**DIRECT JOINING**
**CUSTOMER CARE / BPO**
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000
(with Accommodation)
BBSR. 9090658710

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 7894509327

**WANTED**
The following Staffs for Steel Industries at Cuttack.
- FIELD SUPERVISORS
Contact
9437496020
9437021279

ନିଶ୍ଚିତ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur
Chhak, Behind Reliance Fresh, Bhubaneswar
Ph : 7992848615, 9114237051

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

**Urgent Required for BBSR AIRPORT**
Qualification : 10th To Graduate
Post : C.S.A, Ground Staff, Cabin, Crew, Loader, Helper
Salary : 18000-35000 +
Free Accommodation + Food
7694934663, 9090391585

ଚେନ୍ନାଇରେ ଚାକିରି + ରୁମ୍। ଇଂଲିଶ୍ କିମ୍ବା ହିନ୍ଦୀ କହିପାରୁଥିବେ। ୧) ରୋଷେୟା ୨) ଅଫିସ୍ ଫାଇଲ୍ ହ୍ୟାଣ୍ଡଲିଂ କ୍ଲର୍କ ୩) ଘର ପିଅନ ୪) ମେଡିକାଲ ଆସିଷ୍ଟାଣ୍ଟ। ଟ.୧୨୦୦୦-୧୬୦୦୦। ଅଗରୱାଲ, ଏଫ୍‌ଏଫ୍‌ଏଫ୍
9884761210

**WANTED**
Wanted Expert Girl for Travel Agency. Computer Knowledge and Spoken English and Hindi must.
Contact
9040056776/9348861961

OrissaPOST
WANTED
TRANSLATORS:-
Well versed in English and Oriya.
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

**ZILLA SWASTHYA SAMITI, NUAPADA**
**OFFICE OF THE CDM & PHO, NUAPADA**
**DPMU, NATIONAL HEALTH MISSION**
E-mail: dpmunua@gmail.com, Phone: (06678) 223346
Advt. No.: 001/DPMU/NHM/19 Date: 9.1.19
**WALK-IN-INTERVIEW**
Walk-in-Interview will be conducted for filling up the following posts under Zilla Swasthya Samiti, Nuapada on contractual basis for a period of 11 months with monthly remuneration as noted against each and subject to renewal as per society norms basing on the performance and subject to continuance of the programme.

| Sl. No. | Name of the Post | Vacancy | Date of Walk-in-Interview |
|---|---|---|---|
| 1 | Consultant - Medicine, NPHCE | 01 | 29.01.2019 |
| 2 | Doctor - dist. NCD Clinic - NPCDCS | 02 | 29.01.2019 |
| 3 | Pediatrician at DEIC | 01 | 29.01.2019 |
| 4 | MO - MBBS at DEIC | 01 | 29.01.2019 |
| 5 | Medical Officer DTC - RNTCP | 01 | 29.01.2019 |
| 6 | Medical Officer (SNCU) | 03 | 29.01.2019 |
| 7 | Optometrist, DEIC | 01 | 29.01.2019 |
| 8 | Clinical Psytrologist | 01 | 05.02.2019 |
| 9 | Psychiatric Social Worker | 01 | 05.02.2019 |
| 10 | Psychiatric Nurse | 01 | 05.02.2019 |
| 11 | Community Nurse | 01 | 05.02.2019 |
| 12 | AYUSH Doctor (Homoeopathy) - RBSK | Female - 7 (ST-2, SC-1 & UR-4) Male - 2 (ST-1 & UR-1) | 31.01.2019 |
| 13 | AYUSH Doctor (Ayurvedic) - RBSK | Female - 1 (ST-1) UR Female Candidate can also apply | 31.01.2019 |
| 14 | AYUSH Doctor (Homoeopathy) - MHU | 01 (SC - 1) | 31.01.2019 |
| 15 | Social Worker | 01 | 05.02.2019 |

Interested eligible candidates can log on to **www.nuapada.nic.in** for details of vacancy, eligibility criteria, age, application format & selection procedure etc. Candidates fulfilling the eligibility criteria may appear for Walk-in-Interview as per above schedule, **Registration timing will be from 9.30 A.M. to 12 Noon for all above posts.** No application will be received beyond the scheduled timing of registration. The undersigned reserves the right to cancel any or all the applications/positions at any stage of recruitment process without assigning any reason thereof.
**Sd./- Chief District Medical & Public Health Officer**
**Cum District Mission Director, NHM, Nuapada**

See Career Appointment on every Wednesday & Saturday

**କୁକ୍ ଆବଶ୍ୟକ**
ଭୁବନେଶ୍ୱରର ଏକ ରେଷ୍ଟୁରାଣ୍ଟ (ଫୁଡ୍ ଟ୍ରକ୍) ପାଇଁ ଅଭିଜ୍ଞ ଇଣ୍ଡିଆନ୍, ଚାଇନିଜ୍ ଓ ମେକ୍ସିକାନ୍ କୁକ୍ ଆବଶ୍ୟକ।
ଯୋଗାଯୋଗ
୮୩୨୮୩୭୭୪୭, ୯୩୪୮୪୬୫୫୯୦

JOBS IN AIRPORT (ONLY MALE)
Post : GROUND STAFF
Qual. : 9th Pass,10th & +2
Age : 18 To 28 Years
Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

**JOIN LIC AS AGENT**
Get:
- Stipend Per Month
- Attractive Commission
- Gratuity & more
Age: 18+
Qualification: 10th & above
To join Contact: 7064693160
For Bhubaneswar & Near Areas.

**ଶିକ୍ଷାର୍ଥୀ ଆବଶ୍ୟକ**
ଶୁଶ୍ରୁଷା ଅଧୀନରେ ଘରୋଇସେବା ବା ହୋମନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ। ୨ ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ଜାନୁଆରୀ ୧୬ ତାରିଖ ୨୦୧୯ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ୧୫ ଜାନୁଆରୀ ୨୦୧୯। ଟ୍ରେନିଂ ସମୟରେ କୌଣସି କୋର୍ସ ଫି ନିଆଯିବ ନାହିଁ ଏବଂ ହଷ୍ଟେଲ୍‌ରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।
ଯୋଗାଯୋଗ ଠିକଣା: ସମ୍ପାଦିକା ଶୁଶ୍ରୁଷା, ପ୍ଲଟ ନଂ: ୪୯୩, ଭୀମପୁର, କାର୍ଗିଲ୍ ରୋଡ଼, ପଲାଶପଲ୍ଲୀ, ଭୁବନେଶ୍ୱର-୭୫୧୦୨୦, ଟେଲିଫୋନ: ୭୩୨୫୮୪୬୮୪୫, ମୋ: ୮୮୯୫୩୪୦୫୪୫, ୮୯୮୪୧୯୬୦୫୦, ଯୋଗାଯୋଗ ସମୟ: ୧୦.୩୦ ଠାରୁ ୪ଟା ପର୍ଯ୍ୟନ୍ତ

APPOINTMENT
BEST PLACE TO BUILD YOUR CAREER
SKY AUTOMOBILES is hiring for Dhenkanal & Jajpur Dealership.
SERVICE ADVISORS & FLOOR SUPERVISORS.
Diploma or Degree or ITI in Automobiles or Mechanical Motor Mechanic having minimum 2 years of experience in automobile service. Minimum Diploma is mandatory for service advisors Freshers are also encouraged to appear the interview. For the above two positions, four wheeler driving license is a must.
Interested persons can attend Walk-In-Interview with their updated CV, one photograph and original certificates.
WALK IN INTERVIEW
12, 14 & 15 January 2019, Time - 10am to 3pm
SKY AUTOMOBILES sales • service • spares - SINCE 1987
P.O - Bhanpur, NH-5, CUTTACK - 753011
7440025916, 7873008800 skycuttack@gmail.com
Persons unable to attend walk in interview can forward their CV to hrodisha@skyautomobiles.in.

Req. for Limited Co.
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା
ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

An upcoming hotel group requires the following personnel for Its property In Bhubaneswar.
- SR.CAPTAIN & SR.STEWARDS IN F & B SERVICE & BAR. (Male/Female)
- FRONT OFFICE EXECUTIVES/ASSISTANTS. (Female/Male)
- ACCOUNTS MANAGER (Minimum 4years experience in Hotel industry)
- UTILITY (Male)
- JUGGLER BOY (For Bar)
Experience in hotel industry with strong command & fluency in English and Hindi is mandatory.Salary will not be a constraint for the suitable candidate. WALK-IN INTERVIEW on13th & 14th January 2019. Meet In person with Your CV at:
HOTEL THE MIDDLETON
Plot # 313, District Centre (Behind BPCL petrol pump), Chandrasekharpur, Bhubaneswar. Ph. 08637261334/ 06371593084. for outstation candidates, Email/ Whatsapp to: themiddletondc@gmail.com/ 08895816612.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

"ଆମାଜନ ଗ୍ରେଟ୍ ଇଣ୍ଡିଆନ ସେଲ୍‌ରେ ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବିକ୍ରି କରାଯିବ।"
– ମନୀଷ ତିୱାରୀ, ଭାଇସ ପ୍ରେସିଡେଣ୍ଟ, ଆମାଜନ ଇଣ୍ଡିଆ



"ଭାରତରେ କୃଷି ଋଣ ଛାଡ଼ ଆର୍ଥିକ ସିଦ୍ଧାନ୍ତର ବିରୋଧାଚରଣ କରୁଛି। ଏହାଦ୍ୱାରା ଚାଷୀଙ୍କର ସଙ୍କଟ ଦୂର ହେବ ନାହିଁ।"
– କେନିଚି ୟୋକୋୟାମା, ଭାରତ ଲାଗି ଏଡିବି କଣ୍ଟ୍ରି ଡାଇରେକ୍ଟର



## ସଂକ୍ଷେପରେ

### ପେଟ୍ରୋଲ ମାସର ସର୍ବୋଚ୍ଚ ସ୍ତରରେ
ଡିଜେଲ ମଧ୍ୟ ମହଙ୍ଗା



**ନୂଆଦିଲ୍ଲୀ,୧୧-୧:** ବ୍ୟୟଭାର ବୃଦ୍ଧି କାରଣରୁ ପେଟ୍ରୋଲିୟମ କମ୍ପାନୀଗୁଡ଼ିକ ଶୁକ୍ରବାର ପେଟ୍ରୋଲ ଦାମ୍‌ରେ ୧୯ ପଇସା ଓ ଡିଜେଲ ଦାମ୍ ୨୮ ପଇସା ବୃଦ୍ଧି କରିଛନ୍ତି। ଜାରି ଅଧିସୂଚନାନୁଯାୟୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୬୮.୮୮ଟଙ୍କାରୁ ବଢ଼ି ୬୯.୦୭ ଟଙ୍କା ହୋଇଛି, ଯାହାକି ଚଳିତ ମାସର ସର୍ବୋଚ୍ଚ ସ୍ତର କୁହାଯାଉଛି। ସେହିପରି ଡିଜେଲ ଲିଟର ପିଛା ୬୨.୫୩ଟଙ୍କାରୁ ବୃଦ୍ଧି ପାଇ ୬୨.୮୧ ଟଙ୍କା ହୋଇଛି। ମୁମ୍ବାଇରେ ଏହା ଯଥାକ୍ରମେ ୭୪.୭୨ ଟଙ୍କା ଏବଂ ୬୫.୭୩ ଟଙ୍କା ରହିଛି। ସ୍ଥାନୀୟ କର ଅଥବା ଭାଟ୍ ହାର ଭିନ୍ନ ହେବା କାରଣରୁ ବିଭିନ୍ନ ରାଜ୍ୟରେ ଇନ୍ଧନ ଦରରେ ପାର୍ଥକ୍ୟ ଆସିବ। ନୂଆ ବର୍ଷର ପ୍ରଥମ ମାସରେ ଇନ୍ଧନ ଦର ତୃତୀୟ ଥର ବୃଦ୍ଧି ପାଇଛି। ଗୁରୁବାର ପେଟ୍ରୋଲ ଲିଟର ପିଛା ୩୮ ଓ ଡିଜେଲ ଲିଟର ପିଛା ୨୯ ପଇସା ବଢ଼ିଥିଲା। ଏଥିପୂର୍ବରୁ ଜାନୁୟାରୀ ୭ରେ ପେଟ୍ରୋଲ ୨୧ ଓ ଡିଜେଲ ୮ ପଇସା ବୃଦ୍ଧି ପାଇଥିଲା। ଫଳରେ ୩ ଦିନରେ ପେଟ୍ରୋଲ ମୋଟ୍ ୭୮ ଓ ଡିଜେଲ ୫୫ ପଇସା ବଢ଼ିସାରିଲାଣି।

### ଏୟାରସେଲ-ମାକ୍ସିସ୍ ମାମଲା
### ଏନ୍ଏସ୍ଇ ଅଧ୍ୟକ୍ଷଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୧-୧:** ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ଅଧ୍ୟକ୍ଷ ଅଶୋକ ଚାୱଲା ଶୁକ୍ରବାର ଅଚାନକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ଏନ୍ଏସ୍ଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲେ ହେଁ ଇସ୍ତଫାର କାରଣ ଦର୍ଶାଯାଇ ନାହିଁ। ଅନ୍ୟପକ୍ଷରେ ଦିଲ୍ଲୀ ହାଇକୋର୍ଟରେ ସିବିଆଇ କହିଛି ଯେ, ଏୟାରସେଲ-ମାକ୍ସିସ୍ ମାମଲାରେ କେନ୍ଦ୍ର ସରକାର ୫ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅନୁମତି ଦେଇଛନ୍ତି। ତତ୍କାଳୀନ ଆର୍ଥିକ ବ୍ୟାପାର ଅତିରିକ୍ତ ସଚିବ ଚାୱଲା ସେମାନଙ୍କ ମଧ୍ୟରେ ଅନ୍ୟତମ। ତାଙ୍କ ବ୍ୟତୀତ ଅନ୍ୟମାନେ ହେଲେ ତତ୍କାଳୀନ ଆର୍ଥିକ ବ୍ୟାପାର ସଚିବ ଅଶୋକ ଝା, ଅର୍ଥ ମନ୍ତ୍ରଣାଳୟର ତତ୍କାଳୀନ ଯୁଗ୍ମ ସଚିବ କୁମାର ସଞ୍ଜୟ କ୍ରିଷ୍ଣା, ନିର୍ଦ୍ଦେଶକ ଦୀପକ କୁମାର ସିଂହ ଏବଂ ଅନୁ ସଚିବ ରାମ ଶରନ। ଏହି ୫ ଜଣଙ୍କ ମଧ୍ୟରୁ ୩ ଜଣ ଏବେ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବା ବେଳେ ଅନ୍ୟ ୨ ଜଣ ଅବସର ନେଇସାରିଲେଣି।

### ଆଇଏଲ୍ଆଣ୍ଡଏଫ୍ଏସ୍‌ର ସମ୍ପତ୍ତି ବିକ୍ରି
### ସୁପ୍ରିମକୋର୍ଟ ପୂର୍ବତନ ବିଚାରପତିଙ୍କୁ ନିଯୁକ୍ତି ପ୍ରସ୍ତାବ

**ନୂଆଦିଲ୍ଲୀ,୧୧-୧:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଇନଫ୍ରାଷ୍ଟ୍ରକଚର ଲିଜିଂ ଆଣ୍ଡ ଫାଇନାନ୍ସିଂ ସର୍ଭିସେସ୍ (ଆଇଏଲ୍ଆଣ୍ଡ୍ଏଫ୍ଏସ୍)ର ସମ୍ପତ୍ତି ବିକ୍ରି ଜନିତ ସମସ୍ତ କାର୍ଯ୍ୟକଳାପ ସୁପ୍ରିମକୋର୍ଟର ଜଣେ ପୂର୍ବତନ ବିଚାରପତିଙ୍କ ମାଧ୍ୟମରେ ହେବା ଉଚିତ୍ ବୋଲି ରାଷ୍ଟ୍ରୀୟ କମ୍ପାନୀ ଅପିଲୀୟ ନ୍ୟାୟାଧିକରଣ (ଏନ୍ସିଏଲ୍ଏଟି) ଶୁକ୍ରବାର ପ୍ରସ୍ତାବ ଦେଇଛନ୍ତି। କମ୍ପାନୀର ନୂଆ ମ୍ୟାନେଜମେଣ୍ଟ ଆର୍ଥିକ ସଙ୍କଟ ଦୂର କରିବା ଉଦ୍ଦେଶ୍ୟରେ କିଛି ସମ୍ପତ୍ତି ବିକ୍ରି କରିବାକୁ ଚାହୁଁଛି। ଏହାଉପରେ ଏବେ ପ୍ରାୟ ୯୦ ହଜାର କୋଟି ଟଙ୍କାର ବକେୟା ଋଣ ରହିଛି। ଏହି ସମ୍ପତ୍ତି ବିକ୍ରି କରି ଋଣ ପରିଶୋଧ କରିବାକୁ ନୂଆ ମ୍ୟାନେଜମେଣ୍ଟ ଚାହୁଁଛନ୍ତି। ବିଚାରପତି ଏସ.ଜେ. ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏନ୍ସିଏଲ୍ଏଟି ଖଣ୍ଡପୀଠ କହିଛନ୍ତି ଯେ, ଆଇଏଲ୍ଆଣ୍ଡଏଫ୍ଏସ୍ ପାଇଁ କର୍ପୋରେଟ ଦେବାଳିଆ ପ୍ରକ୍ରିୟା ଭଳି ବ୍ୟବସ୍ଥା ଆପଣାଇବାକୁ ପଡିବ ବୋଲି ମନେ କରାଯାଉଛି। ଏହାଦ୍ୱାରା ଆଇଏଲ୍ଆଣ୍ଡ୍ଏଫ୍ଏସ୍ ଓ ଏହାର ସହାୟକ କମ୍ପାନୀଙ୍କ ମାମଲାଗୁଡ଼ିକର ସମାଧାନ ସହଜ ହେବ।

# ବୀମାଭୁକ୍ତ ହେବେ ଜିଏସ୍‌ଟି ପଞ୍ଜୀକୃତ କ୍ଷୁଦ୍ର ବ୍ୟବସାୟୀ

**ନୂଆଦିଲ୍ଲୀ,୧୧-୧**

- ଚଳିତ ମାସରେ ହେବ ଘୋଷଣା
- ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା
- କମ୍ପ୍ୟୁଟରୀକରଣ ଲାଗି କମ୍ ସୁଧରେ ଋଣ




ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କୁ ଆଉ ଏକ ଉପହାର ଦେବାକୁ ଯୋଜନା କରୁଛନ୍ତି। ଜିଏସ୍‌ଟିରେ ବୀମାଭୁକ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ସରକାର ବୀମାଭୁକ୍ତ କରିବା ଲାଗି ବିଚାର କରୁଛନ୍ତି। ଏହାଦ୍ୱାରା ଛୋଟ ବ୍ୟବସାୟୀଙ୍କ ଚିନ୍ତାକୁ ସରକାର ଅନେକାଂଶରେ ଦୂର କରିପାରିବେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କେନ୍ଦ୍ର ସରକାର କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା(ପିଏମ୍ଏସ୍‌ବିୱାଇ) ଢାଞ୍ଚାରେ କମ ପ୍ରିମିୟମରେ ଦୁର୍ଘଟଣା ବୀମା ଯୋଗାଇ ଦେବାକୁ ବିଚାର କରୁଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଏଭଳି ଏକ ଯୋଜନା ରାଜ୍ୟରେ ଲାଗୁ କରାଯାଇଛି। ଏହାକୁ ସାରା ଦେଶରେ ଲାଗୁ କରିବା ନେଇ ଆଲୋଚନା ଚାଲିଛି। ଏହା ଅଧୀନରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ତାଙ୍କ ପରିବାର ଆଧାରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ଦିଆଯିବ। ସରକାରଙ୍କ ମଞ୍ଜୁରୀ ମିଳିବା ପରେ ଚଳିତ ମାସରେ ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଏ ସମ୍ପର୍କରେ ଘୋଷଣା କରାଯିବ। ଏହାବ୍ୟତୀତ ନିଜର ବ୍ୟବସାୟକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ କରିବା ଲାଗି ଇଚ୍ଛାପ୍ରକାଶ କରୁଥିବା ଏବଂ କାରବାରକୁ ବୃଦ୍ଧି କରିବାକୁ ଚାହୁଁଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ କମ୍ ସୁଧରେ ଋଣ ଦେବା ସଂକ୍ରାନ୍ତରେ ଏକ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ମଧ୍ୟ ଏଭଳି ଏକ ଯୋଜନା ଉପରେ ସରକାର ବିଚାରବିମର୍ଶ କରୁଛନ୍ତି। ସୂଚନାଥାଉ କି, ସରକାର ଏଥିପୂର୍ବରୁ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କାର ଋଣ ଦେବା ନେଇ ଯୋଜନା ପ୍ରଚଳନ କରିଛନ୍ତି। ସେହିପରି କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି କମ୍ପାନୀ ଆଇନରେ କେତେକ ସଂଶୋଧନ କରାଯାଇଛି। ଆଉ ମାସେ ଦୁଇମାସ ମଧ୍ୟରେ ସାଧାରଣ ନିର୍ବାଚନ ଘୋଷଣା ହେବାକୁ ଯାଉଥିବାରୁ ସରକାର ଏହାପୂର୍ବରୁ ଜନହିତକର ଯୋଜନାମାନ ଘୋଷଣା କରିବାକୁ ପ୍ରୟାସ କରୁଛନ୍ତି।

## ୧୭ମାସର ସର୍ବନିମ୍ନ ସ୍ତରରେ ଆଇଆଇପି

**ନୂଆଦିଲ୍ଲୀ,୧୧-୧**

ଅର୍ଥନୀତିକୁ ଝଟକା



ମାନୁଫାକଚରିଂ ସେକ୍ଟର ବିଶେଷକରି ଉପଭୋକ୍ତା ଏବଂ ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନ ହ୍ରାସ ପାଇବା କାରଣରୁ ନଭେମ୍ବରରେ ଦେଶର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଅଭିବୃଦ୍ଧି ହାର ୧୭ ମାସର ସର୍ବନିମ୍ନ ସ୍ତର ୦.୫%କୁ ଖସି ଆସିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ) ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ, ଆଇଆଇପି ଆଧାର ମାନଦଣ୍ଡରେ ଔଦ୍ୟୋଗିକ ଉତ୍ପାଦନ ନଭେମ୍ବର ୨୦୧୭ରେ ୮.୫% ରହିଥିଲା। ଏଥିପୂର୍ବରୁ ଜୁନ୍ ୨୦୧୭ରେ ଆଇଆଇପି ଅଭିବୃଦ୍ଧି ହାର ୦.୩% ରହିଥିଲା। ତେବେ ୨୦୧୮ ଅକ୍ଟୋବର ଲାଗି ଅଭିବୃଦ୍ଧି ହାରକୁ ସଂଶୋଧନ କରାଯାଇ ୮.୧%ରୁ ୮.୪% କରାଯାଇଥିଲା। ସୂଚକାଙ୍କରେ ୭୭.୬୩ ପ୍ରତିଶତ ଅଂଶ ରହିଥିବା ମାନୁଫାକଚରିଂ ସେକ୍ଟରରେ ଅଭିବୃଦ୍ଧି ୦.୪% ହ୍ରାସ ପାଇଛି। ବର୍ଷକ ପୂର୍ବରୁ ସମାନ ଅବଧିରେ ଏହା ୧୦.୪% ହାରରେ ବଢ଼ିଥିଲା। ସମୀକ୍ଷାଧୀନ ଅବଧିରେ ଖଣି ଖନନ କ୍ଷେତ୍ରରେ ୨.୭% ଅଭିବୃଦ୍ଧି ଘଟିଛି, ଯାହାକି ୨୦୧୭ ନଭେମ୍ବରରେ ୧.୪% ଥିଲା। ସେହିପରି ଶକ୍ତି କ୍ଷେତ୍ର ମଧ୍ୟ ୫.୧% ବୃଦ୍ଧି ପାଇଛି, ଯାହାକି ବର୍ଷକ ପୂର୍ବରୁ ସମାନ ଅବଧିରେ ୩.୯% ଥିଲା। ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନ ହାର ୩.୪%କୁ ହ୍ରାସ ପାଇଛି, ଯାହାକି ଗତବର୍ଷର ସମାନ ଅବଧିରେ ୩.୭% ଥିଲା। ଉପଭୋକ୍ତା ବସ୍ତୁ ଉତ୍ପାଦନ ହାରରେ ୦.୬% ହ୍ରାସ ପାଇଛି, ଯାହା ବର୍ଷକ ପୂର୍ବରୁ ୨୩.୭% ଥିଲା।

### ବିଶ୍ୱବ୍ୟାଙ୍କ ପରେ ଏଡିବିର ପୂର୍ବାନୁମାନ
# ଭାରତର ଜିଡିପି ହାର ୭.୩% ରହିବ

**ନୂଆଦିଲ୍ଲୀ,୧୧-୧**

ପୁଞ୍ଜୀକରଣ ସୀମା ସାଢ଼େ ୪ ବିଲିୟନ ଡଲାରକୁ ବଢ଼ାଇବ




ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୩% ରହିବ ବୋଲି ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିବାର ଦୁଇ ଦିନ ପରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ମଧ୍ୟ ସମାନ ଅନୁମାନ କରିଛି। ଆସନ୍ତା ଆର୍ଥିକ ବର୍ଷରେ ନିବେଶ ବୃଦ୍ଧି ପାଇବା ତଥା ଜିଏସ୍‌ଟି ସଂଗ୍ରହ ବଢ଼ିବା କାରଣରୁ ଅର୍ଥନୀତି ଅଭିବୃଦ୍ଧି ହାର ୭.୬% ରେ ପହଞ୍ଚିବ ବୋଲି ଏହା ପୂର୍ବାନୁମାନ କରିଛି। ଏଡିବି କହିଛି ଯେ, ୨୦୧୯ରେ ଏହା ଭାରତକୁ ନିଜର ଆର୍ଥିକ ପୁଞ୍ଜୀକରଣ ସୀମାକୁ ବଢ଼ାଇ ସାଢ଼େ ୪ ବିଲିୟନ ଡଲାର(୩୧,୫୦୦ କୋଟି ଟଙ୍କା) ପର୍ଯ୍ୟନ୍ତ କରିବ। ଏଡିବି ଇଣ୍ଡିଆ ନିର୍ଦ୍ଦେଶକ କେନିଚି ୟୋକୋୟାମା ଏଠାରେ କହିଛନ୍ତି ଯେ, ଭାରତ ଲାଗି ଋଣ ସୀମାକୁ ବଢ଼ାଯିବ। ତନ୍ମଧ୍ୟରୁ ସାଢ଼େ ୩ ବିଲିୟନ ଡଲାର ସରକାରୀ ଖର୍ଚ୍ଚ ଓ ଗୋଟିଏ ବିଲିୟନ ଡଲାର ଘରୋଇ କ୍ଷେତ୍ରରେ ବିନିଯୋଗ କରାଯିବ। ପ୍ରକଳ୍ପର ପ୍ରଗତି ଋଣର ଆଧାର ହେବ। ଏଡିବିର ବରିଷ୍ଠ ଆର୍ଥିକ ଅଧିକାରୀ ଅଭିଜିତ୍ ସେନଗୁପ୍ତା କହିଛନ୍ତି ଯେ, ୨୦୧୯-୨୦ରେ ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିଶୀଳ ହେବ। ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ୭.୨% ରହିବ ବୋଲି କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ) ନିକଟରେ ପୂର୍ବାନୁମାନ କରିଥିଲା। ତେବେ ଏହା ୭.୪% ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଜିଡିପି ଅଭିବୃଦ୍ଧି ହାର ୭.୬% ରହିଛି।

## ରାଜ୍ୟରେ ବାର୍ଷିକ ହାରାହାରି ୧୧୬ କିମି ରେଲୱେ ଟ୍ରାକ୍ ନିର୍ମାଣ

**ଭୁବନେଶ୍ୱର,୧୧-୧**

ରାଜ୍ୟରେ ବାର୍ଷିକ ହାରାହାରି ୧୧୬ କି.ମି.ର ରେଲୱେ ଟ୍ରାକ୍ ନିର୍ମାଣ ହେଉଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରେ ରେଲୱେ ଟ୍ରାକ୍ ନିର୍ମାଣ ଧାରା ଏପରି ରହିଛି, ଯାହା ଏହାର ପୂର୍ବବର୍ତ୍ତୀ ୫ ବର୍ଷରେ ବାର୍ଷିକ ହାରାହାରି ୯୮ କି.ମି. ରହିଥିଲା। ସେହିଭଳି ଏହି ଅବଧିରେ ଟ୍ରାକ୍ ଦୋହରୀକରଣ କାର୍ଯ୍ୟ ମଧ୍ୟ ଦୁଇଗୁଣ ବଢ଼ିଥିବା ଜଣାଯାଇଛି। ଏହା ପୂର୍ବରୁ ୧୫୭ କି.ମି. ରହିଥିବା ବେଳେ ବର୍ତ୍ତମାନ ସମୟରେ ବାର୍ଷିକ ହାରାହାରି ୩୩୦ କି.ମି.କୁ ବୃଦ୍ଧି ଘଟିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଏହି ସମୟରେ ବଜେଟରେ ଓଡ଼ିଶାକୁ ୪,୧୯୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ୨୦୧୪ ପରଠାରୁ ଏହି ଧାରାରେ ପରିବର୍ତ୍ତନ ଆସିଛି। ୨୦୧୪ ପରଠାରୁ ରାଜ୍ୟକୁ ବ୍ୟୟ ବରାଦ ୫ ଗୁଣ ବୃଦ୍ଧି ଘଟି ୨୦,୨୧୩ କୋଟି ଟଙ୍କା ରହିଥିବା ରେଲୱେ ପକ୍ଷରୁ ପ୍ରକାଶ।

## ଟିଭିଏସ୍ ବିକ୍ରିରେ ୬% ଅଭିବୃଦ୍ଧି

**ହୋସୁର,୧୧-୧**

ଟିଭିଏସ୍ ମୋଟର କମ୍ପାନୀ ଗତବର୍ଷ ଡିସେମ୍ବରରେ ୬% ବିକ୍ରି ଅଭିବୃଦ୍ଧି ହାସଲ କରିଛି। ଏହି ସମୟରେ କମ୍ପାନୀର ଗାଡି ବିକ୍ରି ବଢିବା ସହ ୨,୭୧,୩୫୯ ୟୁନିଟ ରହିଛି। ଏହା ୨୦୧୭ ଡିସେମ୍ବରରେ ୨,୫୬,୮୭୦ ୟୁନିଟ ରହିଥିଲା। ଡିସେମ୍ବରରେ ମୋଟ ଦୁଇଚକିଆ ଯାନ କ୍ଷେତ୍ରରେ ୪% ବିକ୍ରି ବୃଦ୍ଧି ଘଟିବା ସହ ୨,୫୮,୭୦୯ ୟୁନିଟ ରହିଛି। ଏହା ୨୦୧୭-୧୮ ବର୍ଷର ସମାନ ସମୟରେ ୨,୪୭,୫୯୧ ୟୁନିଟ ରହିଥିଲା। ଡିସେମ୍ବରରେ ଦେଶରେ କମ୍ପାନୀର ଦୁଇଚକିଆ ବିକ୍ରି ୧% ବଢ଼ି ୨,୦୯,୯୦୬ ୟୁନିଟ ରହିଛି। ସ୍କୁଟର ବିକ୍ରି ୯% ବୃଦ୍ଧି ହୋଇ ୯୧,୪୮୦ ୟୁନିଟ ରହିଛି। ମୋଟର ସାଇକେଲ ବିକ୍ରି ଅଭିବୃଦ୍ଧି ଏହି ସମୟରେ ୧୩% ବଢ଼ି ୧,୦୭,୧୮୯ ୟୁନିଟ ରହିଛି। କମ୍ପାନୀ ରପ୍ତାନି କ୍ଷେତ୍ରରେ ୨୬% ବୃଦ୍ଧି ହାସଲ କରିବା ସହ ୬୦,୨୬୧ ୟୁନିଟ ରହିଛି। ଦୁଇଚକିଆ ରପ୍ତାନି ୨୨% ବଢିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀର ୩ ଚକିଆ ଯାନ ବିକ୍ରି ୩୭% ବଢିଥିବା ଜଣାପଡ଼ିଛି। ଏହି ସମୟରେ କମ୍ପାନୀ ୧୨,୬୮୬ ୟୁନିଟ ତିନିଚକିଆ ଯାନ ବିକିବାକୁ ସକ୍ଷମ ହୋଇଛି।

### ଡାକାର ର୍‌ୟାଲି ଷ୍ଟେଜ୍-୩ର ଅଷ୍ଟମ ସ୍ଥାନରେ ଓରିଏଲ୍ ମିନା

**ଭୁବନେଶ୍ୱର,୧୧-୧:** ହିରୋ ମୋଟୋ ସ୍ପୋର୍ଟ୍ସ ଟିମ୍ ରାଇଡର ଓରିଏଲ୍ ମିନା ଡାକାର ରାଲିର ଷ୍ଟେଜ-୩ରେ ଅଷ୍ଟମ ସ୍ଥାନ ହାସଲ କରିଛନ୍ତି। ଷ୍ଟେଜ-୩ରେ ରାଇଡରଙ୍କୁ ଘନ କୁହୁଡ଼ି, ବାଲୁକା ସ୍ତୁପର ରାସ୍ତା ଏବଂ ପାର୍ବତ୍ୟାଞ୍ଚଳ ମଧ୍ୟ ଦେଇ ଯିବାକୁ ପଡ଼ିଥିଲା। ହିରୋ ମୋଟୋ ସ୍ପୋର୍ଟ୍ସ ରାଇଡର ସି.ଏସ୍. ସନ୍ତୋଷ ଏବଂ ଜ୍ୟାକ୍ସିମ ରୋଡ୍ରିଗ୍ସ୍ ଟାଇମ୍ ସେଟ୍ ବ୍ୟାକ୍‌ର ଶିକାର ହୋଇଥିଲେ। ଉଭୟ ଚାଳକ ଫିନିଶିଂ ଲାଇନଠାରୁ ଦୂରେଇ ଯାଇଥିଲେ। ଏଥିରେ ସି.ଏସ୍. ସନ୍ତୋଷ ଏବଂ ଜ୍ୟାକ୍ସିମ ରୋଡ୍ରିଗ୍ସ୍ ୬୪ ଏବଂ ୪୬ତମ ସ୍ଥାନ ସହ ଶେଷ କରିଛନ୍ତି।

## ଆମ୍ରି ହସ୍ପିଟାଲ୍ସ ପକ୍ଷରୁ ପଞ୍ଚମ ବାର୍ଷିକୀ ପୂର୍ତ୍ତି

**ଭୁବନେଶ୍ୱର,୧୧-୧**




ଆମ୍ରି ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ପଞ୍ଚମ ବାର୍ଷିକୀ ପୂର୍ତ୍ତି ପାଳନ କରାଯାଉଛି। ବ୍ରାଣ୍ଡ ପ୍ରତିଶ୍ରୁତିକୁ ବଜାୟ ରଖି ହସ୍ପିଟାଲ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ଏହା ଦ୍ୱାରା ହସ୍ପିଟାଲର ବିଭିନ୍ନ ସ୍ପେଶିଆଲିଟିରେ ପ୍ୟାକେଜ ସୁବିଧା ଦିଆଯାଉଛି। ସେହିଭଳି ଅତ୍ୟାଧୁନିକ ଟ୍ରମା ସେଣ୍ଟର, ୧୩ ଶଯ୍ୟା ବିଶିଷ୍ଟ ସର୍ଜିକାଲ ଆଇସିୟୁ ବ୍ୟବସ୍ଥା କରାଯାଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଏକ ବିବିଧ ଶୃଙ୍ଖଳାର ମେଡିକାଲ ଟିମ୍ ସହ ପୂର୍ବ ଭାରତରେ ଉତ୍କୃଷ୍ଟ ପ୍ରଯୁକ୍ତି ସହ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେଉଛୁ ବୋଲି ଆମ୍ରି ହସ୍ପିଟାଲ୍ସର ଗ୍ରୁପ୍ ସିଇଓ ରୂପକ ବରୁଆ ସୂଚନା ଦେଇଛନ୍ତି। ପ୍ରତିଶ୍ରୁତିବଦ୍ଧ ଡାକ୍ତର, ମେଡିକାଲ ତଥା ପାରାମେଡିକାଲ ଟିମ୍ ସହ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଭୁବନେଶ୍ୱରର ୟୁନିଟ ମୁଖ୍ୟ ଏବଂ ଭିପି ସିଏଲ୍ଏନ୍ ରେଡ୍ଡୀ ସୂଚନା ଦେଇଛନ୍ତି।

## ୟୁବିଆଇ-ଶ୍ରେୟୀ ଇକ୍ୱିପମେଣ୍ଟ ଫାଇନାନ୍ସ ଚୁକ୍ତି

**କଲିକତା,୧୧-୧**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଶ୍ରେୟୀ ଇକ୍ୱିପମେଣ୍ଟ ଫାଇନାନ୍ସ ସହ ଚୁକ୍ତିରେ ସାମିଲ ହୋଇଛି। କୃଷିକ୍ଷେତ୍ର ଏବଂ କ୍ଷୁଦ୍ର ସଂସ୍ଥାଗୁଡ଼ିକୁ ଫାଇନାନ୍ସ ଯୋଗାଣ ନେଇ ଏହି ଚୁକ୍ତି ବିଶେଷ ସହାୟକ ହେବ। ଏମ୍ଏସ୍ଏମ୍ଇଗୁଡ଼ିକର ଉନ୍ନତି ସାଧନ ପାଇଁ ଏଭଳି ପଦକ୍ଷେପ ବିଶେଷ ଭାବେ ସହାୟକ ହୋଇ ପାରିବ ବୋଲି ୟୁବିଆଇର ଏମ୍‌ଡି ଏବଂ ସିଇଓ ଅଶୋକ କୁମାର ପ୍ରଧାନ ଏହି ଅବସରରେ ସୂଚନା ଦେଇଛନ୍ତି। ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ ସାଧନ ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର କହିଛନ୍ତି। ଏନ୍‌ବିଏଫ୍‌ସିଗୁଡ଼ିକ ପାଇଁ ଏଭଳି ଅଭିନବ ସଲ୍ୟୁଶନର ଆବଶ୍ୟକତା ରହିଥିବା ଶ୍ରେୟୀ ଉପାଧ୍ୟକ୍ଷ ସୁନୀଲ କାନୋରିଆ ସୂଚନା ଦେଇଛନ୍ତି।

**PARADIP PORT TRUST**

**e-TENDER CALL NOTICE NO. EM/IOHP-01/2019**

Name of the work: **"Replacement of Wagon Tippler-150".** **Estimated cost:** ₹15,81,69,375/-, **Last date & time of submission of bid:** dt. 30.01.2019 up to 16:00 Hrs. Refer our website for details **https://eprocure.gov.in/eprocure/app**

**Executive Engineer (M)**
PPT/PR/583/18-19 Dt.11/01/2019 **IOHP**

OFFICE OF THE
**SUPERINTENDING ENGINEER, RURAL WORKS CIRCLE, BERHAMPUR**
**(At:- Ambapua, Po:- Engineering School Near Income Tax Office, Berhampur-760011)**
**E-Mail:- serwbpr2004@yahoo.com Tel/FAX:- 0680-2404287**
**NATIONAL COMPETITIVE BIDDING THROUGH e-Procurement**
**No.1356-O:- Bid Identification No. Online Tender/34-2018-19/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 34-2018-19/BPR | Road Works under Periodical Maintenance | 11 Nos. | From Rs. 59.84 lakhs to Rs. 273.62 Lakhs | "B" or "A" Class as applicable | 03 (Three) Calendar Months as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/34-2018-19/BPR | 16.01.2019 at 10.00 A.M. | 05.02.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in.

**Sd./- Superintending Engineer**
**R.W.Circle, Berhampur**
**25071/11/0051/1819**

**ଓଡ଼ିଶା ସରକାର**
**ସୁନ୍ଦରଗଡ଼, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

**File No.- L.A.I.-12/2018/49/WE** **Dated: 2.01.19**

No.: VII-49: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ବିଛଣାପଟି, ଥାନା- ବଣାଇ ନଂ.- ୧୯୩, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୪.୫୯୦ ଭୂମି-ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RECTLAR & R Act, 2013)ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 35854 Dt.28.10.17 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ:

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | ବିଛଣାପଟି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୧୨.୭୯୦ | ଏ.୪.୫୯୦ | ଏଥି ସହିତ ସଂଲଗ୍ନ ହୋଇଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣଙ୍ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ସ୍ୱା./– ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, ସୁନ୍ଦରଗଡ଼**

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ**
**ମୌଜା: ବିଛଣାପଟି, ତହସିଲ: ଲହୁଣିପଡ଼ା, ଥାନା: ବଣେଇ, ଥାନା ନଂ.– ୧୯୩, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୫ | ୯୪୦ସ୍ମ | ୧.୮୮୦ | ୦.୨୯୦ | ଗୋଡ଼ ଦୁଇ | ଉପେନ୍ଦ୍ର ନାୟକ, କରୁଣା ନାୟକ, କାଳ ନାୟକ, ପି.- ଭୂଜେଶ୍ୱର ନାୟକ, ପଦ୍ମଲୋଚନ ନାୟକ, ଦୋଳଗୋବିନ୍ଦ ନାୟକ, ପି.- ଧନୁଞ୍ଜୟ ନାୟକ, ଜା: ଗଣ୍ଡ, ବା: ସୁଆରପାଲି |
| ୨ | ୭ | ୯୨୬ | ୦.୬୧୦ | ୦.୬୧୦ | ବାହାଳ ସାଧାରଣ | କାନ୍ଦନ ସିଂ ଭୂମିଜ, ପି.- ଲକ୍ଷ୍ମଣ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| | | ୯୨୯ସ୍ମ | ୦.୭୪୦ | ୦.୫୬୦ | ବାହାଳ ସାଧାରଣ | |
| | | ୯୩୨ସ୍ମ | ୦.୬୫୦ | ୦.୧୧୦ | ଗୋଡ଼ ଦୁଇ | |
| | | ୯୩୪ସ୍ମ | ୦.୬୦୦ | ୦.୫୫୦ | ବାହାଳ ସାଧାରଣ | |
| ୩ | ୧୧ | ୯୨୫ସ୍ମ | ୧.୮୯୦ | ୦.୭୫୦ | ବାହାଳ ସାଧାରଣ | ଗଣେଶ୍ୱର ସିଂ ଭୂମିଜ, ପି.- ମଙ୍ଗଳ ସିଂ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| ୪ | ୨୪ | ୯୨୮ସ୍ମ | ୦.୯୫୦ | ୦.୩୪୦ | ବାହାଳ ସାଧାରଣ | ନବଘନ ବଡ଼ନାୟକ, ପି.- ମାଧ ବଡ଼ନାୟକ, ଜା: ଗଣ୍ଡ, ବା: ନିଜଗାଁ |
| ୫ | ୪୫/୧୩ | ୯୩୦ସ୍ମ | ୦.୨୩୦ | ୦.୧୫୦ | ବାହାଳ ସାଧାରଣ | ରବି ଭୂମିଜ, ପି.- ଗଣେଶ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| | | ୯୩୭ସ୍ମ | ୦.୬୭୦ | ୦.୦୩୦ | ବାହାଳ ସାଧାରଣ | |
| ୬ | ୪୫/୩୩ | ୭୪୫ସ୍ମ | ୨.୪୦୦ | ୦.୦୭୦ | ଗୋଡ଼ ଏକ | ଦେହୁରୀ ମୁଣ୍ଡା, ପି.- ଠବଳ ମୁଣ୍ଡା, ଜା: ମୁଣ୍ଡା, ବା: ବନ୍ଧବେର୍ଣ୍ଣା କୋଲନୀ |
| | | ୭୪୬ସ୍ମ | ୧.୫୨୦ | ୦.୫୮୦ | ମାଳ ସାଧାରଣ | |
| ୭ | ୪୫/୫୫ | ୯୨୪ସ୍ମ | ୦.୬୫୦ | ୦.୫୫୦ | ବେର୍ଣ୍ଣା ସାଧାରଣ | ଜୟନ୍ତୀ ଗଡ଼ତିଆ, ପି.- ମିତ୍ରଭାନୁ ଚାର୍ଦ୍ଦିଆ, ଜା: ଗଣ୍ଡ, ବା: ସୁଆର ପାଲି |
| ମୋଟ | | ୧୨ | ଏ. ୧୨.୭୯୦ | ଏ ୪.୫୯୦ | | |

**ଭୂ-ଅର୍ଜନ ଜୋନ ଅଧିକାରୀ**
**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**
**24160/14/0048/1819**



ଭାରତର ଆଲୋଚନା ପ୍ରସ୍ତାବକୁ ନେଇ ପାକିସ୍ତାନ ଗମ୍ଭୀର ନୁହେଁ। ଇସ୍‌ଲାମାବାଦ କଥାବାର୍ତ୍ତା ପାଇଁ ପ୍ରସ୍ତୁତ ଥିଲେ ମୁମ୍ବାଇ ଓ ପଠାନ୍‌କୋଟ ଆକ୍ରମଣକାରୀ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

-ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର



## ସାଧାରଣ ନିର୍ବାଚନ ପାଇଁ ଅଣ୍ଟାଭିଡ଼ିଲେ ଶାସକ-ବିରୋଧୀ

# ଏବେ ଯୁଦ୍ଧ ପ୍ରସ୍ତୁତି

ଦୁଇହଜାର ଉଣେଇଶକୁ ଅପେକ୍ଷା କରିଥିଲେ ସମସ୍ତେ। ହେଲେ ନୂଆବର୍ଷକୁ ବିତିଗଲାଣି ୧୧ ଦିନ। ଏବେ ସାଧାରଣ ନିର୍ବାଚନକୁ ଆଉ ୪ ମାସ ବାକି। ମାର୍ଚ୍ଚ ଆଡ଼କୁ ନିର୍ବାଚନ କମିଶନ ଘୋଷଣା କରିବେ ଭୋଟ ତାରିଖ। ଏଥିଲାଗି କେଉଁ ଦଳ ଘରସଜାଡ଼ିବାରେ ବ୍ୟସ୍ତ ତ ଆଉ କିଏ କାହା ହାତ ଧରି ନିର୍ବାଚନୀ ବୈତରଣୀ ପାରହେବାକୁ ଖୋଜୁଛି ବାଟ। ଏନ୍‌ଡିଏରୁ ଗୋଟିଏ ପରେ ଗୋଟିଏ ସହଯୋଗୀ ଓହରି ଉପା ହାତ ଧରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋଜୁଛନ୍ତି ପୁରୁଣା ସାଥୀଙ୍କୁ। ସେପଟେ ଏକଦା ପରସ୍ପରର ମୁହଁ ଚାହୁଁ ନ ଥିବା ଏସ୍‌ପି ଏବଂ ବିଏସ୍‌ପି କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ଏକାଠି ହେଲେଣି। କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ରାଜ୍ୟ ଶାଖାଗୁଡ଼ିକୁ ଦେଇଛନ୍ତି ଅଧିକ କ୍ଷମତା। ଓଡ଼ିଶାରେ ବିଜେଡିର ସମଦୂରତ୍ୱ ନୀତି, ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ କ୍ଷେପଣାସ୍ତ୍ର ମାଡ଼ ଏବଂ ଦକ୍ଷିଣରେ ଏମ୍.କେ. ଷ୍ଟାଲିନ ଓ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତୁହାକୁ ତୁହା ଆକ୍ରମଣ ମୋଦି ସରକାରଙ୍କୁ ଘାଇଲା କରିଛି। ସମ୍ଭବତଃ ଏଥିପାଇଁ ୩ ହିନ୍ଦୀଭାଷୀ ରାଜ୍ୟ ହାତରୁ ଖସିଯିବା ପରେ ନୂଆଦିଲ୍ଲୀର ରାମଲୀଲା ମଇଦାନରେ ଭାଜପା କରୁଛି ସମରସଜ୍ଜା।




ଭାଜପା ରାଷ୍ଟ୍ରୀୟ ଅଧିବେଶନର ଉଦ୍‌ଘାଟନୀ ସମାରୋହରେ ଅଧକ୍ଷ ଅମିତ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦଳୀୟ ନେତୃବୃନ୍ଦ।

## ମୋଦି ଟେଲିପ୍ରମ୍ପ୍‌ଟର ନ ଦେଖି ଇଂଲିଶ କହିପାରନ୍ତି ନାହିଁ: ମମତା

**ନୂଆଦିଲ୍ଲୀ,୧୧।୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦୌ ଭଲ ଇଂଲିଶ କହିପାରନ୍ତି ନାହିଁ। ଏପରି କି ସେ ଟେଲିପ୍ରମ୍ପ୍‌ଟର ନ ଦେଖି ଧାଡ଼ିଏ ବି ଇଂଲିଶ କହିପାରିବେ ନାହିଁ ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଯୋଜନାରୁ ପଶ୍ଚିମବଙ୍ଗ ସରକାର ଓହରିଯିବା ନେଇ ଘୋଷଣା କରିବାବେଳେ ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି, ପ୍ରଧାନମନ୍ତ୍ରୀ ବହୁତ ଭାଷଣ ଦିଅନ୍ତି। ହେଲେ ସେ ଠିକ୍ ଭାବେ ଇଂଲିଶ କହିପାରନ୍ତି ନାହିଁ। ଏଥିପାଇଁ ସେ ସବୁବେଳେ ଟେଲିପ୍ରମ୍ପ୍‌ଟରର ସହାୟତା ନେଇଥାନ୍ତି। ମୋଦି ସ୍କ୍ରିନ୍‌କୁ ଦେଖି ସେଥିରେ ଇଂଲିଶରେ ଯାହା ଲେଖା ହୋଇଥାଏ ସେ ତାକୁ ପଢ଼ି ଶୁଣାନ୍ତି। ମୋଦି ଇଂଲିଶରେ ଅନର୍ଗଳ କହିପାରନ୍ତି ବୋଲି ଦେଖିବା ଲୋକେ ମନେକରନ୍ତି। ଏକଥା ସମ୍ପୂର୍ଣ୍ଣ ଗଣମାଧ୍ୟମ ଜଗତକୁ ଜଣା। ହେଲେ ଆମକୁ ଏପରି କରିବାକୁ ପଡ଼େନାହିଁ ବୋଲି ମମତା କହିଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କଦର୍ଯ୍ୟ ରାଜନୀତି କରୁଥିବାରୁ ପଶ୍ଚିମବଙ୍ଗ ମହତ୍ତ୍ୱାକାଂକ୍ଷୀ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ୍ ଭାରତରୁ ଓହରିଯାଇଛି ବୋଲି ମମତା ଘୋଷଣା କରିଛନ୍ତି।

## ବିଚାରଧାରାର ଲଢ଼େଇ: ଶାହ

**ନୂଆଦିଲ୍ଲୀ,୧୧।୧(ପି.ଟି.)**

ଆଗାମୀ ଲୋକ ସଭା ନିର୍ବାଚନ ସବୁ ରାଜନୈତିକ ଦଳ ମଧ୍ୟରେ ଏକ ଯୁଦ୍ଧ। ଏହା ଏକ ବିଚାରଧାରାର ଲଢ଼େଇ। ଏହା ମରାଠା ଓ ଆଫଗାନ ସେନା ମଧ୍ୟରେ ତୃତୀୟ ପାନିପଥ ଯୁଦ୍ଧ ସଦୃଶ। ନିର୍ବାଚନର ଫଳାଫଳ ମଧ୍ୟ ଦେଶ ପାଇଁ ଏହିଭଳି ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଗୁରୁବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କହିଛନ୍ତି।

ଦିଲ୍ଲୀର ରାମଲୀଲା ମଇଦାନରେ ଭାଜପା ରାଷ୍ଟ୍ରୀୟ ଅଧିବେଶନର ଉଦ୍‌ଘାଟନୀ ସମାରୋହରେ ଦଳୀୟ କର୍ମକର୍ତ୍ତାଙ୍କୁ ଶାହ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଭାଜପା ବିରୋଧରେ ପ୍ରସ୍ତାବିତ ମହାମେଣ୍ଟ ଏକ ଛଳନା। ବିରୋଧୀ ଦଳଗୁଡ଼ିକର ନେତା ନାହାନ୍ତି କି ନୀତି ନାହିଁ। କେବଳ କ୍ଷମତା ଲୋଭ ସେଗୁଡ଼ିକୁ ଏକାଠି କରିଛି। ଭାଜପା ନିଜର ସାଂସ୍କୃତିକ ଜାତୀୟତାବାଦ ଓ ଗରିବଙ୍କ ମଙ୍ଗଳ କାର୍ଯ୍ୟସୂଚୀକୁ ନେଇ ନିଶ୍ଚିତ ଭାବେ ନିର୍ବାଚନ ଜିତିବ। ଭାଜପାରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଛନ୍ତି। ତାଙ୍କୁ ପୁନଃ କ୍ଷମତାସୀନ କରିବା ପାଇଁ ଭାଜପା ପ୍ରତିନିଧିମାନେ ଶପଥ ନିଅନ୍ତୁ ବୋଲି ଶାହ ପରାମର୍ଶ ଦେଇଥିଲେ। ପ୍ରାୟ ଘଣ୍ଟାଏ ଧରି ଦେଇଥିବା ଭାଷଣରେ ଶାହ ବାରମ୍ବାର ଆଗାମୀ ନିର୍ବାଚନକୁ ଗୁରୁତ୍ୱ ଦେଇ ମୋଦି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ବଖାଣିଥିଲେ। ଶାହ କହିଥିଲେ, ଭ୍ରଷ୍ଟାଚାର ମାମଲାରେ ଜାମିନରେ ମୁକୁଳିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ବିରୋଧୀ ଦଳଗୁଡ଼ିକ 'ମଜବୁର ସରକାର' ଆଣିବାକୁ ଚାହୁଁଥିବାବେଳେ ଲୋକେ ଭାଜପାର 'ମଜଭୁତ ସରକାର' ଗଢ଼ିବାକୁ ଚାହାନ୍ତି। ରାଜନୀତି ଫିଜିକ୍ସ (ପଦାର୍ଥ ବିଜ୍ଞାନ) ନୁହେଁ, ଏହା କେମିଷ୍ଟ୍ରି (ରସାୟନ ବିଜ୍ଞାନ)।

ମଞ୍ଚରେ ପ୍ରଧାନମନ୍ତ୍ରୀ ଓ ଶାହଙ୍କ ସହ ବରିଷ୍ଠ ନେତା ଲାଲାକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ, ଅନେକ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ଏହି ଦୁଇଦିନିଆ ରାଷ୍ଟ୍ରୀୟ ଅଧିବେଶନରେ ଭାଜପାର ପ୍ରାୟ ୧୨,୦୦୦ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୋଦି ଶନିବାର ଉଦ୍‌ଯାପନୀ ଭାଷଣ ଦେଇ ସାଧାରଣ ନିର୍ବାଚନ ପାଇଁ ଦଳର କାର୍ଯ୍ୟସୂଚୀ ଘୋଷଣା କରିବେ। ଭୋଟ ପୂର୍ବରୁ ଏହାକୁ ଭାଜପାର ରଣନୀତି ପ୍ରସ୍ତୁତି ମଞ୍ଚ ବୋଲି କୁହାଯାଉଛି।

## ଖବରଦାତା ହତ୍ୟା ମାମଲା

# ରାମରହିମ ଦୋଷୀ

**ପଞ୍ଚକୁଲା,୧୧।୧(ପି.ଟି.)**



ଖବରଦାତା ରାମ ଚନ୍ଦର ଛତ୍ରପତି ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁର୍‌ମିତ ରାମ ରହିମ ସିଂ ଏବଂ ଅନ୍ୟ ୩ ଜଣଙ୍କୁ ଏକ ସିବିଆଇ ଅଦାଲତ ଶୁକ୍ରବାର ଦୋଷୀସାବ୍ୟସ୍ତ କରିଛନ୍ତି। ଆସନ୍ତା ୧୭ ତାରିଖରେ ସେମାନଙ୍କ ଦଣ୍ଡ ଶୁଣାଣି ହେବ। ଅନ୍ୟ ତିନି ଅଭିଯୁକ୍ତ ହେଲେ କୁଲଦୀପ ସିଂ, ନିର୍ମଳ ସିଂ ଏବଂ କ୍ରିଷନ୍ ଲାଲ୍। ବଳାତ୍କାର ମାମଲାରେ ୨୦ ବର୍ଷ ସଜା କାଟୁଥିବା ରାମରହିମ ରୋହତକ୍‌ର ସୁନାରିଆ ଜେଲ୍‌ରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର ହୋଇଥିଲେ।

୨୦୦୨ ଅକ୍ଟୋବରରେ ହରିୟାଣାର ଖବରଦାତା ରାମ ଚନ୍ଦରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ ଖବରକାଗଜ 'ପୂରା ସଚ୍'ରେ ଡେରା ମୁଖ୍ୟଙ୍କ ବିରୋଧରେ ଏକ ବେନାମୀ ଚିଠି ପ୍ରକାଶିତ ହୋଇଥିଲା ଯେଉଁଥିରେ ରାମରହିମ ତାଙ୍କ ସିର୍ସା ଆଶ୍ରମରେ ମହିଳାମାନଙ୍କୁ ଯୌନ ଶୋଷଣ କରୁଥିବା ଉଲ୍ଲେଖ ଥିଲା। ୨୦୦୩ରେ ମାମଲା ରୁଜୁ ହେବା ପରେ ୨୦୦୬ରେ ଉକ୍ତ ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ରାମରହିମଙ୍କୁ ଏହି ମାମଲାରେ ମୁଖ୍ୟ ଷଡଯନ୍ତ୍ରକାରୀ ଦର୍ଶାଯାଇଥିଲା।

## ଗିରଫ ହୋଇପାରନ୍ତି ଅସ୍ଥାନା

**ନୂଆଦିଲ୍ଲୀ,୧୧।୧(ପି.ଟି.)**



ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଦାଏର ଏତଲାକୁ ଖାରଜ କରିବା ଲାଗି ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏଥିସହିତ ତାଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ନ ଚଳାଇବାକୁ ଦେଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ମଧ୍ୟ କୋର୍ଟ ରଦ୍ଦ କରିଦେଇଛନ୍ତି। ଅଦାଲତଙ୍କ ଏହି ନିଷ୍ପତ୍ତି ପରେ ଅସ୍ଥାନାଙ୍କ ବିରୋଧରେ ଲାଞ୍ଚ ଅଭିଯୋଗର ତଦନ୍ତ ଚାଲିବ ଏବଂ ସେ ଗିରଫ ହୋଇପାରନ୍ତି ବୋଲି ଜଣାପଡ଼ିଛି। ଏଥିସହିତ ସିବିଆଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦେବେନ୍ଦ୍ର କୁମାର ଏବଂ ଅଭିଯୁକ୍ତ ମଧ୍ୟସ୍ଥ ମନୋଜ ପ୍ରସାଦଙ୍କ ବିରୋଧରେ ଦାଏର ଏତଲା ରଦ୍ଦ କରିବାକୁ ଜଷ୍ଟିସ୍ ନଜମି ଓ୍ୱଜିରି ମନା କରିଦେଇଛନ୍ତି। ଅସ୍ଥାନା ଏବଂ ଅନ୍ୟମାନଙ୍କ ବିରୋଧରେ ତଦନ୍ତ ୧୦ ସପ୍ତାହ ମଧ୍ୟରେ ଶେଷ କରିବାକୁ ସିବିଆଇକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦାଏର ଏତଲାକୁ ଚାଲେଞ୍ଜ କରି ଅସ୍ଥାନା, ଦେବେନ୍ଦ୍ର ଏବଂ ମନୋଜ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇଦ୍ରାବାଦର ଜଣେ ବ୍ୟବସାୟୀ ସଥୀଶ ବାବୁ ସାନାଙ୍କ ଅଭିଯୋଗ ଆଧାରରେ ଅସ୍ଥାନାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ଏକ ମାମଲାକୁ କୋହଳ କରିବା ଲାଗି ସେ ଅସ୍ଥାନାଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ କରିଥିଲେ। ଏହାବ୍ୟତୀତ ସେ ଅସ୍ଥାନାଙ୍କ ବିରୋଧରେ ଦୁର୍ନୀତି, ଜବରଦସ୍ତ ଅର୍ଥ ଆଦାୟ ଏବଂ ଗୁରୁତର ଅପରାଧ ଅଭିଯୋଗ ମଧ୍ୟ ଆଣିଥିଲେ। ଗତ ଡିସେମ୍ବର ୨୦ରେ ଜଷ୍ଟିସ୍ ଓ୍ୱଜିରି ବିଭିନ୍ନ ପିଟିଶନର ଶୁଣାଣି କରିବା ପରେ ରାୟ ସଂରକ୍ଷିତ ରଖିଥିଲେ।

## ସୁ ସେଙ୍ଗ୍-ଚାଙ୍ଗ୍ ତାଇଓ୍ୱାନ ପ୍ରଧାନମନ୍ତ୍ରୀ

**ତାଇପେଇ,୧୧।୧**



ତାଇଓ୍ୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ଓ୍ୱେନ ତାଙ୍କର ରାଜନୈତିକ ସହଯୋଗୀ ସୁ ସେଙ୍ଗ୍-ଚାଙ୍ଗ୍‌ଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ସ୍ଥାନୀୟ ନିର୍ବାଚନରେ ଶାସକ ଡେମୋକ୍ରାଟିକ ପ୍ରୋଗ୍ରେସିଭ୍ ପାର୍ଟି (ଡିପିପି) ପରାଜିତ ହେବା ପରେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଛନ୍ତି। ଚାଇନା ତାଇଓ୍ୱାନକୁ ନିଜର ବୋଲି ଦାବିକରିବା ସହ ଏହାକୁ ନିୟନ୍ତ୍ରଣକୁ ନେବା ଲାଗି ସୈନ୍ୟବାହିନୀ ପଠାଇବାକୁ ଧମକ ଦେଇଥିବାବେଳେ ସେଙ୍ଗ୍- ଚାଙ୍ଗ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ନଭେମ୍ବର ୨୪ରେ ହୋଇଥିବା ନିର୍ବାଚନରେ ବିରୋଧୀ ଦଳ ନ୍ୟାଶନାଲିଷ୍ଟ ପାର୍ଟି ୨୨ ପ୍ରମୁଖ ଆସନରୁ ୧୫ଟିରେ ବିଜୟୀ ହୋଇଥିଲା। ଏହି ପରାଜୟ ପରେ ସାଇ ଡିପିପି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ।

## ପିସିସିକୁ ଅଧିକ କ୍ଷମତା

**ନୂଆଦିଲ୍ଲୀ,୧୧।୧(ଆଇଏଏନ୍‌ଏସ୍):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସର ରାଜ୍ୟ ଶାଖାଗୁଡ଼ିକୁ ଅଧିକ କ୍ଷମତା ଦିଆଯାଇଛି। ଏହାସହ ନିର୍ବାଚନ ବେଳେ କାହାକୁ ପ୍ରାର୍ଥୀ କରାଯିବ ଏବଂ ପ୍ରଚାର ତଥା ସମନ୍ୱୟ କ୍ଷେତ୍ରରେ ମଧ୍ୟ ସ୍ୱାୟତ୍ତତା ଦିଆଯାଇଥିବା ଶୁକ୍ରବାର ଏଆଇସିସି ପକ୍ଷରୁ କୁହାଯାଇଛି। ସୂତ୍ରରୁ ମିଳିଥିବା ସୂଚନାନୁସାରେ ନୂଆଦିଲ୍ଲୀରେ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତିମାନଙ୍କୁ ନେଇ ଏକ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ଓ ଜିଲାସ୍ତରରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ପିସିସି ସଭାପତିମାନଙ୍କୁ କେନ୍ଦ୍ରୀୟ ନେତୃତ୍ୱ ପରାମର୍ଶ ଦେଇଛନ୍ତି। ଏଥିସହ ନିଜ ନିଜ ରାଜ୍ୟରେ ୨୦୧୯ ଯୁଦ୍ଧ ପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ତୁରନ୍ତ ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି।

## ଭାଜପା ସହ ମେଣ୍ଟକୁ ଷ୍ଟାଲିନ୍‌ଙ୍କ ନା

**ଚେନ୍ନାଇ,୧୧।୧(ଆଇଏଏନ୍‌ଏସ୍):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ସହିତ କୌଣସି ମେଣ୍ଟ କରାଯିବ ନାହିଁ ବୋଲି ଶୁକ୍ରବାର ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ସ୍ପଷ୍ଟ କରିଛନ୍ତି। ତାମିଲନାଡୁରେ ପୁରୁଣା ସହଯୋଗୀଙ୍କ ପାଇଁ ଏନ୍‌ଡିଏର ଦ୍ୱାର ଖୋଲା ଅଛି ବୋଲି ମୋଦି ଚେନ୍ନାଇରେ ଘୋଷଣା କରିବାର ଦିନକ ପରେ ମେଣ୍ଟ ସମ୍ଭାବନାକୁ ଷ୍ଟାଲିନ୍ ଖଣ୍ଡନ କରିଛନ୍ତି। ପ୍ରକାଶ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏରେ ଡିଏମ୍‌କେ ସାମିଲ ଥିଲା। ମୋଦି ବାଜପେୟୀଙ୍କ ରାଜନୈତିକ ସଂସ୍କୃତିକୁ ଅନୁକରଣ କରୁ ନ ଥିବାରୁ ତାଙ୍କ ସଦ୍ୟ ମନ୍ତବ୍ୟକୁ ନେଇ ବିସ୍ମିତ ହୋଇଥିବା ଷ୍ଟାଲିନ୍ କହିଛନ୍ତି।



## ମୋଦି, ଯୋଗୀଙ୍କୁ 'ଗୋରୁ' କହିଲେ ଅଜିତ୍ ସିଂ

**ମଥୁରା,୧୧।୧(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ 'ଗୋରୁ' କହି ବିବାଦ ଘେରରେ ଆର୍‌ଏଲ୍‌ଡି ଅଧ୍ୟକ୍ଷ ଅଜିତ୍ ସିଂ। 'କିଷାନ ସେ ସମ୍ବାଦ' କାର୍ଯ୍ୟକ୍ରମରେ ଅଜିତ୍ କହିଛନ୍ତି, ମୋଦି ଷଣ୍ଢ, ଯୋଗୀ ବାଛୁରି ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଗାଈ। ଆଜିକାଲି ଗାଈ, ବଳଦ ଓ ବାଛୁରି ବହୁତ ବୁଲୁଛନ୍ତି ବୋଲି ଖବରକାଗଜରେ ପଢ଼ିବାକୁ ମିଳୁଛି। ଏହାକୁ ନେଇ ଅଜିତ୍ କ୍ଷମାମାଗନ୍ତୁ ବୋଲି ଭାଜପା ଦାବି କରିଛି।



## ଏସ୍‌ପି-ବିଏସ୍‌ପି ମେଣ୍ଟ ଘୋଷଣା ଆଜି



**ଲକ୍ଷ୍ନୌ,୧୧।୧(ଆଇଏଏନ୍‌ଏସ୍):** ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମଧ୍ୟରେ ମେଣ୍ଟକୁ ନେଇ ଚୂଡ଼ାନ୍ତ ଆସନ ବୁଝାମଣା ଶେଷ ହୋଇଛି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ଲକ୍ଷ୍ନୌର ଏକ ପଞ୍ଚତାରକା ହୋଟେଲରେ ଶନିବାର ଏକ ମିଳିତ ଖବରଦାତା ସମ୍ମିଳନୀ ଆୟୋଜିତ କରି ଏହା ଘୋଷଣା କରିବେ। ଲୋକ ସଭା ନିର୍ବାଚନରେ ଉଭୟ ଦଳ ୩୭ଟି ଆସନରେ ଲଢ଼ିବେ। ସେମାନେ ଅଜିତ୍ ସିଂଙ୍କ ରାଷ୍ଟ୍ରୀୟ ଲୋକ ଦଳକୁ ୨ଟି ଆସନ ଛାଡ଼ିଦେବେ। ସେହିପରି ଅମେଠି ଓ ରାଏବରେଲି ଆସନରେ ଯଥାକ୍ରମେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ ମେଣ୍ଟ ପ୍ରାର୍ଥୀ ଦେବନାହିଁ ବୋଲି ଜଣାପଡ଼ିଛି। ଉଭୟ କେନ୍ଦ୍ର ଓ ଉତ୍ତରପ୍ରଦେଶରେ କ୍ଷମତାସୀନ ଭାଜପାକୁ ହରାଇବା ପାଇଁ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ରଣନୀତି ସ୍ଥିର କରିଛନ୍ତି। ତେବେ ମେଣ୍ଟରେ କଂଗ୍ରେସକୁ ସାମିଲ କରି ନ ଥିବାରୁ ଏହା ବିପଜ୍ଜନକ ଭୁଲହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ମେଜର, ଯବାନ ଶହୀଦ

**ନୂଆଦିଲ୍ଲୀ,୧୧।୧**

ଜମ୍ମୁ-କଶ୍ମୀର ରାଜୌରୀ ଜିଲାର ନୌଶେରା ସେକ୍ଟରରେ ଶୁକ୍ରବାର ଆଇଇଡି ବିସ୍ଫୋରଣରେ ଜଣେ ସେନା ମେଜର ଏବଂ ଜଣେ ଯବାନ ଶହୀଦ ହୋଇଛନ୍ତି। ପୁଖାର୍ନି ଅଞ୍ଚଳର ରୂପମତି ଫରଓ୍ୱାର୍ଡ ପୋଷ୍ଟ ନିକଟରେ ପ୍ରଥମ ବିସ୍ଫୋରଣ ଅପରାହ୍ନ ୪ଟା ୩୦ରେ ଏବଂ ଦ୍ୱିତୀୟ ବିସ୍ଫୋରଣ ସଂଧ୍ୟା ୬ଟାରେ ହୋଇଥିଲା। ପାଟ୍ରୋଲିଂ କରୁଥିବା ଯବାନଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ଏଲଓସି ଅନ୍ତର୍ଗତ ଉକ୍ତ ଅଞ୍ଚଳରେ ଆଇଇଡି ଖଞ୍ଜିଥିଲେ। ବିସ୍ଫୋରଣରେ ମେଜର ଏସ୍.ଜି. ନାୟାର ଏବଂ ଜଣେ ଯବାନ ଆହତ ହୋଇଥିଲେ। ସେମାନଙ୍କୁ ହସ୍ପିଟାଲ୍ ନିଆଯାଇଥିବାବେଳେ ସେଠାରେ ସେମାନଙ୍କର ମୃତ୍ୟୁ ଘଟିଛି। ଏହା ବ୍ୟତୀତ ରାଜୌରୀ ଜିଲାର ସୁନ୍ଦରବଣି ଅଞ୍ଚଳରେ ସୀମାପାର ଗୁଳିରେ ଜଣେ ସେନା ପୋର୍ଟରଙ୍କର ମୃତ୍ୟୁ ଘଟିଛି।

### [ଇତିହାସର ଆଇନାରେ]

## ଜାନୁୟାରୀ ୧୨ର ପ୍ରମୁଖ ଘଟଣା

୨୦୧୦ ଜାନୁୟାରୀ ୧୨ରେ ହାଇଟିରେ ଏକ ଭୂକମ୍ପ ଯୋଗୁ ୧ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାର ରାଜଧାନୀ ପୋର୍ଟ-ଅଉ-ପ୍ରିନ୍ସରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ୨୦୧୫ରେ ଏହାର ଲୋକସଂଖ୍ୟା ଥିଲା ୯୮୭,୩୧୦। କିନ୍ତୁ ହାଇଟିର ମେଟ୍ରୋପଲିଟାନ୍ ନଗରୀ ପୋର୍ଟ-ଅଉ-ପ୍ରିନ୍ସ, ଡେଲମାସ୍, ସିଟେ ସୋଲେଇଲ୍, ଟାବାରେ, କ୍ୟାରିଫୋର ଏବଂ ପେଟିଅନ୍-ଭିଲ୍ଲେକୁ ନେଇ ଗଠିତ।

୨୦୦୪ ଜାନୁୟାରୀ ୧୨ରେ ବିଶ୍ୱର ସର୍ବବୃହତ୍ ଜାହାଜ ଆରଏମ୍‌ଏସ୍ କୁଇନ୍ ମେରି ୨ ଏହାର ଜଳଯାତ୍ରା ଆରମ୍ଭ କରିଥିଲା। ଉକ୍ତ ଜାହାଜକୁ ସଂକ୍ଷିପ୍ତରେ କ୍ୟୁଏମ୍୨ କୁହାଯାଏ। ଏହା ଆଟଲାଣ୍ଟିକ ମହାସାଗର ଦେଇ ଚଳାଚଳ କରିଥାଏ। କୁଇନ ମେରି ୨ ହେଉଛି ଏକମାତ୍ର ଯାତ୍ରିବାହୀ ଜାହାଜ ଯାହା କି ଆଟଲାଣ୍ଟିକ ସାଗର ଦେଇ ମାଲ ମଧ୍ୟ ପରିବହନ କରୁଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୧.୪ |
| ଚାନ୍ଦବାଲି | ୨୫.୪ | ୧୩.୬ |
| କଟକ | ୨୫.୪ | ୧୨.୫ |
| ପାରାଦ୍ୱୀପ | ୨୫.୮ | ୧୫.୦ |
| ଭୁବନେଶ୍ୱର | ୨୭.୭ | ୧୪.୦ |
| ଗୋପାଳପୁର | ୨୭.୫ | ୧୪.୫ |
| ପୁରୀ | ୨୬.୬ | ୧୫.୨ |
| ଅନୁଗୋଳ | ୨୫.୭ | ୦୮.୦ |
| ବାରିପଦା | ୨୪.୪ | ୧୧.୪ |
| ଝାରସୁଗୁଡ଼ା | ୨୬.୪ | ୦୯.୮ |
| କେନ୍ଦୁଝର | ୨୩.୬ | ୦୯.୯ |
| ସମ୍ବଲପୁର | ୨୭.୫ | ୯.୫ |
| ସୁନ୍ଦରଗଡ଼ | ୨୬.୬ | ୧୦.୮ |
| ହୀରାକୁଦ | ୨୬.୫ | ୧୦.୬ |
| ତାଳଚେର | ୨୯.୫ | ୧୦.୫ |
| ଭବାନୀପାଟଣା | ୨୬.୮ | ୦୮.୫ |
| ବଲାଙ୍ଗୀର | --- | ୦୯.୮ |
| କୋରାପୁଟ | ୨୫.୨ | ୧୧.୦ |
| ଫୁଲବାଣୀ | ୨୫.୨ | ୦୭.୫ |
| ଟିଟିଲାଗଡ଼ | --- | ୦୯.୫ |
| ମାଲକାନଗିରି | ୩୦.୫ | ୧୪.୦ |
| ସୋନପୁର | ୨୮.୨ | ୧୧.୬ |
| ଦାରିଙ୍ଗିବାଡ଼ି | ୨୩.୨ | ୦୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଫୁର୍‌ସତ

## ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ




**ମୁମ୍ବାଇ:** ମହିଳାମାନେ ୪୦ବର୍ଷରେ ସ୍ୱାସ୍ଥ୍ୟବତୀ ଓ ଆକର୍ଷଣୀୟ ଦେଖାଯାଉଥିବାବେଳେ ସେମାନଙ୍କୁ ଅଭିନୟର ସୁଯୋଗ ମିଳେନାହିଁ। ଅଥଚ ପୁରୁଷ ବୟସ୍କ ହେଲେ ବି ଚରିତ୍ରାଭିନୟ ଜାରିରଖନ୍ତି ବୋଲି ଅଭିନେତ୍ରୀ-ନିର୍ଦ୍ଦେଶିକା ପୂଜା ଭଟ୍ଟ କହିଛନ୍ତି। ପୂଜା ଦୀର୍ଘ ୧୮ବର୍ଷର ବ୍ୟବଧାନ ପରେ ପୁଣି ରୂପେଲି ପରଦାକୁ ଫେରିଛନ୍ତି। ସେ ଅଭିନୟକୁ ଗୁଡ୍‌ବାଏ କହିଥିଲେ ମଧ୍ୟ 'ସଡ଼କ-୨' ଆଉଥରେ ତାଙ୍କୁ ଅଭିନୟ ଜଗତକୁ ଟାଣି ଆଣିଛି। ସେ କହନ୍ତି, 'ଦିନେ ଅଭିନୟକୁ ବାଏ ବାଏ କହିଥିଲି। କିନ୍ତୁ ଜଣେ ଅଭିନେତ୍ରୀ ସବୁବେଳେ ହିଁ ଅଭିନେତ୍ରୀ। ଅଭିନେତ୍ରୀ ନୁହେଁ ବରଂ ଜଣେ ସ୍ଥପତି କିମ୍ବା ମହାକାଶଚାରୀ ହେବାକୁ ଚାହିଁଥିଲି। କିନ୍ତୁ ପିତାଙ୍କ ପ୍ରେରଣାରେ ମୁଁ ଆଗକୁ ବଢ଼ିଥିଲି। ଏହାପରେ ଆଉ ପଛକୁ ଫେରି ଚାହିଁନାହିଁ। ଖୁସି ଏଇଥିପାଇଁ ଯେ, ପୁଣିଥରେ ଅଭିନୟ ଜଗତକୁ ଫେରିଆସିଛି।' ମହିଳାମାନେ ଏକ ନିର୍ଦ୍ଦିଷ୍ଟ ବୟସରେ ପାଦ ଦେଲେ ନିଜକୁ ଭଲ ଭାବରେ ଉପସ୍ଥାପନ କରିପାରନ୍ତି। କିନ୍ତୁ ଏହି ବୟସରେ ମହିଳାଙ୍କୁ ମା' ଭୂମିକା ଦିଆଯାଏ। ଅଥଚ ପୁରୁଷଙ୍କ ବୟସ ବଢ଼ିଲେ ବି ସେମାନଙ୍କୁ ହିରୋ ଭୂମିକା ମିଳେ।



“ ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ଭ୍ରମଣକାରୀ ଦଳର ପ୍ରଥମ ୩ ଉଇକେଟର ଶୀଘ୍ର ପତନ ଘଟାଇବା ଆମର ପ୍ରଧାନ୍ୟ ଲକ୍ଷ୍ୟ।

– ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



“ ପାଣ୍ଡ୍ୟା ଓ ରାହୁଲଙ୍କ ମନ୍ତବ୍ୟକୁ ନେଇ ଦେଖାଦେଇଥିବା ବିବାଦ ଭାରତୀୟ କ୍ରିକେଟ ଦଳର ଡ୍ରେସିଂ ରୁମ୍‌ରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ।

– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଏସ୍‌ଓଜି ଭୁବନେଶ୍ୱର ଦଳଗତ ଚାମ୍ପିୟନ

ଢେଙ୍କାନାଳ ଅଫିସ,୧୧।୧: ଢେଙ୍କାନାଳ ରିଜର୍ଭ ଲାଇନ୍ ପୋଲିସ ପଡ଼ିଆରେ ଅନୁଷ୍ଠିତ ୫୨ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳ ଏବଂ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଳିତବର୍ଷ ଏସ୍‌ଓଜି ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି। ରାଇଫଲ ଚାଳନାରେ ଆଇଆର ବାଟାଲିୟନ ଲାୟନ୍ସ, କମିଶନରେଟ୍ ପୋଲିସ-ବି ଏବଂ ରିଭଲଭର ଚାଳନାରେ ଓଏସ୍‌ଏପି ପାନ୍ଥର, ଏସ୍‌ଓଜି ଭୁବନେଶ୍ୱର ଯଥାକ୍ରମେ ଚାମ୍ପିୟନ ଏବଂ ରନର୍ସଅପ୍ ହୋଇଛନ୍ତି। ସେହିପରି ଷ୍ଟେନଗନ୍ ଚାଳନାରେ ଏସ୍‌ଓଜି ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଓଏସ୍‌ଏପି ଟସ୍କର ହାବିଲଦାର ବି. ଥାପ୍ପା ଶ୍ରେଷ୍ଠ ରାଇଫଲ ମ୍ୟାନ୍ ଏବଂ ଓଏସ୍‌ଏପି ପାନ୍ଥରର ହାବିଲଦାର ମେଜର ଆର. ଗୁରୁଙ୍ଗ୍ ଶ୍ରେଷ୍ଠ ରିଭଲଭର ମ୍ୟାନ୍ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିଥିବା ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଡିଜିପି କହିଲେ, ଖୁବ୍ କମ୍ ସମୟ ଭିତରେ ଢେଙ୍କାନାଳରେ ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଛି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣ ଦେଇ ଜାତୀୟସ୍ତରକୁ ପଠାଯିବ। ପୂର୍ବାପେକ୍ଷା ଓଡ଼ିଶା ପୋଲିସ ନିଜସ୍ୱ ରଣକୌଶଳରେ ମାଓବାଦୀ ଦମନ କରିବାରେ ସଫଳତା ହାସଲ କରିଛି, ଯାହା ଗର୍ବର ବିଷୟ ବୋଲି ଡିଜିପି କହିଥିଲେ। କାର୍ଯ୍ୟକ୍ରମରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଏସ୍‌ପି ସନ୍ତୋଷ କୁମାର ନାୟକ, ଅତିରିକ୍ତ ଡିଜି (କ୍ରାଇମବ୍ରାଞ୍ଚ) ସନ୍ତୋଷ କୁମାର ଉପାଧ୍ୟାୟ, ଅତିରିକ୍ତ ଡିଜି ଅରୁଣ କୁମାର ଷଡ଼ଙ୍ଗୀ, ସୁଧାଂଶୁ କୁମାର ଷଡ଼ଙ୍ଗୀ, ବିନୟତୋଷ ମିଶ୍ର, ଜିଲାପାଳ ନିଖିଲ ପୱନ କଲ୍ୟାଣ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଦେବଗଡ଼ ଏସ୍‌ପି ଅନୁପମା ଜେମ୍‌ସ ପ୍ରମୁଖ ଉପସ୍ଥିତ ଥିଲେ।

### ଡୋପ୍ ଟେଷ୍ଟରେ ଦୁଇ ଭାରତୀୟ ଆଥ୍‌ଲେଟ୍ ବିଫଳ

ବେଙ୍ଗାଲୁରୁ,୧୧।୧: ଗତବର୍ଷ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ଭାରତୀୟ ଆଥ୍‌ଲେଟ୍‌ଙ୍କ ତାଲିକା ବୃଦ୍ଧି ପାଇବାରେ ଲାଗିଛି। ଏହି ତାଲିକାରେ ତାମିଲନାଡୁର ବାଧାଦୌଡ଼ ଧାବକ ମହମ୍ମଦ ନିଜାର ଫାରୁକ ଓ ଉତ୍ତରପ୍ରଦେଶର ହାମର ଥ୍ରୋୟର ଗୁଞ୍ଜନ ସିଂ ନୂଆ ଆଥ୍‌ଲେଟ୍ ଭାବେ ସାମିଲ ହୋଇଛନ୍ତି। ରାଞ୍ଚିଠାରେ ଅନୁଷ୍ଠିତ ଜୁନିୟର ନ୍ୟାଶନାଲ ଗେମ୍ସରେ ଫାରୁକ ୪୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ଡୋପ ନମୁନାରେ ନିଷିଦ୍ଧ ଔଷଧ ଫେଣ୍ଟରମାଇନ ଥିବା ଜଣାପଡ଼ିଛି। ସେହିଭଳି ଗୁଞ୍ଜନଙ୍କ ନମୁନାରେ ମିଥିଲେକ୍ସନେମାଇନ ନାମକ ଷ୍ଟେରଏଡ୍ ମିଳିଛି। ସେ ଲକ୍ଷ୍ନୌଠାରେ ଅନୁଷ୍ଠିତ ଆନ୍ତଃ ରେଲ୍‌ୱେ ମିଟ୍‌ର ହାମର ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗତ ନଭେମ୍ବରରେ ବହୁ ଅନ୍ତର୍ଜାତୀୟ ଖେଳାଳି ଡୋପ୍ ଟେଷ୍ଟରେ ବିଫଳ ହୋଇ ବାସନ୍ଦ ହୋଇଛନ୍ତି। ଏଥିରେ ୪୦୦ ମି. ଧାବକ ନିର୍ମଳା ସୋରେନ, ସଞ୍ଜୀବ ଯାଦବ (୫,୦୦୦ ଓ ୧୦,୦୦୦ ମି.), ସନ୍ଦୀପ କୁମାରୀ (ଡିସ୍‌କସ ଥ୍ରୋ), ଝୁମା ଖାତୁନ (୧୫୦୦ ମି.) ଓ ନବୀନ ଚିକାରା (ଶଟ୍ ପୁଟ) ରହିଛନ୍ତି। ଏମାନଙ୍କ ମଧ୍ୟରୁ ନିର୍ମଳା, ସଞ୍ଜୀବ ଓ ସନ୍ଦୀପ ଜାକାର୍ତ୍ତା ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିଥିଲେ।

### ରୋନାଲ୍ଡୋ ଦେବେ ଡିଏନ୍‌ଏ ନମୁନା

ଲସ୍‌ଏଞ୍ଜେଲ୍ସ,୧୧।୧(ଏଏଫ୍‌ପି): ଷ୍ଟାର ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନାମରେ ଆସିଥିବା ଦୁଷ୍କର୍ମ ଅଭିଯୋଗର ତଦନ୍ତ ପ୍ରକ୍ରିୟା ଲାସ ଭେଗାସ ପୋଲିସ ଜାରି ରଖିଛି। ଏହି ତଦନ୍ତ ପ୍ରକ୍ରିୟାର ଅଂଶବିଶେଷ ଭାବେ ଷ୍ଟାର ଫୁଟ୍‌ବଲ ଖେଳାଳିଙ୍କୁ ଡିଏନ୍‌ଏ ନମୁନା ଜମା କରିବା ଲାଗି କୁହାଯାଇଛି। ରୋନାଲ୍ଡୋଙ୍କ ଓକିଲ ପିଟର କ୍ରିଷ୍ଟଆନସେନଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଲାସ ଭେଗାସଠାରେ ୨୦୦୯ରେ ଘଟିଥିବା ଘଟଣା ଉଭୟଙ୍କ ସମ୍ମତିକ୍ରମେ ହୋଇଥିଲା। ଏଣୁ ତାଙ୍କ ଡିଏନ୍‌ଏ ଉପସ୍ଥିତ ରହିବା ନିଶ୍ଚିତ। ପ୍ରୋଟୋକଲ ଅନୁଯାୟୀ ରୋନାଲ୍ଡୋଙ୍କୁ ଡିଏନ୍‌ଏ ନମୁନା ଜମା କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି ବୋଲି କ୍ରିଷ୍ଟଆନସେନ କହିଛନ୍ତି। ଏ ନେଇ ଲାସ ଭେଗାସ ମେଟ୍ରୋପଲିଟାନ ପୋଲିସ ପକ୍ଷରୁ କୁହାଯାଇଛି, ଜୁଭେଣ୍ଟସ ଫରୱାର୍ଡ ଫରମାଲ ନିବେଦନ କରିଛନ୍ତି। ଯେ କୌଣସି ଦୁଷ୍କର୍ମ ଘଟଣାରେ ଆମେ ପ୍ରମାଣ ହିସାବରେ ଡିଏନ୍‌ଏ ନମୁନା ସଂଗ୍ରହ କରୁ। ପୂର୍ବତନ ମଡେଲ କାଥରିନ ମାୟୋର୍ଗା (୩୪) ରୋନାଲ୍ଡୋଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ।

# ଭାରତର ଲକ୍ଷ୍ୟ ବିଶ୍ୱକପ୍ ପ୍ରସ୍ତୁତି

ସିଡ୍‌ନୀ,୧୧।୧(ପି.ଟି.)

ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ। ଟେଷ୍ଟ ସିରିଜରେ ଐତିହାସିକ ବିଜୟ ହାସଲ କରିବା ପରେ ଭ୍ରମଣକାରୀ ଭାରତ ୩ ମ୍ୟାଚ ବିଶିଷ୍ଟ ଏହି ଦିନିକିଆ ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ତେବେ ଏହା ପୂର୍ବରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ନେଇ ବିବାଦ ଭାରତୀୟ କ୍ରିକେଟରେ ଝଡ଼ ସୃଷ୍ଟି କରିଛି। ଜଣାଶୁଣା ଟିଭି ଶୋ’ କଫି ୱିଥ୍ କରନରେ ଏହି ଦୁଇ କ୍ରିକେଟର ନିଜ ସେକ୍ସ ଲାଇଫ୍ ଓ ନାରୀମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବିବାଦରେ ଫସିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିପାଇଁ ଏହି ଦୁଇ ଖେଳାଳିଙ୍କୁ ବାସନ୍ଦ କରିବା ସହ ତଦନ୍ତର ନିର୍ଦ୍ଦେଶ ଦେଇଛି। ଫଳରେ ପାଣ୍ଡ୍ୟା ଓ ରାହୁଲ ଏହି ହାଇପ୍ରୋଫାଇଲ ଦିନିକିଆ ସିରିଜରୁ ବାଦ୍ ପଡିଛନ୍ତି। ଅନ୍ତିମ ଏକାଦଶରେ ପାଣ୍ଡ୍ୟା ସ୍ଥାନ ପାଇବା ନିଶ୍ଚିତ ଥିଲା। ତେବେ ଖରାପ ଫର୍ମ କାରଣରୁ ରାହୁଲ ପ୍ରଥମ ଦିନିକିଆରେ ନ ଖେଳିବା ଏକପ୍ରକାର ନିଶ୍ଚିତ ଥିଲା। ତେବେ ଏହି ଦୁଇ ଖେଳାଳିଙ୍କ ବିବାଦୀୟ ମନ୍ତବ୍ୟ ସହ ଭାରତୀୟ ଦଳ ଏକମତ ନୁହଁ। ଏହା ସେମାନଙ୍କର ବ୍ୟକ୍ତିଗତ ମନ୍ତବ୍ୟ ବୋଲି ଅଧିନାୟକ ବିରାଟ କୋହଲି ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଓପନର ହିସାବରେ ରୋହିତ ଶର୍ମା ଓ ଶିଖର ଧାୱନ୍ ବେଶ୍ ଦମ୍‌ଦାର ପ୍ରଦର୍ଶନ କରୁଥିବା ବେଳେ ରାହୁଲଙ୍କ ପାଇଁ ଦଳରେ ସ୍ଥାନ ଏକପ୍ରକାର ନାହିଁ। ଅବଶ୍ୟ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ସମସ୍ୟା ସୃଷ୍ଟି କରିବ। ମିଡଲ ଅର୍ଡରରେ ଭଲ ବ୍ୟାଟିଂ କରିବା ସହ ପାଣ୍ଡ୍ୟା ପୂରା ୧୦ ଓଭର ବୋଲିଂ କରିବାର କ୍ଷମତା ରଖନ୍ତି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରୁ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଏବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବୋଲିଂକୁ ନେଇ ଅନ୍ତିମ ପରୀକ୍ଷା ନିରୀକ୍ଷା କରିବ। ଏଭଳି ପରିସ୍ଥିତିରେ ଭୁବନେଶ୍ୱର କୁମାରଙ୍କ ସମେତ ମହମ୍ମଦ ସାମି, ଖଲିଲ ଅହମ୍ମଦଙ୍କ ଉପରେ କୋହଲି ଭରସା କରିବେ। ଏସ୍‌ସିଜି ପିଚ୍‌ରେ କିଛି ପରିମାଣରେ ଘାସ ରହିଛି। ଫଳରେ ଭାରତ ୩ ଦ୍ରୁତ ବୋଲର ଓ ୨ ସ୍ପିନରଙ୍କୁ ନେଇ ପଡିଆକୁ ଓହ୍ଲାଇବା ଆଶା କରାଯାଉଛି। ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇବେ ବୋଲି ସୂଚନା ଦେଇଛନ୍ତି। ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ସହିତ ସେ ସ୍ପିନ ବିଭାଗର ଦାୟିତ୍ୱରେ ରହିବେ। ପୁଣି କେଦାର ଯାଦବ ମଧ୍ୟ ପାର୍ଟ ଟାଇମ୍ ସ୍ପିନ୍ ବୋଲିଂ କରିବାର କ୍ଷମତା ରଖନ୍ତି ଓ ସେ ଆବଶ୍ୟକ ବେଳେ ଦଳ ପାଇଁ ସଙ୍କଟମୋଚକ ସାବ୍ୟସ୍ତ ହୋଇଛନ୍ତି।

ଦୁଇ ଓପନରଙ୍କ ସମେତ କୋହଲି ୩ ନମ୍ବରରେ ବ୍ୟାଟିଂ କରିବେ। ଏହାପରେ କେଦାର, ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ ଅମ୍ବାତି ରାୟୁଡୁ ମିଡଲ ଅର୍ଡରର ଦାୟିତ୍ୱ ସମ୍ଭାଳିବେ। ୨୦୧୮ରେ ଧୋନୀଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ତାଙ୍କର ଉଭୟ ହାରାହାରି ରନ ସଂଗ୍ରହ ଓ ଷ୍ଟ୍ରାଇକ୍ ରେଟ୍ ମାମୁଲି ରହିଛି। ତେଣୁ ଧୋନୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ୪ ନମ୍ବରରେ ରାୟୁଡୁ ବ୍ୟାଟିଂ କରିବେ। ଗତ ଏସିଆ କପ୍ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜରେ ସେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ଗତ ୧୧ଟି ଦିନିକିଆରେ ରାୟୁଡୁ ୫୬ ହାରରେ ୩୯୨ ରନ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ୨୦୧୬ରେ ଧୋନୀଙ୍କ ନେତୃତ୍ୱରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଆସି ୪-୧ରେ ଦିନିକିଆ ସିରିଜ ହାରିଥିଲା। ଏହି ସିରିଜରେ ରୋହିତ, କୋହଲି ଓ ଧାୱନ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଦଳକୁ ସିରିଜ ପରାଜୟରୁ ରକ୍ଷା କରିପାରି ନ ଥିଲେ। ସେତେବେଳେ ଅନ୍ତିମ ଦିନିକିଆରେ ମନୀଷ ପାଣ୍ଡେ ଶତକ ହାସଲ କରି ଦଳକୁ ଜିତାଇଥିଲେ ଓ ଭାରତ ୫-୦ରେ ହାରିବାରୁ ରକ୍ଷା ପାଇଯାଇଥିଲା। ଅଷ୍ଟ୍ରେଲିଆରେ ଭାରତର ଦିନିକିଆ ପ୍ରଦର୍ଶନ ସେତେଟା ଉତ୍ସାହଜନକ ନୁହଁ। ୧୯୮୫ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୦୮ ସିବି ସିରିଜକୁ ବାଦ ଦେଲେ ଭାରତ ଅଷ୍ଟ୍ରେଲିଆ ମାଟିରେ ୪୮ଟି ଦିନିକିଆ ଖେଳି ୩୫ରେ ପରାଜୟ ବରଣ କରିଛି।

ଷ୍ଟିଭେନ୍ ସ୍ମିଥ ଓ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତିରୁ ଭାରତ ଏଥର ଫାଇଦା ଉଠାଇବ। ସେହିପରି ଆଗଧାଡିର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ପ୍ୟାଟ କୁମିନ୍ସ ଓ ଜୋଶ ହାଜେଲଉଡଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଭାରତ ପାଇଁ ସୁବିଧାଜନକ ପରିସ୍ଥିତି ସୃଷ୍ଟି କରାଯାଇଛି। ଅଷ୍ଟ୍ରେଲିଆ ଦଳରେ ଏକମାତ୍ର ସ୍ପିନର ଭାବେ ନାଥନ ଲିୟନ ସ୍ଥାନ ପାଇଛନ୍ତି। ପୁଣି ୨୦୧୦ ପରେ ପିଟର ସିଡଲ ଦିନିକିଆକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ଅଧିନାୟକ ଆରୋନ ଫିଞ୍ଚଙ୍କ ସହ ଇନିଂସ ଓପନ କରିବେ। ଉସ୍‌ମାନ ଖ୍ୱାଜା, ଶନ ମାର୍ଶ ଓ ପିଟର ହ୍ୟାଣ୍ଡସ୍କମ୍ବ ମିଡିଲ ଅର୍ଡର ଦାୟିତ୍ୱରେ ରହିବେ। ମାର୍କସ ଷ୍ଟୋଇନ୍ସ ଓ ଗ୍ଲେନ୍ ମ୍ୟାକ୍ସୱେଲ ୬ ଓ ୭ ନମ୍ବରରେ ବ୍ୟାଟିଂ କରିବେ। ୩ ତାରକା ଦ୍ରୁତ ବୋଲର ବାଦ ପଡିଥିବାରୁ ଅଷ୍ଟ୍ରେଲୀୟ ଦ୍ରୁତ ବୋଲିଂ ବିଭାଗ ଦୁର୍ବଳ ମନେହେଉଛି। ସିଡଲ ୮ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ବାମହାତୀ ଦ୍ରୁତବୋଲର ଜାସନ ବେହରେନଡୋର୍ଫ ଦିନିକିଆ ପଦାର୍ପଣ କରିବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ମହମ୍ମଦ ସାମି ଓ ମହମ୍ମଦ ସିରାଜ।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ଆଲେକ୍ସ କେରୀ (ଉଇକେଟ କିପର), ଉସମାନ ଖ୍ୱାଜା, ଶନ୍ ମାର୍ଶ, ପିଟର ହ୍ୟାଣ୍ଡସ୍କମ୍ବ, ମାର୍କସ ଷ୍ଟୋଇନ୍ସ, ଗ୍ଲେନ ମ୍ୟାକ୍ସୱେଲ, ନାଥନ ଲିୟନ, ପିଟର ସିଡଲ, ଝିଏ ରିଚାର୍ଡସନ, ଜାସନ ବେହରେନଡୋର୍ଫ।



ଦିନିକିଆ ସିରିଜ ଟ୍ରଫି ସହ ଅଧିନାୟକ ଆରୋନ ଫିଞ୍ଚ ଓ ବିରାଟ କୋହଲି।

**ଦିନିକିଆ ସିରିଜ ଆଜିଠାରୁ**

- ମ୍ୟାଚ୍ ଆରମ୍ଭ: ସକାଳ ୭.୫୦
- ସ୍ଥାନ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ
- ପ୍ରସାରଣ: ସୋନୀ ନେଟୱର୍କ

## ଏକମାତ୍ର ଟି୨୦ ଜିତିଲା ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ,୧୧।୧

ସ୍ଥାନୀୟ ଇଡେନ ପାର୍କଠାରେ ଖେଳାଯାଇଥିବା ଏକମାତ୍ର ଟି୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ଦଳ ୩୫ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୧୮୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଶ୍ରୀଲଙ୍କା ୧୪୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହି ବିଜୟ ସହ ବରିଷ୍ଠ ପେସର ଟିମ ସୌଦି ଅଧିନାୟକ ଭାବେ କ୍ୟାରିୟର ଆରମ୍ଭ କରିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଦଳ ମାତ୍ର ୫୫ ରନ୍ ମଧ୍ୟରେ ୫ ଉଇକେଟ ହରାଇ ମୋଟ ୧୦୦ ମଧ୍ୟରେ ଅଲଆଉଟ୍ ହୋଇଯିବ ବୋଲି ସମ୍ଭାବନା ସୃଷ୍ଟି ହୋଇଥିଲା। ମାତ୍ର ରସ ଟେଲର ୩୩ ଓ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଡଗ ବ୍ରସୱେଲ ୪୪ ଏବଂ ସ୍କଟ କୁଗେଲଜିନ ୩୫ ରନ୍ ଯୋଗୁ ଦଳ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଭ୍ରମଣକାରୀ ଦଳ ପାଇଁ ଅଧିନାୟକ ଲସିଥ ମାଲିଙ୍ଗା ୨ ଓ କସୁନ ରାଜିଥା ୩ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନମାନେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଉଦ୍ୟମ କରି ଉଇକେଟ ହରାଇଥିଲେ। ଫଳରେ ଦଳ ମାତ୍ର ୧୬.୫ ଓଭରରେ ୧୪୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ଲାଗି ଥିସାରା ପେରେରା ୪୩ ଓ କୁସାଲ ପେରେରା ୨୩ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ଇଶ ସୋଧି ଓ ଲୋକି ଫର୍ଗୁସନ ୩ ଲେଖାଏ ଉଇକେଟ ନେଇଥିଲେ। ବିଜୟୀ ଦଳ ପାଇଁ ଅଲରାଉଣ୍ଡର ପ୍ରଦର୍ଶନ କରିଥିବା ବ୍ରସୱେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

## ହରି ପ୍ରସାଦ ଜାତୀୟ କରାଟେ ସଂଘର ବୈଷୟିକ ନିର୍ଦ୍ଦେଶକ



ଉତ୍କଳ କରାଟେ ସ୍କୁଲରେ ଶୁକ୍ରବାର ହରିପ୍ରସାଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

କରାଟେ ଆସୋସିଏଶନ ଅଫ ଇଣ୍ଡିଆ(କେଏଆଇ)ର ନିର୍ବାଚନ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇ ଯାଇଛି। ୪ ବର୍ଷ ପାଇଁ ହୋଇଥିବା ଏହି ନିର୍ବାଚନରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଉପସଭାପତି ପଦ ବଜାୟ ରଖିବା ସହ ଜାତୀୟ ସଂଘର ନୂଆ ବୈଷୟିକ ନିର୍ଦ୍ଦେଶକ ମନୋନୀତ ହୋଇଛନ୍ତି। ଏଥିପାଇଁ ଶୁକ୍ରବାର ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍‌କା) ପକ୍ଷରୁ ଆୟୋଜିତ ଏକ ଉତ୍ସବରେ ହରିପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ସଂଘରେ ଅରୁଣାଚଳ ପ୍ରଦେଶର ସେନ୍‌ସେଇ ଲିଖାତାରା ସଭାପତି, ଜମ୍ମୁ କଶ୍ମୀରର ସେନ୍‌ସେଇ ଆମ୍ବେଦକର ଗୁପ୍ତା ସମ୍ପାଦକ, ପଶ୍ଚିମବଙ୍ଗର ପ୍ରେମ୍‌ଜିତ ସେନ୍ କୋଷାଧ୍ୟକ୍ଷ, ପୂର୍ବତନ ସମ୍ପାଦକ ସିହାନ ଭରତ ଶର୍ମା ଉପସଭାପତି ଏବଂ ମଧ୍ୟପ୍ରଦେଶର ରତନ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକଭାବେ ନିର୍ବାଚିତ ହୋଇଛନ୍ତି।

ହରିପ୍ରସାଦ ଓସ୍‌କାର ପ୍ରତିଷ୍ଠାତା ସଦସ୍ୟ, ସମ୍ପାଦକ ଏବଂ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ଗତ ୧୨ ବର୍ଷ ଧରି ଜାତୀୟ ସଂଘର ଉପସଭାପତି ଅଛନ୍ତି। ଭାରତରେ ଜାତୀୟ କରାଟେ ସଂଘ(ପୂର୍ବରୁ ଏଆଇକେଏଫ ଓ ଏବେ କେଏଆଇ)ର ସେ ତୃତୀୟ ବୈଷୟିକ ନିର୍ଦ୍ଦେଶକ ଅଟନ୍ତି। ତାଙ୍କ ପୂର୍ବରୁ ସେନ୍‌ସେଇ ପରଭେଜ ମିସ୍ତ୍ରି ଓ ସେନ୍‌ସେଇ କନହରାଜ ଏହି ସମ୍ମାନଜନକ ପଦବୀରେ ରହିଥିଲେ। ଏବେ ଏହି ଗୁରୁଦାୟିତ୍ୱ ହରିପ୍ରସାଦଙ୍କ ହାତକୁ ଆସିଛି। ହରିପ୍ରସାଦଙ୍କ ପ୍ରଶିକ୍ଷଣରେ ଓଡ଼ିଶାର ଅନେକ ପ୍ରତିଯୋଗୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତଭାବେ ସେ ୮୦ ଓ ୯୦ ଦଶକରେ ବହୁବାର ରାଜ୍ୟ କରାଟେରେ ଓପନ ଚାମ୍ପିୟନ ହେବାସହ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି।

ଓସ୍‌କାର କାର୍ଯ୍ୟକାରୀ ସଭାପତି ସନତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ସଞ୍ଜୟ ଦାସ, ସୌର୍ଯ୍ୟରଞ୍ଜନ ସାସମଲ, ସହ ସମ୍ପାଦକ ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲିକ, କାର୍ଯ୍ୟକାରୀ ସଦସ୍ୟ ଦୀପକ ସାମନ୍ତରା, ସନ୍ଦିପ ମହାନ୍ତି, ଚିତ୍ତରଞ୍ଜନ ସ୍ୱାଇଁ, ସଦସ୍ୟ ହିମାଂଶୁ ଶେଖର ଦାସ, ମିର ଅଜମଦ ଅଲ୍ଲୀ, ପ୍ରଦୀପ ସରକାର, ଦିଲୀପ ଜେନା, ଅନୁପମା ସ୍ୱାଇଁ, କ୍ରିଷ୍ଣା ଶିକାରୀ, ଅନୁରାଧା ପାତ୍ର, ସୁସ୍ମିନି ପାଲଟାସିଂ, ସନ୍ଦିପ ଦାସ, ଶୁଭସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ହରିପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ୟୁଥ୍ ଲିଗ୍ ପାଇଁ ୧୩ରେ କର୍ମଶାଳା

କଟକ ଅଫିସ,୧୧।୧

ଅଲଇଣ୍ଡିଆ ଫୁଟବଲ ଫେଡେରେଶନ୍ (ଏଆଇଏଫଏଫ) ୟୁଥ୍ ଲିଗ୍‌ରେ ଅଂଶ ଗ୍ରହଣ କରିବା ନିମନ୍ତେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆସନ୍ତା ୧୩ ତାରିଖରେ ଏକ କର୍ମଶାଳା ଆୟୋଜନ କରିବ। ଓସିଏ ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଫୁଟବଲ କ୍ଲବ ଅଂଶ ଗ୍ରହଣ କରିବାକୁ ଫାଓ ପକ୍ଷରୁ ନିବେଦନ କରାଯାଇଛି। ଏଆଇଏଫଏଫ୍ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ମାପଦଣ୍ଡକୁ ପୂରଣ କରି କିପରି ଆଗାମୀ ଦିନରେ ୟୁଥ ଲିଗ୍‌ରେ ସାମିଲ ହୋଇ ପାରିବେ ସେ ନେଇ ଆଲୋଚନା କରାଯିବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

## ଆଜାଦ ହିନ୍ଦ–ବାଲାବାବା ଫାଇନାଲ

ମାର୍ଶାଘାଇ,୧୧।୧(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ରଙ୍ଗାଳ ଖେଳପଡିଆରେ ଚାଲିଥିବା ୩୨ତମ ମାନସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍‌ରେ କଟକର ଟାଙ୍ଗୀ ଅଜାଦ ହିନ୍ଦ କ୍ଲବ ଓ କେନ୍ଦ୍ରାପଡ଼ାର ବାଲାବାବା ଟିମ୍ ପରସ୍ପରକୁ ଭେଟିବେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବାଲାବାବା ଓ ଭୁବନେଶ୍ୱର କ୍ରାଉନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ବାଲାବାବା ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବାଲାବାବା ନିର୍ଦ୍ଧାରିତ ୨୫ ଓଭରରେ ୭ଉଇକେଟ ବିନିମୟରେ ୨୨୯ ରନ୍ କରିଥିଲା। ଜବାବରେ କ୍ରାଉନ ଟିମ୍ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ କରିପାରିଥିଲା। ବାଲାବାବା ଟିମର ସଂଜୀବ ସାହୁ ୯୦ ରନ (୪୪ ବଲ) ସଂଗ୍ରହ କରିବା ସହ ବୋଲିଂରେ ୩ଉଇକେଟ ହାସଲ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ଜାତୀୟ କୁଂଫୁରେ ଓଡ଼ିଶାକୁ ୧୩ ପଦକ

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

ହାଇଦ୍ରାବାଦର ଗାଚିବାଓଲି ଇନ୍‌ଡୋର ଷ୍ଟାଡିୟମରେ ୧୨ତମ ଜାତୀୟ କୁଂଫୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶା ୫ ସ୍ୱର୍ଣ୍ଣ ସହ ମୋଟ ୧୩ ପଦକ ହାସଲ କରିଛି। ଜୁନିୟର କାଟେଗୋରିରେ ଅବିନାଶ ପ୍ରମାଣିକ ଟୁସୁ ଓ ସାଣ୍ଡା (ଫାଇଟ୍)ରେ ୨ ସ୍ୱର୍ଣ୍ଣ, ଅନୁରାଗ ଦାସ ସାଣ୍ଡାରେ ସ୍ୱର୍ଣ୍ଣ ଓ ଟୁସୁରେ ରୌପ୍ୟ, ରାଜକିଶୋର ଦାସ ସାଣ୍ଡାରେ ରୌପ୍ୟ, ଦିବ୍ୟାଂଶୁ ଦାସ ବ୍ରୋଞ୍ଜ, ସବ୍‌ଜୁନିୟର କାଟେଗୋରି ବାଳିକାରେ ସୋନାଲି ଚାଟାର୍ଜୀ ତାଓଲୁରେ ସ୍ୱର୍ଣ୍ଣ, ସ୍ୱୟାଂଶି ମହାପାତ୍ର ତାଓଲୁରେ ବ୍ରୋଞ୍ଜ, ବାଳକରେ ସଂଶ୍ଳେଷ ଏସ. ସାହୁ ଟୁସୁରେ ସ୍ୱର୍ଣ୍ଣ, ଶିବା ରଞ୍ଜନ ପଟ୍ଟନାୟକ ସାଣ୍ଡାରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ସିନିୟର କାଟେଗୋରିରେ ନୀତୀଶ କୁମାର ମହାନ୍ତ ସାଣ୍ଡାରେ ରୌପ୍ୟ, ସୁଜନ କୁମାର ସାଣ୍ଡାରେ ରୌପ୍ୟ ଓ ଟୁସୁରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ।



ଜାତୀୟ କୁଂଫୁରେ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ।

## ଭାରତୀୟ ଫିଲ୍ଡିଂରେ ସୁଧାର ଆବଶ୍ୟକ

ଡିନ ଜୋନ୍ସ

ଚେତେଶ୍ୱର ପୂଜାରାଙ୍କ ପ୍ରଦର୍ଶନ, ସଫଳତା ଓ ଗଣମାଧ୍ୟମଗୁଡିକରେ ତାଙ୍କୁ ଦିଆଯାଉଥିବା ଗୁରୁତ୍ୱ ଏବେ ନୂଆ ପିଢ଼ିର ପିଲାଙ୍କୁ ପ୍ରେରଣା ଯୋଗାଇବ। ଛୋଟ ପିଲାମାନେ କ୍ରିକେଟର ସବୁଠାରୁ ଲମ୍ବା ଫର୍ମାଟ ଟେଷ୍ଟ ଖେଳିବାକୁ ଏବେ ପସନ୍ଦ କରିବେ। ପୁଣି ଟେଷ୍ଟ କ୍ରିକେଟ ପ୍ରତି ସୁପରଷ୍ଟାର ବିରାଟ କୋହଲିଙ୍କ ଭଲ ପାଇବା ଓ ଅଷ୍ଟ୍ରେଲିଆ ମାଟିରେ ଭାରତର ବୃହତ୍ ତଥା ଐତିହାସିକ ବିଜୟ ଆଗାମୀ ପିଢ଼ିକୁ ଟେଷ୍ଟ ଖେଳିବା ପାଇଁ ପ୍ରେରଣା ଦେବ ଓ ଟେଷ୍ଟ ଫର୍ମାଟକୁ ବଞ୍ଚାଇ ରଖିବାରେ ସହାୟ ହେବ।

ଦୀର୍ଘ ୭୧ ବର୍ଷ ପରେ ଭାରତ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବା ଏକ ବଡ଼ ତଥା ଅସାଧାରଣ ସଫଳତା ବୋଲି କୁହାଯାଇପାରେ। ପ୍ରତ୍ୟେକ ଭାରତୀୟ ଓ ପୂର୍ବତନ ଟେଷ୍ଟ କ୍ରିକେଟର ଏହି ବିଜୟକୁ ବେଶ୍ ପ୍ରଶଂସା କରିବା ସହ ସମ୍ମାନର ସହ ଗ୍ରହଣ କରିଛନ୍ତି। ଭାରତ ଯେଭଳି ଖେଳିଲା, ଅଷ୍ଟ୍ରେଲିଆ ପ୍ରଶଂସକମାନେ ମଧ୍ୟ ଏହାକୁ ବେଶ୍ ସିରିଜ ଅବସରରେ ଉପଭୋଗ କରିଛନ୍ତି। ଟେଷ୍ଟ କିପରି ଖେଳିବାକୁ ହୁଏ ପୂଜାରା ତାହା କରି ଦେଖାଇଛନ୍ତି। ପୂର୍ବାପେକ୍ଷା କୋହଲିଙ୍କ ପ୍ରଶଂସକଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି।

ଦିନିକିଆ ସିରିଜରେ ମଧ୍ୟ ଭାରତ ତା’ର ଏହି ପ୍ରଦର୍ଶନକୁ ବଜାୟ ରଖିବ ଓ ଅଷ୍ଟ୍ରେଲିଆକୁ ହରାଇ ପାରିବ ବୋଲି କୁହାଯାଇପାରେ। ଭାରତର ପ୍ରଦର୍ଶନରେ ଲଗାତର ଉନ୍ନତି ହେଉଛି। ଅଷ୍ଟ୍ରେଲିଆ ମଧ୍ୟ ତା’ର ରଣନୀତିରେ ପରିବର୍ତ୍ତନ ଆଣିଛି। ଡି’ ଆର୍କି ଶର୍ଟ ଓ କ୍ରିସ୍ ଲିନ୍‌ଙ୍କ ବଦଳରେ ଉସ୍‌ମାନ ଖ୍ୱାଜା ଓ ପିଟର ହ୍ୟାଣ୍ଡକମ୍ବଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ କରିଛି। ଫଳରେ ଅଷ୍ଟ୍ରେଲିଆ ପାରମ୍ପରିକ ଶୈଳୀରେ ଖେଳିବ ବୋଲି ମନେହୁଏ।

ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବାକୁ ଆହୁରି ୫ ମାସ ବାକି ଅଛି। କିନ୍ତୁ ଆମ ଚୟନକର୍ତ୍ତାମାନେ ପିଲାଙ୍କ ଭଳି ଦଳର ରଣନୀତିରେ ପରିବର୍ତ୍ତନ ଆଣିଛନ୍ତି। ୩ଜଣ ମୁଖ୍ୟ ବୋଲର ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ ଓ ପ୍ୟାଟ କୁମିନ୍ସଙ୍କୁ ଚୟନକର୍ତ୍ତାମାନେ ବିଶ୍ରାମ ଦେଇଛନ୍ତି। ବିଶ୍ୱକପ୍ ପାଇଁ ଖେଳାଳିଙ୍କୁ ପରଖିବା ଓ ରଣନୀତି ପ୍ରସ୍ତୁତ କରିବାର ସମୟ ଆସି ପହଞ୍ଚିବା ବେଳେ ଚୟନକର୍ତ୍ତାଙ୍କ ଏଭଳି ପଦକ୍ଷେପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭାରତର ବ୍ୟାଟିଂ ଲାଇନଅପ୍ ବେଶ୍ ଦୃଢ଼ ମନେହେଉଛି। ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନଙ୍କ ସମେତ ଭାରତୀୟ ଦଳରେ ଉଚ୍ଚକୋଟୀର ସ୍ପିନର ଓ ଦ୍ରୁତ ବୋଲର ମଧ୍ୟ ରହିଛନ୍ତି। ଅଷ୍ଟ୍ରେଲିଆରେ ଏପର୍ଯ୍ୟନ୍ତ ଭାରତର ରଣନୀତି କାମ ଦେଇଛି। ତେବେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ସଂଗଠିତ ହୋଇପାରି ନାହିଁ ଓ ଦଳ ଅବ୍ୟବସ୍ଥିତ ଜଣାପଡୁଛି। ଗତ ୨୩ଟି ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମାତ୍ର ୩ଟିରେ ବିଜୟ ହାସଲ କରିଛି। ଏହି ୨୩ଟି ଦିନିକିଆରେ ଅଷ୍ଟ୍ରେଲିଆ ୩୨ ଜଣ ଖେଳାଳିଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିଛି। ତେଣୁ ବିଶ୍ୱକପ୍ ପୂର୍ବରୁ ଆମ ଦଳ ସଂଗଠିତ ହୋଇଛି ବୋଲି କିପରି କୁହାଯାଇପାରିବ? ଏଥି ପାଇଁ ଅବଶ୍ୟ ମୁଁ ଚୟନକର୍ତ୍ତାଙ୍କୁ ଦାୟୀ କରିବି। ଗତ ବିଶ୍ୱକପ୍‌ରେ ଆମେ ଚାମ୍ପିୟନ ହୋଇଥିଲୁ। କିନ୍ତୁ ଆମେ ଏକ ଚାମ୍ପିୟନ ଦଳ ଭଳି ଖେଳୁନାହୁଁ। ଏକଥା ଚୟନକର୍ତ୍ତାମାନେ ହୃଦୟଙ୍ଗମ କରିବା ଉଚିତ୍।

ଭାରତ ଓ ଅଷ୍ଟ୍ରେଲିଆ ଏ ବର୍ଷ ଶ୍ରେଷ୍ଠ ଦଳ ଭାବେ ଉଭା ହେବେ। ବିଶ୍ୱକପ୍ ଟାଇଟଲ ଦୌଡରେ ଏହି ଦୁଇ ଦଳ ସବୁଠାରୁ ଆଗରେ ରହିବେ ଏଥିରେ ସନ୍ଦେହ ନାହିଁ। ଅଷ୍ଟ୍ରେଲିଆ ମଧ୍ୟ ପ୍ରଦର୍ଶନରେ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି। ତେବେ ଭାରତ ବିପକ୍ଷ ଦିନିକିଆ ସିରିଜରେ ୩ଜଣ ଆଗଧାଡିର ଦ୍ରୁତ ବୋଲରଙ୍କୁ ବିଶ୍ରାମ ଦେବା କଥା ମୋତେ ବୁଝାପଡୁନାହିଁ। ଜଣେ ବୋଲରଙ୍କୁ ବିଶ୍ରାମ ଦିଆଯାଇଥିଲେ ଚଳିଥାନ୍ତା। କିନ୍ତୁ ୩ଜଣଙ୍କୁ ନୁହେଁ ବୋଲି ମୁଁ ଜୋର ଦେଇ କହିପାରେ।

ଭାରତର ବ୍ୟାଟିଂ ଓ ବୋଲିଂ ବେଶ୍ ଉଚ୍ଚକୋଟୀର। କିନ୍ତୁ ଫିଲ୍ଡିଂରେ ଭାରତ ନିଶ୍ଚିତ ଭାବେ ପଛରେ ରହିଛି। ତେଣୁ ଫିଲ୍ଡିଂରେ ସୁଧାର ଆଣିପାରିଲେ ଭାରତ ସଫଳହେବ ବୋଲି କୁହାଯାଇପାରେ। (ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE
INVATUBULAR

## ସଂକ୍ଷେପରେ

### ହିଲ ଟାଉନରୁ ମୃତଦେହ ଉଦ୍ଧାର
## ଯୁବକଙ୍କୁ ହତ୍ୟା ସନ୍ଦେହ

ଭବାନୀପାଟଣା, ୧୧।୧ (ଡି.ଏନ.ଏ.) ଭବାନୀପାଟଣା ଟାଉନ ଥାନା ଅନ୍ତର୍ଗତ ହିଲଟାଉନ ୭ ନମ୍ବର ଲାଇନରୁ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ମୃତ ଯୁବକ ହେଉଛନ୍ତି ସ୍ଥାନୀୟ ଗୋଶାଳପଡାର ଅଜୟ ସୁନାନୀ (୨୨)। ଅଜୟ ଫ୍ଲିପକାର୍ଡ କୋରିୟରରେ କାମ କରୁଥିଲେ। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ ସନ୍ଦେହ କରୁଛି ।

ଗୁରୁବାର ଅଜୟ କୋରିୟର ବାଣ୍ଟିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ରାତିରେ ସେ ନିଖୋଜ ହୋଇଥିବା ପରିବାର ଲୋକେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶୁକ୍ରବାର ସକାଳେ ହିଲଟାଉନ ଅଞ୍ଚଳରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଖବର ପାଇ ଏସ୍‌ପି ବି. ଗଙ୍ଗାଧରଙ୍କ ନେତୃତ୍ୱରେ ସଦର ଏସ୍‌ଡ଼ିପିଓ ବିରଞ୍ଚି ପ୍ରସାଦ ଦେହୁରି, ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କ ପରିବାରଙ୍କୁ ଡକାଇ ମୃତଦେହ ଚିହ୍ନଟ କରିଥିଲା । ପରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ପରିବାର ଲୋକେ ଓ ପଡାବାସୀ ମୃତ ଦେହଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିପୂରଣ ଦାବି କରି ଦୀର୍ଘ ସମୟ ଧାରଣାରେ ବସିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପରେ ମୃତଦେହକୁ ପରିବାର ଲୋକେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ମୃତକଙ୍କ ଦେହ, ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଛି । କେହି ତାଙ୍କୁ ହତ୍ୟା କରିବା ପରେ ଏକ ପରିତ୍ୟକ୍ତ ସ୍ଥାନରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି । ଏ ନେଇ ଟାଉନ ଥାନା ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଦଫା ୩୦୨ରେ ଏକ ମାମଲା (ନଂ.୪/୧୯) ରୁଜୁ ହୋଇଛି ବୋଲି ଆଇଆଇସି ସତ୍ୟକୁମାର ନନ୍ଦ କହିଛନ୍ତି ।

### ମଦ ଜବତ: ଜଣେ ଗିରଫ

**ବନ୍ତ,୧୧।୧ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ କେନାଲବନ୍ଧ ନିକଟରୁ ଗୁରୁବାର ରାତିରେ ପୋଲିସ ୧୫ ବୋତଲ ମଦ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷଣ୍ଡ ଗ୍ରାମର ବୃନ୍ଦାବନ ବେହେରା। ଆଗରପଡା ଏଏସ୍‌ଆଇ ରାମେଶ୍ୱର ସୋରେନ ବୃନ୍ଦାବନଙ୍କଠାରୁ ୧୫ ବୋତଲ ଏମ ସି ଡ୍ରେଲ ନଂ-୧ ମଦ ଜବତ କରିବା ସହ ତାଙ୍କୁ ଥାନାକୁ ନେଇଯାଇଥିଲେ।

# ବରଗଡ଼ ଧନୁଯାତ୍ରା ଉଦ୍‌ଘାଟନୀ ଉତ୍ସବର କିଛି ଝଲକ୍...



ସାଂସ୍କୃତିକ ଶୋଭାଯାତ୍ରାରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ ।


ଝରଗାଁର ଆଦିବାସୀ ନୃତ୍ୟ ।


ସର୍ଗିପାଲିର ମହିଳା ସଂକୀର୍ତ୍ତନ ଦଳ ।


କଣ୍ଟମୁଣ୍ଡାର ଡଁଣା ନୃତ୍ୟ ।

## ୨ ବଖରା ଜଳିଗଲା

**ଭଣ୍ଡାରିପୋଖରୀ, ୧୧।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରଣଜିତ ପଞ୍ଚାୟତ ମଞ୍ଜୁରି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ରଞ୍ଜନ ମଲିକଙ୍କ ୨ବଖରା ରୋଷେଇ ଘର ଜଳିଯାଇଛି। ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ନିଆଁକୁ ଆୟତ୍ତ କରାଯାଇଥିଲା। ବିଦ୍ୟୁତ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।




### ଆମ ଗାଁ,ଆମ ବିକାଶ କାର୍ଯ୍ୟକ୍ରମ
## ବିଜେଡି, କଂଗ୍ରେସ କର୍ମୀ ମୁହାଁମୁହିଁ


ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ ।

**ବଲାଙ୍ଗୀର ଅଫିସ, ୧୧।୧**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଶିବତଲାଠାରେ ଶୁକ୍ରବାର ଆମ ଗାଁ,ଆମ ବିକାଶ କାର୍ଯ୍ୟକ୍ରମ ଚାଲିଥିବାବେଳେ ଉଭୟ ବିଜେଡି ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଅଧାରୁ ଉଠି ଚାଲିଯିବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି । ସେଠାରୁ ଫେରିବା ପରେ ବିଧାୟକ ମିଶ୍ର ଖବରଦାତା ସମ୍ମିଳନୀ ଡାକି ବିଜେଡି ନେତୃବୃନ୍ଦ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ସରକାରୀ କାର୍ଯ୍ୟକ୍ରମରେ ବିଜେଡି ନେତୃବୃନ୍ଦ ଦାଦାଗିରି କରୁଥିବା କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ମାଇକ୍ ବ୍ୟବହାର କରି କର୍ମୀମାନେ ସ୍ଥାନୀୟ ବିଜେଡି ନେତାଙ୍କ ଜିନ୍ଦାବାଦ କରିଥିଲେ । ଏଥିରେ ହସ୍ତକ୍ଷେପ କରିବା ପରିବର୍ତ୍ତେ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିଲେ ବୋଲି ମିଶ୍ର ଅଭିଯୋଗ କରିଥିଲେ । ବିଜେଡି କର୍ମୀ ଓ ବିଜୁ ଯୁବବାହିନୀ ସେଠାରେ ଜିନ୍ଦାବାଦ ସ୍ଲୋଗାନ ଦେବା ପରେ କଂଗ୍ରେସ କର୍ମୀମାନେ ପ୍ରତିକ୍ରିୟା ପ୍ରକାଶ କରି ନାରାବାଜି କରିଥିଲେ । ଏଭଳି ପରିସ୍ଥିତିରେ ଶାନ୍ତିଭଙ୍ଗ ହେବା ଆଶଙ୍କା କରି ସେହି ସ୍ଥାନ ଛାଡି ସେ ଚାଲିଆସିଥିଲେ ବୋଲି ମିଶ୍ର କହିଛନ୍ତି । ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଚାଲିଥିଲାବେଳେ କିଛି ପରାଜିତ ପ୍ରାର୍ଥୀ ଓ ତାଙ୍କ ପରିବାର ଲୋକେ ନିର୍ବାଚିତ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଚୌକିରେ ବସି ଯାଇଥିଲେ । ଏହାପରେ ଜଣେ ବିଜେଡି କାର୍ଯ୍ୟକର୍ତ୍ତା ସରକାରୀ ମାଇକ୍‌ରେ ସ୍ଥାନୀୟ କେତେଜଣ ବିଜେଡି ନେତାଙ୍କ ଜିନ୍ଦାବାଦ ନାରା ଦେଇଥିଲେ । ଏହାର ପ୍ରତିକ୍ରିୟାରେ କଂଗ୍ରେସ କର୍ମୀମାନେ ମଧ ଜିନ୍ଦାବାଦ କରିଥିଲେ । ଏ ଦିଗରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ନ ଥିଲା । ଏହାକୁ ନିନ୍ଦା କରୁଛି ବୋଲି ମିଶ୍ର କହିଥିଲେ । ଏନେଇ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ ପଚରାଯିବାରୁ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରି ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ପାଇଁ ୬ କୋଟି ଟଙ୍କାର ବିକାଶ ପ୍ରକଳ୍ପ ଘୋଷଣା କଲେ । ଏଥିରେ ବ୍ୟତିବ୍ୟସ୍ତ ହୋଇ କଂଗ୍ରେସ କର୍ମୀମାନେ ନାରାବାଜି କରିଥିଲେ ଓ ଏହାଦ୍ୱାରା ଶାନ୍ତିଭଙ୍ଗ ହେବା ଆଶଙ୍କା ଦେଖାଦେଇଥିଲା ବୋଲି ସିଂଦେଓ କହିଛନ୍ତି । ଏ ନେଇ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ପଚରାଯିବାରୁ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଏକ ଜନପ୍ରିୟ କାର୍ଯ୍ୟକ୍ରମ । ଏଥିରେ ବହୁ ସଂଖ୍ୟାରେ ଲୋକେ ଯୋଗ ଦେଇଥିଲେ । ଏଥିରେ ଯୋଗଦେବାକୁ କାହାକୁ କିଛି ବାରଣ କରାଯାଇ ନ ଥାଏ ବୋଲି ସେ କହିଥିଲେ । ଶୁକ୍ରବାର ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ବିଜେଡି ଓ କଂଗ୍ରେସ କର୍ମୀ ନାରାବାଜି କରି ମୁହାଁମୁହିଁ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂକୁ ବନ୍ଦ କରି ଦିଆଯାଇଥିଲା । ବିଧାୟକ ମିଶ୍ରଙ୍କ ସହ ତାଙ୍କ ସମର୍ଥକମାନେ ସେଠାରୁ ଫେରିଆସିବା ପରେ ପୁଣି ଭିଡିଓ କନଫରେନ୍ସିଂ ଚାଲୁ କରାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ସରକାରୀ ଅଧିକାରୀ, ସଦର ବ୍ଲକ୍ ବିଡିଓ, ଅଧକ୍ଷ ଓ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ତଥା ଜନସାଧାରଣ ଯୋଗ ଦେଇଥିଲେ ।

- ଅଧାରୁ ଉଠି ପଳାଇଲେ ବିରୋଧୀଦଳ ନେତା
- ସରକାରୀ ଦଳର ଦାଦାଗିରି ଅଭିଯୋଗ
- ଅଭିଯୋଗକୁ ଖଣ୍ଡନ କଲେ ଏମ୍‌ପି

## ଫେରାର ହତ୍ୟା ଅଭିଯୁକ୍ତ ଗିରଫ

**କପ୍ତିପଦା,୧୧।୧(ଡି.ଏନ.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଛତ୍ରାନ୍ଧ ଗ୍ରାମରେ ୨୦୧୨ ମସିହାରେ ଏକ ହତ୍ୟା ମାମଲାରେ ଜଡ଼ିତ ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣକ ହେଲେ ସେହି ଗ୍ରାମର ନାରାୟଣ ସିଂ । ନାରାୟଣ ୨୦୧୨ ମସିହାରେ ଏକ ହତ୍ୟା ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ସେ ଭଦ୍ରକ ବନ୍ତ ଛକରେ ରହି କାମ କରୁଥିବା ଗତ କିଛି ଦିନ ତଳେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ତେଣୁ ତାଙ୍କୁ ଧରିବା ପାଇଁ ଯୋଜନା ମୁତାବକ ଗୁରୁବାର ରାତ୍ରିରେ କପ୍ତିପଦା ଥାନାର ଏକ ଟିମ୍ ବନ୍ତ ଅଞ୍ଚଳକୁ ଯାଇ ଗିରଫ କରିଥିଲା ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ଭାଜପାର ଜନପରାମର୍ଶ ପଦଯାତ୍ରା

**ଗଣ୍ଡତୁରୁମ, ୧୧।୧ (ଡି.ଏନ.ଏ):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପପଙ୍ଗା ମଣ୍ଡଳସ୍ତରୀୟ ଜନପରାମର୍ଶ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରା ପ୍ରମୁଖ ବିପିନ ଭୋସାଗରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଣ୍ଡଳ ସଭାପତି ଜୟନ୍ତ ହୋତାଙ୍କ ନେତୃତ୍ୱରେ ପପଙ୍ଗା ଛକରୁ ପଦଯାତ୍ରା ବାହାରି ପିପିଲିପାଲି, ରିସାମୁଣ୍ଡା, ଗଣ୍ଡିଆପାଲି, ରିଝେଇପାଲି ଗ୍ରାମ ପରିକ୍ରମା କରିବା ପରେ ଏକ ସଭା ଥିଲା । ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଉକ୍ଳୁ ତାଣ୍ଡି, ଚିତ୍ତରଞ୍ଜନ ଭୋଇ, ଭରତ ବେହେରା, ଯୁବରାଜ ପଧାନ, ଭୀମସେନ ମଲ୍ଲିକ, ଝସକେତନ ପାଣିଗ୍ରାହୀ, ଜିଲା ସମ୍ପାଦକ ପ୍ରେମାନନ୍ଦ ବାଗ ଏବଂ କ୍ଷମାନିଧି ପାତ୍ର ଯୋଗଦେଇ ଭାଜପା ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋଚନା କରିଥିଲେ ।



### ସ୍କୁଲରେ ଟ୍ରାଫିକ ସଚେତନତା ଶିବିର

**ଅତାବିରା, ୧୧।୧ (ଡି.ଏନ.ଏ):** ଭେଡେନ ବ୍ଲକ ସାଲନା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଏକ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସାନନ୍ଦ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଟ୍ରାଫିକ ସଚେତନତା ଉପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା । ଛାତ୍ରୀ ବୈଷ୍ଣବୀ ଦାଶ, ମୌସୁମୀ ଦାଶ, ଅଙ୍କିତ ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ହିନ୍ଦୀ ଶିକ୍ଷକ ବାବୁଲା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବିତରଣ

**ଭେଡ଼େନ, ୧୧।୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବଦାନ୍ୟ ବନ୍ଧୁ ଅନୁଷ୍ଠାନ ତରଫରୁ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବିତରଣ କରାଯାଇଛି । ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର, ଅନୁଷ୍ଠାନର ସଂଯୋଜକ ସୁବ୍ରତ କୁମାର ବିର୍ତ୍ତିଆ ଭେଡ଼େନ ବ୍ଲକର ବୁର୍ଦ୍ଧା, ଝରାପାଲି, ସଂକ୍ରୀଡ଼ା, ସାରସପାଲି, ସାଲନା, ଉଦେପୁର, ବଏପୁର, ଚିଚିଣ୍ଡା, ଦେଶଭଟଲି ଆଦି ଗ୍ରାମର ୬୫ ଜଣ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବିତରଣ କରିଥିଲେ ।

### ବୁଢ଼ାଦେଓ ଯାତ୍ରା ଆରମ୍ଭ

**ଭେଡ଼େନ, ୧୧।୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ଐତିହାସିକ ବସେକେଲା ଗଡ଼ରେ ଗଣ୍ଡ ସମାଜର ପାରମ୍ପରିକ ବୁଢ଼ାଦେଓ ଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି । ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ତଥା ଗଣ୍ଡ ସମାଜର ମୁଖ୍ୟ ଦେବତା ପ୍ରଭୁ ବୁଢ଼ାଦେଓଙ୍କ ବାର୍ଷିକ ଯାତ୍ରା ଅବସରରେ ଗୁରୁବାର ରାତିରେ ଅଧିବାସ, ବାରବଏଠା ଦେବ ନିମନ୍ତ୍ରଣ, ବ୍ରହ୍ମ ଦାରୁ ନିମନ୍ତ୍ରଣ ପରେ ଶୁକ୍ରବାର ବୁଢ଼ାଦେଓଙ୍କ ଖଳାରେ ସ୍ୱତନ୍ତ୍ର ପୂଜା ହୋଇଥିଲା । ଏହାପରେ ସାତଦେବତା ବୁଢ଼ାଦେଓ, ପାଇକରାୟ, ଜାନୁଘଣ୍ଟ ପର୍ଶୁରାମ, ଉଡ଼େନ ଛତର, ଟିପେନ ଛତର, ଦାବଖର ଆଦିଙ୍କୁ ଆବାହନ କରାଯାଇଥିଲା। ପରେ ସମସ୍ତ ଦେବଦେବୀଙ୍କ ପ୍ରତୀକକୁ ଶୋଭାଯାତ୍ରାରେ ଜିରା ନଦୀର ଦେଗୁଧାନୀ ସ୍ଥଳକୁ ନେଇ ସ୍ନାନ କରାଯାଇଥିଲା । ଏହି ଦେବୀଦେବତାଙ୍କୁ ଜମିଦାର ବଂଶର ଦାୟାଦ ସ୍ୱାଗତ କରିଥିଲେ । ଏହି ଅବସରରେ ଗାଁ ଦାଣ୍ଡରେ ଦେବତାମାନଙ୍କ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ରାତିରେ ଗଡ଼ ମଧ୍ୟସ୍ଥ ସିଂହବାହିନୀ ପୀଠରେ ନିଶି ପୂଜା ହୋଇଥିଲା ।

## ସରଣ୍ଡା ପଞ୍ଚାୟତ ହାଇସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

# ସମ୍ବର୍ଦ୍ଧିତ ହେଲେ ସ୍ୱାଧୀନତା ସଂଗ୍ରାମୀ



ରୌପ୍ୟ ଜୟନ୍ତୀର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ସରଣ୍ଡା,୧୧।୧(ଡ଼ି.ଏନ୍.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ସ୍ଥିତ ପଞ୍ଚାୟତ ହାଇସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଅତାବିରା ବିଇଓ ରାଜାରାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡିଇଓ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି, ସୋହେଲା କଲେଜର ଓଡିଆ ଅଧ୍ୟାପକ ଉପେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ବିଡ଼ିଓ ପ୍ରଣବ କୁମାର ବେହେରା, ଭେଡ଼େନ ବିଇଓ ମଚ୍ଛିନ୍ଦ୍ର ମଲ୍ଲିକ, ଏବିଇଓ ରାଜକିଶୋର ପୂଝାରୀ, ତ୍ରିଲୋକ୍ୟ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ସରସ୍ୱତୀଙ୍କ ଫଟୋଚିତ୍ର ନିକଟରେ ଦୀପ ପ୍ରଜ୍ଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରି ରୌପ୍ୟ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିଥିଲେ । ହାଇସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ଠାକୁର ପ୍ରସାଦ ପ୍ରଧାନ, ହରପ୍ରସାଦ ପ୍ରଧାନ, ରୁଦ୍ର ପ୍ରତାପ ସିଂହଦେଓ, ଶୁକଦେବ ନାୟକ, ଦୁବରାଜ ପ୍ରଧାନ ଏବଂ ପୂର୍ଣ୍ଣବାସୀ ସାହୁଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ବ୍ରହ୍ମାନନ୍ଦ ନାୟକ, ଜିତେନ୍ଦ୍ରୀୟ ପଧାନ, ଦୟାନିଧି ନାୟକ, କୁଞ୍ଜ ଦେୱାନ, ଦେଶବନ୍ଧୁ ପ୍ରଧାନ, ଜଗବନ୍ଧୁ ପଧାନ, ଉପେନ୍ଦ୍ର ପ୍ରଧାନ, କିଶୋର ପଧାନ, ରବି ନାୟକ ଓ ଉତ୍ତର କୁମାର ନାୟକଙ୍କୁସ୍ୱତନ୍ତ୍ର ଭାବେ ଉପଢ଼ୌକନ ଓ ରୌପ୍ୟ ଜୟନ୍ତୀ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ପ୍ରଧାନଶିକ୍ଷକ ତଥା ଆବାହକ ଚିତ୍ତରଞ୍ଜନ ମେହେର ବିବରଣୀ ପାଠ କରିଥିଲେ । ସ୍ଥାନୀୟ ସରପଞ୍ଚ ସୁରତା ପ୍ରଧାନ ସ୍କୁଲକୁ ୫୦ହଜାର ଟଙ୍କା ଦାନ କରିଥିଲେ । ରୌପ୍ୟ ଜୟନ୍ତୀ କମିଟି ସମ୍ପାଦକ ରାଜେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେର ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ଉପେନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ସିନେମା ଅଭିନେତା ତଥା ନିର୍ଦ୍ଦେଶକ ଅଟଳ ବିହାରୀ ପଣ୍ଡା, ହାସ୍ୟକବି ଗୁଣରଞ୍ଜନ ସାଲିମା ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବେଷଣ କରିଥିଲେ ।

## ଲେବିଡି ହାଇସ୍କୁଲର ବାର୍ଷିକୋତ୍ସବ

# ଗାନ୍ଧୀ ମୂର୍ତ୍ତି ଅନାବରଣ, ଗାନ୍ଧୀ କଥା ପ୍ରଦର୍ଶନୀ

**ସୋହେଲା,୧୧।୧(ଡି.ଏନ.ଏ)**

ସୋହେଲା ବ୍ଲକ ଲେବିଡି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ପାଣିମୋରା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ରୀୟ ପଧାନ ଓ ଦୟାନିଧି ନାୟକଙ୍କ କର କମଳରେ ଗାନ୍ଧୀ ମୂର୍ତ୍ତି ଅନାବରଣ ଓ ଗାନ୍ଧୀ କଥା ପ୍ରଦର୍ଶନୀ ଉଦ୍‌ଘାଟନ କରାଯାଇଥିଲା । ସ୍ୱାଧୀନତା ସଂଗ୍ରାମୀମାନେ ଭାରତମାତାଙ୍କ ପ୍ରାର୍ଥନା ସହିତ ଅରଟରେ ସୂତା କାଟିଥିଲେ। ମୁଖ୍ୟଅତିଥି ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସଂଗ୍ରାମୀମାନଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟର ପ୍ରାଚୀରପତ୍ର 'ସୃଜନୀ' ଓ ସ୍ୱତନ୍ତ୍ର ପ୍ରାଚୀର ପତ୍ର 'ପ୍ରଣାମ ବାପୁ' ଏବଂ ବାର୍ଷିକ ପତ୍ରିକା 'ପ୍ରଜ୍ଞାନ୍ୱେଷା' ଉନ୍ମୋଚନ କରାଯାଇଥିଲା । ମୁଖ୍ୟବକ୍ତା ଅଧ୍ୟାପକ ଟେକଚାନ୍ଦ ଦୁଆନ ଗାନ୍ଧିଜୀଙ୍କ ଏକାଦଶବ୍ରତ ଉପରେ ଆଲୋକପାତ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଶାରିରୀକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାୟକ, ସୁବର୍ଣ୍ଣ ଦୀପର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି, ଶିକ୍ଷାବିତ୍ ଗିରିଜା ଶଙ୍କର ଆଚାର୍ଯ୍ୟ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ, ସାମାଜିକ କର୍ମୀ ଶ୍ରୀକାନ୍ତ ପଣ୍ଡା, ବିକାଶ ଲାଠ, ଶଙ୍କର ବେରିୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବରଗଡ ଜିଲାର ବିଜ୍ଞାନ କ୍ଷେତ୍ରରେ ଜାତୀୟ ସ୍ତରରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଭାଙ୍କ ସମେତ ଅନ୍ୟ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିଥିଲେ । ପ୍ରଧାନ ଶିକ୍ଷକ ଟଙ୍କଧର ପଧାନ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଗୀତ ସହ ନାଟକ 'ତେର ଦିନିଆ ଯମ' ପରିବେଷଣ କରାଯାଇଥିଲା ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଅଭିନୟରେ ଚମତ୍କାରିତା ଆଶା ରହିଛି

ଶୁକ୍ରବାର ଉଦ୍‌ଘାଟିତ ହୋଇଛି ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ। ରଙ୍ଗବେରଙ୍ଗର ଆଲୋକମାଳା, ତୋରଣ ଏବଂ ସାଜସଜ୍ଜାରେ ଝଲସି ଉଠୁଛି ମଥୁରାନଗରୀ । ଆଉ ଯାହାଙ୍କ ଅଭିନୟ ପାଇଁ ଏ ଧନୁଯାତ୍ରା, ସେହି କଳାକାରମାନେ ଅବା କିଭଳି ବାଦ୍ ପଡ଼ନ୍ତେ । ମଞ୍ଚକୁ ଆସିବା ପୂର୍ବରୁ ସାଧାରଣ ବେଶଭୂଷା ହଟାଇ ରାଜକୀୟ ବେଶଭୂଷାରେ ସଜ୍ଜିତ ହୋଇ ପଡ଼ିଥିଲେ ସମସ୍ତ କଳାକାର । ଚିହ୍ନିବା ବି ମୁସ୍କିଲ ହୋଇ ପଡୁଥାଏ । କିଏ ସେଠାରେ ବୀରଦର୍ପରେ ଥିଲେ ତ ଆଉ କେହି ରାଜକୀୟ ଢ଼ଙ୍ଗରେ। ରାଜମହଲ ପାଲଟିଥିବା ମାରୱାଡ଼ି ଧର୍ମଶାଳାରେ ସେମାନଙ୍କୁ ଆମେ ଭେଟିଥିଲୁ । ସେହି କଳାକାରମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା...



ବଲାଙ୍ଗୀର ଜିଲା ରାଜ ଆଗଲପୁରରେ ଘର । ଦୀର୍ଘ ୩ବର୍ଷ ହେଲା ଏଠାରେ ମୁଁ ମହାରାଜ କଂସଙ୍କ ସଖା କେଶୀ ଭୂମିକାରେ ଅଭିନୟ କରୁଛି । ବେଶଭୂଷାରେ ସଜ୍ଜିତ ହେବା ପରେ ସତେ ଯେଭଳି ମୋ ଧମନୀରେ ବୀରରକ୍ତ ପ୍ରଭାବିତ ହେଉଛି । ଏହା ଅନୁଭବ କରୁଛି ।**–ଅକ୍ଷୟ କୁମାର ଭୋଇ**



ବରଗଡ଼ ବ୍ଲକ ଡୁରୁଙ୍ଗାରେ ଘର । ୧୯୯୮ ମସିହାରୁ ଗାଁରେ ରାବଣ ଭୂମିକାରୁ ମୋର ଅଭିନୟ ଆରମ୍ଭ। ଏଠାରେ ୧୦ବର୍ଷ ହେଲା ମହାରାଜ ଉଗ୍ରସେନ ଭୂମିକାରେ ଅଭିନୟ ସୁଯୋଗ ମିଳିଛି । ଆଉ ବେଶଭୂଷା, ପରିପାଟୀରେ ସଜ୍ଜିତ ହେବା ପରେ ଉଗ୍ରସେନ ଭଳି ଅନୁଭବ କରୁଛି ।**–ଆର୍ତ୍ତତ୍ରାଣ ମହାପାତ୍ର**



ମୁଁ ବରଗଡ଼ ବାଲିଚ୍ରିକା ନିବାସୀ । ମଥୁରାଧିପତି କଂସଙ୍କ ଭାଇ ସୁନାଶ ଭୂମିକାରେ ଅଭିନୟ କରୁଛି । ନିଜେ ମଥୁରାନଗରୀ ବରଗଡ଼ର ଏବଂ ଏଠାରେ ହେଉଥିବା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ ଅଭିନୟର ସୁଯୋଗ ପାଇ ବହୁତ ଖୁସି ଅଛି । ଦର୍ଶକଙ୍କୁ ନିଶ୍ଚୟ ଖୁସି କରିବି ।**–ଗଙ୍ଗାଧର ଭୁଏ**



ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ପଣ୍ଡରିପାଣିର ବାସିନ୍ଦା । ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ କାର୍ଯ୍ୟରତ । ୧୯ବର୍ଷ ହେଲା ମୁଁ ଧନୁଯାତ୍ରାରେ ଅଭିନୟ କରିଆସୁଛି। ଏଥର କଂସଙ୍କ ମହାମନ୍ତ୍ରୀ ଶକ୍ରାଜିତ ଭୂମିକାରେ ଅଭିନୟ କରିବାର ସୌଭାଗ୍ୟ ପାଇଛି ।**–ପ୍ରଦୀପ କୁମାର ପଣ୍ଡା**



ମୁଁ ଜଣେ କୀର୍ତ୍ତନ ଭକ୍ତ । ବସୁଦେବ ଭୂମିକାରେ ଅଭିନୟ କରୁଛି । ବରଗଡ଼ ସହର ଉପକଣ୍ଠ ରୋହିଣିଆରେ ଘର । ୧୭ବର୍ଷ ହେଲା ଅଭିନୟ କରି ଆସୁଛି ଏବଂ ଭଗବାନଙ୍କ ବାପା ହେବାର ସୌଭାଗ୍ୟ ଲାଭ କରିଥିବା ଯୋଗୁ ନିଜକୁ ବହୁତ ଧନ୍ୟ ମଣୁଛି।
**–ଗୋବିନ୍ଦ ଚନ୍ଦ୍ର ଦାଶ**



ସୋନପୁର ଜିଲା ବିନିକା ବ୍ଲକରେ ଘର । ବରଗଡ଼ ଧନୁଯାତ୍ରା ମହୋତ୍ସବରେ ନାରଦ ଭୂମିକାରେ ଅଭିନୟ କରିବାର ଯେଉଁ ପ୍ରଥମ ସୁଯୋଗ ପାଇଛି, ଏଥର ଅଭିନୟରୁ ହିଁ ଆଗକୁ ଏହି ମହୋତ୍ସବରେ ଯୋଡ଼ି ହୋଇ ରହିବି, ଏହି ଆଶା ରଖିଛି ।**–ଜଗନ୍ନାଥ ସାହୁ**

**ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍**

### ଲେଙ୍ଗୁମିଶ୍ର ଛକରେ ରାସ୍ତାରୋକୋ

**ମଥୁରାନଗରୀ,୧୧।୧**

ବରଗଡ଼ ସହରର ଲେଙ୍ଗୁ ମିଶ୍ର ଛକରୁ ଉମା ଟକିଜ ଗଳି ରାସ୍ତାର ଉଭୟ ପାର୍ଶ୍ୱରେ ପରିବା ପସରା ବସାଯାଉଛି । ଏହାଦ୍ୱାରା ସେଠାରେ ସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀଙ୍କ ଦୋକାନ ସମ୍ମୁଖ ଜାମ୍ ହେବା ସହିତ ବ୍ୟବସାୟ ପ୍ରଭାବିତ ହେଉଛି । ଫଳରେ ସେହି ଗଳି ରାସ୍ତାରୁ ପରିବା ପସରା ଉଠାଇବା ପାଇଁ ଦାବି କରି ବ୍ୟବସାୟୀମାନେ ଲେଙ୍ଗୁ ମିଶ୍ର ଛକରେ ସହରର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ । ପରେ ସ୍ଥାନୀୟ ଟାଉନ ଥାନା ପୋଲିସ ସେଠାକୁ ପହଞ୍ଚିଥିଲା ଏବଂ ସେମାନଙ୍କୁ ବୁଝାଶୁଝା କରିଥିଲା । ସେଠାରୁ ପରିବା ପସରା ଉଠାଯିବା ପାଇଁ ପୌର ପରିଷଦ ମଧ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଥିଲା । ଏହାପରେ ରାସ୍ତାରୋକୋ ହଟିଥିଲା ।

### ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

**ମଥୁରାନଗରୀ,୧୧।୧**

ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ ୱାର୍କର୍ସ ଆସୋସିଏଶନ, ବରଗଡ଼ ଜିଲା ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲାର ଅଙ୍ଗନୱାଡ଼ି କର୍ମୀ, ସହାୟିକାମାନେ ଗାନ୍ଧୀଛକ ନିକଟରେ ସମବେତ ହୋଇଥିଲେ । ସେଠାରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସେମାନେ ଜିଲାପାଳ ଅଫିସ ଅଭିମୁଖେ ବାହାରିଥିଲେ । ଜିଲାପାଳ ଅଫିସକୁ ପହଞ୍ଚି ସେମାନଙ୍କ ପ୍ରତି ସରକାରଙ୍କ ଅଣଦେଖା ପ୍ରତିବାଦରେ ସେମାନେ ବିକ୍ଷୋଭ ପ୍ରଦର୍ଶନ ଏବଂ ନାରାବାଜି କରିଥିଲେ ।

# କୃତୀ କ୍ରୀଡ଼ାବିତ୍ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଭେଡ଼େନ, ୧୧।୧ (ଡ଼ି.ଏନ.ଏ)**

ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭେଡ଼େନ ବ୍ଲକ ରେମଣ୍ଡା ସରକାରୀ ହାଇସ୍କୁଲର ଦୁଇଜଣ ଛାତ୍ରଙ୍କୁ ସ୍କୁଲ ପରିସରରେ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଦୁଇ ଛାତ୍ର ହେଲେ ନରେଶ ମେହେର ଏବଂ ବିଜୟ କୁମାର କର । ଉଭୟ ଛାତ୍ର ଗତ ୪ ଓ ୫ ତାରିଖରେ ନୟାଗଡ଼ଠାରେ ଖେଳା ହୋଇଥିବା ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ । ନରେଶ ମେହେର ୧୮ତମ ସ୍ଥାନ ଏବଂ ବିଜୟ କର ଦ୍ୱାଦଶ ସ୍ଥାନ ହାସଲ କରିଥିଲେ । ଶୁକ୍ରବାର ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମ୍ଭାର, କ୍ରୀଡ଼ା ଶିକ୍ଷକ ପର୍ଶୁରାମ ପାତ୍ର, ଶିକ୍ଷକ ଆଦିତ୍ୟ ଭୋଇ, ଜୟଶ୍ରୀ ଖଟୁଆ ଏବଂ ଅନ୍ୟ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଦିଆଯାଇଥିଲା ।



ରେମଣ୍ଡା ହାଇସ୍କୁଲରେ ଛାତ୍ରଦ୍ୱୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।

# ଜୋବ୍ରା ସୋଲାର, ୟୁଥ କ୍ଲବ ରାଉରକେଲା ବିଜୟୀ

**ପଦ୍ମପୁର, ୧୧।୧ (ଡି.ଏନ.ଏ)**




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

**ବୋରାସମ୍ବର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ମ୍ୟାଚରେ ଜୋବ୍ରା ସୋଲାର କଟକ ଓ ଦ୍ୱିତୀୟ ମ୍ୟାଚ୍‌ରେ ୟୁଥ କ୍ରିକେଟ କ୍ଲବ ରାଉରକେଲା ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଜୋବ୍ରା ସୋଲାର୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୨ ରନ କରିଥିଲେ । ସୋଲାର ଦଳ ପକ୍ଷରୁ କୁନାଲ ମଲ୍ଲିକ ୭୦ (୪୭) ରନ୍ ସଂଗ୍ରହ କରିଥିଲେ । ୧୫୩ ରନ୍‌ର ଲକ୍ଷ୍ୟ ନେଇ ଜାମସେଦପୁର ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୩୭ ରନ୍ କରିବାକୁ ସକ୍ଷମ ହୋଇ ୧୫ ରନରେ ପରାସ୍ତ ହୋଇଥିଲା । ସୋଲାର ଦଳ ପକ୍ଷରୁ ମଳୟ ପ୍ରଧାନ ୨ଟି ଉଇକେଟ ଅକ୍ତିଆର କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ୍ ନାଗପୁର ସେରସା ଏବଂ ୟୁଥ କ୍ରିକେଟ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୨୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଶୋକ ବାରିକ ୩୦ (୨୨) ଏବଂ ରାଜୀବ ନାୟକ ୩୧ (୨୮) ରନ୍ ସଂଗ୍ରହ କରିଥିଲେ। ୧୩୦ ରନ୍‌ର ଲକ୍ଷ୍ୟ ନେଇ ନାଗପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୦୭ ରନ୍ ସଂଗ୍ରହ କରି ୨୨ ରନରେ ପରାଜିତ ହୋଇଥିଲା । ରାଉରକେଲା ଦଳ ପକ୍ଷରୁ ରାଜୀବ ନାୟକ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଭିଭାନ ଚାରିଟେବଲ ଟ୍ରଷ୍ଟ ସଭାପତି ଚନ୍ଦନ କୁମାର ବଂଶଲ ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ସୋଲାର ଦଳର କୁନାଲ ମଲ୍ଲିକ ଏବଂ ଦ୍ୱିତୀୟ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ୟୁଥ କ୍ଲବର ରାଜୀବ ନାୟକଙ୍କୁ ପୁରସ୍କୃତ କରିଥିଲେ। ସତ୍ୟବ୍ରତ ମହାପାତ୍ର, ଶ୍ୟାମସୁନ୍ଦର ପଣ୍ଡା, ଚୂଡାମଣି ପାଢ଼ୀ ଖେଳ ପରିଚାଳନା କରିଥିଲେ। ଆକାଶ କୁମାର ଦାଶ ସ୍କୋରର ଓ ମ୍ୟାକ ମିଲନ୍ ମହାକୁଡ ଧାରାବିବରଣୀ ପ୍ରଦାନ କରିଥିଲେ । ଶନିବାର ପ୍ରଥମ ମ୍ୟାଚ୍ ରାଞ୍ଚି ଓ ଜୋବ୍ରା ସୋଲାର ଏବଂ ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଓ ଜୁଭେନାଇଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

### କାଳିଆ ପାଇଁ ପଞ୍ଚାୟତ ଅଫିସ୍‌ରେ ଗହଳି

**ଜାମଟିକ୍ରା, ୧୧।୧ (ଡି.ଏନ.ଏ)**

ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି । ଏଥିପାଇଁ ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଛି। ସବୁଜ ଫର୍ମ ବିତରଣ ଆରମ୍ଭ ହେବା ମାତ୍ରେ ପଞ୍ଚାୟତ କାର୍ଯ୍ୟାଳୟରେ ଅସମ୍ଭବ ଭିଡ ପରିଲକ୍ଷିତ ହେଉଛି । ଖାସ୍ କରି କାଗଜପତ୍ର ଫଟୋ କପି କରିବା ପାଇଁ ଜେରକ୍ସ ଦୋକାନ ସମ୍ମୁଖରେ ଭିଡ ଜମୁଛି। ଏବେ ଫର୍ମ ପୂରଣ ପରେ ଦାଖଲ ପାଇଁ ଲମ୍ବା ଧାଡି ଲାଗୁଥିବା ଦେଖିବାକୁ ମିଳୁଛି। ୧୫ ତାରିଖ ଫର୍ମ ଦାଖଲର ଶେଷ ତାରିଖ ହୋଇଥିବାରୁ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଫର୍ମ ଦାଖଲକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି । କୁଲୁଣ୍ଡା ପଞ୍ଚାୟତରେ ଶାନ୍ତିଶୃଙ୍ଖଳା ସହିତ ଫର୍ମ ବିତରଣ କରାଯାଇଛି ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ

### ଗମ୍ଭାରିପଦରରେ ନଳକୂଅ ଅଚଳ, ଗ୍ରାମବାସୀ ହନ୍ତସନ୍ତ

**ମନମୁଣ୍ଡା, ୧୧।୧ (ଡି.ଏନ.ଏ)**- କନ୍ଧମାଳ ବ୍ଲକ ବରଗୋଛା ପଞ୍ଚାୟତ ଗମ୍ଭାରିପଦର ଗ୍ରାମର ମଧ୍ୟ ଭାଗରେ ଥିବା ନଳକୂଅଟି ଦୀର୍ଘ ଦେଢ଼ ମାସ ହେବ ଅଚଳ ହୋଇ ପଡିରହିଛି। ଉକ୍ତ ନଳକୂଅର ପାଣି ପିଇବା ଉପଯୋଗୀ ହୋଇଥିବାରୁ ଗ୍ରାମବାସୀ ତାହା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଗ୍ରାମରେ ଆହୁରି ୨ଟି ନଳକୂଅ ଥିଲେ ମଧ୍ୟ ଉକ୍ତ ନଳକୂଅଟି ବେଶି ଉପଯୋଗୀ । ହେଲେ ଏବେ ଏହା ଅଚଳ ହେତୁ ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ଏ ନେଇ ସେମାନେ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଅଦ୍ୟାବଧି ତାହାର ମରାମତି ହୋଇନି। ଏଣୁ ଜନ ଅସନ୍ତୋଷ ପ୍ରକାଶ ପାଇଛି।

### ନୂଆଁପାଲି ହାଇସ୍କୁଲରେ ସ୍ୱାସ୍ଥ୍ୟ ଶିବିର

**ଘଣ୍ଟାପଡା,୧୧।୧(ଡି.ଏନ.ଏ.)**-କନ୍ଧମାଳ ବ୍ଲକ ନୂଆଁପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଘଣ୍ଟାପଡା ପ୍ରାଥମିକ ବିଦ୍ୟାଳୟର ଡାକ୍ତର ଶଙ୍କର ପ୍ରସାଦ ମିର୍ଦ୍ଧା, ଖୁଣ୍ଟିଗୋରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆନନ୍ଦ ଭୁଏ, କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଦେବେନ୍ଦ୍ର କୁମାର ପ୍ରଧାନ ଏବଂ ଖୁଣ୍ଟିଗୋରା ସେଣ୍ଟରର ଏଏନଏମ ମିନାକ୍ଷୀ ମହାନ୍ତି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନନ୍ତଚରଣ କ୍ଷେତୀ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଦସ୍ୟା ମୁକ୍ତାସିନି ମଲ୍ଲିକ, ଜୟ କୁମାର ମହାରଣା, ଘଣ୍ଟାପଡା ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, କୁଲୁତାଯୋର ସରପଞ୍ଚ ପଦ୍ମାବତୀ ରଣା, କୁଲୁତାଯୋର ସମିତି ସଭ୍ୟ ବିଲାଷ କ୍ଷେତୀ, ଦିବ୍ୟଶଙ୍କର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଭବାନୀ ଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ସିମିଳିପଦର ମଣ୍ଡି ବନ୍ଦ, ଚାଷୀ ହନ୍ତସନ୍ତ

**କନ୍ଧମାଳ,୧୧।୧ (ଡି.ଏନ.ଏ.)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ସିମିଳିପଦର ମଣ୍ଡି ଶୁକ୍ରବାର ବନ୍ଦ ହୋଇଛି। ପିଛିଲା ଭାବରେ ୭ ତାରିଖ ପକାଇ ଗାଡି ସମସ୍ୟା ହେତୁ ମଣ୍ଡିରୁ ଧାନ ଉଠି ପାରୁନି। ଏଣୁ ମଣ୍ଡିରୁ ଧାନ ନ ଉଠିବା ପର୍ଯ୍ୟନ୍ତ ଧାନ ନ ଆଣିବାକୁ ଚାଷୀଙ୍କ ପାଇଁ ନୋଟିସ ଝୁଲିଛି। ଯଦି ଚାଷି ଧାନ ଆଣିବେ ତେବେ ସମିତି ଦାୟୀ ରହିବ ନାହିଁ ବୋଲି ଏହି ନୋଟିସରେ ଉଲେଖ ରହିଛି।

୯ ତାରିଖ ଧାନ କ୍ରୟ କରା ଯାଇଛି। ପ୍ୟାକ୍ସ ପରିସର ଖାଲି ରହିଥିଲା। ଚାଷୀ ଶୁକ୍ରବାର ଧାନ ନେଇ ମଣ୍ଡିକୁ ଯାଇଥିଲେ। ହେଲେ ଟାର୍ଗେଟ ନାହିଁ କହି ଫେରାଇ ଦିଆଯାଇଛି। ଏହି ପ୍ୟାକ୍ସ ପରିଚାଳିତ ମଣ୍ଡି ଉପରେ ସିମିଳିପଦର, ଖଟଖଟିଆ ଓ ଘିକୁଣ୍ଡି ପଞ୍ଚାୟତର ଚାଷୀ ଧାନ ବିକ୍ରୟ କରିବାକୁ ନିର୍ଭର କରିଥାନ୍ତି। ସପ୍ତାହରେ ୩ଟି ପଞ୍ଚାୟତର ଚାଷୀଙ୍କ ପାଇଁ ବୁଧବାର, ଶୁକ୍ରବାର ଓ ଶନିବାର ଏହି ମଣ୍ଡି ଖୋଲା ହେବାର ନିୟମ ରହିଛି। ତେବେ ଶୁକ୍ରବାର ପୂର୍ବାହ୍ଣରେ ଏହି ପ୍ୟାକ୍ସରେ ସମ୍ପାଦକ ଉପସ୍ଥିତ ନ ଥିବାରୁ ଚାଷୀ ଫେରି ଯାଇଛନ୍ତି। ଗୋଟିଏପଟରେ କେବଳ ଜିଲାର ମିଲରମାନଙ୍କୁ ଧାନ ଉଠାଣ ପାଇଁ ଅନୁମତି ଦିଆଯାଇଛି। ଅପରପଟରେ କ୍ରୟ ଟାର୍ଗେଟ ଶେଷ ହୋଇଥିବାରୁ ଧାନ ଉଠାଣ ପାଇଁ ନୂତନ ଟାର୍ଗେଟ ଅପେକ୍ଷାରେ ମିଲର ଅଛନ୍ତି। ସିମିଳିପଦର ପ୍ୟାକ୍ସ ପାଇଁ ଜଣେ ମିଲରଙ୍କ ଟାର୍ଗେଟରୁ ଅଳ୍ପ କିଛି ବଳକା ଥିଲେ ବି ଉକ୍ତ ମିଲର ମଣ୍ଡିରୁ ଧାନ ଉଠାଣ ନେଇ ମଣ୍ଡିକୁ ଆସି ନ ଥିବା ସମ୍ପାଦକ ଅମ୍ବରୀଶ ବାଘ ସୂଚନା ଦେଇଛନ୍ତି। ଏ ନେଇ ଚାଷୀ ସଂଗଠକ କେଶବ ମାଝି କହିଛନ୍ତି ଯେ, ମଣ୍ଡିରେ ଚାଷୀଙ୍କୁ ଧାନ ବିକିବାକୁ ୧୪/୧୫ ଦିନ ଲାଗି ଯାଉଛି। ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ କହିଛନ୍ତି ଯେ, ତାଙ୍କ ପାଖରେ ଏ ନେଇ ଅଭିଯୋଗ ନାହିଁ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ଧ ଆଗେ ଦୀପ,**
**ବଧିର ଆଗେ ଗୀତ ।**

ଅନ୍ଧ କିଛି ଦେଖିପାରି ନ ଥାଏ। ଦୀପର ଜ୍ୟୋତି ତା'ର ଅନ୍ଧତ୍ୱକୁ ପ୍ରଜ୍ୱଳିତ କରିପାରି ନ ଥାଏ। ସେହିପରି କାନକୁ ଶୁଭୁ ନ ଥିବା ବ୍ୟକ୍ତି ଆଗରେ ସଙ୍ଗୀତର ମୂର୍ଚ୍ଛନା ବ୍ୟର୍ଥ ସାବ୍ୟସ୍ତ ହୋଇଥାଏ। କାଲ ଆଗରେ ମୂଳା ଚୋବାଇବା ଭଳି ଏସବୁ ମୂଲ୍ୟହୀନ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅତିଥି ପୂଜଇ ଯେ ଭାଗ୍ୟବନ୍ତ ଜାଣ,**
**ତାହା ସରି ଭାଗ୍ୟବନ୍ତ ନାହିଁ ସଂସାରେଣ ।**

ଅତିଥି ଦେବୋ ଭବଃ । ଆମ ସଂସ୍କୃତିରେ ଅତିଥିଙ୍କୁ ଉଚ୍ଚାସନ ଦିଆଯାଇଛି। ଅତିଥିଙ୍କୁ ଯିଏ ଦେବତା ଭଳି ପୂଜା କରନ୍ତି, ସମ୍ମାନ ଦିଅନ୍ତି ତାଙ୍କ ପ୍ରତି ଈଶ୍ୱର ପ୍ରୀତ ହୋଇଥାନ୍ତି। ଯଥାର୍ଥରେ ଏପରି ବ୍ୟକ୍ତି ହିଁ ସବୁଠାରୁ ବଡ଼ ଭାଗ୍ୟବନ୍ତ ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଜେବିସିସି ୫ମ ନକଆଉଟ୍ ଟୁର୍ନାମେଣ୍ଟ: ଜେନା ବ୍ଲାଷ୍ଟର ଚାମ୍ପିୟନ



ଆୟୋଜକ ଓ ଅତିଥିଙ୍କ ସହ ଖେଳାଳିମାନେ ।

**ଜହ୍ନାପଙ୍କ, ୧୧।୧ (ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଗୁନ୍ଦୁଳିଆ ପଞ୍ଚାୟତ ଅନ୍ତର୍ଗତ ଚୁନିଖମାରରେ ଚାଲିଥିବା ପଞ୍ଚମ ଜେବିସିସି ନକଆଉଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦଯାପନୀ ମ୍ୟାଚ ଜେନା ବ୍ଲାଷ୍ଟର ଓ କିରମାଖୋଲ ମଧ୍ୟରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ୧୦ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ଜେନା ବ୍ଲାଷ୍ଟର ବ୍ୟାଟିଂ କରି ୪ ଉଇକେଟ ହରାଇ ୧୧୬ ରନ କରିଥିଲା। ଏହା ଜବାବରେ କରମାଖୋଲ ୫ ଉଇକେଟ ହରାଇ ୯୮ ରନ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟ ୬ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ଜେନା ବ୍ଲାଷ୍ଟର ୬୭ ରନ ୭ ଉଇକେଟ ହରାଇ ଥିବା ବେଳେ କିରମାଖୋଲ ୪ ଉଇକେଟ ହରାଇ ୬୫ ରନ କରିଥିଲା । ଫଳରେ ଜେନା ବ୍ଲାଷ୍ଟର ଚାମ୍ପିୟାନ ହୋଇଥିଲା । ଏହି ଉପଲକ୍ଷେ ପୁରସ୍କାର ବିତରଣ ଉତ୍ସବରେ ଗୁନ୍ଦୁଳିଆ ସରପଞ୍ଚ ମନ୍ଦାକିନୀ ଭୋଇନା ମୁଖ୍ୟଅତିଥି ଭାବେ ଓ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଦେହୁରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଫାଇନାଲ ଖେଳକୁ ତରଣୀସେନ କର୍ଣ୍ଣ ଓ ରଞ୍ଜନ ଦେହୁରୀ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ଉତ୍ତମ କର୍ଣ୍ଣ ଥିଲେ ।



## ଯୋଗେଶଚନ୍ଦ୍ର ଗାଇଗୌରିଆ ଅତିରିକ୍ତ ସରକାରୀ ଓକିଲ

**ବୌଦ୍ଧ,୧୧।୧(ସ୍ୱ.ପ୍ର.)**

ମନମୁଣ୍ଡା ଥାନା ଅଧୀନ କାଦପଦର ଗ୍ରାମର ବରିଷ୍ଠ ଆଇନଜୀବୀ ଯୋଗେଶଚନ୍ଦ୍ର ଗାଇଗୌରଆ କନ୍ଧମାଳ କୋର୍ଟରେ ଅତିରିକ୍ତ ସରକାରୀ ଓକିଲ (ଆଡିସନାଲ ଗଭର୍ନମେଣ୍ଟ ପ୍ଲିଡର) ଭାବେ ଶୁକ୍ରବାର ଯୋଗ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ଆଦେଶ (ଆଇଏଲଆର-୪୬/୧୮-୪୧୫, ୧୦।୧।୧୯) ଅନୁସାରେ ଗାଇଗୌରିଆଙ୍କୁ ନିଯୁକ୍ତି ଦିଆଯାଇଛି। ଏବେ ସେ କନ୍ଧମାଳ କୋର୍ଟରେ ଓକିଲାତି କରୁଛନ୍ତି।

ମା' ଭୈରବୀ କପ୍ ସର୍ବଭାରତୀୟ ଫୁଟବଲ

## ଟାଇବ୍ରେକରରେ କଲିକତାକୁ ହରାଇଲା ଭୁବନେଶ୍ୱର

**ପୁରୁଣାକଟକ,୧୧।୧(ଡି.ଏନ୍.ଏ.)**

ବୌଦ୍ଧ ଜିଲା ପୁରୁଣାକଟକ ମିନିଷ୍ଟାଡିୟମରେ ଚାଲିଥିବା ମା' ଭୈରବୀ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଗ୍ରୁପ ବିର ୨ୟ ମ୍ୟାଚ କଲିକତା ରେଣୁଆ ଆଦିବାସୀ କ୍ଲବ ଓ ଭୁବନେଶ୍ୱର ସଂଘର୍ଷ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ୨-୨ ଗୋଲ ଦେଇ ସମାନ ସ୍ଥିତିରେ ରହିଥିଲେ। ଫଳରେ ଟାଇବେକର (ପେନାଲଟି ସୁଟ) ଜରିଆରେ କଲିକତାକୁ ୬-୩ ଗୋଲରେ ହରାଇ ଭୁବନେଶ୍ୱର ସଂଘର୍ଷ କ୍ଲବ୍ ସେମି ଫାଇନାଲରେ ପ୍ରବେଶ କରିଛି । ବିଭୂତି ବେହେରା ମ୍ୟାଚ ପରିଚାଳନା କରିଥିଲେ। ଦିଲୀପ କୁମାର ରାଉତ, ଶେଷଦେବ ବେହେରା ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସଲିଳ କୁମାର ବେହେରା ଦାଇତ୍ୱ ତୁଲାଇଥିଲେ। ଅତିଥି ଭାବେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ଓ ଲୁଣିବାହାଲ ସରପଞ୍ଚ ବିଷ୍ଣୁ ଚରଣ ଜାନୀ, ସମିତି ସଭ୍ୟ ସୁଶାନ୍ତ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଚନ୍ଦ୍ରକାନ୍ତ ନାୟକ ଓ ବିଭୂତି ଭୂଷଣ ବେହେରା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ପୁରୁଣାକଟକ ଫୁଟବଲ ଆସୋସିଏସନ ସଭାପତି ସୁରେନ ପ୍ରଧାନ, ସମ୍ପାଦକ ପ୍ରାଣବନ୍ଧୁ ସାହୁ, ଆସୋସିଏଶନର ଆବାହକ ପ୍ରଦତ କୁମାର ଭୋକ୍ତା, କୋଷାଧକ୍ଷ ସତିଷ କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର କହଁର, ଅଭ୍ୟର୍ଥନା କମିଟି ମୁଖ୍ୟ ନାରଦ ସେଠୀ, ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଅଜିତ ଦେହୁରୀ, ଭୈରବୀ କ୍ଲବ, ଫୁଟବଲ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରାଉରକେଲା ଆଦିବାସୀ କ୍ଲବ ଓ ଭୁବନେଶ୍ୱର ସଂଘର୍ଷ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

## ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି, କ୍ୟାଣ୍ଡେଲ ଶୋଭାଯାତ୍ରା

**ବୌଦ୍ଧ,୧୧।୧(ସ୍ୱ.ପ୍ର.)**

ରାଜ୍ୟରେ ନାରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ପୁରୀ ଜିଲା ପିପିଲି ଗଣଧର୍ଷଣ ମାମଲାରେ ଅଭିଯୁକ୍ତଙ୍କୁ ସ୍ଥାନୀୟ ବିଧାୟକ ପ୍ରଦୀପ ମହାରଥୀଙ୍କୁ ମୁଖ୍ୟମନ୍ତରୀ ସୁରକ୍ଷା ଦେଉଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ବୌଦ୍ଧ ଭାଜପା ମହିଳା ମୋର୍ଚ୍ଚା ଦାବି କରିଛି। ଅନ୍ୟପକ୍ଷେ ପିପିଲି ପୀଡିତାଙ୍କ ଉଦ୍ଦେଶ୍ୟରେ ଏକ ମହମବତୀ ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତା ରାଣୀ ଦାଶଙ୍କ ନେତୃତ୍ୱରେ ମହିଳା କର୍ମୀମାନେ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ସଂଯୁକ୍ତା ନାୟକ, ଗୀତାଞ୍ଜଳି ବାଘ, ଶୈଳେନ୍ଦ୍ରୀ ସାହୁ, ମନୋରଞ୍ଜନ ଦାସ, ସୁଧାଂଶୁ ଡାଙ୍ଗ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




ବୌଦ୍ଧରେ ଶୁକ୍ରବାର ଭାଜପା ମହିଳାମୋର୍ଚ୍ଚା କର୍ମକର୍ତ୍ତା କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରିଛନ୍ତି।



ବୌଦ୍ଧରେ ପୋଲିସ କର୍ମଚାରୀ ଜନସଚେତନତା ଉଦ୍ଦେଶ୍ୟରେ ବାଇକ୍ ରାଲିରେ ବାହାରିଛନ୍ତି।

## ଲୋକଙ୍କୁ ସଚେତନ ପାଇଁ ପୋଲିସର ବାଇକ୍ ରାଲି

**ବୌଦ୍ଧ,୧୧।୧(ସ୍ୱ.ପ୍ର.)**-ଦିନକୁ ଦିନ ବୌଦ୍ଧ ସହରରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ବେପରୁଆ ଭାବରେ ଗାଡି ଚାଳନା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ବୌଦ୍ଧ ମଡେଲ ଥାନା ପକ୍ଷରୁ ଜନସାଧାରଣଙ୍କ ମଧ୍ୟରେ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବୌଦ୍ଧ ମଡେଲ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କ ନେତୃତ୍ୱରେ ଥାନାର ଅଧିକାରୀ ଓ କର୍ମଚାରୀମାନେ ବୌଦ୍ଧ ମହାନଦୀ ବ୍ରିଜ ଛକ ନିକଟରୁ ଟ୍ରାଫିକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ବାଇକ୍ ଚାଳନା ସମୟରେ ହେଲମେଟ୍ ପିନ୍ଧିବା, ନିଶା ସେବନ କରି ଗାଡି ଚାଳନା ନ କରିବା, ରାସ୍ତାରେ ଟ୍ରାଫିକ ନିୟମ ମାନି ଗାଡି ଚାଳନା କରିବା, ଗାଡି ଚାଳନା ପାଇଁ ଲାଇସେନ୍ସ କରିବା, ଦ୍ରୁତ ଗତିରେ ଗାଡି ଚାଳନା ନ କରିବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା ଆଦି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Krolbagh
Contact:- 8676907143
7050017585

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ସ୍କୁଟିକୁ ଧକ୍କା ଦେଲା ବୋଲେରା, ଜଣେ ମୃତ

**ସୋନପୁର,୧୧।୧(ନି.ପ୍ର.):** ସୋନପୁର ସହରରେ ବୋଲେରୋ ଧକ୍କାରେ ଶୁକ୍ରବାର ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିଙ୍କ ନାମ ବୀର କିଶୋର ଦାନୀ(୬୪)। ବୀର କିଶୋର ସ୍ଥାନୀୟ ଜୟ ଜୱାନ ପେଟ୍ରୋଲ ପମ୍ପକୁ ସ୍କୁଟିରେ ପେଟ୍ରୋଲ ପକାଇବାକୁ ଯାଇଥିଲେ। ରାସ୍ତା ପାର ହେଉଥିବା ସମୟରେ ବଲାଙ୍ଗୀର ପଟୁ ଦ୍ରୁତ ଗତିରେ ଆସୁଥିବା ନୀଳ ରଙ୍ଗର ଏକ ନମ୍ବର ବିହୀନ ନୂତନ ବୋଲେରୋ ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିଛନ୍ତି । ଦୁର୍ଘଟଣା ପରେ ବୋଲେରୋ ଡ୍ରାଇଭର ଫେରାର ହୋଇଯାଇଛନ୍ତି ।

### ଦେଶୀ ରନ୍ଧାମଦ, ମହୁଲ ପୋଚ ଜବତ

**ପାଟଣାଗଡ, ୧୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ଅବକାରୀ ବିଭାଗ ଲରମ୍ବା ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମରେ ଚଢାଉ କରି ଶୁକ୍ରବାର ୭୦ ଲିଟର ଦେଶୀ ରନ୍ଧାମଦ ଏବଂ ୪୦୦ କେଜି ମହୁଲ ପୋଚ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗ୍ରାମର ରଦ୍ଦାନୀ ଖାନଙ୍କୁ ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ ସୂଚନା ଦେଇଛନ୍ତି।




### ବ୍ୟାଡ୍‌ମିଣ୍ଟନରେ ୧୪ ଜିଲାର ୪୦ ଯୋଡି ସାମିଲ

**ବୌଦ୍ଧ,୧୧।୧(ସ୍ୱ.ପ୍ର.):** ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ନବମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ୩ ଦିନ ଧରି ଏହା ଚାଲିବ। ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଏହା ଆରମ୍ଭ ହେଇଛି। ତେବେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଆସୋସିଏଶନର ଉପଦେଷ୍ଟା ଶ୍ରୀନିବାସ ଦାନୀ ଯୋଗ ଦେଇଥିଲେ। ଏଥିରେ ୧୪ଟି ଜିଲାରୁ ୪୦ ଯୋଡି ଖେଳାଳି ଅଂଶଗ୍ରହଣ କରୁଛନ୍ତି। ବୌଦ୍ଧ ଜିଲାର ୨୩ଟି ଦଳ ରହିଛନ୍ତି। ସଭାପତି ଜୁଲିୟସ ସିଜର ମହାକୁଳ, ସଂପାଦକ ହୃଦାନନ୍ଦ ମିଶ୍ର ଓ ସଂଗଠନ ସଂପାଦକ ସୁନ୍ଦର ପ୍ରକାଶ ଅଗ୍ରୱାଲା କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି। ଧର୍ମେଶ ନାୟକ, ପ୍ରଦୋଷ କୁମାର ମହାରଣା, ବିଭୁପ୍ରସାଦ ପଣ୍ଡା, ବଦ୍ରିନାରାୟଣ ମିଶ୍ର, ନିରୋଦ ମହାପାତ୍ର, ଜିତେନ୍ଦ୍ର ସରାଫ, ମୃତ୍ୟୁଞ୍ଜୟ ମିଶ୍ର, ଚନ୍ଦ୍ର ମହାରଣା ଓ ଲମ୍ବୋଦର ପୁରୋହିତ ସହଯୋଗ କରୁଛନ୍ତି।

### ବାଇକ୍ ଦୁର୍ଘଟଣା, ଜଣେ ମୃତ

**ଖପ୍ରାଖୋଲ, ୧୧।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ-ହରିଶଙ୍କର ରାସ୍ତାର ବାଲି ଯୋର ଛକରେ ଗଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ଖପ୍ରାଖୋଲ ଥାନା ପୋଲିସ ମୃତଦେହ ଉଦ୍ଧାର କରିଛି । ମୃତ ବ୍ୟକ୍ତି ଜଣକ ନାନ୍ଦୁପଲା ପଞ୍ଚାୟତ ଅଧୀନ କୁଠୁର୍ଲା ଗାଁର ବୀର ସୁନା (୩୦)।





ଫୁଲବାଣୀର କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି (ବାମ)। ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଯାପିତ

# ସୁବର୍ଣ୍ଣପୁରର କଳା, ସଂସ୍କୃତି ସ୍ୱତନ୍ତ୍ର

**ସୋନପୁର,୧୧।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କଲିକତା ଆନୁକୂଲ୍ୟରେ ଗତ ୭ ତାରିଖରୁ ଚାଲି ଆସିଥିବା ସୁବର୍ଣ୍ଣ ଲୋକ ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ସୋନପୁର ଗାନ୍ଧୀ ପଡିଆର ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଚାଲିଥିବା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ଜିଲା ଦୌରାଜଜ ରାଜ କୁମାର ସାହୁ। ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ସୁବର୍ଣ୍ଣପୁର ହେଉଛି ଦ୍ୱିତୀୟ ବାରଣାସୀ। ଏଠାରେ ଅନେକଗୁଡିଏ ପୁରାତନ ପୀଠ ରହିଛି। ଜଗନ୍ନାଥ ଏହି ମାଟିରେ ୧୪୪ବର୍ଷ ପାତାଳି ହୋଇଥିଲେ। ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ସିଜେଏମ ମଦନଲାଲ ଖେଡିଆ କହିଥିଲେ ଏଠାକାର କଳା ଓ ସଂସ୍କୃତି ବେଶ ଉନ୍ନତ। ଉତ୍ସବ ସ୍ଥାନୀୟ ଲୋକଙ୍କ ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ଥିବା ସିଜେଏମ ଖେଡିଆ ମତବ୍ୟକ୍ତ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ କଳା ଓ କଳାକାରଙ୍କ ପୃଷ୍ଠପୋଷକତା ପାଇଁ ଏହି ମହୋତ୍ସବ ଏକ ମାଧ୍ୟମ ପାଲଟିଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ମଞ୍ଚାସୀନ ଥିଲେ। ସଭାରେ ଅଧ୍ୟକ୍ଷତା କରି ଜିଲାପାଳ ମଧୁସୂଦନ ମିଶ୍ର ବିକାଶର ବାର୍ତ୍ତା ଦେଇଥିଲେ। ଏହି ମହୋତ୍ସବ ସ୍ଥାନୀୟ କଳାର ସୁରକ୍ଷା ଓ ବିକାଶ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଥିଲେ। ମ୍ୟାଲେରିଆ ନିରାକରଣ କରିବା କ୍ଷେତ୍ରରେ ଜିଲା ରାଜ୍ୟସ୍ତରରେ ପୁରସ୍କୃତ ହେବା, ବିଜୁ ଯୁବ ବାହିନୀ ଗଠନ ଓ କାର୍ଯ୍ୟକ୍ରମରେ ଜିଲା ୧ ନମ୍ବର ହେବା, ସହରରେ ଝାଡାବାନ୍ତିକୁ ନିୟନ୍ତ୍ରଣ ଆଣିବାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ସେହିପରି ରୁଗୁଡିପାଲି ଖ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଗୀତାଞ୍ଜଳି ରଣାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା ।

ଭୁବନେଶ୍ୱର ସାଇ ଆରଧାନା ଅନୁଷ୍ଠାନର କଳାକାରଙ୍କ ଓଡିଶୀ ନୃତ୍ୟରୁ ଲୋକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାର ଆସର ଆରମ୍ଭ ହୋଇଥିଲା । ପରେ ପରେ ଫୁଲବାଣୀର ଆଦିବାସୀ ନୃତ୍ୟ, ରାୟଗଡାର ଢେମସା ନୃତ୍ୟ, ଆଲୋକ ପଣ୍ଡା ଓ ସାଥିଙ୍କ ସମ୍ବଲପୁରୀ ନୃତ୍ୟ, ବୌଦ୍ଧର କଳାକାରଙ୍କ ଶବର ଶବରେନ୍ ନୃତ୍ୟ, ରୂପଶ୍ରୀ କଳାପରିଷଦ ତରଭାର ସମ୍ବଲପୁରୀ ନୃତ୍ୟ, ଡିଆଇଇଟି ଛାତ୍ରୀଛାତ୍ରଙ୍କ ନୃତ୍ୟ, ସୋନପୁର, ବିନିକା ଓ ଡୁଙ୍ଗୁରିପାଲି ବ୍ଲକ କଳା ସାଂସ୍କୃତିକ ପରିଷଦର କଳାକାରଙ୍କ ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବିଦ୍ୟାପତି ପଣ୍ଡା କାଯର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର, ପ୍ରତିତୀ ମିଶ୍ର ଓ ଜିତେନ୍ଦ୍ର ହୋତା ପରିଚାଳନା କରିଥିଲେ ।

ଟ୍ରାକ୍ଟର ଧକ୍କାରେ ଶିକ୍ଷକ ମୃତ୍ୟୁ ଘଟଣା

## ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା

**ସିଂଘିଯୁବା,୧୧.୦୧(ଡି.ଏନ୍.ଏ)**

ବିନିକା-ସିଲାଟି ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ଟ୍ରାକ୍ଟର ଧକ୍କାରେ ଉର୍ଲେ ଗ୍ରାମର ମୁରାରୀ ମିଶ୍ର (୪୪) ନାମକ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବିନିକା-ସୁବର୍ଣ୍ଣପୁର ଏମ୍‌ଡିଆର୍ ୩୯ନଂ ରାସ୍ତାକୁ ଅବରୋଧ କରି ମୃତ ଶିକ୍ଷକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଦାବି କରିଥିଲେ। ରାତିସାରା ଲୋକେ ଅବରୋଧ ଜାରି ରଖିଥିଲେ। ବିନିକା ସହରବାସୀ ଏବଂ ଉର୍ଲେ ଗ୍ରାମବାସୀ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମୃତଦେହ ରଖି ଶୁକ୍ରବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରଖିଥିଲେ । ଖବର ପାଇ ପିଡି ଡିଆର୍‌ଡିଏ ସୂର୍ଯ୍ୟନାରାୟଣ ଦାଶ, ଏଏସ୍‌ପି ଆର୍.କେ.ପାଣିଗ୍ରାହୀ ଏବଂ ଏସ୍‌ଡିପିଓ ମିହିର କୁମାର ପଣ୍ଡା ରାସ୍ତାରୋକୋସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ । ବିନିକା ଆଇଆଇସିଙ୍କ ଅନ୍ୟତ୍ର ବଦଳି ଏବଂ ମୃତକ ପରିବାରଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଆନ୍ଦୋଳନକାରୀ ଅଡି ବସିଥିଲେ। ଦାବି ପୂରଣ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା ଏବଂ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ମହାନଦୀ କୂଳରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ସରିଲା ପଲ୍ଲିଶ୍ରୀ ମେଳା

**ସୋନପୁର,୧୧।୧(ନି.ପ୍ର.)**

୨୬ତମ ସୁବର୍ଣ୍ଣ ଲୋକ ମହୋତ୍ସବ ଅବସରରେ ଓରମାସ୍(ଜିଲା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସଂସ୍ଥା) ଦ୍ୱାରା ଆୟୋଜିତ ପଲ୍ଲିଶ୍ରୀ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ୭ ତାରିଖରୁ ଆରମ୍ଭ ହୋଇଥିବା ୫ଦିନିଆ ମେଳାରେ ରାଜ୍ୟର ୨୯ଟି ଜିଲା ଓ ଦିଲ୍ଲୀ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର, ଏବଂ ଜାମ୍ମୁ ଓ କାଶ୍ମୀର ଭଳି ରାଜ୍ୟରୁ ଶିଳ୍ପୀ ତଥା କ୍ଷୁଦ୍ର ବ୍ୟବସାୟୀମାନେ ଯୋଗ ଦେଇଥିଲେ । ସୌଖିନ ହସ୍ତଶିଳ୍ପ, ଆୟୁର୍ବେଦିକ ଔଷଧ, ବନଜାତ ଦ୍ରବ୍ୟ, ଦୈନନ୍ଦିନ ଘରକରଣା ସାମଗ୍ରୀ, ମସଲା, ଆଚାର, ଗାଲିଚା ଓ ଡ୍ରାଏ ଫ୍ଲାୱାର ଆଦି ପ୍ରଦର୍ଶିତ ହୋଇଥିଲା। ଚଳିତ ବର୍ଷର ପଲ୍ଲିଶ୍ରୀ ମେଳା ଓ ଜିଲା ଉନ୍ନୟନ ପ୍ରଦର୍ଶନୀରେ ଜିଲା ପ୍ରଶାସନ ପକ୍ଷରୁ ୧୯୮ଟି ଷ୍ଟଲ ଖୋଲାଯାଇଥିଲା। ଏହି ବୃହତ ବ୍ୟବସାୟିକ ମେଳାରେ ମୋଟ ୧କୋଟି ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି । ଫୁଡ୍ ପ୍ଲାଜା ସହିତ ଉତ୍ତରପ୍ରଦେଶର କାଠ ଖୋଦେଇ ସୌଖିନ କାମ, ବମ୍ବେର ଏମ୍ବ୍ରୋଡରି, ରାଜସ୍ଥାନର ହ୍ୟାଣ୍ଡଲୁମ ଓ ପଶ୍ଚିମବଙ୍ଗର ସୁନ୍ଦର କାର୍ପେଟ, ଡ୍ରାଏ ଫ୍ଲାଓାର ସହିତ ଘର ସଜାଇବା ପାଇଁ ବିଭିନ୍ନ ପ୍ରକାର ମନୋଲୋଭା ସୌଖିନ ସାମଗ୍ରୀର ବେଶ ଚାହିଦା ପରିଲକ୍ଷିତ ହୋଇଥିଲା। ସେହିପରି ଓଡିଶାର ବିଭିନ୍ନ ଜିଲାରୁ ୧୯୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ନିଜ ନିଜ ଜିଲାର ଓରମାସ ତଥା ଡିଏସ୍ଏମ୍ଏସ୍ ତରଫରୁ ପ୍ରାୟୋଜିତ ହୋଇ ଏଠାରେ ୫ ଦିନ ବ୍ୟାପି ଏକାଠି ରହିବା ସହ ନିଜର ବ୍ୟବସାୟ କରିବା ପରିପ୍ରେକ୍ଷିରେ ସୁବର୍ଣ୍ଣପୁର ଜିଲାବାସୀଙ୍କ ସହିତ ଭାବ ବିନିମୟ କରିଥିଲେ।

ସୁବର୍ଣ୍ଣପୁର ଜିଲାର ପ୍ରସିଦ୍ଧ ହସ୍ତଶିଳ୍ପ, ଗଞ୍ଜାମର ଆଚାର, ରାୟଗଡା ଓ କୋରାପୁଟର ବନଜାତ ସାମଗ୍ରୀ, କନ୍ଧମାଳ ହଳଦୀ, ନୟାଗଡ ଓ ବାଣପୁରର ଶିଳ୍ପୀଙ୍କ ବେତରେ ତିଆରି ଆସବାବପତ୍ର ବେଶି ବିକ୍ରି ହୋଇଥିଲା। ତେବେ ଅନୁକୂଳ ପାଗ ଯୋଗୁଁ ମେଳାରେ ବିକ୍ରି ଭଲ ହୋଇ ଥିଲା ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କହିଛନ୍ତି। ଏହି ଅବସରରେ ବିଭିନ୍ନ ବିଭାଗରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଜଗତସିଂହପୁର ଜିଲାର ଦଧିବାମନ ଜୀଉ ଏସଏଚଜି, ମହାରାଷ୍ଟ୍ରର ଓମ୍ ସାଇ ଏସଏଚଜି ଓ ଯାଜପୁର ଜିଲାର ମା ଏସଏଚଜିକୁ ସର୍ବଶ୍ରେଷ୍ଠ ବ୍ୟବସାୟ କରିଥିବାରୁ ସୁବର୍ଣ୍ଣପୁର ଜିଲା ଓରମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଯୁବରାଜ ସାହୁ ପୁରସ୍କୃତ କରିଥିଲେ। ସେହିପରି ଗ୍ରାହକଙ୍କ ସହିତ ଉତ୍ତମ ବ୍ୟବହାର ଓ ଭଲ ପ୍ରଦର୍ଶନ ସକାଶେ ଏସ୍ଏଚ୍‌ଜିଙ୍କୁ ପୁରସ୍କୃତ କରାଯାଇଥିଲା। ଓରମାସ୍ ପକ୍ଷରୁ ମେଳାରେ ଭାଗ ନେଇଥିବା ଏସଏଚ୍‌ଜିଙ୍କୁ ମାଗଣାରେ ଷ୍ଟଲ ଯୋଗାଇ ଦିଆଯିବା ସହିତ ରହିବାର ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ଜିଲା ଉନ୍ନୟନ ପ୍ରଦର୍ଶନୀରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲା ଜଳ ବିଭାଜିକା ମିଶନ ପକ୍ଷରୁ ଖୋଲାଯାଇଥିବା ପ୍ରଦର୍ଶନୀରେ ବେଶ ଗହଳି ଲାଗିଥିଲା । ଜିଲା ଉନ୍ନୟନ ପ୍ରଦର୍ଶନୀରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ପ୍ରଥମ, ଉଦ୍ୟାନ ବିଭାଗ ଦ୍ୱିତୀୟ ଏବଂ ଜିଲା ଜଳ ଓ ପରିମଳ ମିଶନକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜିଲା ଶିଳ୍ପ କେନ୍ଦ୍ର, ମିଶନ ଶକ୍ତି, ନାବାର୍ଡ ଓ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ସୁବର୍ଣ୍ଣପୁରକୁ ସହଯୋଗ ପାଇଁ ଜିଲାପାଳ ମଧୁସୂଦନ ମିଶ୍ର ସମ୍ମାନିତ କରିଥିଲେ।

## ଅଚଳ ହେଇ ପଡ଼ିଛେ ୨ ନଲ୍‌ଚୁଆଁ: ପିଇଲା ପାଏନ୍ ଲାଗି ଯାତ୍ରି ହଟ୍‌ହଟା

**ସିଂଘିଯୁବା,୧୧।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବିନିକା-ଏସ୍.ରାମପୁର ମୁଖିଆ ରାସ୍‌ତା ମଝିଥି ଅଛେ ବିଶାଲପାଲି ଛକ୍। ଆସର ପାସର ଗାଁଗଡ଼ାର ଲୋକ୍ ଫିଦିନ୍ ଇ ଛକୁ ବସ୍‌ରେ ଯିବାର ଆଏବାର କରୁଛନ୍। ଯେନ୍‌ଥିରଲାଗି ଇ ଛକ୍‌ରେ ସକାଲୁ ରାତି ୯-୧୦ ବଜେ ତକ୍ ଭିଡ଼ଭାଡ଼୍ ଲାଗି ରହୁଛେ। ବିଶାଲପାଲ ଛକ୍‌ଟା ରାଜ୍ୟ ରାଜପଥକେ ଲାଗିକରି ଥିଲା ବେଲେ ଇଠାନୁ ଲୋକ୍ ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ବଲାଙ୍ଗୀରକେ ଯିବାର ଆଏବାର କରୁଛନ୍। ଇଠାନେ ଯାତ୍‌ରିମାନକର ପିଇଲା ପାଏନ୍ ସୁବିଧା ଲାଗି ଦୁଇଟା ନଲ୍‌ଚୁଆଁ ଅଛେ, ହେଲେ ଦୁଖର କଥା ୩ ମାସ୍ ହେଲା ଦୁଇଟା ଯାକ ନଲ୍‌ଚୁଆଁ ଅଚଲ ହେଇ ପଡ଼ିରହିଛେ। ଗୁଟେ ନଲ୍‌ଚୁଆଁର ଚେନ୍ ଛିଡ଼ିଯାଇଥିଲା ବେଲେ ଆର ଗୁଟେଥୁ ପାଏନ୍ ନାଇଁ ବାହାରବାର। ଏନ୍‌ତାଥି ଛକେ ଗାଡ଼ି ମଟରକେ ଟାକି ରହୁଥିବାର ଯାତ୍‌ରି, ରାସ୍‌ତାଥି ଯାଆସ କରୁଥିବାର ଲୋକ୍‌ମାନେ ପିଇଲା ପାଏନ୍ ଟିକେର ଲାଗି ବଡ଼ାଟେ ହଟ୍‌ହଟା ହେଉଛନ୍। ଇ ବାବ୍‌ଦେ ବିଶାଲପାଲି ଛକେ ଦୁକାନ କରିଥିବାର ବେଉସାୟୀମାନେ ବାରବାର ବିଭାଗୀୟ ଅଧିକାରୀମାନକୁ କହେଲେ ବି କେହି ନାଇଁ ଶୁନୁଥିବାର ଅଭିଯୋଗ କରିଛନ୍। ଯେତେ ଜଲ୍‌ଦି ହେବା ଦୁଇ ନଲ୍‌ଚୁଆଁ ସଚଲ କରାଯାଉ ନାଇଁ ହେଲେ ବିଭାଗୀୟ ଅଧିକାରୀମାନକର ବିରୋଧିନେ ଜିଲା ପରଶାସନକେ ଅଭିଯୋଗ୍ କରମୁ ବଲି ସତ୍ୟବାନ ପଧାନ, ଲାଲୁ ମହାକୁର, ଶ୍ରୀ ପଣ୍ଡା, ଭରତ କର୍ମୀ, ଦିଲୀପ କର୍ମୀ ପରମୁଖ କହିଛନ୍।

କପା ଚାଷ ସମ୍ପର୍କିତ ଏକଦିବସୀୟ କର୍ମଶାଳା

## ଆଧୁନିକ ପ୍ରଣାଳୀରେ ଚାଷ, ବିକ୍ରି ଉପରେ ଗୁରୁତ୍ୱ




କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ସୋନପୁର,୧୧।୧(ନି.ପ୍ର.)**

ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କପା ଚାଷ ସମ୍ପର୍କିତ ଏକ ଦ୍ୱିବସୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗର ଅଧିକାରୀ ଓ କପା ଚାଷୀ ଅଂଶଗ୍ରହଣ କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ କପା ଚାଷ ପାଇଁ ଉର୍ବର ମୃତ୍ତିକା ଓ ଅନୁକୂଳ ଜଳବାୟୁ ଥିବାରୁ ଏହି ଚାଷକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ଆଧୁନିକ ପ୍ରଣାଳୀରେ ଚାଷ ସହ ବିକ୍ରିବଟାର ବ୍ୟବସ୍ଥା କରିବା ଉପରେ ଜିଲାପାଳ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କପା ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଜିଲାର ଡିପ ଜମିରେ ଏହି ଚାଷ କରି ଚାଷୀ ଲାଭାନ୍ୱିତ ହୋଇପାରିବେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ବଲାଙ୍ଗୀର ସୂତା ବିଭାଗର ସଂଯୋଜକ ବିଜୟ ମହାନ୍ତି, ରିଜିଓନାଲ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନିକାଲ ଇନଷ୍ଟିଚ୍ୟୁଶନ ମହିଷାପାଟ, ଢେଙ୍କାନାଳର ଅଧ୍ୟକ୍ଷ ଗୁରୁଚରଣ ତ୍ରିପାଠୀ, ଓୟୁଏଟିର୍ ଫିଜିକାର ଡିନ୍ ରବି ଚନ୍ଦ୍ର ପଟ୍ଟନାୟକ, କପା ବିଶେଷଜ୍ଞ ସୋମନାଥ ମହାପାତ୍ର ଓ ଜିଲା କୃଷି ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ଅତିଥିଭାବେ ଯୋଗଦେଇ କପା ଚାଷ, ରୋଗ ପୋକ ନିୟନ୍ତ୍ରଣ ଓ ବିକ୍ରିବଟାର ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। କେଭିକେର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍, ଗୀତାଞ୍ଜଳି ପ୍ରଧାନ, ଏପିଡି ଆମ୍ବା ମିତାଲି ମଧୁମିତା ବିଶ୍ୱାଳ, ଗଦାଧର ବାରିକ ଉପସ୍ଥିତ ଥିଲେ। କପା ବୈଷୟିକ ମିଶନ ୨୦୧୮-୧୯ ଅନ୍ତର୍ଗତ କୃଷି ଉପ ନିର୍ଦ୍ଦେଶକ ସୁବର୍ଣ୍ଣପୁର ଓ ବିଷୟ ବସ୍ତୁ ବିଶେଷଜ୍ଞ କପା ବଲାଙ୍ଗୀରର ମିଳିତ ଆୟୋଜନରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

## ହାସ୍ୟବ୍ୟଙ୍ଗ କବିତାରେ ଆସର ଜମିଲା

**ବଲାଙ୍ଗୀର ଅଫିସ, ୧୧।୧**

ବଲାଙ୍ଗୀର ବହିହାଟର ସପ୍ତମ ସନ୍ଧ୍ୟାରେ ଅନୁଷ୍ଠିତ ହାସ୍ୟବ୍ୟଙ୍ଗ କବିତା ଆସରରେ କୋଶଳ କଳାମଣ୍ଡଳ ପଡିଆ ଜମିଥିଲା। ହାସ୍ୟବ୍ୟଙ୍ଗ କବି, କବୟତ୍ରୀମାନେ ନିଜସ୍ୱ ବ୍ୟଙ୍ଗ କବିତା ମାଧ୍ୟମରେ ଦର୍ଶକଙ୍କୁ ହସର ଖୋରକ ଯୋଗାଇଥିଲେ । ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଯୋଗଦେଇ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଶହୀଦ ଭଗତ୍ ସିଂଙ୍କ ଦେଶାତ୍ମବୋଧ ଓ ସଂଗ୍ରାମ କଥା ଉଲ୍ଲେଖ କରି ଦେଶ ମାତୃକାର ସେବାରେ ଜୀବନ କିଭଳି ମହିମାନ୍ୱିତ ହୋଇଥାଏ କହିଥିଲେ । ଯୁବକମାନଙ୍କୁ ଆହ୍ୱାନ କରି ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କହିଥିଲେ। ହାସ୍ୟବ୍ୟଙ୍ଗ କବିତା ଆସରରେ ବ୍ୟଙ୍ଗକବି ଅଧିକାରୀ ସା, ଶରତ ମିଶ୍ର, ଅର୍ଜୁନ ସାହୁ ଓ ଅନୁପ୍ରିୟା ମିଶ୍ର ଯୋଗଦେଇ ଦୀର୍ଘ ୨ ଘଣ୍ଟା ଧରି ହାସ୍ୟବ୍ୟଙ୍ଗ କବିତାରେ ଦର୍ଶକଙ୍କ ମନ ମୋହିଥିଲେ । ବ୍ୟଙ୍ଗ କବିତା ଆସର ପାଇଁ ବହିହାଟ ମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ବହୁ ଦର୍ଶକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସଭାକୁ ପରିଷଦ ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ସଂଯୋଜନା କରିଥିଲେ । ଅପରାହ୍ଣରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଆଇଟିଏମ୍ କଲେଜ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ।

## କୃଷି ସମ୍ପ୍ରସାରଣ, ମଧ୍ୟଯୁଗୀୟ ଭାରତରେ ସାମାଜିକ ପରିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ର

**ସୋନପୁର,୧୧।୧(ନି.ପ୍ର.)**




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ରାମପୁରସ୍ଥିତ ଶ୍ରୀରାମ କଲେଜରେ ଇତିହାସ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୃଷି ସମ୍ପ୍ରସାରଣ ଓ ମଧ୍ୟଯୁଗୀୟ ଭାରତରେ ସାମାଜିକ ପରିବର୍ତ୍ତନ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ରାମେଶ୍ୱର ନାଏକ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଠଚକ୍ରର ପ୍ରବନ୍ଧ ପାଠ କରିଥିଲେ। ଏଥିରେ ବିଜେପୁର କଲେଜରୁ ଅଧ୍ୟାପକ ନୀଳାଚଳ ବାରିକ, ବରପାଲି କଲେଜରୁ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ଓ ଡ. କାହ୍ନୁ ମେହେର, ସିଦ୍ଧାର୍ଥ ଡିଗ୍ରୀ କଲେଜ ବିନିକାର ଅଧ୍ୟାପକ ଗୋକୁଳକୃଷ୍ଣ ଦାଶ ଓ ବାଣୀ ପ୍ରସାଦ ବିଶ୍ୱାଳ, ଏଇଏସ କଲେଜ ତରଭାର ବରିଷ୍ଠ ଅଧ୍ୟାପିକା ମୀନତି ମିଶ୍ର ଓ ଶ୍ରୀରାମ କଲେଜରୁ ପ୍ରାଧ୍ୟାପକ ଦୁର୍ଗାପ୍ରସାଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାରତୀୟ ଅର୍ଥନୀତିରେ କୃଷିର ଭୂମିକା ଓ ସାମାଜିକ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସଞ୍ଜୁକ୍ତା ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶ୍ୱିନୀ କୁମାର ପଡିଆ, ଶରତ ଚନ୍ଦ୍ର ପ୍ରଧାନ, ମୀନକେତନ ପାତ୍ର, ଡ. ରବିନାରାୟଣ ତ୍ରିପାଠୀ, ଡ. ଲିଙ୍ଗରାଜ ସାହୁ, ଡ. ଗୁଣନିଧି ବାରିକ, ମିଳନ କୁମାର ବର୍ଗେ, ଦଶରଥ ସୁନା, ଟିକେଚାନ୍ଦ ବାଗ ଓ ପଙ୍କଜିନୀ ସାହୁ ଉପସ୍ଥିତ ଥିଲେ ।

# ଧିମା ଗତିରେ ଚାଲିଛି ଧାନ ସଂଗ୍ରହ

**ବୀରମହାରାଜପୁର, ୧୧।୧ (ଡି.ଏନ୍.ଏ.)**

- ବୀରମହାରାଜପୁର ଉପଖଣ୍ଡ
- ଶୀତ କାକରରେ ମଣ୍ଡି ଜଗିଛନ୍ତି ଚାଷୀ



ବୀରମହାରାଜପୁର ବ୍ଲକର ହିଲୁଙ୍ଗ ମଣ୍ଡିରେ ଖୋଲା ଆକାଶ ତଳେ ହଜାର ହଜାର ବସ୍ତା ଧାନ ବିକ୍ରି ଅପକ୍ଷାରେ ପଡିରହିଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ମିଲର୍ସମାନଙ୍କ ପକ୍ଷରୁ ଆଶାଜନକ ସହଯୋଗ ମିଳୁ ନ ଥିବା ଫଳରେ ବହୁ ମଣ୍ଡିରେ ହଜାରହଜାର ବସ୍ତା ଧାନ ପଡି ରହିଛି। କଟନିଛଟନି ସତ୍ତ୍ୱେ ଆବଶ୍ୟକ ମୁତାବକ ଗାଡି ପହଞ୍ଚୁ ନ ଥିବାରୁ ସ୍ୱାଭାବିକ ଭିତ୍ତିରେ ଧାନ ଉଠୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଅପରପକ୍ଷେ ବିଭିନ୍ନ ମଣ୍ଡିରେ ବିକ୍ରି ପାଇଁ ଆସୁଥିବା ଧାନବସ୍ତା ସବୁ ଅସୁରକ୍ଷିତ ଭାବେ ପଡି ରହୁଥିବା ଯୋଗୁଁ ଚାଷୀମାନେ ଖୋଲା ଆକାଶ ତଳେ ଶୀତକାକରରେ ସେମାନଙ୍କ ଧାନ ଜଗିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏହାରି ଭିତରେ ଉପଖଣ୍ଡର ୨୦ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷୀ ୩ ଲକ୍ଷ ୧୩ ହଜାର ୯୩୯ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିବା ସୂଚନା ମିଳିଛି।

ଅତିରିକ୍ତ ଯୋଗାଣ ଅଧିକାରୀଙ୍କଠାରୁ ମିଳିଥିବା ସଂଗୃହୀତ ତଥ୍ୟ ଅନୁଯାଇ ବୀରମହାରାଜପୁର ବ୍ଲକର ମୁର୍ଷୁଣ୍ଡୀ ପ୍ୟାକ୍ସରେ ସର୍ବାଧିକ ୨୭ ହଜାର ୮୨୭ କୁଇଣ୍ଟାଲ ଧାନ ସଂଗୃହୀତ ହୋଇ ସାରିଛି। ଖଣ୍ଡହତାରେ ୨୦ହଜାର ୮୯୭, ସୁବଳୟା ୯ ହଜାର ୫୬୬.୫୭, ହିଲୁଙ୍ଗ ୧୧ ହଜାର ୫୧୨.୫୧, କେଞ୍ଚୁରିଆପାଲି ୨୨ ହଜାର ୭୬୨, ବହଲପଦର ୧୭ ହଜାର ୫୨୩, ଉଫୁଲା ୧୨ ହଜାର ୫୧.୭୧, ଜଟେସିଂଘା ୧୭ ହଜାର ୩୯୧, ବାଗବର ୮ ହଜାର ୯୪୨.୫୫ ଏବଂ ପିତାମହୁଲ ପ୍ୟାକ୍ସରେ ୧୫ ହଜାର ୭୫୧ କୁଇଣ୍ଟାଲ ଧାନ କିଣାଯାଇ ସାରିଛି। ସେହିଭଳି ଉଲୁଣ୍ଡା ବ୍ଲକର ଚଡେଇପଙ୍କ ପ୍ୟାକ୍ସ ମାଧ୍ୟମରେ ୩୭ ହଜାର ୮୮୨.୭୩ କୁଇଣ୍ଟାଲ ଧାନ କିଣାବିକା ହୋଇଛି। ଏହି କ୍ରମରେ ଏସ୍.ପତ୍ରାପାଲି ପ୍ୟାକ୍ସରେ ୧୭ ହଜାର ୪୩୪.୮୮, କୋଟସମଲାଇ ୬ ହଜାର ୫୮୧, ମହଦା ୧୨ ହଜାର ୭୭୮, ରକ୍ସା ୯ ହଜାର ୩୭୬, କଳାପଥର ୩ ହଜାର ୩୭୯, ବିଶିପଡା ୧୬ ହଜାର ୩୭୪.୬୯, ଉଲୁଣ୍ଡା ୪ ହଜାର ୬୫୬, ଜାଲୋଏ ୧୯ ହଜାର ୮୮୮.୮୩ ଏବଂ ପଞ୍ଚମହଲା ପ୍ୟାକ୍ସରେ ୨୧ ହଜାର ୩୬୨ କୁଇଣ୍ଟାଲ ଧାନ କିଣା ସରଛି। ଉଲ୍ଲେଖଯୋଗ୍ୟ ଯେ ଓଡିଶା ରାଜ୍ୟ ଯୋଗାଣ ନିଗମ ଏ ସମସ୍ତ ଅଧିକୃତ କ୍ରୟକେନ୍ଦ୍ର ମାଧ୍ୟମରେ ଧାନ ସଂଗ୍ରହ କାରବାର ଜାରି ରଖିଥିବା ବେଳେ ନାଫେଡ କିମ୍ବା ମାର୍କଫେଡ ପୂର୍ବବର୍ଷ ଭଳି ଅନୁପସ୍ଥିତ ରହିଥିବା ଜଣାଯାଇଛି।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ

**ସିନାପାଲି,୧୧।୧(ଡି.ଏନ.ଏ.)** ନୂଆପଡା ଜିଲା ସିନାପାଲି ଥାନା ଅନ୍ତର୍ଗତ ପେଣ୍ଡରେନ୍ ଗ୍ରାମରେ ଶୁକ୍ରବାର ଟ୍ରାକ୍ଟର ଓଲଟି ଜୟନ୍ତ ନାଗ (୨୨) ନାମକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରାପ୍ତସୂଚନା ଅନୁସାରେ ପେଣ୍ଡରେନ୍ ଗ୍ରାମର ଜଣେ ଚାଷୀଙ୍କ ଜମିରେ ଟ୍ରାକ୍ଟର କେଜୁଆଲ୍ ଯୋଗେ କାଦୁଅ କରୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିଥିଲା। ଫଳରେ ଡ୍ରାଇଭର୍ ଜୟନ୍ତ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଦମକଳ ବାହିନୀ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ ସିନାପାଲି ଥାନାରେ ଏକ ମାମଲା (ନଂ. ୭/୧୯) ରୁଜୁ ହୋଇଛି ।

### ମେଧାବୃତ୍ତି ପରୀକ୍ଷାରେ ଗଣ୍ଡାବାହାଲି ଶିଶୁମନ୍ଦିରର କୃତିତ୍ୱ

**ସିନାପାଲି,୧୧।୧(ଡି.ଏନ.ଏ.)** ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଗଣ୍ଡାବାହାଲି ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର ସରକାରୀ ମେଧାବୃତ୍ତି ପରୀକ୍ଷାରେ ସଫଳତାର ସହିତ କୃତିତ୍ୱ ହାସଲ କରିଛନ୍ତି। ପ୍ରାପ୍ତ ଖବର ଅନୁସାରେ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଗଣ୍ଡାବାହାଲି ଶିଶୁମନ୍ଦିରର ଛାତ୍ରୀ ରାନି ମେହେର, ଅରିନ୍ଦମ ସରାଫ, ଅଙ୍କେଶ୍ୱର ସୁନାରୀ ଓ ପଞ୍ଚମ ଶ୍ରେଣୀର ସୌମ୍ୟରଞ୍ଜନ ମେହେର, ଗଣପତି ନାଏକ ଓ ସୋଭିତ ମେହେର କୃତିତ୍ୱ ଲାଭ କରିଛନ୍ତି । ପଞ୍ଚମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ମେହେର ସିନାପାଲି ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗଣପତି ନାଏକ ଦ୍ୱିତୀୟ ଓ ସୋଭିତ ମେହେର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରୀଛାତ୍ରଙ୍କ ଏହି ସଫଳତା ସ୍ଥାନୀୟ ଆଚାର୍ଯ୍ୟଆଚାର୍ଯ୍ୟା ତଥା ପରିଚାଳନା କମିଟି ଏବଂ ଅଭିଭାବକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି ।

### କର୍ଲାସୋଡା ଗ୍ରାମରେ ଶୀତବସ୍ତ୍ର ବଣ୍ଟନ

**ଭବାନୀପାଟଣା,୧୧।୧(ଡି.ଏନ.ଏ.)** ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବୋରଭଟ୍ଟା ଗ୍ରାମପଞ୍ଚାୟତର କର୍ଲାସୋଡା ଗ୍ରାମଠାରେ ଶିବ ପଟ୍ଟନାୟକ ଫାଉଣ୍ଡେଶନ ଓ ଦାଦପୁର ଯାଦବ ସମାଜ ମିଳିତ ଆୟୋଜନରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିବ ପଟ୍ଟନାୟକ ଫାଉଣ୍ଡେଶନ ଟ୍ରଷ୍ଟ ସଭାପତି ସାଗର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଯାଜପୁର ଜିଲା ଯାଦବ ସମାଜ ଉପଦେଷ୍ଟା ବିଜୟ ଯାଦବ ମୁଖ୍ୟଅତିଥି, ସଦର ବ୍ଲକ ଉପାଧକ୍ଷ ସଚ୍ଚିଦାନନ୍ଦ ମହାଖୁଡ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଭରତଚନ୍ଦ୍ର ଦାସ ଯୋଗଦେଇ ଶତାଧିକ ବୃଦ୍ଧ ଓ ବୃଦ୍ଧାଙ୍କୁ କମଳ ବଣ୍ଟନ କରିଥରଲେ। ତ୍ରିଲୋଚନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ପରକ୍ଷୀତ ଗହୀର ଓ ଦୁର୍ବାଦଳ ବଚ୍ଛା ସହଯୋଗ କରିଥିଲେ।

୨୭ତମ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟ

# ନାଗପୁରକୁ ହରାଇଲା ଝାରସୁଗୁଡ଼ା

**ନୂଆପଡା ଅଫିସ,୧୧।୧**

ସ୍ଥାନୀୟ ମିନିଷ୍ଟାଡିୟମରେ ୱାଇଏମସି କ୍ଲବ ତରଫରୁ ଚାଲିଥିବା ୨୭ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଲିଗ ମ୍ୟାଚରେ ଝାରସୁଗୁଡା ଦଳ ନାଗପୁର ଦଳକୁ ୧୨ ରନରେ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ମ୍ୟାଚକୁ ପୂର୍ବାହ୍ନରେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ମୁଖ୍ୟଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ପାଣି ପଞ୍ଚାୟତ ଶୀର୍ଷ କମିଟି ଅଧ୍ୟକ୍ଷ ରାଜେଶ କୁମାର ନିଗମ, ଆଇନଜୀବୀ ଅମିତାଭ ବୋଷ, ଅଶୋକ କୁମାର ଦେୱାଙ୍ଗନ, ଶମ୍ଭୁପ୍ରସାଦ ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡା ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୯ ଉଇକେଟରେ ୧୬୬ ରନ କରିଥିଲା । ଜବାବରେ ନାଗପୁର ଦଳ ୧୫୪ ରନରେ ସମସ୍ତ ଉଇକେଟ ହରାଇଥିଲା । ଝାରସୁଗୁଡା



୨୭ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥି।

ଦଳ ପକ୍ଷରୁ ସର୍ବାଧିକ ସନ୍ତୋଷ କୁମାର ଯାଦବ ୪୧, କେଶବ ୩୫ କରିଥିବା ବେଳେ ନାଗପୁର ଦଳ ପକ୍ଷରୁ ଏମଡି ଆତିଫ ଏବଂ ଶିବମ କୁମାର ଯଥାକ୍ରମେ ୩୦, ୨୧ ରନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଓସିଏ କାର୍ଯ୍ୟକାରୀ ଉପସଭାପତି ଦୁଲାଲ ପ୍ରଧାନ, ଓସିଏ ଉପସଭାପତି ସରୋଜ କୁମାର ସାହୁ, ପ୍ରକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ଏମଡି ଶରମନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଅମ୍ପାୟାର ଅନିଲ କୁମାର ସାହୁ, ସଞ୍ଜୟ କୁମାର ନାଏକ ଖେଳ ପରିଚାଳନା କରିଥିଲେ । ଶନିବାର ସେମିଫାଇନାଲ ଖେଳ ଝାରସୁଗୁଡା ଏବଂ ଆଭା ଟାଇଗର ସମ୍ବଲପୁର ଦଳ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସଭାପତି ଅମରେଶ ଦାସ କହିଛନ୍ତି ।

**ଝାରସୁଗୁଡାକୁ ଭେଟିବ ସମ୍ବଲପୁର**

# ମଦଭାଟି ଗରମ ପାଣିରେ ପଡ଼ି ଯୁବକ ଗୁରୁତର, ବୁର୍ଲା ସ୍ଥାନାନ୍ତର

**ନୂଆପଡା ଅଫିସ,୧୧।୧**

ସ୍ଥାନୀୟ ନୂଆପଡାସ୍ଥିତି ମଦଭାଟିର ଗରମ ପାଣିରେ ପଡି ଲେଖରାମ ଶବର (୨୫) ନାମକ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ଚନାବେଡା ଗାଁର କୁନୁରାମ ଶବରଙ୍କ ପୁଅ ଲେଖରାମ ନୂଆପଡା ମଦଭାଟିରେ ଦୀର୍ଘ ଦିନ ଧରି କାମ କରିଆସୁଛନ୍ତି । ଶୁକ୍ରବାର ସନ୍ଧ୍ୟା ୭ଟାରେ ଭାଟି ଭିତରେ ଥିବା ଗରମ ପାଣି କୁଣ୍ଡରେ ହଠାତ ଭାରସାମ୍ୟ ହରାଇ ପଡିଯାଇଥିଲେ । ତାଙ୍କୁ ନିକଟରେ ଥିବା ଶ୍ରମିକମାନେ ଉଦ୍ଧାର କରିଥିଲେ ହେଁ ଶରୀରର ଅଧା ଅଂଶ ଜଳିଯାଇଥିଲା । ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି ।


ହସ୍ପିଟାଲ ବ୍ୟାଡରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଯୁବକ ଲେଖରାମ ।

# ଆମପାଣି ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ

**କୋକସରା,୧୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆମପାଣି କନ୍ଦାଗଡ ପଡିଆଠାରେ ଆୟୋଜିତ କ୍ରୀଡା ଉତ୍ସବକୁ ଶିଶୁ ମନ୍ଦିର ପ୍ରଧାନ ଅଚାର୍ଯ୍ୟ କେଦାରନାଥ ନାଏକ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରତ୍ନରାଜ ମାଝି, ସମ୍ମାନିତ ଅତିଥି ଜିତେନ୍ଦ୍ର ପଣ୍ଡା, ସୁରେଶ ସାହୁ, ହରିଶ୍ଚନ୍ଦ୍ର ନାଏକ, ସନତ କୁମାର ପ୍ରଧାନୀ, ଦୁଷନ୍ତ ପାଟଯୋଷୀ ପ୍ରମୁଖ ଯୋଗଦେଇଥିଲେ । ମାନସିକ ଦକ୍ଷତା ଓ ସୁସ୍ଥ ରହିବା ପାଇଁ କ୍ରୀଡା ହେଉଛି ଏକମାତ୍ର ମାଧମ । ଯାହାକି ପଲାମାନଙ୍କ ଶାରୀରିକୁ ବାହ୍ୟ ରୋଗରୁ ମୁକ୍ତ ରଖେ । କ୍ରୀଡା ଦ୍ୱାରା ପିଲାମାନଙ୍କ ଶାରୀରିକ ଗଠନ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଏହି ଅବସରରେ ଅତିଥିମାନେ କହିଛନ୍ତି । ଏଥିରେ ସ୍କୁଲ ଶିକ୍ଷକ ଗୌରଚନ୍ଦ୍ର ନାଏକ, ଗିରୀଧାରି ବେମାଲ, ସେତୁବନ୍ଧ ଧଙ୍ଗଡାମାଝି, ହେମରାଜ ନାଏକ, ଗୁରୁମା ତପସ୍ୱୀନି ଦାସ, ଅଲକା ମୁନି, ଝରଣା ନାଏକ, ସିମନ୍ତିନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ହେମନ୍ତ ନାଏକ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡା ପ୍ରଶିକ୍ଷଣ ଦେଇଥିଲେ ।


ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ଉତ୍ସବକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

# ସିନାପାଲିରେ ବ୍ରଡବ୍ୟାଣ୍ଡ ସେବା ବିପର୍ଯ୍ୟସ୍ତ

**ସିନାପାଲି,୧୧।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳରେ ଦୀର୍ଘଦିନ ହେଲା ବିଏସ୍‌ଏନ୍‌ଏଲ୍ ବ୍ରଡ୍‌ବ୍ୟାଣ୍ଡ ସେବା ବ୍ୟାହତ ହୋଇଛି । ଫଳରେ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ସରକାରୀ କାର୍ଯ୍ୟାଳୟରେ ଅନ୍‌ଲାଇନ୍ କାର୍ଯ୍ୟ ଠପ୍ ହୋଇଯାଇଛି। ତହସିଲ ଅଫିସରେ ବିଶେଷ ଅସୁବିଧା ହେଉଥିବା ଜଣାପଡିଛି। ଲୋକମାନେ ପଟ୍ଟା, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ନିବାସ ପ୍ରମାଣପତ୍ର ପାଇବା ପାଇଁ ଆବେଦନ କରିଥିଲେ ମଧ ନେଟ୍ ସମସ୍ୟା ଯୋଗୁ ଆବେଦନକାରୀମାନେ ପାଇପାରୁନାହାନ୍ତି। ଫଳରେ ବିଭିନ୍ନ କାର୍ଯ୍ୟରେ ଆବଶ୍ୟକ କାଗଜାତ୍ ପ୍ରସ୍ତୁତିରେ ବିଳମ୍ବ ହେଉଥିବା ଜଣାପଡିଛି ।

# ଧର୍ମଗଡ଼ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

**ଧର୍ମଗଡ,୧୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ଶୁକ୍ରବାର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ପାଳିତ ହୋଇଯାଇଛି । ଏନଏସି ଅଧ୍ୟକ୍ଷା ସୁଶ୍ରୀ ହୀରା ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟ ପଟ୍ଟନାୟକ ଯୋଗଦେଇ କଳାହାଣ୍ଡି ଉତ୍ସବ ଯୋଗୁ ଆଜି ଅନେକ ଗ୍ରାମାଞ୍ଚଳର ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଲୋକଲୋଚନକୁ ଆସି ପାରିଛନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ, ସମ୍ମାନିତ ଅତିଥି ଭାବେ କେମିଷ୍ଟ ସଂଘ ସଭାପତି ହୃଷୀକେଶ ମିଶ୍ର, ଜଗନ୍ନାଥ ସେବାସମିତି ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଧର୍ମଗଡ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ଅଧ୍ୟାପକ ସଞ୍ଜୀବ ମୁଣ୍ଡ, କ୍ଷିରୋଦ ବାଗ, ମଦନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ଉପାଧ୍ୟକ୍ଷ ଅଶୋକ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଅଧ୍ୟାପକ ଲିଙ୍ଗରାଜ ପାତ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ । ନିରଞ୍ଜନ ମୁଦୁଲି ଓ ମାଧବ ଲହଜଲ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଧର୍ମଗଡଠାରେ ଆୟୋଜିତ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି।

# ମୋହନଗିରି ହାଇସ୍କୁଲର ବାର୍ଷିକ ଉତ୍ସବ

**ମୋହନଗିରି,୧୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମୋହନଗିରି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ୧୧ ତାରିଖରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ବିଦ୍ୟାଳୟ ଭରପ୍ରାପ୍ତ ପ୍ରଧାନଶିକ୍ଷକ ଦୀନବନ୍ଧୁ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ କଳାହାଣ୍ଡି ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ବିଜୟ କୁମାର ସିଂ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଜିଲା ଶରିରୀକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ମୋହନଗିରି ସରପଞ୍ଚ ବଳଭଦ୍ର ପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଖିରସିନ୍ଧୁ ନାଏକ ଯୋଗଦେଇ ଥିଲେ। ସ୍କୁଲର ବାର୍ଷିକ ବୀବରଣୀ ସହ ମଞ୍ଚ ପରିଚାଳନା ବରିଷ୍ଠ ଶିକ୍ଷକ ବିଶ୍ୱନାଥ ହୋତା କରିଥିଲେ। ସଭାରେ ଗତ ଡିସେମ୍ବର ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡା ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଇଚ୍ଛାପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

**ଭବାନୀପାଟଣା,୧୧।୧(ଡି.ଏନ.ଏ.)**

ସଦର ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବବିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ, ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଏସ୍.ପି. ମନୋଜ କୁମାର ମହାନ୍ତ, ନାବାର୍ଡର ଡିଡିଏମ ମଳୟ କୁମାର ମେହେର, ମୁଖ୍ୟବକ୍ତା ଭାବେ ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ ଓ ଅନ୍ୟତମ ଅତିଥି ଭାବେ କୃଷ୍ଣଚନ୍ଦ୍ର ମିଶ୍ର, ସଦରଥାନା ଆଇଆଇସି ପ୍ରଦୀପ କୁମାର ଧରୁଆ ଓ ବିଦ୍ୟାଳୟ ଶିକ୍ଷା କମିଟି ଅଧକ୍ଷ ଶୂନ୍ୟ ମଙ୍ଗରାଜ ଉପସ୍ଥିତ ଥିଲେ। ଜୀବନର ପ୍ରଥମ ଅବସ୍ଥାରୁ ପ୍ରାଥମିକ ବିଦ୍ୟାଳୟରୁ ହିଁ ଶିକ୍ଷା ଲାଭ ଆରମ୍ଭ ହୋଇଥାଏ । ଏହି ଶିକ୍ଷାର ମୂଳଦୁଆ ଏତେ ଦୃଢ ଯେ ସମାଜରେ ଜଣେ ବିଦ୍ୟାର୍ଥୀଙ୍କୁ ଉତ୍ତମ ମଣିଷ ଭାବେ ଏହି ଶିକ୍ଷା ହିଁ ପରିଚିତ କରାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏଥିସହ ଛାତ୍ରଛାତ୍ରୀମାନେ ସାମ୍ପ୍ରତିକ ସମୟ ସହ ତାଳଦେଇ ବିଜ୍ଞାନଭିତ୍ତିକ ଶିକ୍ଷାପ୍ରତି ଅଧିକ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ଶିକ୍ଷା ଓ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶେଶ୍ୱର ରଥ, ଲୋକନାଥ ମିଶ୍ର, ପଦ୍ମନାଭ ବାରିକ ଏବଂ ମହିଳା ସ୍ୱେଚ୍ଛାସେବୀ ନିରବତୀ ବେନୁଆଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରିଥିଲା ବେଳେ ଗ୍ରାମର ମହିଳା ଗୋଷ୍ଠୀ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ମହାନ୍ତିଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟରେ ଶିକ୍ଷା ତଥା କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭ କାର୍ଯ୍ୟକୁ ସିଆରସିସି ଜଗନ୍ନାଥ ଦାଶ ସଂଯୋଜନା କରିଥିଲେ। ଅପରାହ୍ନରେ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅବସର ପ୍ରାପ୍ତ ଡିଏସ୍‌ଡବ୍ଲୁଓ ସଂଘମିତ୍ରା କାନୁନ୍‌ଗୋ, ଅବସରପ୍ରାପ୍ତ ଶିକ୍ଷକ ସନାତନ ମିଶ୍ର, ଗୁଡିଆଳିପଦର ସରପଞ୍ଚ ସୁଇ ସୁନା, ଉଦେପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଶବର, ଶିକ୍ଷକ ରବିନ୍ଦ୍ର କାନୁନ୍‌ଗୋ, ସମିତିସଭ୍ୟ ବିମଳା ନାଏକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବା ସହ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରଛତ୍ରୀମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତିଙ୍କ ଦ୍ୱାରା ଲିଖିତ କ୍ଷୁଦ୍ର ନାଟିକା 'ରମା ନୁହେଁ ସେ ରମା ଦେବୀ' ପରିବେଷଣ କରି ଛାତ୍ରଛାତ୍ରୀମାନେ ଉପସ୍ଥିତ ଦର୍ଶକମାନଙ୍କୁ ଅଭିଭୂତ କରିଦେଇଥିଲେ। ସାଂସ୍କୃତିକ ବିଚିତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ବସୁମତୀ ସାହୁ, ଅନୁପମା ଶିଶୁ, ସୁବାସିନୀ ପଟ୍ଟନାୟକ ଓ ମାନସୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



ଇଚ୍ଛାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ




କେସିଙ୍ଗା ବ୍ଲକ ପଞ୍ଚାୟତସ୍ତରୀୟ ଉତ୍ସବରେ ଅଂଶ ଗ୍ରହଣ କରିଥିବା ଅତିଥିଙ୍କ ସମ୍ମୁଖରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ (ବାମ)। ନର୍ଲା ବ୍ଲକ୍ ପଞ୍ଚାୟତସ୍ତରୀୟ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

**କେସିଙ୍ଗା,୧୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା- ୨୦୧୯ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତରେ ଶୁକ୍ରବାର ଉଦଯାପିତ ହୋଇଯାଇଛି । ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୧ ତାରିଖ ଶୁକ୍ରବାର ଶେଷ ହୋଇଯାଇଛି । ଉଦଯାପନୀ ଉତ୍ସବରେ କେସିଙ୍ଗା ବ୍ଲକ ବାଲସି ଗ୍ରାମପଞ୍ଚାୟତରେ ସରପଞ୍ଚ ଚୁଡାମଣି ମାଝିଙ୍କ ସଭାପତିତ୍ୱରେ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଆନନ୍ଦ ମହାନନ୍ଦଙ୍କ ସହଯୋଗରେ ମଶାଳ ଯାତ୍ରା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ବିଦ୍ୟାଳୟ ସଭାପତି ତଥା ସାମାଜିକ କର୍ମୀ ପଦ୍ମନାଭ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସିର୍ଜାପାଲି ଗ୍ରାମପଞ୍ଚାୟତ ଆଖପାଖ ଅଞ୍ଚଳର ସମସ୍ତ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦାନ କରିଥିଲେ। ଉକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ମଧ ଯୋଗଦାନ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ସମ୍ବଲପୁରୀ, ଡିବେଟ, ରଚନା, ସାଧାରଣ ଜ୍ଞାନ, ହୁଳହୁଳି, ଶଙ୍ଖ, ଗଣଦୌଡ ଆଦି ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କାର ବଣ୍ଟନ କରିଥିଲେ ।

**ନର୍ଲା,୧୧।୧(ଡି.ଏନ.ଏ.)** ସେହିପରି ନର୍ଲା ବ୍ଲକ୍‌ର ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଗତ ୪ ତାରିଖରୁ ଆରମ୍ଭ ହୋଇ ଗୁରୁବାର ସମ୍ପନ୍ନ ହୋଇଯାଇଛି। ରୁପ୍ରାରୋଡ ସରପଞ୍ଚ ଚିତ୍ତରଞ୍ଜନ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ୍ ଅଧକ୍ଷା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଉପାଧକ୍ଷ ମୁନ୍ନା ଭାଇ, ସମିତି ସଦସ୍ୟ କିଶୋର ଚନ୍ଦ୍ର ଭୋଇ, ରୁପ୍ରାରୋଡ ପ୍ୟାକ୍ସ ସଭାପତି ଦେବରାଜ ମାଝି, ରୁପ୍ରାରୋଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃନ୍ଦାବନ ପଧାନ, ନାଏବ ସରପଞ୍ଚ ଡଲି ମାଝି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ଶରତ ଭୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅନୀଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ର ଓ ମହିଳା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପଞ୍ଚାୟତର ବିଭିନ୍ନ ବ୍ୟକ୍ତିଙ୍କୁ ମଧ ଏହି ଅବସରରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ ସମ୍ବଲପୁରୀ ଡ୍ୟାନସ୍‌ରେ ଦର୍ଶକ ଝୁମିଥିଲେ। ବଲାଙ୍ଗୀର ଲୋଇସିଙ୍ଗାରୁ ଆସିଥିବା ଦୁଲଦୁଲି ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ପିଇଓ ନାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବାଇକ ଦୁର୍ଘଟଣା, ଜଣେ ମୃତ

**ଖପ୍ରାଖୋଲ, ୧୧।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ-ହରିଶଙ୍କର ରାସ୍ତାର ବାଲି ଯୋର ଛକ ନିକଟରେ ଗଛରେ ପିଟି ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଏକ ମୃତଦେହ ଶୁକ୍ରବାର ସକାଳେ ଖପ୍ରାଖୋଲ ଥାନା ପୋଲିସ ଉଦ୍ଧାର କରିଛି । ପାରିପାର୍ଶ୍ୱିକ ସ୍ଥିତିରୁ ଗୁରୁବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ବାଇକ ଆରୋହୀ ଜଣକ ତେନ୍ତୁଳି ଗଛରେ ବାଡେଇ ହେବା ପରେ ମୁଣ୍ଡରେ ଗଭୀର କ୍ଷତ ସହ ରକ୍ତସ୍ରାବ ଯୋଗୁଁ ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି । ମୃତ ବ୍ୟକ୍ତି ଜଣକ ନାନ୍ଦୁପଲା ପଞ୍ଚାୟତ ଅଧୀନ କୁଠୁର୍ଲା ଗାଁର ବୀର ସୁନା (୩୦)। ସକାଳୁ ପୋଲିସ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ଭାଇର ଅଭିଯୋଗ ଅନୁସାରେ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ. ୪/୧୯)ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଘଟଣାସ୍ଥଳରୁ ପୋଲିସ ଦୁର୍ଘଟଣାଗ୍ରସ୍ତ ସିଡି ଡିଲକ୍ସ ବାଇକ ଜବତ କରିଛି।

### ଟେଣ୍ଟ ହାଉସ୍ ମାଲିକ ସଂଘର ବାର୍ଷିକ ସମ୍ମିଳନୀ

**ଖପ୍ରାଖୋଲ, ୧୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ପାଟିମାଲଠାରେ ବ୍ଲକସ୍ତରୀୟ ଟେଣ୍ଟ ହାଉସ ମାଲିକ ସଂଘର ବାର୍ଷିକ ସମ୍ମିଳନୀ ଶୁକ୍ରବାର ସଂଘ ସଭାପତି ବିକାଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ଆଗାମୀ କାର୍ଯ୍ୟପନ୍ଥା, ଗରିବ ପରିବାରକୁ ସହାୟତା ସହିତ ସଂଗଠିତ ହୋଇ ରହିବାକୁ ଆଲୋଚନା ହୋଇଥିଲା। ବୈଠକରେ ବିଗତ ଦିନର ଆୟବ୍ୟୟ ନେଇ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ସଂଘ ଉପସଭାପତି ସୀତାରାମ ମେହେର, ରବିନ୍ଦ୍ର ଗଡତିଆ, ବାଙ୍କ ବିହାରୀ ନାଏକ, ପଣ୍ଟୁ ପୁଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ପାତ୍ର, ତେଜରାଜ ଦଣ୍ଡସେନା, ସାମାଜିକ ପୁଟେଲ, ଦୁର୍ଗାଦତ୍ତ ମେହେର, ଅନୀଲ ନିଆଲ, ରଞ୍ଜନ ସାହୁ, ରାଜକିଶୋର ନାଏକ, ବୁଲୁ ସାହୁ, ସର୍ଜିତ ସାହୁ, ସୌଦା ପୁଟେଲ, ଡିଲେଶ୍ୱର ବିଶ୍ୱାଳ, ପ୍ରମୁଖ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

ଉଦ୍‌ଘାଟନର ୪ ମାସ ବିତିଛି

# ଓଭରହେଡ ଟାଙ୍କିରୁ ପାଣି ଝରୁଛି

**ଲୋଇସିଂହା,୧୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ସାପ୍ତାହିକ ବଜାରଠାରେ ନିର୍ମାଣାଧୀନ ଓଭରହେଡ ଟାଙ୍କିରୁ ପାଣି ଝରୁଛି । ଗତ ସେପ୍ଟେମ୍ବର ମାସରେ ଖାଦ୍ୟ ଯୋଗଣ ଓ ଖାଉଟି ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନର ୪ମାସ ମଧ୍ୟରେ ଟାଙ୍କିରୁ ପାଣି ଝରିବାରୁ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଛି ।

ଲୋଇସିଂହା ବସ୍ତିର ଜଣସାଧାରଣଙ୍କୁ ନିରନ୍ତର ଓ ଶୁଦ୍ଧ ପିଇବା ପାଣି ଯୋଗାଣ ପାଇଁ ଜଳ ଓ ପରିମଳ ବିଭାଗ ପକ୍ଷରୁ ସ୍ଥାନୀୟ ସାପ୍ତାହିକ ବଜାରରେ ଦେଢଲକ୍ଷ କ୍ଷମତା ବିଶିଷ୍ଟ ଓଭରହେଡ ପାଣି ଟାଙ୍କି ନିର୍ମାଣ ହୋଇଛି । ଗତ ୨ ସେପ୍ଟେମ୍ବର ୨୦୧୮ରେ ଏହି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ମନ୍ତ୍ରୀ ପାତ୍ର ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବଲାଙ୍ଗିରେ ଏମପି କଳିକେଶ ନାରାୟଣ ସିଂଦେଓ, ବିଧାୟକ ଯୋଗେନ୍ଦ୍ର ବେହେରା ଓ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା କାନ୍ତା ସେଠ ଓ ଉପାଧ୍ୟକ୍ଷ ଯତିନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକ ସଦର ମୁଖ୍ୟାଳୟ ଲୋଇସିଂହା ସହରରକୁ ଫାସଡସ୍ଥିତ ସୁକତେଲ ନଦୀରୁ ପାଣି ଯୋଗାଣ ହୋଇ ଆସୁଛି । ପୂର୍ବରୁ ସ୍ଥାନୀୟ ଆରଡବ୍ଲୁଏସଏସ ଅଫିସ ପରିସରର ପାଣି ଟାଙ୍କିରୁ ବସ୍ତିକୁ ଜଳ ଯୋଗାଣ କରାଯାଉଥିଲା । ପାଣି ଟାଙ୍କି ବସ୍ତିରୁ ପ୍ରାୟ ୨କମି ଓ ବସ୍ତି ମଧ୍ୟକୁ ବିଛା ଯାଇଥିବା ପାଇପ ଛୋଟ ହୋଇଥିବାରୁ ଲୋଇସିଂହା ସହରର ଅନେକ ବସ୍ତିକୁ ଠିକ୍ ଭାବରେ ଜଳ ଯୋଗାଣ ହୋଇ ପାରୁ ନ ଥିଲା । ଏହାକୁ ନେଇ ଅନେକ ସମୟରେ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥାଏ । ଗ୍ରୀଷ୍ମ ସମୟରେ ବସ୍ତିର ବହୁ ଲୋକ ଥାନା ସମ୍ମୁଖ କିମ୍ବା ଫାଟକ ନିକଟ ଷ୍ଟାଣ୍ଡପୋଷ୍ଟକୁ ପାଣି ସଂଗ୍ରହ କରିବାକୁ ଆସି ହଇରାଣ ହେଉଥିଲେ । ଏହି ସମସ୍ୟାକୁ ଏଡାଇବା ଓ ବସ୍ତି ଲୋକଙ୍କୁ ପର୍ଯ୍ୟାପ୍ତ ପାଣି ଯୋଗାଇବା ଲକ୍ଷ୍ୟରେ ଓଭରହେଡ ପାଣି ଟାଙ୍କିର ଶିଳାନ୍ୟାସ ବିଧାୟକ ଯୋଗେନ୍ଦ୍ର ବେହେରାଙ୍କ ଦ୍ୱାରା ହୋଇଥିଲା । ପାନୀୟ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପ ନିର୍ମାଣ ପରେ ଗତ ଖରା ସମୟରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିଲା । ହେଲେ ଏତେ କମ ଦିନରେ ଟାଙ୍କିରୁ ପାଣି ଝରିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟଙ୍କୁ ପଚାରିବାରୁ ପୂର୍ବରୁ ହେଉଥିବା ଲିକ୍‌କୁ ମରାମତି କରାଯାଇଥିଲା। ଏବେ ଯଦି ପୁଣି ଲିକ୍ ହେଉଥାଏ, ତେବେ ଅନୁଧାନ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଲିକ୍ ହୋଇ ପାଣି ଝରୁଥିବା ନବନିର୍ମିତ ଓଭରହେଡ ପାଣି ଟାଙ୍କି।

**ଲୋଇସିଂହା ସାପ୍ତାହିକ ବଜାର**
- ଟାଙ୍କିର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କହିଲେ ଅନୁଧାନ କରାଯାଇ ପଦକ୍ଷେପ ନିଆଯିବ




ଶୋଭାଯାତ୍ରାରେ ବିଜୁ ଯୁବ ବାହିନୀ ସଦସ୍ୟ ।

# ବାଲ୍ୟ ବିବାହ ନିରାକରଣ ନେଇ ସଚେତନତା

**ଟିକ୍ରାପଡା,୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାନ୍ଧୁପଲାଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ବାଲ୍ୟ ବିବାହ ନିରାକରଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ସଭାପତି ସୁଦନ ବଗର୍ତ୍ତି, ସମ୍ପାଦକ ଧନୟ କୁମ୍ଭାର ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସଚେତନତା ଶୋଭାଯାତ୍ରା କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା ।

# ପାଟଣା କପ: ବିଶାଖାପଟନମ ସେମିରେ

**ପାଟଣାଗଡ, ୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଚାଲିଥିବା ୧୮ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ-୧୯ର ପୁଲ 'ବି'ର ଦ୍ୱିତୀୟ ମ୍ୟାଚ ଶୁକ୍ରବାର ବିଳାସପୁର ଏବଂ ବିଶାଖାପାଟନାମ ମଧରେ ଅନୁଷ୍ଠିତ ହୋଇଥିଲା। ବିଳାସପୁର ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୨୮ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସନି ପାଣ୍ଡେ ୬୪ ବଲରେ ସର୍ବାଧିକ ୫୯ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ବିଶାଖପାଟନାମ ଦଳ ୨୬.୪ଓଭରରେ ୪ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଛି। ବିଶାଖାପାଟନାମ ଦଳ ପକ୍ଷରୁ ବିଜୟ ୭୧ ବଲରେ ୭୦ ରନ କରି ନଟଆଉଟ ରହିଥିବା ବେଳେ ଚନ୍ଦ୍ରଶେଖର ରାଜା ୩୯ ବଲରେ ୪୬ ରନ ସଂଗ୍ରହ କରିଥିଲେ। ଆଜିର ଖେଳରେ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ବିଜୟ। ମୁଖ୍ୟ ଅତିଥିଭାବେ କ୍ରୀଡାବିତ୍ ରାମଚନ୍ଦ୍ର ବାଗ ଏବଂ ଅଲେଖ ପାଣିଗ୍ରାହୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିମାନେ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ବିଜୟଙ୍କୁ ପୁରସ୍କୃତ କରୁଛନ୍ତି।

ଦେଓଗାଁକୁ ଏନଏସି ଘୋଷଣା ପ୍ରସଙ୍ଗ

## ତହସିଲ, ବ୍ଲକକୁ ତଥ୍ୟ ମାଗିଲେ ଉପଜିଲାପାଳ

**ଦେଓଗାଁ,୧୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁକୁ ଏନଏସି ମାନ୍ୟତା ଦାବିଜୋରଧରିବାକୁଲାଗିଛି।ଏ ସଂକ୍ରାନ୍ତରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଦେଓଗାଁ ତହସିଲ ଓ ବ୍ଲକକୁ ବିଭିନ୍ନ ତଥ୍ୟ ମଗାଯାଇଥିବା ଜଣାପଡିଛି। ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୫୭୯୪/ ତା ୧୯।୧୧।୧୮ରିଖରେ ତଥ୍ୟ ପ୍ରଦାନ କରିବାକୁ ଦେଓଗାଁ ତହସିଲଦାର ଓ ବିଡିଓଙ୍କୁ ଚିଠି କରାଯାଇଛି । ବ୍ଲକ ମୁଖ୍ୟାଳୟ ସହ ଏହି ପଞ୍ଚାୟତ ମୁଖ୍ୟାଳୟ ଉପରେ ବ୍ଲକ ଅଧୀନ ସମସ୍ତ ଗାଁ ନିର୍ଭରଶୀଳ ଥିବାରୁ ଏହାକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିବା କଥା ବୋଲି ଗ୍ରାମ୍ୟ ଉନ୍ନୟନ କମିଟି ଓ ବଣିକ ସଂଘ ଦାବି କରିବା ସହ ପ୍ରଶାସନିକ କାର୍ଯ୍ୟ ଆରମ୍ଭକୁ ସ୍ୱାଗତ କରିଛି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଟିକୁନୁ ପୁଟାଙ୍କୁ ପଚାରିବାରୁ ଦେଓଗାଁକୁ ଏନଏସି ମାନ୍ୟତା ପାଇଁ କି ତଥ୍ୟ ଆବଶ୍ୟକ ତାହା ଦେବା ପାଇଁ ଉପଜିଲାପାଳଙ୍କଠାରୁ ଚିଠି ଆସିଛି । ଆମେ ସମସ୍ତ ତଥ୍ୟ ସଂଗ୍ରହ କରି ଉପରିସ୍ଥ ଅଧିକାରୀଙ୍କୁ ପଠାଇବୁ ବୋଲି କହିଥିଲେ ।




ଦୁଇ ଦଳର ଖେଳାଳିଙ୍କ ସହ ଅତିଥି ବୃନ୍ଦ।

# ଫୁଟବଲ ଟୁର୍ନାମେଣ୍ଟ : ନୂଆପଡ଼ା ବିଜୟୀ

**ଗୁଡଭେଲା,୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅର୍ନ୍ତଗତ ନୂଆପଡା ହାଇସ୍କୁଲ ଖେଳ ପଡ଼ିଆରେ ଗତ ୭ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ସେବା କପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଅମାମୁଣ୍ଡା ଓ ନୂଆପଡା ଦଳ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ ଗୋଲରେ ନୂଆପଡା ବିଜୟୀ ହୋଇଥିଲା। ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ମୁଖ୍ୟ ଅତିଥି ଓ ତୁଷୁରା ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ବିଜୟୀ ନୂଆପଡା ଦଳକୁ ଟ୍ରଫି ସହ ୯୯୯୯ ଟଙ୍କା ଓ ରର୍ନସ ଅପ ଅମାମୁଣ୍ଡା ଦଳକୁ ଟ୍ରଫି ସହ ୬୬୬୬ଟଙ୍କା ପ୍ରଦାନ କରାଯାଇଥିଲା । ଦେବାଶିଷ ବାଗ, ପ୍ରଫୁଲ୍ଲ ବଗର୍ତ୍ତି ଓ ସଞ୍ଜୀବ ମହାରଣା ଖେଳ ପରିଚାଳନା କରିଥିଲେ।

# ଖର୍ସେଲବାଞ୍ଜି କପ ଫୁଟବଲ: ଘୁଚିପାଲି, ଲୁଟୁକିବନ୍ଧ ସେମିରେ

**ଟିକ୍ରାପଡା,୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଓ ଭାଗବତ କଳାବିକାଶ ପରିଷଦ ଆନୁକୂଲ୍ୟରେ ଦ୍ୱାଦଶ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । କମିଟି ସଭାପତି ଜୟରାମ ମାଝୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ହରିଶ୍ଚନ୍ଦ୍ର ବାଗଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ଭାଜପା ନେତା ମହେନ୍ଦ୍ର ଠାକୁର, ଜିଲା ପରିଷଦ ସଭ୍ୟା କଳ୍ପନା ଚୌହାନ, ସ୍ଥାନୀୟ ସରପଞ୍ଚ ବଜ୍ରଙ୍ଗଲାଲ ଜୈନ, ସମିତି ସଭ୍ୟ ଅନନ୍ତ କାଲସାଏ, ଆଇନଜୀବୀ ବିଶ୍ୱନାଥ ସୁଆର, କ୍ରୀଡାବିତ ଘନଶ୍ୟାମ ପୋଢ ଅତିଥି ଭାବେ ଯୋଗ ଦେଇଥିଲେ । ଡଙ୍ଗରପଡା ଦଳ ଓ ଘୁଚିପାଲି ଦଳ ମଧରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଡଙ୍ଗରପଡା ଦଳକୁ ୪-୨ ଗୋଲରେ ହରାଇ ଘୁଚିପାଲି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା । ଦ୍ୱିତୀୟ କ୍ୱାର୍ଟରଫାଇନାଲ ଖେଳରେ ଫପସିକୁ ୧-୦ ଗୋଲରେ ହରାଇ ଲୁଟୁକିବନ୍ଧ ସେମିରେ ପ୍ରବେଶ କରିଥିଲା । ଶମ୍ଭୁଦତ୍ତ ମିଶ୍ର, ମଗଶିର ମଲ୍ଲିକ, ଅଚ୍ୟୁତାନନ୍ଦ ପୁରୋହିତ, ରାଜିନ୍ଦ୍ର ମାଝି ଖେଳ ପରିଚାଳନା କରିଥିଲେ । ପୁର ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ ।

ଚିକିତ୍ସା ଲାଗି ଟଙ୍କା ବାଧକ

# ସାହାଯ୍ୟ ଅପେକ୍ଷାରେ କର୍କଟ ପୀଡ଼ିତ

**ଖପ୍ରାଖୋଲ, ୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଁଚେଟ୍ର ସାନଉଡେନ ଗାଁର ଟିକେରାମ ତାଣ୍ଡିଙ୍କର ପୁଓ ମନୋରଞ୍ଜନ(୩୦) କର୍କଟ ରୋଗ୍‌ରେ ପୀଡ଼ିତ ଅଛନ୍। ଗଲା ୭ ମାସ ତଲେ ତାକର ଗୁଁଡ଼େ ଆର ଜିଭେ କର୍କଟ ରୋଗ୍ ହେଇଥିବାର ଜନାପଡ଼ିଥିଲା। ସେଦିନ୍‌ଠାନୁ ପରିବାର ଲୋକ୍ ଧାର ଉଧାର, ଲାଗ ବରମସ କରି ତାକର ଚିକିତ୍ସା କରଉଛନ୍। ହେଲେ ଟଁକା ପଏସା ଅଭାବୁ ଠିକ୍‌ସେ ଚିକିତ୍ସା କରେଇ ନାଇଁପାରବାର ଲାଗି ରୋଗ୍ ଦିନୁ ଦିନ୍‌କେ ବଢ଼ତେଲ ଯାଉଛେ। ଏନ୍‌ତାକି ଗୁଁଡ଼ ବାଟେ ଖାଇ ନାଇଁପାରବାର ଲାଗି ତାହାକୁ ପାଇପ୍‌ରେ ନାକ୍‌ବାଟେ ତରଲ ଖାଏଦ୍ ଦିଆଯାଉଛେ।

ମା'ବାପ୍, ମାଏକିନା ଆର ଗୁଟେ ବଛର୍‌ର ପୁଓକେ ନେଇ ମନୋରଞ୍ଜନଙ୍କଁର ପରିବାର। ପରହର ଘରେ କାମବୁତା କରି ହଁସ୍‌ଖୁସିରେ ପରିବାର ଚଲିଯାଉଥିଲେ। ହେଲେ ଦଇବ ନାଇଁ ସହିଲା। ସାତ ମାସ ତଲେ ଜିଭେ ଘା' ହେଲା। ମନୋରଞ୍ଜନ ଇତାକେ ହଲକା ହିସାବେ ନେଲେ। ହେଲେ ଘା'ର ଦରଜ୍ ବଢ଼ତେଲ ଗଲାରୁ ସେ ଖପ୍ରାଖୋଲ, ପାଟଣାଗଡ଼ ଆର ଜିଲା ଡାକ୍ତରଖାନାରେ ଦେଖେଇ ଉଷୋ ଖାଏଲେ। ହେଲେ ସେଥିରେ ବି ନାଇଁ କମ୍‌ଲା। ଶେଷେ ମନୋରଞ୍ଜନ ଧାର ଉଧାର କରି ଗଲା ଜୁନ ମାସେ ବିଶାଖାପାଟଣା ସେଭେନ ହିଲ ଡାକ୍ତରଖାନାକେ ଚିକିତ୍ସା ଲାଗି ଯାଇଥିଲେ। ସେଠାନେ ଡାକ୍ତର ପରୀକ୍ଷା ନିରୀକ୍ଷା କରି କ୍ୟାନସର ହେଇଥିବାର କହେଲେ। ଅପରେଶନ ନିହାତି ଦରକାର ଆର ଇଥିର ଲାଗି ୨ ଲାଖ୍ ୭୦ ହଜାର ଟଁକା ଦରକାର ବଲି କହିଥିଲେ। ଇ କଥା ଶୁନି ପରିବାର ଉପରେ ଅକାଲ ଚଡ଼କ ପଡ଼ିଥିଲା। ଟଁକା ପଏସା ଅଭାବୁ ସେଠାନୁ ସେ ଘରକେ ଫିରି ଆଏଲେ। ଭଲ ହେବାର ଆଶ୍‌ରେ ମନୋରଞ୍ଜନ ଭିନେ ଭିନେ ଡାକ୍ତରଖାନା ବୁଲି ଶେଷେ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନାରେ ପୁହୁଁଚିଲେ। ସେଠାନେ ତରଲ ଖାଏଦ୍ ଖାଏବାର ଲାଗି ନାକେ ପାଇପ୍ ଖଁଜା ଗଲା ଆର ଦୁଇଟା କେମୋ ବି ନେଲେ। ହେଲେ ଟଁକା ପଏସା ଅଭାବୁ ରାଜଧାନୀରେ ରହି ଚିକିତ୍ସା କରାବାର ତାକର ପକ୍ଷେ ସମ୍ଭବ ନାଇଁ ହେଲାରୁ ଗଲା ୩ ତାରିଖ୍ ସେ ଘରକେ ଫିରିଆସିଛନ୍। ଏନ୍‌ତାଥି ମନୋରଞ୍ଜନର ସାଂଗ୍‌ସାଥି ୩୫ ହଜାର ଟଁକା ଠୁଲେଇ ଦେଇଥିଲା ବେଲେ ପରଶାସନ ତରଫୁ ଟଁକାଟେ ସାହାଯ୍ ନାଇଁ ପାଇଥିବାର ପରିବାର ଲୋକ୍ ଅଭିଯୋଗ କରିଛନ୍। ମାସେ ତଲେ ଖପ୍ରାଖୋଲରେ ହେଇଥିବାର ଜିଲାପାଲକଁର ଅଭିଯୋଗ ଶୁନାନିରେ ମନୋରଞ୍ଜନ ଚିକିତ୍ସା ସାହାଯ୍ ଲାଗି ଗୁହାରି କରିଥିଲେ। ହେଲେ ତାହାକୁ ଜିଲାପାଲକଁର ଦପ୍‌ତର୍‌କେ ଯିବାକେ କୁହାଯାଇଥିଲା। ସେ ହିସାବେ ମନୋରଞ୍ଜନ ଜିଲାପାଲକୁଁ ଭେଟବାର ଲାଗି ବଲାଙ୍ଗୀର ଯାଇଥିଲେ ବି ଭେଟ ନାଇଁପାଇ କରି ନିରାଶ ହେଇ ଘରକେ ଫିରିଥିଲେ। ଏନ୍‌ତା ପରିସ୍ଥିତିରେ ମନୋରଞ୍ଜନର ଚିକିତ୍ସା ସାହାଯ୍ ଲାଗି କେହେନ୍‌ସି ସହୃଦ୍ ଲୋକ୍, ଅନୁଷ୍ଠାନ, ପରଶାସନ ସହଯୋଗ କରବାକେ ବାପା ଟିକେରାମ, ମାଏକିନା ସସ୍ମିତା ଆକୁଲ୍‌ବିକୁଲ୍ ହେଇ ନିବେଦନ କରିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣି ସୁନାକୁଁ ପଚରାଲାରୁ ମନୋରଞ୍ଜନଙ୍କର ସମସିଆ ବାବ୍‌ଦେ ଜାନିଛେଁ, ତାହାକୁ ରେଡକ୍ରସ ପାଣ୍ଠିରୁ ସାହାଯ୍ ଯୁଗେଇ ଦେବାର ସଂଗେ ଉଚ କର୍ତ୍ତୁରପକ୍ଷଙ୍କର ସଂଗେ ଆଲୋଚନା କରମି ବଲି କହିଛନ୍।



ନିଜର ପରିବାର ସଂଗେ କର୍କଟ ପୀଡ଼ିତ ମନୋରଞ୍ଜନ।

## ଫଟୋରେ ଖବର






ବଲାଙ୍ଗୀର-ଖୋର୍ଦ୍ଧା ରେଳପଥକୁ ୪ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାକୁ ଥିବାବେଳେ ବଲାଙ୍ଗୀର ରେଳଷ୍ଟେଶନ୍‌ରେ ଜୋରସୋରରେ କାମ ଚାଲିଛି (ବାମ)। ୨୦୦୧ମସିହାରେ ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପ ଉଦ୍‌ଘାଟନ ସମୟର ଫଳକ ।(ଫଟୋ: ସୁନୀଲ)

# ସୁନା ଚୋରି ଘଟଣା, ୩ ଗିରଫ

**ପାଟଣାଗଡ, ୧୧।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବଡପଡାରୁ ଗତ ଡିସେମ୍ବର ୨୮ତାରିଖରେ ହୋଇଥିବା ଏକ ଚୋରି ଘଟଣାରେ ପାଟଣାଗଡ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଏଥି ସହିତ ଚୋରି ହୋଇଥିବା ସୁନା ଜବତ ହୋଇଛି। ଶୁକ୍ରବାର ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଦତ୍ତରାମ ରଣା, ରିଙ୍କୁ ପୃଷ୍ଟି ଓ ଦିଲୀପ ରାହା।

ସୂଚନା ଅନୁଯାୟୀ ଗତ ୨୮ତାରିଖ ଦିନ ବଡପଡାର ଗୋଲାପି ରଣାଙ୍କ ଘରୁ ତାଙ୍କ ପଡୋଶୀ ଦତ୍ତରାମ ରଣା ଏକ ଚେନ ଏବଂ କାନଫୁଲ ଚୋରି କରିଥିବା ଅଭିଯୋଗ ହୋଇଥିଲା। ପରେ ସେହି ସୁନାକୁ ସେ ପାଟଣାଗଡର ରିଙ୍କୁ ଏବଂ ଦିଲୀପଙ୍କୁ ବିକ୍ରି କରିବାକୁ ଦେଇଥିଲେ। ଦତରାମଙ୍କୁ ସନ୍ଦେହ କରି ଗୋଲାପି ବଡପଡାରେ ଏକ ସଭା ଡାକିଥିଲେ। ସୁନା ଚୋରି ସମ୍ପର୍କରେ ସେଠାରେ ଉପରୋକ୍ତ ୩ଜଣ ଯାକ ସ୍ୱୀକାର କରିଥିଲେ। ପରେ ଏ ନେଇ ଗୋଲାପି ଏହି ୩ଜଣଙ୍କ ନାମରେ ପାଟଣାଗଡ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ଦଫା ୩୮୦, ୪୫୪ରେ ଏକ ମାମଲା(ନଂ. ୬/୪।୧।୧୯) ରୁଜୁ କରି ପୋଲିସ ସେହି ୩ ଜଣଙ୍କୁ ଗିରଫ କରିଥିଲା। ଥାନାରେ ପଚରାଉଚରା ବେଳେ ଅଭିଯୁକ୍ତମାନେ ଚୋରି ସୁନା ଚେନକୁ ଚୂଡାପାଲିର ଗଣେଶ ମେହେର ଏବଂ କାନଫୁଲକୁ ପାଟଣାଗଡର ଗୋକୁଳ ମେହେର ନାମକ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ସୂଚନା ଦେଇଥିଲେ। ଅଭିଯୁକ୍ତଙ୍କ ବୟାନ ଅନୁସାରେ ପୋଲିସ ସେମାନଙ୍କଠାରୁ ଚୋରି ସୁନା ସବୁ ଜବତ କରିଥିଲା। ଜବତ ସୁନାର ଓଜନ ପ୍ରାୟ ୧୫ଗ୍ରାମ ହେବ। ତେବେ ଗଣେଶ ଓ ଗୋକୁଳଙ୍କଠାରୁ ସୁନା ଜବତ ପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନା ଆଇଆଇସି ବାରେଣୀ ଦାସଙ୍କୁ ପଚାରିବାରୁ ଚୋରି ସୁନା ଜବତ ପରେ ନୋଟିସ ଦିଆ ଯାଇ ଉପରୋକ୍ତ ଦୁଇ ଜଣଙ୍କୁ ଛାଡି ଦିଆଯାଇଛି।



ଯେଉଁ ଲୋକ ତା'ର କର୍ତ୍ତବ୍ୟ ନିଷ୍ଠାପର ଭାବେ କରିଯାଉଛି,
ତାହାର ଅନ୍ୟ ବିରୋଧରେ ଅଭିଯୋଗ ରହି ନ ପାରେ।
- ପିଥାଗୋରାସ୍

## ସଂକ୍ଷେପରେ

### ସଦର ବ୍ଲକଠାରେ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୧୧।୧(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକରେ ଗୁରୁବାର ବ୍ଲକସ୍ତରୀୟ ୨୩ ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଉଦ୍‌ଘାଟିତ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହାକୁ ସଦର ବ୍ଲକ ବିଧାୟକ ଅନାମ ନାଏକ ଉଦ୍‌ଘାଟନ କରିଥିଲେ। ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ କମିଟି ଆବାହକ ତଥା ବିଡିଓ ପ୍ରଭସଚନ୍ଦ୍ର ଦଣ୍ଡସେନା ମଶାଲ ଗ୍ରହଣ କରିବା ପରେ ଉତ୍ସବ ଆରମ୍ଭ ହେଲା ବୋଲି ବିଧାୟକ ଘୋଷଣା କରିଥିଲେ। ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାସ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଡିଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଦର ବ୍ଲକରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାମାନେ ଯୋଗଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜର କଳା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମ ହେବେ ସେମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ପରେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ହୋଇଥିଲା। ଏହି ସମାରୋହକୁ ଛବିନ୍ଦ୍ର ସାହୁ ଏବଂ ବାଲେଶ୍ୱର ନାଏକ ପରିଚାଳନା କରିଥିଲେ।

ଜୁନାଗଡ ବ୍ଲକ, ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ

# ସମ୍ବଲପୁରୀ, ସିଙ୍ଘମ ଡ୍ୟାନ୍ସ ମନମୋହିଲା

**ଜୁନାଗଡ,୧୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ହାଇସ୍କୁଲ ପଡିଆଠାରେ ଗତ ୯ ତାରିଖଠୁ ଚାଲିଥିବା ବ୍ଲକ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକ, ଜିଲା ଉନ୍ନୟନ ସଂସ୍ଥା ନିର୍ଦ୍ଦେଶକ ପ୍ରଶନ୍ନ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ଜୁନାଗଡ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ଲୁହା,ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର ଲୋକକଳା ଓ ସଂସ୍କୃତି ଆଜି ବିଶ୍ୱ ଦରବାରରେ ପରିଚିତ। ଏହାକୁ ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। କଳାହାଣ୍ଡି ଉତ୍ସବ ଉପଲକ୍ଷେ ହୋଇଥିବା ଉଭୟ ବାଳକ, ବାଳିକା ସାଇକେଲ ଚାଳନା, କବାଡି, ଓକିଲ ଓ ଖବରଦାତା ମଧ୍ୟରେ



କଳାହାଣ୍ଡି ଉତ୍ସବ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

**କଳାହାଣ୍ଡି ଲୋକକଳା ବିଶ୍ୱ ଦରବାରରେ ପରିଚିତ**

ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଓ ଉତ୍ସବରେ ଉତ୍ତମ ସ୍ୱେଚ୍ଛାସେବୀ ଭାବେ ଦାୟିତ୍ୱ ତୁଲାଇଥିବା କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଜୁନାଗଡ କଳା ବିକାଶ କେନ୍ଦ୍ରର କଳାକାରଙ୍କ ଦ୍ୱାରା ଓଡିଶୀ, ଭବାନୀପାଟଣା ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ, ଭବାନୀପାଟଣା ଭିଜନର ସମ୍ବଲପୁରୀ, ବଲାଙ୍ଗୀରର ଡାଲଖାଇ, ବାଙ୍କିର ସିଙ୍ଘମ ଡ୍ୟାନ୍ସ ଦର୍ଶକଙ୍କୁ ମନମୋହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଶାନ୍ତ ପାଢୀ, ବିନୟ ସାହୁ ଓ ବିରଞ୍ଚି ମୁଣ୍ଡ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ଧ ଆଗେ ଦୀପ,**
**ବଧିର ଆଗେ ଗୀତ ।**

ଅନ୍ଧ କିଛି ଦେଖିପାରି ନ ଥାଏ। ଦୀପର ଜ୍ୟୋତି ତା'ର ଅନ୍ଧତ୍ୱକୁ ପ୍ରଜ୍ୱଳିତ କରିପାରି ନ ଥାଏ। ସେହିପରି କାନକୁ ଶୁଭୁ ନ ଥିବା ବ୍ୟକ୍ତି ଆଗରେ ସଙ୍ଗୀତର ମୂର୍ଚ୍ଛନା ବ୍ୟର୍ଥ ସାବ୍ୟସ୍ତ ହୋଇଥାଏ। କାଲ ଆଗରେ ମୂଳା ଚୋବାଇବା ଭଳି ଏସବୁ ମୂଲ୍ୟହୀନ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅତିଥି ପୂଜଇ ଯେ ଭାଗ୍ୟବନ୍ତ ଜାଣ,**
**ତାହା ସରି ଭାଗ୍ୟବନ୍ତ ନାହିଁ ସଂସାରେଣ ।**

ଅତିଥି ଦେବୋ ଭବଃ । ଆମ ସଂସ୍କୃତିରେ ଅତିଥିଙ୍କୁ ଉଚ୍ଚାସନ ଦିଆଯାଇଛି। ଅତିଥିଙ୍କୁ ଯିଏ ଦେବତା ଭଳି ପୂଜା କରନ୍ତି, ସମ୍ମାନ ଦିଅନ୍ତି ତାଙ୍କ ପ୍ରତି ଈଶ୍ୱର ପ୍ରୀତ ହୋଇଥାନ୍ତି। ଯଥାର୍ଥରେ ଏପରି ବ୍ୟକ୍ତି ହିଁ ସବୁଠାରୁ ବଡ଼ ଭାଗ୍ୟବନ୍ତ ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବ୍ଲକସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବ୍ଲକସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ ଖେଳାଳି ବୃନ୍ଦ ।

**କେସିଙ୍ଗା,୧୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବୋରିଆ ଗ୍ରାମରେ କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ର ଓ ସ୍ୱାମୀ ବିବେକାନନ୍ଦ କ୍ଲବର ମିଳିତ ଆନୁକୂଲ୍ୟରେ ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ନେହେରୁ ଯୁବ କେନ୍ଦ୍ର ଭବାନୀପାଟଣାର ଲେଖାପାଲ ଦ୍ୱିତୀୟା ବନଛୋରର ଉଦଘାଟନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗୀତାରେ କେସିଙ୍ଗା ବ୍ଲକର ବିଭିନ୍ନ ଗ୍ରାମର ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଚିର୍ତ୍ତାକର୍ଷକ ମ୍ୟାଚରେ କେରୋକୁଡା ଗ୍ରାମର ଦଳ ରନର୍ସ ହୋଇଥିଲେ ମଧ୍ୟ କେନାଲଟିକ୍ ଗୋଲରେ କେରୋକୁଡା ଦଳକୁ ହରାଇ ମାକ୍ରି ଗ୍ରାମର ଦଳ ୧-୦ରେ ବିଜୟୀ ଲାଭ କରିଥିଲେ । ଉଦଯାପନୀ ଉତ୍ସବରେ ସମସ୍ତ କାର୍ଯ୍ୟକ୍ରମକୁ କେସିଙ୍ଗା ବ୍ଲକ ଜାତୀୟ ସ୍ୱେଚ୍ଛାସେବୀ ବୃନ୍ଦ ସହଯୋଗ କରିଥିଲେ ।

କଳାହାଣ୍ଡି ଉତ୍ସବ ଉପଲକ୍ଷେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଖବରଦାତା ଇଲେଭେନ ଚାମ୍ପିୟନ



ଅତିଥି ସହ ଚାମ୍ପିୟନ ଖବରଦାତା ଇଲେଭେନ ଦଳର ଖେଳାଳି।

**ଜୁନାଗଡ,୧୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ବିଜୁପଟ୍ଟନାୟକ ଷ୍ଟାଡିୟମଠାରେ ଶୁକ୍ରବାର କଳାହାଣ୍ଡି ଉତ୍ସବ ଉପଲକ୍ଷେ ଏକ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଓକିଲ ଇଲେଭେନ ଓ ଖବରଦାତା ଇଲେଭେନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହୋଇଥିଲା। ଏଥିରେ ଓକିଲ ଇଲେଭେନ ପ୍ରଥମେ ଟସ୍ ଜିଣି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୭୩ ରନ ସଂଗ୍ରହ କରିଥିଲା। ଜବାବରେ ଖବରଦାତା ଇଲେଭେନ ୯ ଓଭରରେ ୪ ଉଇକେଟ ହରାଇ ୭୪ ରନ କରି ଚାମ୍ପିୟନ ହୋଇଛି। ଦିଲୀପ ପଣ୍ଡା, ସମୀର ସାହୁ ଓ ସରୋଜ ପଣ୍ଡା ଖେଳକୁ ପରିଚାଳନା କରିଥିଲେ। ସତିଶ ପ୍ରଧାନ, କାଶୀନାଥ ଘି, ସଞ୍ଜୀବ ଦାଶ ସ୍କୋରର ଓ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଉତ୍ସବ ପାଳନ କମିଟି ଆବାହକ ତଥା ତହସିଲଦାର ଉପେନ୍ଦ୍ର କୁମାର ଲୁହା, ସମ୍ମାନିତ ଅତିଥି ଭାବେ ଜୁନାଗଡ ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂହ, ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ବ୍ଲକ ଏକାଉଣ୍ଟସ୍ ଅଫିସର ପ୍ରେମାନନ୍ଦ ନନ୍ଦ, ଅଶୋକ ପଟ୍ଟନାୟକ, ଚିତ୍ତ ରଞ୍ଜନ ନିଆଲ, ସୁରେଶ ଚନ୍ଦ୍ର ପଣ୍ଡା, ଅଶୋକ ପାତ୍ର, କାଳିନ୍ଦ୍ରୀ ପାଣିଗ୍ରାହୀ, ଶିଶିର ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

୫ ବଛର ହେଲା କିଡ଼୍‌ନୀ ରୋଗ୍‌ରେ ପୀଡ଼ିତ

# ଚିକିତ୍ସା ଅଭାବୁ ଖଟେ ପଡ଼ିରହିଛନ୍ ଯୋଗେନ୍ଦ୍ର

**ପଲମ,୧୧।୧(ଡି.ଏନ.ଏ.):**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଁଚେତ୍‌ର ପଲମ ରାସ୍ତାମାଲ ଗାଁର ଯୋଗେନ୍ଦ୍ର ମାଝୀ(୩୦)। ତାକର ପରିବାର କହେଲେ ଦୁଇ ମାଏଝି ମୁନୁଷ୍, ପିଲାଛୁଆ କିଛି ନାଇଁ। ଇଆଡ଼େ ଜମିବାଡ଼ି ବଲି କିଛି ନାଇଁ, ପରିବାରଟା ମୂଳରୁ ସୁଖିବାସୀ। ସେଥିରଲାଗି ଦୁଇ ମାଏଝି ମୁନୁଷ ପର୍‌ହର କାମବୁତା କରି ପେଟ ପାଲୁଥିଲେ। ସରକାରୀ ସୁବିଧା ବଏଲେ ପଁଚେତ୍‌ରୁ ମାସିକ ପାଉଥିବାର ୧୦ କେ.ଜି. ଚାଉଲ। ଏନ୍‌ତାଥି ଗଲା ୫ ବଛର ହେଲା ଯୋଗେନ୍ଦ୍ର କିଡ଼ନୀ ରୋଗ୍‌ରେ ପୀଡ଼ିତ ହେଇ ଖଟେ ପଡ଼ିରହିଛନ୍। ଇଥିର ଉପରେ ଆଉର ଦୁଇ ଚାଏରଟା ବେମାର ବି ତାକର ଦିହେ ଅଛେ। ଇ ଦୁଖି ଗରିବ୍ ପରିବାର ଉପରେ ଏହେଦେ ସତେ ଯେନ୍‌ତା ଅକାଲ ଚଡ଼କ ପଡ଼ିଛେ। ଏହେଦେ ଯୋଗେନ୍ଦ୍ରକଁର ମାଏକିନା ଭାରତୀ ପରିବାର ବୋଝ ସମ୍ଭାଲବାର ସଂଗେ ଆପ୍‌ନେର ସେବା ଯତନ୍ କରୁଛନ୍। ସେ ବହୁତ୍ ଥର ଆସର ପାସର ଡାକ୍ତରଖାନାକେ ନେଇ ଯୋଗେନ୍ଦ୍ରକୁଁ ଚିକିତ୍ସା କରେଇଛନ୍, ହେଲେ କିଛି ଲାଭ ନାଇଁ। ସଭେ କହୁଛନ୍ ଚିକିତ୍ସା ଲାଗି ବହୁତ ଟଁକା ଦରକାର। ଏନ୍‌ତାଥି ଟଁକା ପଏସା ଅଭାବୁ ଭାରତୀ ବି ଭଗବାନ ଭରଷାରେ ହାତ୍ ଟେକି ଦେଇ ଫିଦିନ ଲହ ଗଡ଼ଉଛନ୍। ଆପ୍‌ନେ ଖଟେ ପଡ଼ି ରହେବାର ଲାଗି ଭାରତୀ ବାହାରକେ କାମବୁତା କରିଯାଇ ନାଇଁ ପାରବାର। ଯେନ୍‌ଥିରଲାଗି ଦୁଇ ପରାନୀ ଦିନେ ଖାଏଲେ ଦିନେ ଉପାସେ ରହୁଛନ୍। ଏନ୍‌ତାଥି ଭାରତୀ ଗୁଲଗୁଲା ହେଇ ଆପ୍‌ନେର ଚିକିତ୍ସା ସାହାଯ୍ ଲାଗି ଗଣମାଧ୍ୟମ ଜରିଆରେ ଜିଲା ପରଶାସନକେ ଗୁହାରି କରିଛନ୍। ସେନ୍‌ତା ଗାଁବାସୀ ଇ ନିହାତି ଗରିବ୍ ଦୁଖି ପରିବାର ଉପରେ ଜିଲା ପରଶାସନ ଆର ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍ଟି ଦେଇ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଦାବି କରିଛନ୍।



ଅସାହା ଅବସ୍ଥାରେ ଯୋଗେନ୍ଦ୍ର ଖଟେ ପଡ଼ିରହିଛନ୍।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Krolbagh
Contact:- 8676907143 7050017585

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍



## ସଂକ୍ଷେପରେ

### ଦେଶୀ ରନ୍ଧାମଦ, ମହୁଲ ପୋଚ ଜବତ

**ପାଟଣାଗଡ, ୧୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ଅବକାରୀ ବିଭାଗ ଲରମ୍ବା ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମରେ ଚଢ଼ାଉ କରି ଶୁକ୍ରବାର ୭୦ ଲିଟର ଦେଶୀ ରନ୍ଧାମଦ ଏବଂ ୪୦୦ କେଜି ମହୁଲ ପୋଚ ଜବତ କରିଛି। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ଗ୍ରାମର ରହାନୀ ଖାନଙ୍କୁ ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ଇନ୍‌ସପେକ୍ଟର ଅନ୍ନପୂର୍ଣ୍ଣା ରଥ ସୂଚନା ଦେଇଛନ୍ତି।

### ଦେଓଗାଁ ଗ୍ରାମ୍ୟ କମିଟି, ବଣିକ ସଂଘର ବୈଠକ

**ଦେଓଗାଁ,୧୧।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ରୋଡ ଷ୍ଟେଶନରେ ଦ୍ରୁତଗାମୀ ଇସ୍ପାତ ଓ ତପସ୍ୱିନୀ ଏକ୍ସପ୍ରେସ ରହଣି ଦାବି ଅନେକ ଦିନରୁ ହୋଇଆସୁଛି। ଏଥିପାଇଁ ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶୀ ଭୂଷଣ ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କୌଣସି ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇ ନ ଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା । ଗତ ୨୦୧୮ ଅଗଷ୍ଟ ୩ ତାରିଖରେ ଦେଓଗାଁ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବିକୁ ନେଇ ଅଞ୍ଚଳବାସୀଙ୍କ ତରଫରୁ ରୋଲରୋକୋ ଆନ୍ଦୋଳନ କରାଯାଇଥିଲା। ସେହିଦିନଠାରୁ ଆଜକୁ ପ୍ରାୟ ୫ ମାସରୁ ଉର୍ଦ୍ଧ୍ୱ ସମୟ ହୋଇଯାଇଥିଲେ ସୁଦ୍ଧା କୌଣସୀ ବିଭାଗୀୟ ପଦକ୍ଷେପ ହୋଇ ନାହିଁ। ଫେବୃୟାରୀ ୩ ତାରିଖ ମଧରେ ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ ଓ ତାରିଖ ଧାର୍ଯ୍ୟ କରାଯିବ ବୋଲି ବୈଠକରେ ସର୍ବସମ୍ମତି ମତପ୍ରକାଶ ପାଇଥିଲା । ପରେ ଏ ନେଇ ଉଭୟ ସଂଘର କର୍ମକର୍ତ୍ତା ଦେଓଗାଁ ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁଙ୍କୁ ସାକ୍ଷାତ କରି ସଂଘ ତରଫରୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ଅବସରରେ ବଣିକ ସଂଘ ସଭାପତି ସୁବଳ ରଣା, ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ ଧନମତ ପନୁଆଁ, ବଳଭଦ୍ର ସାହୁ, ବେଣୁ ଦଳାଇ, ସ୍ୱପ୍ନେଶ୍ୱର ଗରୁଡ, ପ୍ରକାଶ ପୂଝାରୀ, ଖେତ୍ରୁ ବେହେରା, ଆଶିଷ ସାହୁ, ରମେଶ କର୍ତ୍ତି, ବସନ୍ତ ଅଗ୍ରୱାଲ, ହଜାରୁ ଛତ୍ରୀୟା, ରାଜକୁମାର ବାରିକ, ସଞ୍ଜୀବ ସାହୁ, ସୁଶାନ୍ତ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ ।

### କପାଚାଷ ସମ୍ପର୍କିତ ଏକଦିବସୀୟ କର୍ମଶାଳା

**ସୋନପୁର,୧୧।୧(ନି.ପ୍ର.):** ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କପା ଚାଷ ସମ୍ପର୍କିତ ଏକ ଦ୍ୱିବସୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗର ଅଧିକାରୀ ଓ କପା ଚାଷୀ ଅଂଶଗ୍ରହଣ କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ କପା ଚାଷ ପାଇଁ ଉର୍ବର ମୃତ୍ତିକା ଓ ଅନୁକୂଳ ଜୟବାୟୁ ଥିବାରୁ ଏହି ଚାଷକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଧୁନିକ ପ୍ରଣାଳୀରେ ଚାଷ ସହ ବିକ୍ରିବଟାର ବ୍ୟବସ୍ଥା କରିବା ଉପରେ ଜିଲାପାଳ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କପା ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଜିଲାର ଢିପ ଜମିରେ ଏହି ଚାଷ କରି ଚାଷୀ ଲାଭାନ୍ୱିତ ହୋଇପାରିବେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ବଲାଙ୍ଗୀର ସୂତା ବିଭାଗର ସଂଯୋଜକ ବିଜୟ ମହାନ୍ତି, ରିଜିଓନାଲ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍‌ନିକାଲ ଇନଷ୍ଟିଚ୍ୟୁଶନ ମହିଷାପାଟ, ଢେଙ୍କାନାଳର ଅଧକ୍ଷ ଗୁରୁଚରଣ ତ୍ରିପାଠୀ, ଓୟୁଏଟି ଚିପିଲିମାର ଡିନ୍ ରବି ଚନ୍ଦ୍ର ପଟ୍ଟନାୟକ, କପା ବିଶେଷଜ୍ଞ ସୋମନାଥ ମହାପାତ୍ର ଓ ସୁବର୍ଣ୍ଣପୁର ଜିଲା କୃଷି ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କପା ଚାଷ, ରୋଗ ପୋକ ନିୟନ୍ତ୍ରଣ ଓ ବିକ୍ରିବଟାର ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। କେଭିକେର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍, ଗୀତାଞ୍ଜଳି ପ୍ରଧାନ, ଏପିଡି ଆତ୍ମା ମିତାଲି ମଧୁମିତା ବିଶ୍ୱାଳ, ଗଦାଧର ବାରିକ, ଲଳିତ ସାହୁ, ସୁଶ୍ରୀ ସ୍ମିତା ପଣ୍ଡା, ପଠାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କପା ବୈଷୟିକ ମିଶନ ୨୦୧୮-୧୯ ଅନ୍ତର୍ଗତ କୃଷି ଉପ ନିର୍ଦ୍ଦେଶକ ସୁବର୍ଣ୍ଣପୁର ଓ ବିଷୟ ବସ୍ତୁ ବିଶେଷଜ୍ଞ କପା ବଲାଙ୍ଗୀରର ମିଳିତ ଆୟୋଜନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା।

ବଲାଙ୍ଗୀର ବହିହାଟର ସପ୍ତମ ସନ୍ଧ୍ୟା

# ହାସ୍ୟବ୍ୟଙ୍ଗ କବିତାରେ ଆସର ଜମିଲା

**ବଲାଙ୍ଗୀର ଅଫିସ, ୧୧।୧**

ବଲାଙ୍ଗୀର ବହିହାଟର ସପ୍ତମ ସନ୍ଧ୍ୟାରେ ଅନୁଷ୍ଠିତ ହାସ୍ୟବ୍ୟଙ୍ଗ କବିତା ଆସରରେ କୋଶଳ କଳାମଣ୍ଡଳ ପଡିଆ ଜମିଥିଲା। ହାସ୍ୟବ୍ୟଙ୍ଗ କବି, କବୟତ୍ରୀମାନେ ନିଜସ୍ୱ ବ୍ୟଙ୍ଗ କବିତା ମାଧ୍ୟମରେ ଦର୍ଶକଙ୍କୁ ହସର ଖୋରକ ଯୋଗାଇଥିଲେ । ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଯୋଗଦେଇ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଶହୀଦ ଭଗତ୍ ସିଂଙ୍କ ଦେଶାତ୍ମବୋଧ ଓ ସଂଗ୍ରାମ କଥା ଉଲ୍ଲେଖ କରି ଦେଶ ମାତୃକାର ସେବାରେ ଜୀବନ କିଭଳି ମହିମାନ୍ୱିତ ହୋଇଥାଏ କହିଥିଲେ । ଯୁବକମାନଙ୍କୁ ଆହ୍ୱାନ କରି ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କହିଥିଲେ। ହାସ୍ୟବ୍ୟଙ୍ଗ କବିତା ଆସରରେ ବ୍ୟଙ୍ଗକବି ଅଧିକାରୀ ସା, ଶରତ ମିଶ୍ର, ଅର୍ଜୁନ ସାହୁ ଓ ଅନୁପ୍ରିୟା ମିଶ୍ର ଯୋଗଦେଇ ଦୀର୍ଘ ୨ ଘଣ୍ଟା ଧରି ହାସ୍ୟବ୍ୟଙ୍ଗ କବିତାରେ ଦର୍ଶକଙ୍କ ମନ ମୋହିଥିଲେ । ବ୍ୟଙ୍ଗ କବିତା ଆସର ପାଇଁ ବହିହାଟ ମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ବହୁ ଦର୍ଶକଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସଭାକୁ ପରିଷଦ ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ସଂଯୋଜନା କରିଥିଲେ । ଅପରାହ୍ନରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଆଇଟିଏମ୍ କଲେଜ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପଦ୍ମପୁର ବିଧାୟକ ପୁରୋହିତ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଟ୍ରଫି ଗୁଡିକୁ ମହେଶ ମେଟାଲ ତରଫରୁ ମହେଶ୍ୱର ସାହୁ ପ୍ରଦାନ କରିଥିଲେ । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି ବହିହାଟ ଅନୁଷ୍ଠିତ ହେବ ।



ବହିହାଟ ସପ୍ତମ ସନ୍ଧ୍ୟାରେ ଅନୁଷ୍ଠିତ ବ୍ୟଙ୍ଗ କବିତା ଆସରରେ ମୁଖ୍ୟଅତିଥି ଓ କବିମାନେ ମଞ୍ଚାସୀନ ହୋଇଛନ୍ତି ।



ଶିଶୁ ମନ୍ଦିରର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ବେଲପଡା, ୧୧।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବେଲପଡା ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷା ମିଳାନୀ ମିତ୍ର, ମୁଖ୍ୟବକ୍ତା ବୋଡେନ କଲେଜ ଇତିହାସ ବିଭାଗ ଅଧ୍ୟାପକ ଗୟାଧର ମହାନ୍ତି, ସମ୍ମାନିତ ଅତିଥି ସ୍ଥାନୀୟ ଷ୍ଟେଟବ୍ୟାଙ୍କ ପରିଚାଳକ ତୁଳସୀଦାଶ ପାଢୀ, ବିଦ୍ୟାମନ୍ଦିର ସମ୍ପାଦକ ପ୍ରକାଶ ପଟ୍ଟନାୟକ, ସଭାପତି ବୀରବଲ ପ୍ରସାଦ ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ । ଉତ୍ତମ ଶିକ୍ଷା ପାଇଁ ଶୃଙ୍ଖଳା ଓ ଶିଷ୍ଟାଚାରର ଆବଶ୍ୟକତା ରହିଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ସଭା କାର୍ଯ୍ୟ ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ମାନପତ୍ର ସହ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ଶେଷ ରେ ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା'ମାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ ।

# ୮୪ ପ୍ରକଳ୍ପ ପାଇଁ ୧କୋଟି ୭୦ଲକ୍ଷ

**ଗୁଡଭେଲା,୧୧।୧(ଡି.ଏନ.ଏ.)**

ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ନିକଟରେ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ୧୩ଟି ଗ୍ରାମ ପଞ୍ଚାୟତର ଉନ୍ନତି ଲକ୍ଷରେ ୮୪ଟି ପ୍ରକଳ୍ପ ପାଇଁ ୧ କୋଟି ୭୦ ଲକ୍ଷ ଟଙ୍କା ଅନୁମୋଦନ କରିବା ସହ ଡୁଙ୍ଗିବାହଲ ଗ୍ରାମର ବିରାଟ ରଣା ନାମୀ ଜଣେ ହିତାଧିକାରୀଙ୍କ ସହ ପ୍ରାୟ ୪୦ ସେକେଣ୍ଡ କଥାବାର୍ତ୍ତା ହୋଇଥିଲେ। ଏହି ଅବସରରେ ରାଜ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଉଥିବା ଶହେଜଣ ହିତାଧିକାରୀଙ୍କୁ ମାଗଣା ୪ଟି ଏଲଇଡି ବଲ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ବିଦ୍ୟୁତ ବିଭାଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ ବଲ୍ଲଭ ମିଶ୍ର ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଡିଓ ରାମବିଲାଶ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସରପଞ୍ଚ, ସମିତି ସଭ୍ୟାସଭ୍ୟ ତଥା ଜଣସାଧାରଣ ଉପସ୍ଥିତ ଥିଲେ ।



ବିଧାୟିକା ଟୁକୁନି ସାହୁ ଉଦ୍‌ବୋଧନ ଦେଉଛନ୍ତି।

ସାଇଟ ନର୍ସିଂର ବାର୍ଷିକ ଉତ୍ସବ

# ୧୨୦ଛାତ୍ରୀଛାତ୍ର ଶପଥ ନେଲେ

**ବଲାଙ୍ଗୀର ଅଫିସ, ୧୧।୧**

ବଲାଙ୍ଗୀର ସହର ନିକଟସ୍ଥ ସଦାଇପାଲି ପଲ୍ଲୀଶ୍ରୀ ବିହାରଠାରେ ସାଇଟ ନର୍ସିଂର ୧୪ତମ ବାର୍ଷିକ ଉତ୍ସବ ଓ ଶପଥ ଗ୍ରହଣ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୨୦ଜଣ ଛାତ୍ରୀଛାତ୍ର ଆଦର୍ଶ ସେବିକା ହେବା ପାଇଁ ଶପଥ ନେଇଥିଲେ । ସାଇଟ ନର୍ସିଂ ତଥା ରାମଜୀ ଯୁବକ ସଂଘ ସମ୍ପାଦକ ଇଂ. ନାରାୟଣ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବଲାଙ୍ଗୀର ଜିଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜ୍ଞାନବ୍ରତ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ଆଦର୍ଶ ସେବିକା ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଏଡିପିଏଚ୍‌ଓ (ଟିବି) ଡା. ସିଦ୍ଧେଶ୍ୱର ମାଝି, ବଲାଙ୍ଗୀର ଏଏନଏମ୍ ଟ୍ରେନିଂ ସେଣ୍ଟର ଅଧକ୍ଷା ସୁଶାନ୍ତିମୟୀ ପ୍ରଧାନ, କନ୍ଧପାଲି ସହରାଞ୍ଚଳ ମେଡିକାଲ ଅଫିସର ଡା. ଜୟଶଙ୍କର ମିଶ୍ର, ମେଡିକାଲ ସୁପରଭାଇଜର ମୃତ୍ୟୁଞ୍ଜୟ କୁମାର, ଡିଆଇସି ଆଇପିଓ ପ୍ରଭାସ କୁମାର ଅମାତ ଓ ଜେମାନନ୍ଦ ପ୍ରଧାନ ମଞ୍ଚାସୀନ ହୋଇ ଉତ୍ତମ ସେବିକା ହେବାକୁ ନର୍ସିଂ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ । ଭବାନୀପାଟଣା ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର ଅଧକ୍ଷା ତିଳୋତ୍ତମା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନସେବୀ ନର୍ସ ହେବାକୁ ପରାମର୍ଶ ଦେଇଥିଲେ । ସାଇଟ ନର୍ସିଂ ଅଧକ୍ଷା ସ୍ନିଗ୍ଧାମିନତୀ ଦାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ପ୍ରଶାସନିକ ଅଧିକାରୀ ଡା. ସିଦ୍ଧେଶ୍ୱର ମିଶ୍ର ସଂଯୋଜନା କରିଥିଲେ । ସାଇଟ ଚେୟାରମ୍ୟାନ ଓମ୍‌ପ୍ରକାଶ ମିଶ୍ର, ରାମଜୀ ଯୁବକ ସଂଘ ସଭାପତି ଡ. ପ୍ରମୋଦ କୁମାର ମିଶ୍ର, ଡିପ୍ଲୋମା ଇଞ୍ଜିନିୟରିଂ ଅଧକ୍ଷା ଇଂ ନମିତା ପଟେଲ, ସୁଶ୍ରୀ ଆଇଟିଆଇ ଅଧକ୍ଷ ଇଂ ସନ୍ତୋଷ କୁମାର ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଅଧାପିକା ଲୋପାମୁଦ୍ରା ମିଶ୍ର ଧନ୍ୟବାଦ ଅପଣ କରିଥିଲେ । କାର୍ଯ୍ୟକ୍ରମକୁ ଅଧାପିକା ଶକ୍ତି ସ୍ୱରୂପିଣୀ ସାହୁ, ଅମୀୟ ଯୋଷୀ, ଅଶୋକ କୁମାର ପ୍ରଧାନ, ସୋମାରେସ୍ମ ମିଶ୍ର, ମୋନାଲିସା ମଲ୍ଲ, ଅରୁଣାବତି ସୁନା ପ୍ରମୁଖ ସମସ୍ତ ସାଇଟ ନର୍ସିଂ ଷ୍ଟାପ୍ ସହଯୋଗ କରିଥିଲେ । ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ନାଟ୍ୟକାର ତଥା ଅଧାପକ ପ୍ରଶାନ୍ତ ଖମାରୀଙ୍କୁ ସୁଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା । ସଭା ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



ନର୍ସିଂ ଛାତ୍ରୀଛାତ୍ରମାନେ ଶପଥ ଗ୍ରହଣ କରୁଛନ୍ତି ।

# ରୁଗୁଡ଼ିଖାଲରେ ଗୋରୁ ହାଟ ଖୋଲିଲା

**ଲୋଇସିଂହା,୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତର ରୁଗୁଡିଖାଲ ସାପ୍ତାହିକ ବଜାରରେ ଶୁକ୍ରବାର ଗୋରୁ ହାଟ ଖୋଲିଛି। ହାଟର ଶୁଭାରମ୍ଭ ଦିବସରେ ୧ଲକ୍ଷ ଟଙ୍କାର ଛେଳି, ମେଣ୍ଢା ଓ ଗୋରୁ କିଣାବିକା ହୋଇଥିବା ବଜାର କମିଟି ସୂତ୍ରରୁ ପ୍ରକାଶ । ବୁଢୀପଦର ପଞ୍ଚାୟତ ଓ ବଜାର କମିଟିର ମିଳିତ ଉଦ୍ୟମ କ୍ରମେ ଆୟୋଜିତ ଗୋରୁବଜାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ପୂଜାର୍ଚ୍ଚନା କରି ବଜାର ଶୁଭାରମ୍ଭ କରିଥିଲେ । ପରେ ସରପଞ୍ଚ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ଲୋଇସିଂହା ବ୍ଲକ ଉପାଧ୍ୟକ୍ଷ ଜତିନ୍ଦ୍ର କୁମାର ପଟେଲ, ଆଗଲପୁର ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରତ୍ନାକର ମିଶ୍ର, ଅଲେଖ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଗଣ ବଜାର କମିଟି କର୍ମକର୍ତ୍ତାଙ୍କୁ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ ଦେବାକୁ ପରାମର୍ଶ ଦେଇଥିଲେ । ବଜାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ନଳିନୀ ଭୋଇ, ପ୍ରଶାନ୍ତ ପଧାନ, ଅଶୋକ ବେହେରା, ସୁଧାଂଶୁ ସାହୁ, ଘାସିରାମ ବେହେରା, ସଙ୍କୀର୍ତ୍ତନ ଧରୁଆ, ଗୌରଚାନ୍ଦ ନେଗୀ, ଜଳନ୍ଧର କଠାରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଗୋରୁ ହାଟ ଶୁଭାରମ୍ଭ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

# ପ୍ରଧାନମନ୍ତ୍ରୀଙ୍କ ଆଗମନ ପାଇଁ ଭୂମି ପୂଜନ

**ବଲାଙ୍ଗୀର ଅଫିସ, ୧୧।୧**

ଆସନ୍ତା ୧୫ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ବିରାଟ ସମାବେଶରେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ପାଇଁ ଭାଜପା ଚଳଚଞ୍ଚଳ ହୋଇପଡିଛି । ଶୁକ୍ରବାର ପଥରଚେପାସ୍ଥିତ ମୋଦିଙ୍କ ସମାବେଶ ପାଇଁ ପ୍ରସ୍ତୁତ ହେଉଥିବା ପଡିଆରେ ଭୂମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଗସ୍ତର ପୋଷ୍ଟର ଓ ଅଡିଓ ସିଡି ଉନ୍ମୋଚନ କରାଯାଇଥିଲା । ଏହି ପଡିଆରେ ପ୍ରଥମେ ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକ, ପୂର୍ବତନ ଏମପି ସଙ୍ଗୀତା କୁମାରୀ ସିଂଦେଓ ଓ ଅନ୍ୟମାନେ ଯୋଗଦାନ କରିଥିଲେ । ଭୂମି ପୂଜନ ପରେ ମୋଦୀଙ୍କ ବଲାଙ୍ଗୀର ଆଗମନ ନେଇ ପ୍ରସ୍ତୁତ ପୋଷ୍ଟର ଓ ଅଡିଓ ସିଡିର ଉନ୍ମୋଚନ କରାଯାଇଥିଲା । ଜିଲା ଭାଜପା ସଭାପତି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ପୂର୍ବତନ ଏମପି ସିଂଦେଓ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ଗୋପାଳଜୀ ପାଣିଗ୍ରାହୀ, ଡା. ବାସୁଦେବ ପତି, ଅନନ୍ତ ଦାଶ, ସରୋଜ ତ୍ରିପାଠୀ, ପଙ୍କଜିନୀ ପଣ୍ଡା, କୋଷାଧକ୍ଷ ପ୍ରଦୀପ ବନ୍‌ସଲ, ଶଶୀ ପୁରୋହିତ ଉପସ୍ଥିତ ଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ପଦ୍ମପୁର ବିଧାୟକ ପୁରୋହିତ ବିଜେପୁର ଉପନିର୍ବାଚନ ସମୟରେ ବିଜେଡି ଦେଇଥିବା ବିକାଶ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିବା ସହ ବିଜେଡି କେବଳ ପ୍ରତାରଣା ଛଡା ଅନ୍ୟ କିଛି କରିନାହିଁ ବୋଲି କହିଥିଲେ ।

**ପୋଷ୍ଟର ଉନ୍ମୋଚନ ସରିଲା**



ଭାଜପା ନେତାମାନେ ମୋଦିଙ୍କ ବଲାଙ୍ଗୀର ଆଗମନ ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

### ସ୍କୁଟିକୁ ଧକ୍କା ଦେଲା ବୋଲେରା, ଜଣେ ମୃତ

**ସୋନପୁର,୧୧।୧(ନି.ପ୍ର.)**

ସୋନପୁର ସହରରେ ବୋଲେରୋ ଧକ୍କାରେ ଶୁକ୍ରବାର ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିଙ୍କ ନାମ ବୀର କିଶୋର ଦାନୀ(୬୪)। ବୀର କିଶୋର ସ୍ଥାନୀୟ ଜୟ ଜୱାନ ପେଟ୍ରୋଲ ପମ୍ପକୁ ସ୍କୁଟିରେ ପେଟ୍ରୋଲ ପକାଇବାକୁ ଯାଇଥିଲେ। ରାସ୍ତା ପାର ହେଉଥିବା ସମୟରେ ବଲାଙ୍ଗୀର ପଟୁ ଦୃତ ଗତିରେ ଆସୁଥିବା ନୀଳ ରଙ୍ଗର ଏକ ନମ୍ବର ବିହୀନ ନୂତନ ବୋଲେରୋ ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିଛନ୍ତି । ଦୁର୍ଘଟଣା ପରେ ବୋଲେରୋ ଡ୍ରାଇଭର ଫେରାର ହୋଇଯାଇଛନ୍ତି ।

# ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଲାଠୋର, ୧୧।୧ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ପ୍ରଧାନ ଶିକ୍ଷୟିତ୍ରୀ ବିଭୁଶିନୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସାଧନ କର୍ମୀ ସତ୍ୟବାନ ସାହୁ, ଅବସର ସାଧନ କର୍ମୀ ଶଙ୍କକାନ୍ତ ପାଣିଗ୍ରାହୀ, ରମେଶ ଚନ୍ଦ୍ର ପୁରୋହିତ ଯୋଗଦେଇଥିଲେ। ଦୁଇ ଦିନ ଧରି ଚାଲିବାକୁ ଥିବା ଉକ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୫୦୦ ଛାତ୍ରୀଛାତ୍ର ୯ ଭାଗରେ ବିଭକ୍ତ କରି ୨୫ ଗୋଟି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ପରିଚାଳନା ଦୋଲଗୋବିନ୍ଦ ମୁଣ୍ଡା କରଛନ୍ତି। ଏସଏମସିକମିଟିସଭାପତି ଚନ୍ଦ୍ରକାନ୍ତି ମେହେର, ଉପସଭାପତି ଭୁବନ ଭଇଁଷାଲ, ସଭ୍ୟ ଦିଲୀପ ନାଏକ, ମଦନ ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ରାଜ୍ୟସ୍ତରୀୟ ଫୁଟବଲ: ସମ୍ବଲପୁର ବିଜୟୀ

**ବେଲପଡା, ୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ହାଇସ୍କୁଲ ଖେଳ ପଡିଆଠାରେ ଗତ ୪ଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଖେଳା ଯାଇଥିବା ଏକ ମ୍ୟାଚରେ ସମ୍ବଲପୁର ଓ ଚିଚିଣ୍ଡା ଦଳ ମୁହାଁମୁହିଁ ହୋଇଥିଲେ। । ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେବାରେ ସମର୍ଥ ନ ହେବାରୁ ପେନାଲଟି ସୁଟ ଆଉଟରେ ସମ୍ବଲପୁର ବିଜୟୀ ହୋଇଥିଲା । ଶୁକ୍ରବାର ଖେଳରେ ମୁଖ୍ୟ ଅତିଥି ଭାବେ ଏମପି କଳିକେଶ ନାରାୟଣ ସିଂଦେଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ନେତା ସରୋଜ ମେହେର, ଡାକ୍ତର ଅମିତାଭ ପୃଷ୍ଟ ପ୍ରମୁକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ବିଜୟ ଖମାରୀ, କିଶୋର ଧରୁଆ, ଦୋଲଗୋବିନ୍ଦ ମୁଣ୍ଡା, ରମେଶ ଧରୁଆ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ହରିହର ସିଂ।



ସମ୍ବଲପୁର ଚିଚିଣ୍ଡା ଦଳର ଖେଳାଳିଙ୍କ ସହ ଅତିଥିମାନେ।



ନିଜ ମନକୁ ଅଜ୍ଞାନରୁ ମୁକ୍ତ କର ଏବଂ ସତ୍ୟକୁ ଖୋଜିବା ପାଇଁ ଜିଜ୍ଞାସୁ ହୁଅ ।
- ବୁଦ୍ଧଦେବ



## ସଂକ୍ଷେପରେ

### ୨୪ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ପଲମ,୧୧।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗତ ୯ ଓ ୧୦ ତାରିଖ ୨ ଦିନ ଧରି ଚାଲିଥିବା ୨୪ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ପୁରସ୍କାର ବିତରଣୀ ଉତ୍ସବରେ ରୁପ୍ରା ସରପଞ୍ଚ ବିଶୟା ମାଝି, ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ସେନାପତି, ଶ୍ରୀ ଅରବିନ୍ଦ ଟ୍ରଷ୍ଟ ଚ୍ୟାରମେନ ବବୀତା ସେନାପତି, ସଭ୍ୟା ମମତା ସାହୁ, ଶିକ୍ଷା କେନ୍ଦ୍ରର ଅଧକ୍ଷ ରୋହିତ ମାହାର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷାକେନ୍ଦ୍ରର ଉଷାବତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ହେମନ୍ତ, ସୁନିଲ, ସନା, ସଶ୍ମୀତା, ନିକିତା, ମୀନା, ବବୀତା, ରୀନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### କଂଗ୍ରେସ କ୍ଷମତାକୁ ଆସିଲେ ଛାତ୍ରଙ୍କ ସମସ୍ୟା ଦୂର ହେବ

ଭବାନୀପାଟଣା,୧୧।୧(ଡି.ଏନ୍.ଏ.)

ରାଜନୈତିକ ପ୍ରକ୍ରିୟାରେ ଛାତ୍ରମାନେ ଅଂଶ ଗ୍ରହଣ କରି ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଏନ୍‌ଏସ୍‌ୟୁଆଇର ସର୍ବଭାରତୀୟ ସମ୍ପାଦକ ତଥା ଓଡିଶା ପ୍ରଭାରି ମୋତାରୋହିତ କୁମାର ଆହ୍ୱାନ ଦେଇଛନ୍ତି । ବୁଧବର ସନ୍ଧ୍ୟାରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଛାତ୍ରମାନଙ୍କ ଏକ ସମାବେଶ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସର୍ବଭାରତୀୟ ସମ୍ପାଦକ ମୋତା ରୋହିତ କୁମାର କହିଛନ୍ତି ଯେ, ସେ ଛାତ୍ର ସମସ୍ୟାର ଅନୁଧ୍ୟାନ କରି ବୁଲୁଛନ୍ତି । ଛାତ୍ରମାନଙ୍କ ମତାମତ ସଂଗ୍ରହ କରୁଛନ୍ତି । ଆଗାମୀ ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ଛାତ୍ର ମାନଙ୍କ ସମସ୍ୟା ଓ ଛାତ୍ରମାନଙ୍କ ମତାମତକୁ ନେଇ ସମାଧାନ କରିବ ବୋଲି ସେ କହିଥିଲେ । ଖବରଦାତା ସମ୍ମିଳନୀରେ ଏନ୍‌ଏସ୍‌ୟୁଆଇର ରାଜ୍ୟ ସଂଯୋଜକ ମହମ୍ମଦ ମହସିନ, ଜିଲା ଛାତ୍ର କଂଗ୍ରେସ ସଭାପତି ତ୍ରିଲୋଚନ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ପିଠା ଯୋଜନାରେ ୧୩ଟି ପଞ୍ଚାୟତ ପ୍ରୋତ୍ସାହନ ରାଶି ପାଇବେ

ଭବାନୀପାଟଣା,୧୧।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲାରେ ପିଠା ଯୋଜନାରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଜିଲାର ୧୩ଟି ପଞ୍ଚାୟତ ପ୍ରୋତ୍ସାହନ ରାଶି ପାଇବାକୁ ମନୋନୀତ ହୋଇଛନ୍ତି । ସେଗୁଡ଼ିକ ହେଲା ଭବାନୀପାଟଣା ବ୍ଲକର ସେଁପୁର, କଲମପୁର ବ୍ଲକର ମଣ୍ଡଳ, ନର୍ଲା ବ୍ଲକର ଶାନ୍ତପୁର, ମ.ରାମପୁର ବ୍ଲକ ନୂନ୍‌ପୁର, କୋକସରା ବ୍ଲକ ଗମ୍ଭାରୀଗୁଡା, ଧର୍ମଗଡ ବ୍ଲକ ବଗାଡ, ଲାଞ୍ଜିଗଡ ବ୍ଲକ କମର୍ଦ୍ଧା, କର୍ଲାମୁଣ୍ଡା ବ୍ଲକର ରେଗଡା, ଥୁ.ରାମପୁର ବ୍ଲକ କାଣିଗୁମା, ଜୟପାଟଣା ବ୍ଲକର ରେଙ୍ଗାଲପାଲି, ଗୋଲାମୁଣ୍ଡା ବ୍ଲକ ଖମାର ହଲଦୀ, କେସିଙ୍ଗା ବ୍ଲକ ହାତୀଖୋଜ, ଜୁନାଗଡ ବ୍ଲକ ଭଇଁରୀଗୁଡା ପଞ୍ଚାୟତ ପିଠା କାର୍ଯ୍ୟରେ ସର୍ବୋତ୍କୃଷ୍ଟ ପଞ୍ଚାୟତ ଭାବେ ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ଜାନୁୟାରୀ ୨୬ ତାରିଖରେ ଉକ୍ତ ପଞ୍ଚାୟତଗୁଡିକ ପୁରସ୍କୃତ କରାଯିବ ବୋଲି ଜଣାପଡିଛି।



ଗୋଲାମୁଣ୍ଡା ବ୍ଲକର ଚୁରାପାହାଡ ।



କେସିଙ୍ଗା ବ୍ଲକର ଯୋଗମାୟା ପୀଠ ।

ପର୍ଯ୍ୟଟନ ବିଭାଗ ପକ୍ଷରୁ ସର୍ଭେ ଶେଷ

# ଚୁରାପାହାଡର ଉନ୍ନତି ପାଇଁ ୪୦ ଲକ୍ଷ ଟଙ୍କା ମଞ୍ଜୁର

ଭବାନୀପାଟଣା,୧୧।୧(ଡି.ଏନ୍.ଏ.)

ପର୍ଯ୍ୟଟନ ବିଭାଗ ପକ୍ଷରୁ ଚୁରାପାହାଡର ସର୍ଭେ ଶେଷ ହେବା ପରେ ଏହାର ଉନ୍ନତି ପାଇଁ ୪୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ଏହାକୁ ମିଶାଇ ଜିଲାରେ ପର୍ଯ୍ୟଟନକେନ୍ଦ୍ର ସଂଖ୍ୟା ୧୯ପହଞ୍ଚିବ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ କଳାହାଣ୍ଡି ଜିଲାର ସ୍ଥାନ ସ୍ୱତନ୍ତ୍ର ରହିଛି। ଜିଲାରେ ଅନେକ ଐତିହାସିକ ପାହାଡ, ପ୍ରତ୍ନତାତ୍ତ୍ୱିକ ସ୍ଥାନ, ପ୍ରାଚୀନ ମନ୍ଦିର, ଝରଣା ଆଦି ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରି ନାହିଁ। ଫଳରେ ସେଗୁଡିକ ଏବେ ଅବହେଳିତ ଅବସ୍ଥାରେ ରହିଛି। ତେବେ ବିଳମ୍ବରେ ହେଲେ ମଧ୍ୟ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚୁରାପାହାଡ ଓ କେସିଙ୍ଗା ବ୍ଲକ ଯୋଗମାୟା ପୀଠ ଖୁବ ଶୀଘ୍ର ଜିଲାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବାକୁ ଯାଉଛି। ଏହି ୨ଟି ସ୍ଥାନକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସର୍ଭେ କରାଯାଇଛି। ସମସ୍ତ ଦୃଷ୍ଟି କୋଣରୁ ଏହି ୨ଟି ସ୍ଥାନ ପର୍ଯ୍ୟଟନସ୍ଥଳୀ ହେବାର ସବୁପ୍ରକାର ବ୍ୟବସ୍ଥା ରହିଛି ବୋଲି ସର୍ଭେରୁ ଜଣାପଡିଛି ବୋଲି ଜିଲା ପର୍ଯ୍ୟାଟନ ଅଧିକାରୀ ସୁବୋଧ ଛତ୍ରିଆ ପ୍ରକାଶ କରିଛନ୍ତି । ଶୀଘ୍ର ଏହି ସର୍ଭେ ରିପୋର୍ଟକୁ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ପଠାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଗୋଲାମୁଣ୍ଡା ବ୍ଲକ ଚୁରାପାହାଡ ଏକ ଐତିହାସିକ ସ୍ଥାନ। ଏହି ଐତିହାସିକ ପାହାଡରେ ଦେବାଦେବୀମନ୍ଦିର, ଝରଣା

## ଜିଲାରେ ପର୍ଯ୍ୟଟନ କେନ୍ଦ୍ର ସଂଖ୍ୟା ୧୯ରେ ପହଞ୍ଚିବ

ସମେତ ପ୍ରାଚୀନ ମୂର୍ତ୍ତିମାନ ଦେଖିବାକୁ ମିଳେ। ଏଠାକୁ ଶିବରାତ୍ରି ସମୟରେ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବାବେଳେ ଡିସେମ୍ବର, ଜାନୁୟାରୀରେ ପିକ୍‌ନିକ କରିବା ପାଇଁ ଅନେକ ଲୋକ ଆସିଥାନ୍ତି। ଏହି ଐତିହାସିକ ପାହାଡ ଗୋଲାମୁଣ୍ଡା ବ୍ଲକ ମୁଖ୍ୟ କାର୍ଯ୍ୟାଳୟରୁ ୨୨ କି.ମି. ଓ ଭବାନୀପାଟଣା ସଦର ମହକୁମାରୁ ୬୦ କି.ମି. ପଡିଥାଏ। ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଚୁରାପାହାଡର ଉନ୍ନତି କରଣ ପାଇଁ ୪୦ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ଜଣାପଡିଛି। ଖୁବଶୀଘ୍ର ସେଠାରେ ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହେବ। ସେହିପରି କେସିଙ୍ଗା ବ୍ଲକର ଯୋଗମାୟା ପୀଠ ପ୍ରାଚୀନ ଗୁମ୍ଫା ପାଇଁ ପ୍ରସିଦ୍ଧ। କେସିଙ୍ଗା ବ୍ଲକ ମୁଖ୍ୟ କାର୍ଯ୍ୟାଳୟରୁ ୧୦ କି.ମି. ଓ ଭବାନୀପାଟଣା ସଦର ମହକୁମାରୁ ୩୫ କି.ମି. ପଡିଥାଏ। କଳାହାଣ୍ଡି ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୭ଟି ପର୍ଯ୍ୟଟନ କେନ୍ଦ୍ର ରହିଛି। ୧୯୯୯ରେ ୧୭ତମ ପର୍ଯ୍ୟଟନ କେନ୍ଦ୍ର ଭାବେ କୁର୍ଣ୍ଣଲା ଘୋଷଣା କରାଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ୧୯ବର୍ଷ ଧରି କୌଣସି ସ୍ଥାନକୁ ପର୍ଯ୍ୟଟନ କେନ୍ଦ୍ର ଘୋଷାଣ କରାଯାଇପାରି ନାହିଁ। ଏହି ୨ଟି ସ୍ଥାନକୁ ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରାଗଲେ ଜିଲାର ପର୍ଯ୍ୟଟନ କେନ୍ଦ୍ର ସଂଖ୍ୟା ୧୯ରେ ପହଞ୍ଚିବ। ପ୍ରକାଶ ଯେ, ଜିଲାରେ ଥିବା ୧୭ଟି ପର୍ଯ୍ୟଟନ କେନ୍ଦ୍ର ମଧ୍ୟରୁ କେତୋଟିର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି। ସେଥି ମଧ୍ୟରୁ କୋକସରା ବ୍ଲକ ଗୁଡହାଣ୍ଡି (ଡୋକରୀଚଞ୍ଚରା)ର ଉନ୍ନତି କରଣ ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିବା ବିଭାଗରୁ ଜଣାପଡିଛି। ଏ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆଙ୍କୁ ପଚାରିବାରୁ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ଉନ୍ନତି କରଣ ପାଇଁ ଯୋଜନା କରାଯାଉଛି। ଜିଲାରେ ୨ଟି ନୂଆ ପର୍ଯ୍ୟଟନ କେନ୍ଦ୍ର ପାଇଁ ସର୍ଭେ ହୋଇ ସାରିଛି ବୋଲି ପ୍ରକାଶ କରିଥିଲେ।

ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

## ବରପାଲିକୁ ହରାଇ କେନ୍ଦୁଝର ବିଜୟୀ

ମୋହନଗିରି,୧୧।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଚାଲିଥିବା ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚରେ ଶୁକ୍ରବାର ବରପାଲିକୁ ହରାଇ କେନ୍ଦୁଝର ବିଜୟୀ ହୋଇଛି । ବରଗଡ ଜିଲା ବରପାଲି ଓ କେନ୍ଦୁଝର ଜିଲା ଯୋଡା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ ଜିଣି ପ୍ରଥମେ ଯୋଡା ଦଳ ବୋଲିଂ କରି କରିଥିଲା । ବରପାଲି ଦଳ ବ୍ୟାଟିଂ କରି ୧୨.୪ ଓଭରରେ ୧୦୩ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଯୋଡା ଦଳ ୮.୩ ଓଭରରେ ୬ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଏହି ମ୍ୟାଚର ଅମ୍ପିୟାର ଭାବେ ସତ୍ୟ ମହାପାତ୍ର ଓ ସତ୍ୟମ ହୋତାଖେଳ ପରିଚାଳନା କରିଥିଲେ। ଧାରାବିବରଣୀ ସପ୍ନେଶ୍ୱର କର୍ମୀ ଓ ଜଲେଶ୍ୱର ସାହୁ, ସ୍କୋର ବୋର୍ଡରେ ସୁନିଲ କୁମାର ଭୋଇ ଓ ଚନ୍ଦ୍ର ଭାନୁ ବେହେରା ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚ ଦେଖିବା ପାଇଁ କ୍ରୀଡା ପ୍ରେମୀମାନଙ୍କ ପ୍ରବଳ ଭିଡ ହୋଇଥିଲା। ଶନିବାର କେନ୍ଦୁଝର ଯୋଡା ଓ କଳାହାଣ୍ଡିର ଭାଲୁପିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଯୁକ୍ତ ଦୁଇ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କର୍ଲାମୁଣ୍ଡା,୧୧।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଯୁକ୍ତଦୁଇ କଲେଜଠାରେ ଗୁରୁବାରଠାରୁ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପୁରସ୍କାର ବିତରଣୀ ସଭାରେ କଲେଜ ପରିଚାଳନା କମିଟି ସମ୍ପାଦକ ଶଶି ଭୂଷଣ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଓଡିଶା ସରକାରଙ୍କ ହାଉସିଂ ବୋର୍ଡ ଅଧକ୍ଷ ଭୁପିନ୍ଦ୍ର ସିଂ, ମୁଖ୍ୟବକ୍ତା ଜଗନ୍ନାଥ ଡିଗ୍ରୀ କଲେଜ ରିଷିଡ଼ାର ଇଂରାଜୀ ଅଧ୍ୟାପକ ହିରୋଜ ଚାନ୍ଦ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ତହସିଲଦାର ଅବନିକାନ୍ତ ସାହୁ, କେନ୍ଦ୍ର ବିଶମିଲାଖାନ ଯୁବ ପୁରସ୍କାରପ୍ରାପ୍ତ କଣ୍ଠ ଶିଳ୍ପୀ ସର୍ବେଶ୍ୱର ଭୋଇ, କଲେଜ ଅଧକ୍ଷ ଗୁପ୍ତେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ । ପରସ୍ପର ପ୍ରତି ସହଯୋଗ ଓ ସାକାରାତ୍ମକ ମନୋଭାବ ଦ୍ୱାରା ଉତ୍ତମ ମଣିଷ ଗଠନ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପିକା ରୀନା ସିଂ ଓ ଲମ୍ବୋଦର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୁର ସୁନା, ଟିକେମଣି ରଣା, ନୃପରାଜ ରଣା, ଅଧ୍ୟାପିକା ସଙ୍ଗୀତା ସାହୁ ପ୍ରମୁଖ ସହଯୋଗ କରିଥିଲେ।




ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଅଖିଳ ଭାରତ ହିନ୍ଦୁ ମହାସଭାର କଳାହାଣ୍ଡି ଶାଖା ଉଦ୍‌ଘାଟିତ

ଭବାନୀପାଟଣା,୧୧।୧(ଡି.ଏନ୍.ଏ.)

ଅଖିଳ ଭାରତ ହିନ୍ଦୁ ମହାସଭାର ଭବାନୀପାଟଣା ଆଞ୍ଚଳିକ ଶାଖା ଶ୍ରୀରମ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ଯୁଗ୍ମସମ୍ପାଦକ ସମିର କାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଦିଗହୀନ ରାଜନିତି ଓ ଭ୍ରଷ୍ଟାଚାରୀ ନେତାଙ୍କୁ ଦୃଢ ଜବାବ ଦେଇ ଦେଶକୁ ଏକ ଉନ୍ନତ ଓ ଭ୍ରଷ୍ଟାଚାର ମୁକ୍ତ କୁଶଳୀଦେଶ ରୂପେ ଗଢିତୋଳିବାକୁ ଆହନକ୍ରମେ ନୂତନ କର୍ମକର୍ତ୍ତା ଚୟନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ସଭାରେ ସମସ୍ତଙ୍କ ଅନୁମୋଦନକ୍ରମେ ସଂଘର ନୂତନ ଜିଲା ସଭାପତି ଭାବେ ନରୋତ୍ତମ ମାହାର, ଉପସଭାପତି କୈଷ୍ଟବ ନାଏକ, ଲକ୍ଷ୍ମୀଧର ତାଣ୍ଡି, ଲକ୍ଷ୍ମୀ ରାଉତ, ସାଧାରଣ ସମ୍ପାଦକ ସୀମାଞ୍ଚଳ ମହାରଣା, ଗୁଣନିଧି ଗହିର, ସେକ୍ରେଟରୀ ଭାବେ ସନାତନ ନାଏକ, ହୃଷିକେଶ ମହାରଣା, ଅନନ୍ତ ମାହାର, କୋଷାଧକ୍ଷ ଭାବେ ବିଶ୍ୱମିତ୍ର ମନ୍‌ହୀରା ମନୋନୀତ ହୋଇଛନ୍ତି । ଏହା ସହ ଜିଲାର ମୋର୍ଚ୍ଚା ସଭାପତିଙ୍କୁ ମଧ ମନୋନିତ କରାଯାଇଛି । ଜିଲା ମହିଳା ସଭାନେତ୍ରୀ ଭାବେ ସୁକାନ୍ତୀ ତାଣ୍ଡ, ଜିଲା ଯୁବ ମୋର୍ଚ୍ଚା ସଭାପତି ଭାବେ ସୁବାସଚନ୍ଦ୍ର ନାଏକ, ଜିଲା କୃଷକ ମୋର୍ଚ୍ଚା ସଭାପତି ଭାବେ ହାଜିଙ୍ଗ ମାଝି ପ୍ରମୁଖଙ୍କୁ ମନୋନିତ କରାଯାଇଛି।

ବିବାହିତା ମହିଳାଙ୍କ ଆତ୍ମହତ୍ୟା ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

### ଅଭିଯୁକ୍ତ ସ୍ୱାମୀଙ୍କ ଗିରଫ ଦାବିରେ ଗ୍ରାମବାସୀ ଥାନାର ଦ୍ୱାରସ୍ଥ



ଜୁନାଗଡ ଥାନା ଅନ୍ତର୍ଗତ ରାଜପୁର ଗ୍ରାମବାସୀ ଧର୍ମଗଡ଼ ଥାନାକୁ ଅଭିଯୋଗ କରିବାକୁ ଆସିଛନ୍ତି।

ଧର୍ମଗଡ,୧୧।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ସହରସ୍ଥିତ ଅରବିନ୍ଦ ପଡାର ଜଣେ ବିବାହିତ ମହିଳାଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ସମ୍ପୃକ୍ତା ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏଥିସହ ଅଭିଯୁକ୍ତ ସ୍ୱାମୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଶୁକ୍ରବାର ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ଗତ ବୁଧବାର ଅରବିନ୍ଦପଡାର ଅମିତ ଯୋଷୀଙ୍କ ସ୍ତ୍ରୀ ମିତାଞ୍ଜଳୀଙ୍କ ମୃତଦେହ ଘର ଭିତରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହାକୁ ନେଇ ପୋଲିସ ଏକ ଆତ୍ମହତ୍ୟା ଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଶୁକ୍ରବାର ମିତାଞ୍ଜଳୀଙ୍କ ବାପା ବସନ୍ତ କୁମାର ପୁରୋହିତ ଧର୍ମଗଡ ଥାନାରେ ଏତାଲା ଦେବା ସହ ତାଙ୍କ ଝିଅଙ୍କୁ ସ୍ୱାମୀ ଅମିତ ଏବଂ ଶାଶୁ ଘର ଲେକେ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଘଟଣାର ୩ ଦିନ ବିତି ଯାଇଥିଲେ ସୁଦ୍ଧା ଆଜି ଯାଏ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ନ ଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ରାଜପୁର ରାଜକୁମାର ଅନିଲ ସିଂଦେଓଙ୍କ ନେତୃତ୍ୱରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ଥାନାକୁ ଆସି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଜୁନାଗଡ ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ବସନ୍ତ ପୁରୋହିତଙ୍କ ଝିଅ ମିତାଞ୍ଜଳୀଙ୍କୁ ଗତ ୧୦ ବର୍ଷ ତଳେ ସାମାଜିକ ରିତୀନୀତି ଅନୁଯାୟୀ ଧର୍ମଗଡର ଅମିତ ଯୋଷୀଙ୍କୁ ବିବାହ ଦେଇଥିଲେ। ବିବାହର ୫ ବର୍ଷ ପରେ ଶାଶୁ ଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଅଧିକା ଯୌତୁକ ଦାବି କରୁଥିଲେ। ଗତ ୩ ମାସ ତଳେ ୧ ଲକ୍ଷ ଟଙ୍କା ଦାବି କରୁଥିବା ସମ୍ପୃକ୍ତା ମହିଳାଙ୍କ ବାପା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଧର୍ମଗଡ ଆଇଆଇସି ଡମ୍ବୁ ପରଜାଙ୍କୁ ପଚାରିବାରୁ ମୃତ ମହିଳାଙ୍କ ବାପାଙ୍କ ଏତାଲା ଗ୍ରହଣ କରି ଧାରା ୪୯୮ ଏ, ୩୦୨, ୩୪ ଆଇପିସିରେ ଏକ ହତ୍ୟା ମାମଲା (ନଂ. ୬/୨୦୦୯) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା କହିଛନ୍ତି ।

## ପୌରସଂସ୍ଥାସ୍ତରୀୟ କଳାହାଣ୍ଡି ଉତ୍ସବ-୨୦୧୯

ଭବାନୀପାଟଣା,୧୧।୧(ଡି.ଏନ୍.ଏ.)

ଐତିହ୍ୟ, ସଂସ୍କୃତି ଓ କଳାକୁ ଉଜ୍ଜୀବୀତ କରେ କଳାହାଣ୍ଡି ଉତ୍ସବ ଘୁମୁରା ବିଶ୍ୱ ପ୍ରସିଦ୍ଧ। ଡାଲଖାଇ, ରସରକେଲି, ମାଏଲାଜଡ, ଚୁଟକୁଚୁଟା ଆଦି ଲୋକଗୀତ ଓଲୋକବାଦ୍ୟ ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଏହାକୁ ଉଜ୍ଜୀବୀତ କରି ପୁଣି ଥରେ ଆମ ଐତିହ୍ୟ, ସଂସ୍କୃତି ଓ ଲୋକକଳାକୁ ଫେରାଇ ଆଣିବାକୁ କଳାହାଣ୍ଡି ଉତ୍ସବ ଘୁମୁରା ମାଧ୍ୟମରେ ପ୍ରୟାସ କରାଯାଇଛି ବୋଲି କଳାହାଣ୍ଡି ଜିଲା ଭବାନୀପାଟଣା ମୁନସିପାଲ ହାଇସ୍କୁଲ ପଡିଆଠାରେ ପୌରସଂସ୍ଥାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାର ଶୁକ୍ରବାର ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ମତ ପ୍ରକାଶ କରିଥିଲେ। ପୌର ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଅନାମ ନାଏକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ ଯୋଗଦେଇଥିଲେ। ଶୁକ୍ରବାର ସକାଳେ ପୌରାଞ୍ଚଳରେ ଥିବା ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ସାଧାରଣ ଜ୍ଞାନ, ସାଂସ୍କୃତିକ ପ୍ରତିଯୋଗିତା ଓ ରଙ୍ଗୋଲି, ହୁଳହୁଳି ଶଙ୍ଖଫୁଙ୍କା, ଲୋକନୃତ୍ୟ ଓ ଘୁମୁରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରେଷ୍ଟ ବିବେଚିତ ଛାତ୍ରୀଛାତ୍ର ଓ ଦଳ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ। ପୌରାଞ୍ଚଳସ୍ତରୀୟ ଉତ୍ସବରେ ଭବାନୀପାଟଣା ସହରକୁ ସ୍ୱଚ୍ଛ ଓ ରାସ୍ତାଘାଟକୁ ସଫା କରିବା ପାଇଁ ପାୱାର ଗ୍ରୀଡ କରପୋରେଶନ୍ ଅଫ୍ ଇଣ୍ଡିଆ ଭବାନୀପାଟଣା ପକ୍ଷରୁ ପୌରସଂସ୍ଥାକୁ ପ୍ରଦାନ କରିଥିବା ଏଲାନୋ ସ୍ୱିପିଙ୍ଗ ମେଶିନକୁ ମୁଖ୍ୟଅତିଥି ବିଧାୟକ ନାଏକ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ମିଶ୍ରଙ୍କୁ ହସ୍ତାନ୍ତର କରିଥିଲେ। ଏହି ମେଶିନ ପ୍ରଦାନ ସମୟରେ ପାୱାର ଗ୍ରୀଡ କରପୋରେଶନ୍ ଅଫ୍ ଇଣ୍ଡିଆ ଭବାନୀପାଟଣା ଜେନେରାଲ ମ୍ୟାନେଜର ମାନସ ପାଉଲ, ଡେପୁଟି ଜେନେରାଲ ମ୍ୟାନେଜର ପର୍ଶୁରାମ ଭୋଇ, ଚିପମ୍ୟାନେଜର କାର୍ତ୍ତିକଚନ୍ଦ୍ର ସ୍ୱଏଙ୍କ ସମେତ ବିଭାଗିୟ ବହୁ କର୍ମଚାରୀ ଉପସ୍ଥିତି ଥିଲେ।



ପୌରସଂସ୍ଥାସ୍ତରୀୟ କଳାହାଣ୍ଡି ଉତ୍ସବ ଅବସରରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

ଭବାନୀପାଟଣା,୧୧।୧(ଡି.ଏନ୍.ଏ.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ତରଫରୁ ଅଙ୍ଗନୱାଡି କର୍ମୀମାନଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି । ସ୍ଥାନୀୟ ବାଲାଜି ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୩ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଥାଶୀଘ୍ର ଦାବି ପୂରଣ ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସଂଘ ତରଫରୁ ଦାବି କରାଯାଇଛି। ସେମାନଙ୍କ ଦାବିଗୁଡିକ ହେଲା ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସର୍ବନିମ୍ନ ମାସିକ ୧୮,୦୦୦ ଟଙ୍କା ଓ ସହାୟିକାଙ୍କ ପାଇଁ ୯,୦୦୦ଟଙ୍କା ପ୍ରଦାନ, ସୁପରଭାଇଜର ପଦବୀକୁ କେବଳ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପଦୋନ୍ନତି କରିବା, ମିନି ଅଙ୍ଗନୱାଡିକର୍ମୀଙ୍କୁ ଅଙ୍ଗନୱାଡି କର୍ମୀ ମାନ୍ୟତା ପ୍ରଦାନ ସହିତ ସେହି କେନ୍ଦ୍ରରେ ଜଣେ ସହାୟିକା ନିଯୁକ୍ତି ଦେବା ବ୍ୟବସ୍ଥା, ନୂତନ ଖାଦ୍ୟ ତାଲିକାର ମୂଲ୍ୟ ବୃଦ୍ଧି କରିବା, ଗାଁ କଲ୍ୟାଣ ସମିତି କାର୍ଯ୍ୟଗୁଡିକରୁ ଅଙ୍ଗନୱାଡି କର୍ମୀମାନଙ୍କୁ ବାଦ ଦିଆଯାଉ, ଗ୍ରୀଷ୍ମ ଦିନେ ୧ ମାସ ଗ୍ରୀଷ୍ମ ଛୁଟି ପ୍ରଦାନ, ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ୬୦ ବର୍ଷ ପରିବର୍ତ୍ତେ ୬୫ ବର୍ଷ ବୟସରେ କାର୍ଯ୍ୟବିରତ କରାଯିବା ସହିତ ସେମାନଙ୍କୁ ଅବସର ସମୟରେ ଗ୍ରାଚ୍ୟୁଟି ବାଦକୁ ୨ଲକ୍ଷ ଟଙ୍କା ପ୍ରଦାନ, ତାସହ ମାସିକ ୩,୦୦୦ ଟଙ୍କା ଅବସରକାଳୀନ ଭତ୍ତା ଯୋଗଇ ଦିଆଯିବା, ଆଜି ପର୍ଯ୍ୟନ୍ତ ଯେଉଁ ଅଙ୍ଗନୱାଡି କର୍ମୀ ବୟସରେ ଚାକିରୀରୁ ଅବସର ଦିଆଯାଇଛି ସେମାନଙ୍କୁ ରାଜ୍ୟ ସରାକରଙ୍କ ତରଫରୁ ୨ ଲକ୍ଷ ଟଙ୍କା



ଅଙ୍ଗନୱାଡି କର୍ମୀମାନେ ଜିଲାପାଳଙ୍କ ଅଫିସ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।

### ୧୩ ଦଫା ଦାବି

ପ୍ରଦାନ କରିବା, କାର୍ଯ୍ୟରତ ଅବସ୍ଥାରେ ଦୁର୍ଘଟଣାଜନିତ ମୃତ୍ୟୁବରଣ ହେଲେ ୫ ଲକ୍ଷ ଟଙ୍କା ଓ ସାଧାରଣ ମୃତ୍ୟୁବରଣ କଲେ ୨ ଲକ୍ଷ ଟଙ୍କା ପ୍ରଦାନ, ମମତା ଯୋଜନା ସଫଳତା ପାଇଁ କର୍ମୀମାନଙ୍କୁ ପ୍ରୋତ୍ସାହନ ରାଶି ୫୦୦ ଟଙ୍କା ଓ ସହାୟିକାମାନଙ୍କୁ ୨୦୦ଟଙ୍କା ପ୍ରଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅଙ୍ଗନୱାଡି କର୍ମୀମାନଙ୍କୁ ସାମିଲ କରିବା, ସବୁ ଅଙ୍ଗନୱାଡି କେନ୍ଦ୍ରକୁ ରନ୍ଧନ ଗ୍ୟାସ ଯୋଗାଇବା, ଅଙ୍ଗନୱାଡି କର୍ମୀମାନଙ୍କ ଅଭିଜ୍ଞତାକୁ ଅଗ୍ରାଧିକାର ଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ଆଦି ଦାବି ରହିଛି । ଏହି ଶୋଭାଯାତ୍ରା ଓ ବିକ୍ଷୋଭରେ ସୁମିତ୍ରା ମହାପାତ୍ର, ଝୁନୁପମା ଶତପଥୀ, ଜସ୍ମିନ ନାଏକ, ରୁକ୍ମଣି ପୁରୋହିତ, ପ୍ରେମଲତା ସାମନ୍ତରାୟ, ବିନୋଦିନି ମଙ୍ଗାରାଜ, ସିନ୍ଧୁକା ନାଏକ, ଓ ସୁବ୍ରତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ନେତୃତ୍ୱ ନେଇଥିଲେ ।



"ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ



## ସଂକ୍ଷେପରେ

### ମୋ ପଞ୍ଚାୟତ କୋଶଳ ପଞ୍ଚାୟତର ପ୍ରସ୍ତୁତି

**ଝାରସୁଗୁଡା ଅଫିସ,୧୧।୧-** ଜାନୁୟାରୀ ୧୩ରୁ କୋସଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ମୋ ପଞ୍ଚାୟତ କୋଶଳ ପଞ୍ଚାୟତ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏ ନେଇ ଶୁକ୍ରବାର ସ୍ଥାନୀୟ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସମ୍ପାଦକ ସୁରେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୋ ପଞ୍ଚାୟତ କୋଶଳ ପଞ୍ଚାୟତ କାର୍ଯ୍ୟକ୍ରମରେ କୋସଳବାଦୀ ନେତାମାନେ ପ୍ରତ୍ୟେକ ପଞ୍ଚାୟତର ଗାଁକୁ ଯାଇ କୋସଳ ରାଜ୍ୟ ଗଠନ ସମ୍ପର୍କରେ ଜନ ଜାଗରଣ ସୃଷ୍ଟି କରିବେ। ଏପରିକି କୋସଳ ରାଜ୍ୟ ନ ହେଲେ ଭୋଟ ବର୍ଜନ କରିବାକୁ ଲୋକଙ୍କୁ ଅବଗତ କରିବେ ବୋଲି ନିଷ୍ପତି ନିଆଯାଇଛି। ଏହି ବୈଠକରେ ନାରାୟଣ ଅଗ୍ରୱାଲ, ନିଳାଦ୍ରୀ ବିହାରୀ ପଣ୍ଡା, ନବଲ ଶର୍ମା, ମାୟାରାମ ବାର୍ଲା, ଲମ୍ବୋଦର ପଟେଲ, ବନମାଳୀ ବିଶ୍ୱାଳ, ଭାଗବତ ସା, ଗୌରୀଶଙ୍କର ତନ୍ତି, ଭୋଳାନାଥ ବଢ଼େଇ, ରାଜକୁମାର ପଣ୍ଡା, ଗଣେଶ ପଟେଲ ପ୍ରମୁଖ ଯୋଗଦେଇଥିଲେ।

### ୫୫୦କିଷାନ ସମାଜର ବାର୍ଷିକ ସମ୍ମିଳନୀ

**ଝାରସୁଗୁଡା ଅଫିସ,୧୧।୧-** ଝାରସୁଗୁଡା ଜିଲା କିର୍ମିରା ବ୍ଲକ୍ ଦୁଲେସରାଠାରେ ଶୁକ୍ରବାର ୫୫୦କିଶାନ ସମାଜର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ ହୋଇଯାଇଛି। ଜିଲାର ସମସ୍ତ ଗୁଡି, ମହାଗୁଡି, ଆଞ୍ଚଳିକ ଗୁଡି, ଜିଲା କମିଟି ଓ ରାଜ୍ୟ କମିଟି ତଥା ଅଖିଳ ଭାରତୀୟ କିଶାନ ସମାଜର ଛତିଶଗଡ ଓ ଝାଡଖଣ୍ଡରୁ ସଦସ୍ୟମାନେ ଯୋଗଦେଇଥିଲେ। ରାଜ୍ୟ କମିଟି ସଭାପତି ମୋହନଲାଲ କିଶାନ, କୋଷାଧକ୍ଷ ମନବୋଧ ମାଝୀ, ସମ୍ପାଦକ ପାନୁ ମାଝୀ, ଅଶୋକ ମାଝୀ, ମତୁଲା ବୁଦୁଲା, ପଦ୍ମଲୋଚନ ବୁଦୁଲା, ଜଗନ୍ନାଥ କିଶାନ, ଆଶାରାମ କିଶାନ, ଅଭିମନ୍ୟୁ କିଶାନ, ହୃଦୟ କିଶାନ, ସୁରେନ୍ଦ୍ର କିଶାନଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। କୃତିବାସ ଛତ୍ରିଆ ଓ ନିରଞ୍ଜନ କିଶାନ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ ବିନୋଦ ବାଗ ଓ ସନ୍ତୋଷ ମାଝୀ ସଭା ପରିଚାଳନା କରିଥିଲେ।

### ଭାଜପାର କର୍ମୀ ସମ୍ମିଳନୀ

**ଝାରସୁଗୁଡ଼ା ଅଫିସ,୧୧।୧-** ଭାଜପା ତରଫରୁ ଶୁକ୍ରବାର ଝାରସୁଗୁଡା ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ବଡମାଲଠାରେ ହୋଇଯାଇଛି। ଭାଜପା ନେତା ଆନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ଏଥିରେ ସୁବାସ ଚୌହାନ, ନେତାଜୀ ପଟ୍ଟନାୟକ, ପ୍ରଦୀପ ପଟେଲ, ନୱଲ ଅଗ୍ରୱାଲ, ଅକ୍ଷୟ ରାଉତ, ରାଜକୁମାର ପଣ୍ଡା, ସବିତା ପ୍ରଧାନ, ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ଦଳକୁ ସଙ୍ଗଠିତ ଏବଂ ଦୃଢ କରିବାକୁ ସମ୍ମିଳନୀରେ ଉପସ୍ଥିତ କର୍ମୀଙ୍କୁ କୁହାଯାଇଥିଲା।

ବେଆଇନ ଭାବେ ଚାଲିଛି ଉନ୍ନୟନ କାମ

# ପ୍ରଶାସନକୁ ଦଳୀୟକର୍ମୀଙ୍କ ଖୋଲା ଚ୍ୟାଲେଞ୍ଜ

**ଲଖନପୁର,୧୧।୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍‌ରେ ସରକାରୀ ଯୋଜନା ପାଣ୍ଠିରୁ ବିଭିନ୍ନ ଉନ୍ନୟନ ମୂଳକ କାମ ଚାଲିଛି । ଏହି ସବୁ ଯୋଜନାର କାମ ବିଭାଗୀୟ ନୀତି ନିୟମ ସାଙ୍ଗକୁ ପ୍ରଶାସନିକ ନିର୍ଦ୍ଦେଶ ଆଧାରରେ ହେବା କଥା । କିନ୍ତୁ ଏସବୁ ନୀତିନିୟମକୁ ଚ୍ୟାଲେଞ୍ଜ କରି କେତେକ ଉନ୍ନୟନ କାମ ବେଆଇନ୍ ଭାବେ ଚାଲିଛି । ଏଥିରେ କେତେକ ରାଜନୈତିକ ଦଳର କର୍ମୀମାନେ ନେତାଙ୍କ ପ୍ରଭାବରେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ଏଭଳି ବେଆଇନ୍ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସାଙ୍ଗକୁ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗୋଷ୍ଠୀବିବାଦ ଦେଖାଦେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ହେବାକୁ ପଡୁଛି । ଏଭଳି ସ୍ଥିତି ଦେଖାଦେଉଛି ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଅଞ୍ଚଳରେ । ଗତ ୨ମାସ ତଳେ ପିଥିଣ୍ଡା ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣକୁ ନେଇ ଦେଖାଦେଇଥିଲା ବିବାଦ । ଗ୍ରାମବାସୀଙ୍କ ଦାବି ମୁତାବକ ଯେଉଁ ସ୍ଥାନରେ ଗୃହ ନିର୍ମାଣ ହେବା କଥା ସେହି ସ୍ଥାନରେ ନ ହୋଇ ବେଆଇନ୍ ଭାବେ ଅନ୍ୟ ସ୍ଥାନରେ କରାଯାଇଥିଲା । ଏ ନେଇ ସ୍ଥାନୀୟଲୋକେ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲାପରେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ତା'ପରେ ଏହା ସ୍ଥଗିତ ହୋଇଥିଲା । ପୁଣି ସେହି ୧୯ଖଣ୍ଡ ମୌଜାରେ ଏଭଳି ଆଉ ଏକ ବେଆଇନ୍ କାର୍ଯ୍ୟଚାଲିଥିବା ଅଭିଯୋଗ ହୋଇଛି । ଏ ନେଇ ସ୍ଥାନୀୟ ଜନପ୍ରତିନିଧିମାନେ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଓଡିଶା ଛତିଶଗଡ ସୀମାନ୍ତ ଜିରୋ ପଏଣ୍ଟରେ ଲରା ଏନ୍‌ଟିପିସି ବୃହତ ତାପଜ ବିଦ୍ୟୁତକେନ୍ଦ୍ର ନିର୍ମାଣ ହୋଇଛି । ଏହାର ପ୍ରଭାବରେ ଓଡିଶା ସୀମାନ୍ତବାସୀ ୬ପଞ୍ଚାୟତ କ୍ଷତିଗ୍ରସ୍ତ ହେଉଛନ୍ତି । ଏ ନେଇ ସ୍ଥାନୀୟ କ୍ଷତିଗ୍ରସ୍ତ ବାସିନ୍ଦାଙ୍କ ଦାବିକୁ ଦୃଷ୍ଟିରେ ରଖି କମ୍ପାନୀ କର୍ତ୍ତୃପକ୍ଷ ପ୍ରକଳ୍ପ ସିଏସ୍‌ଆର୍ ପାଣ୍ଠିରୁ ୭୨ଲକ୍ଷ ଟଙ୍କା ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାମ ପାଇଁ ସହାୟତା ଯୋଗାଇ ଦେଇଛନ୍ତି । ଏହି ସହାୟତା ଟଙ୍କା କମ୍ପାନୀ ଜିଲା ପ୍ରଶାସନକୁ ହସ୍ତାନ୍ତର କରିଛି । ଏହି ସହାୟତା ଅର୍ଥ ୧୯ଖଣ୍ଡ ମୌଜାର ରେମତା, କଣ୍ଡେଇକେଲା, ପିଥିଣ୍ଡା, ଚାରପାଲି, କନକତୋରା ଓ ବାଦିମାଲ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାମରେ ଖର୍ଚ୍ଚ ହେବ । ଏଥିପାଇଁ ପଞ୍ଚାୟତମାନଙ୍କରେ କ'ଣ ସବୁ ଉନ୍ନୟନ ମୂଳକ କାର୍ଯ୍ୟ ହେବ ଏ ନେଇ ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକ୍‌କୁ ପ୍ରସ୍ତାବ ଦିଆଯାଇଛି । ଜିଲାପ୍ରଶାସନ ଓ ବ୍ଲକ୍ ପ୍ରଶାସନ ତରଫରୁ ତର୍ଜ୍ଜମା କରାଯାଇଛି । ଏ ସମ୍ପର୍କରେ ପ୍ରଶାସନ ତରଫରୁ ଫାଇଲ୍ ଖୋଲାଯାଇ ନାହିଁ କି କାର୍ଯ୍ୟାଦେଶ ଆଦି ଚୂଡାନ୍ତ ରୂପରେଖ ନିଆଯାଇ ନାହିଁ । କିନ୍ତୁ ଏପଟେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ବେଆଇନ୍‌ଭାବେ ସ୍ଥାନୀୟ ଅଞ୍ଚଳର କେତେକ ରାଜନୈତିକ ଦଳର ଲୋକେ ପ୍ରସ୍ତାବିତ ପ୍ରକଳ୍ପର କାମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଏଥିମଧ୍ୟରେ ଚାରପାଲି ପଞ୍ଚାୟତ ଧୁଲୁଣ୍ଡା ଗ୍ରାମରେ କଙ୍କ୍ରିଟ୍ ରାସ୍ତା, କଣ୍ଡେଇକେଲା ଗ୍ରାମର ସରସ୍ୱତୀ ଶିଶୁମନ୍ଦିର ପାଚେରି, ରେମତା ସ୍କୁଲ୍ ପାଚେରି, ସେମିଲିଆ ଶିବମନ୍ଦିର ମଣ୍ଡପ କଙ୍କ୍ରିଟ୍ ଆଦି କାର୍ଯ୍ୟ ଆରମ୍ଭ ହୋଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ବିବାଦ ମୁଣ୍ଡ ଟେକିଛି । ଏ ସମ୍ପର୍କରେ ରେମତା, କଣ୍ଡେଇକେଲା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କ୍ଷମା ପ୍ରସାଦ ନାୟକ କହିଛନ୍ତି ଯେ, ପ୍ରଶାସନ ତରଫରୁ କାହାରିକୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ନାହିଁ । ସେହିଭଳି ଚାରପାଲି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଟିକନାଥ ଭଇଁସାଲ ଅନୁରୂପ କଥା କହିଛନ୍ତି । ଏ ନେଇ ବିଡିଓ କହିଛନ୍ତି କାହାରିକୁ କାର୍ଯ୍ୟ କରିବା ପାଇଁ କୁହାଯାଇ ନାହିଁ। ଯଦି କିଏ ବେଆଇନ୍ ଭାବେ କରୁଛନ୍ତି ତାହାଲେ ସେମାନେ ବୁଝିବେ ଏଥିରେ ପ୍ରଶାସନର କିଛି ନାହିଁ ବୋଲି ସେ କହିଛନ୍ତି।



ନିର୍ମାଣାଧୀନ ସେମିଲିଆ ଶିବମନ୍ଦିର ମଣ୍ଡପ ।

### ସିସିଟିଭିରୁ ଧରାପଡ଼ିଲା ଚୋର

**ବ୍ରଜରାଜନଗର,୧୧।୧ (ଡି.ଏନ.ଏ.)**

ଗାନ୍ଧି ଛକ ଫାଣ୍ଡି ଅଞ୍ଚଳରେ ଏନଏଚ ୪୯ର ଇବ୍ ଫିଲିଙ୍ଗ ଷ୍ଟେଶନ ସମ୍ମୁଖରେ ଥିବା କଳିଙ୍ଗ ଅଟୋ ପାର୍ଟ୍‌ସରୁ ଗୁରୁବାର ଚୋରି ହୋଇଥିଲା । ପୋଲିସ ଦେଇଥିବା ତଥ୍ୟ ଅଧାରରେ ଦୋକାନ ମାଲିକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଦୋକାନ ଖୋଲି ଧୂପ ଦେଉଥିବା ସମୟରେ ଗାଡି ସଜାଡିବାକୁ ଆସିଥିବା ତ୍ରିଲୋଚନ ବଢ଼େଇ ଚଞ୍ଚକତା କରି ଦୋକାନ କ୍ୟାସରୁ ଏକ ପଚାଶ ଟଙ୍କିଆ ବଣ୍ଡଲ ନେଇଯାଇଥିଲେ । ଧୂପ ଦେଇ ସାରିବା ପରେ କ୍ୟାସରେ ଟଙ୍କା ନ ଥିବା ଦେଖି କର୍ମଚାରୀମାନଙ୍କୁ ପଚାରିଥିଲେ । ପରେ ସିସିଟିଭି ଦେଖି ସାରିବା ପରେ ତାଙ୍କ ଚେହେରା ଦେଖିବାରୁ ଶୁକ୍ରବାର ଡକାଇ ପଚାରିଥିଲେ । ତ୍ରିଲୋଚନ କ'ଣ ପ୍ରମାଣ ଅଛି ବୋଲି ଓଲଟା ପ୍ରଶ୍ନ କରିବାରୁ ପୂର୍ଣ୍ଣ ସିସିଟିଭି କଥା କହିବାରୁ ଭୟରେ ଦୌଡି ପଳାଉଥିଲେ । କର୍ମଚାରୀମାନେ ତାଙ୍କୁ ଧରି ପୋଲିସକୁ ଡକାଇ ହସ୍ତାନ୍ତର କରିଥିଲେ । ଏ ନେଇ ଗାନ୍ଧି ଛକ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ତଦନ୍ତ ଆରମ୍ଭ କରିଛି ।

ଏନ୍‌ଟିପିସି ପାଇପ୍ ଲାଇନ୍‌କୁ ତଲିବାହାଲବାସୀଙ୍କ ବିରୋଧ

# ବଳପୂର୍ବକ କରିବା ପାଇଁ କମ୍ପାନୀର ପ୍ରୟାସ

**ଲଖନପୁର,୧୧।୧(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ଦର୍ଲିପାଲିରେ ଏନ୍‌ଟିପିସି କମ୍ପାନୀ ଏକ ସୁପର ଥର୍ମାଲ ପାୱାର ଷ୍ଟେଶନ୍ ନିର୍ମାଣ କରୁଛି । ଏଥିରେ ପ୍ରଚୁର ପରିମାଣର କଞ୍ଚାମାଲ(ପାଣି) ଆବଶ୍ୟକତା ରହିଛି । ଏହି ପାଣି ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ତେଲେନପାଲି ପଞ୍ଚାୟତ ଛଡାରମା ଗ୍ରାମ ନିକଟ ହୀରାକୁଦ ଜଳଭଣ୍ଡାରରୁ ଦର୍ଲିପାଲିକୁ ଦୀର୍ଘ ୪୦କିଲୋମିଟର ପାଇପ୍ ଯୋଗେ ଯିବ । କମ୍ପାନୀ ତରଫରୁ ଏହି ପାଇପ୍ ବିଛା କାମ ଆରମ୍ଭ ହୋଇଛି । ଉପଯୁକ୍ତ କ୍ଷତିପୂରଣ ଦାବିରେ ଜମିମାଲିକମାନେ କେତେକ ସ୍ଥାନରେ ଏହାକୁ ପ୍ରଥମରୁ ବିରୋଧ କରିଆସୁଛନ୍ତି । ଯାହା ଫଳରେ ପାଇପ୍ ବିଛା କାମ ଆଗେଇ ନ ପାରି କେତେକ ସ୍ଥାନରେ ଅଟକି ରହିଛି । ଫଳରେ କମ୍ପାନୀ ପାଇଁ ଏହା ମୁଣ୍ଡ ବିନ୍ଧାର କାରଣ ହୋଇଛି । ଏଭଳି ସ୍ଥିତି ଦେଖାଦେଇଛି ଲଖନପୁର ବ୍ଲକ୍ ସରଣ୍ଡାମାଲ ପଞ୍ଚାୟତ ତଲିବାହାଲ ଗ୍ରାମରେ । ଗ୍ରାମର ଜମିମାଲିକମାନେ ପ୍ରଥମରୁ ଉପଯୁକ୍ତ କ୍ଷତି ପୂରଣ ଦାବିରେ ଅଟଳ ରହିଛନ୍ତି । ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ବାରମ୍ବାର ଆଲୋଚନା ହେଉଛି କିନ୍ତୁ କୌଣସି ଫଳପଦ ହେଉ ନାହିଁ । ଯାହା ଫଳରେ କମ୍ପାନୀ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ଏ ନେଇ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଏପଟେ କମ୍ପାନୀ ବଳ ପୂର୍ବକ ପୋଲିସ୍ ଉପସ୍ଥିତିରେ ପାଇପ୍ ବିଛା କାମ କରିବା ପାଇଁ ଯୋଜନା ଚଳାଇଛି । ଏହାକୁ ଦୃଷ୍ଟିରେ ରଖି ସେପଟେ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇ ରହିତାଦେଶ ଆଣିବା ପାଇଁ ପ୍ରୟାସ ଚଳାଇଛନ୍ତି । ଏଭଳି ସ୍ଥିତିରେ କମ୍ପାନୀ ଜିଲାପ୍ରଶାସନ ଓ ପୋଲିସ୍ ପ୍ରଶାସନର ସହାୟତାରେ ସଶସ୍ତ୍ର ପୋଲିସ୍ ଫୋର୍ସ ନେଇ ଶୁକ୍ରବାର ପାଇପ୍ ବିଛା କାମ କରିବା ପାଇଁ ଯୋଜନା ଚଳାଇଥିଲା । ଏଥିପାଇଁ ସ୍ଥାନୀୟ ପୋଲିସ୍ ଜିଲା ପୋଲିସ୍ ପ୍ରଶାସନକୁ ସଶସ୍ତ୍ର ଫୋର୍ସ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ଆବଶ୍ୟକ ଥିବା ସଶସ୍ତ୍ର ପୋଲିସ୍ ଫୋର୍ସକୁ ଦୃଷ୍ଟିରେ ରଖି ଏଥିପାଇଁ ଫୋର୍ସ ଯୋଗାଇଦେବା ସମ୍ଭବ ହୋଇ ନ ଥିଲା । ଯାହା ଫଳରେ କମ୍ପାନୀ ପାଇପ୍ ବିଛା କାମ କରି ନ ପାରି ସ୍ଥଗିତ ରଖିଛି । ଏ ନେଇ ଗ୍ରାମବାସୀ କହିଛନ୍ତି କମ୍ପାନୀ ଯଦି ବଳପୂର୍ବକ କାମ କରେ ତା'ହେଲେ ଏହାକୁ ସାମୁହିକ ଭାବେ କଡା ବିରୋଧ କରାଯିବ । ଏଥିପାଇଁ ଯଦି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ ତାହାଲେ କମ୍ପାନୀ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



କମ୍ପାନୀ ପକ୍ଷରୁ ପାଇପ ବିଛାଚାଲିଛି।




ଆଇନ ସଚେତନତା ଶିବିରରେ ଉପସ୍ଥିତ ଅତିଥି।

## ଆଇନ ସଚେତନତା ଶିବିର

**ଦେବଗଡ, ୧୧।୧ (ସ୍ୱ.ପ୍ର)**

ଜିଲାଜଜ୍ ତଥା ଜିଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ରାଜେନ୍ଦ୍ର କୁମାର ତୋଷଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ୍‌ସେବା ପ୍ରାଧିକରଣ, ଦେବଗଡ ଆନୁକୂଲ୍ୟରେ ମଧୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପାଇଁ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଆଇନ୍‌ସେବା ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ଏବଂ ଜିଲାଶ୍ରମ ଅଧିକାରୀ ପ୍ରସନ୍ନ କୁମାର ସିଂ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଅଣ ସଙ୍ଗଠିତ ଶ୍ରମିକ ତଥା ବୁଲାବିକାଳି, କ୍ଷୁଦ୍ର ବ୍ୟବସାୟୀ, ଘରୋଇକର୍ମୀ, ରିକ୍ସାଚାଳକ, ଅଟୋଚାଳକ, ମୋଚି, କୃଷିଶ୍ରମିକ, ସମ୍ବାଦପତ୍ର ଫେରିବାଲା, ଜଙ୍ଗଲରେ କାର୍ଯ୍ୟରତ ଶ୍ରମିକ ଓ ସଫେଇ ଶ୍ରମିକମାନଙ୍କ ପାଇଁ ଅଣ-ସଙ୍ଗଠିତ ଶ୍ରମିକ ସାମାଜିକ ଆଇନ୍-୨୦୦୮ ଅନୁସାରେ କିପରି ଜିଲା ଶ୍ରମ କାର୍ଯ୍ୟାଳୟରେ ସୁବିଧାରେ ପଞ୍ଜିକରଣ କରାଯାଇପାରିବ ଏବଂ ସେଥିରୁ ମିଳୁଥିବା ସରକାରୀ ସୁବିଧା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ, ଦେବଗଡ ତରଫରୁ ଶିବିରରେ ଆଇନ ସହାୟତା ପାଇଁ ଲିଫ୍ଲେଟ୍ ବଣ୍ଟା ଯାଇଥିଲା ଓ ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ ନୂତନ ପଞ୍ଜିକରଣ ପାଇଁ ଫର୍ମ ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରରେ ମଧୁପୁର ପଞ୍ଚାୟତର ଅଣ-ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବହୁ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ଏହି ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣ, ଦେବଗଡର ପାରା ଲିଗାଲ ସ୍ୱେଚ୍ଛାସେବୀ ସୁଦାମ କୁମାର ବେହେରା ସକ୍ରିୟ ସହଯୋଗ କରିଥିଲେ ।

## ଆନ୍ତଃ କ୍ଷେତ୍ରୀୟ ଆଥଲେଟିକ୍ ମିଟ୍ ଉଦ୍‌ଘାଟିତ

**ବ୍ରଜରାଜନଗର,୧୧।୧(ଡି.ଏନ.ଏ.)** ମହାନଦୀ କୋଲ ଇଣ୍ଡିଆ କମ୍ପାନୀ ଅଧୀନର ଇବ୍ ଭ୍ୟାଲି କ୍ଷେତ୍ର ପରିଚାଳନାରେ ଆନ୍ତଃ କ୍ଷେତ୍ରୀୟ ଆଥେଲେଟିକ୍ ମିଟ୍ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ଇବକ୍ଷେତ୍ର ମହା ପ୍ରବନ୍ଧକ ମଧୁସୂଦନ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ମହାନଦୀ କୋଇଲା କମ୍ପାନୀରେ କାର୍ଯ୍ୟରତ ଥିବା ବିଭିନ୍ନ ଶ୍ରମିକ ସଂଗଠନର ନେତାମାନେ ମଞ୍ଚାସୀନ ଥିଲେ । ଏରିଆ ପର୍ସନାଲ ମ୍ୟାନେଜର ଆରଏଲ କଟକ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ତାଳଚେର ଓ ଇବ୍‌କ୍ଷେତ୍ରର ବିଭିନ୍ନ ଖଣିର ୧୦ଟି ଦଳ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ ।

ସର୍ବ ଭାରତୀୟ ପ୍ରଧାନପାଟ ଫୁଟବଲ୍ କପ୍ ପଞ୍ଚମ ଦିନ

# କୋରାପୁଟକୁ ହରାଇ ସେମିରେ ଦେବଗଡ଼

**ଦେବଗଡ, ୧୧।୧ (ସ୍ୱ.ପ୍ର)**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ପ୍ରଥମ ପ୍ରଧାନପାଟ କପ୍ ସର୍ବ ଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଥିବାବେଳେ ଶୁକ୍ରବାର ପଞ୍ଚମ ଦିନରେ ବିଏଏଫ ଦେବଗଡ ଏବଂ ସ୍ପୋର୍ଟିଂ କ୍ଲବ କୋରାପୁଟ ମଧ୍ୟରେ ଗ୍ରୁପ 'ବି'ର ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତହୋଇଯାଇଛି । ବିଏଏଫ ଦେବଗଡ ୩/୧ ଗୋଲରେ ସ୍ପୋର୍ଟିଙ୍ଗ କ୍ଲବ କୋରାପୁଟ ଦଳକୁ ହରାଇ ବିଜୟୀ ହୋଇ ଗ୍ରୁପ 'ବି'ରୁ ଦ୍ୱିତୀୟ ଦଳ ଭାବରେ ସେମିଫାଇନାଲ ପ୍ରବେଶ କରିଥିଲା । ଖେଳକୁ ରେଫରି ଭାବେ ଅରୁଣ ଭୋଇ, ସୁଧାଂଶୁ ସେଠ, ରାଜୀବ ନାୟକ, ରାଜନ ଝାଙ୍କର ପ୍ରମୁଖ ସହଯୋଗ କରିଥିବାବେଳେ ବେଣୁଧର ଗଡ଼ନାୟକ ଧାରା ବିବରଣୀ ଦେଇଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଚିତ୍ତରଞ୍ଜନ ପ୍ରଧାନ, ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ସତ୍ୟନାରାୟଣ ମିଶ୍ର, ତରଣୀ ପ୍ରଧାନ, ଆଲୋକ ଅମାନ୍ତ ପ୍ରମୁଖ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଦେବଗଡ ଦଳର ଆକଲେସ ଟୋପ୍ପାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରିଥିଲେ।

ଟୁର୍ନାମେଣ୍ଟ ଆୟୋଜନରେ ମ୍ୟାଚ କମିଶନର ହେମନ୍ତ ମହାପାତ୍ର, କ୍ଲବର ସଭାପତି ଯୋଗେନ୍ଦ୍ର ସାହୁ, କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାଏକ, ପ୍ରଦୀପ ବେହେରା, ବିକାଶ ପ୍ରଧାନ, ମଛିନ୍ଦ୍ର ନାୟକ, ବିକାଶ ଅଗ୍ରୱାଲ, ସଞ୍ଜୀବ ନାକେ, ଶରତ ମେହେର, ରୁପକ ମାଝୀ, ମନୋଜ ନାୟକଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଶନିବାର ବିଏଏଫ ଦେବଗଡ ଏବଂ ବୋଡାସମ୍ବର ପଦମପୁର ମଧ୍ୟରେ ଗ୍ରୁପ 'ବି'ର ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ ସୂଚନା ଦେଇଛନ୍ତି।



ଅତିଥି, ଆୟୋଜକ, ରେଫରିଙ୍କ ସହ ଖେଳାଳିମାନେ।



କଣ୍ଢେଇ ଯୁକ୍ତ ୨ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## କଣ୍ଢେଇ କଲେଜର ବାର୍ଷିକ ଉତ୍ସବ

**ବାରକୋଟ, ୧୧।୧ (ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଇ ଯୁକ୍ତ ୨ କଲେଜର ବାର୍ଷିକ ଉତ୍ସବ କଲେଜ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବିନାରାୟଣ ସା ଯୋଗଦେଇଥିଲେ । କଲେଜର ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ ସଞ୍ଜିବ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ଷ୍ଟାଫ୍ କାଉନସିଲର୍ ଚେୟାରମେନ୍ କପୁର ଚାନ୍ଦ ସାହୁ ଅତିଥି ପରିଚୟ କରାଇଥିଲେ। ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ଏବଂ ନିର୍ଭିକ ହେବାପାଇଁ ଉପଦେଶ ଦେଇଥିଲେ। ସଭାପତି ସଞ୍ଜିବ କୁମାର ପ୍ରଧାନ କଲେଜର ଏକ ଛାତ୍ରୀନିବାସ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଓଡିଆ ଅଧ୍ୟାପକ ଡ. ସନ୍ତୋଷ କୁମାର ଦେବତା ସ୍ୱାଗତ ଭାଷଣ ଦେବା ସହିତ ପୁରସ୍କାର ବିତରଣର ନାମ ଘୋଷଣା କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ପଲ୍ଲୀସେବକ ସାହୁ, ଅଧ୍ୟାପକ ଧବଳେଶ୍ୱର ପଣ୍ଡା, ଅଧ୍ୟାପକ ରଞ୍ଜନ କୁମାର ବେହେରା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କଲେଜର ବାଳକ ବିଭାଗର ବେଣୁଧର କିଷାନ ଚାମ୍ପିୟନ ହୋଇଥିବାବେଳେ ବାଳିକା ବିଭାଗର କମଳିନୀ ଦେହୁରୀ କ୍ରୀଡାକ୍ଷେତ୍ରରେ ଚାମ୍ପିୟନ ହୋଇଥିଲେ। କଲେଜର ଅଧ୍ୟକ୍ଷା ରଞ୍ଜିତା ନନ୍ଦ ବିବରଣୀ ପାଠ କରିଥିବା ବେଳେ କପୁର ଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ବାସି ଖାଦ୍ୟ ବିକ୍ରିକୁ ନେଇ ଉତ୍ତେଜନା

ରାଉରକେଲା ଅଫିସ,୧୧।୧- ଇସ୍ପାତ୍ ମାର୍କେଟ ଫୁଡକୋର୍ଟ ପରିସରରେ ଶୁକ୍ରବାର ଅପରାହ୍ନ ୪ଟାରେ ଗ୍ରାହକଙ୍କୁ ଦୋକାନୀ ବାସି ଖାଦ୍ୟ ପରସିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଛେଣ୍ଡ ଅଞ୍ଚଳର ସୁନ୍ଦର ବଡାଇକ ନାମକ ଜଣେ ଯୁବକ ଓ ତାଙ୍କ ସାଙ୍ଗ ବିରିଆନି ଖାଇବାକୁ ଆଗ୍ରହ ପ୍ରକାଶ କରିଥିଲେ। ଦୋକାନୀ ଦେଇଥିବା ବିରିଆନି ବାସି ବୋଲି ଜାଣିବା ପରେ ସେମାନେ ପ୍ରତିବାଦ କରିଥିଲେ। ହେଲେ ଦୋକାନୀ କିଛି ଶୁଣି ନ ଥିଲେ, ବରଂ ଟଙ୍କା ଦେବାକୁ ଦାବି କରିଥିଲେ। ସେହି ଯୁବକଦ୍ୱୟ ଏହାର ପ୍ରତିବାଦ କରିବାରୁ ଦୋକାନୀଙ୍କ ନାଲିଆଖିର ଶିକାର ହେବାକୁ ପଡିଥିଲା । ଯେତେ ଅସନ୍ତୋଷ ଜାହିର କଲେ ବି ତାହା ଦୋକାନୀଙ୍କ ଉପରେ ପ୍ରଭାବ ପକାଇ ପାରି ନ ଥିଲା। ଯାହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫୁଡ କୋର୍ଟରେ ବାସୀ ଖାଦ୍ୟ ପରସା ଯିବା ନେଇ ଉପସ୍ଥିତ ଅନ୍ୟ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ଜିଲା କଂଗ୍ରେସ ପକ୍ଷରୁ ଆରଏମ୍‌ସି କମିଶନରଙ୍କୁ ଦାବିପତ୍ର

# ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କର

ରାଉରକେଲା ଅଫିସ,୧୧।୧

ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ରାଉରକେଲା ମହାନଗର ନିଗମ (ଆରଏମ୍‌ସି) କମିଶନର ରଶ୍ମିତା ପଣ୍ଡାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସହରବାସୀଙ୍କୁ ମୌଳିକ ସେବା ଓ ସୁବିଧା ଯୋଗାଇ ଦେବା ପାଇଁ ଏଥିରେ ଦାବି କରାଯାଇଛି । ଏଥି ଲାଗି ରହିଥିବା ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଛି । କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ତ୍ୱରିତ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଛି।

ଦୀର୍ଘ ଅଢେଇ ବର୍ଷ ହେବ ରାଉରକେଲାକୁ ସ୍ମାର୍ଟ ସିଟି ଭାବେ ଘୋଷଣା କରାଯିବା ପରେ ବି ସହରର ଆଖି ଦୃଶିଆ ଉନ୍ନତି ସମ୍ଭବ ହୋଇ ପାରିନି । ଯେଉଁ ପ୍ରକଳ୍ପର କାମ ଆରମ୍ଭ କରାଯାଉଛି ତାହା କଚ୍ଛପ ଗତିରେ ଚାଲିଛି। ଏହା କେବେ ଶେଷ ହେବ ସେନେଇ କାହା ପାଖରେ ଉତ୍ତର ନାହିଁ। ଆଉ କେତେକ ପ୍ରସ୍ତାବିତ ପ୍ରକଳ୍ପ ନେଇ କେବଳ ସହରବାସୀଙ୍କୁ ସ୍ୱପ୍ନ ଦେଖାଯାଉଛି। କେବେ ସେହି ପ୍ରକଳ୍ପ କାର୍ଯ୍ୟା ଆରମ୍ଭ କରାଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱେରେଜ ଲାଇନ ବିଛାଇବା



ବିଭିନ୍ନ ଦାବି ନେଇ ଜିଲା କଂଗ୍ରେସ ପ୍ରତିନିଧିମଣ୍ଡଳୀ ପକ୍ଷରୁ ଆରଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କାମ ସରୁ ନ ଥିବା ବେଳେ ଗତ ବର୍ଷା ଋତୁରେ ସହରବାସୀଙ୍କ ଦୁର୍ଦ୍ଦଶା କାହାକୁ ଅଛପା ନାହିଁ। ଏବେ ବିଭିନ୍ନ ସ୍ଥାନରେ ପାଇପ ବିଛାଇବା ପାଇଁ ଖୋଳା ଯାଇଥିବା ନାଳ ଓ ବର୍ଜ୍ୟ ମାଟିକୁ ନେଇ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ଏକାଧିକ କାମ ଅସମ୍ପୂର୍ଣ୍ଣ ଭାବେ ପଡି ରହିଛି । ଏଥିଯୋଗୁ ସହରବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଜିଲା କଂଗ୍ରେସ ଅଭିଯୋଗ କରିଛି।

ସ୍ୱେରେଜ କାମକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା, ସହରବାସୀଙ୍କୁ ଆବଶ୍ୟକ ପରିମାଣର ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରାଯାଇଛି । ରାଉରକେଲା ସରକାରୀ ଡାକ୍ତରଖାନାରେ ଉନ୍ନତ ଧରଣର ୨୦ଶଯ୍ୟା ବିଶିଷ୍ଟ ଆଇସିୟୁ ଖୋଲିବାକୁ କଂଗ୍ରେସ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଡାକ୍ତରଖାନାର ବିଭିନ୍ନ ୱାର୍ଡକୁ ବାତାନୁକୂଳ କରିବା ପାଇଁ ଦାବି କରାଯାଇଛି। ସ୍ମାର୍ଟ ସିଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ଜନ ବିରୋଧି ଟ୍ୟାକ୍ସ ଆଦାୟ ବନ୍ଦ ରଖାଯାଉ। ନିର୍ବାଚନ ନ ହେବା ପର୍ଯ୍ୟନ୍ତ ସମସ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କୁ ବିଶ୍ୱାସକୁ ନେଇ ଜନଶୁଣାଣି ମାଧ୍ୟମରେ ଆରଏମ୍‌ସି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ବୋଲି କଂଗ୍ରେସ ପ୍ରତିନିଧି ଦାବି କରିଛନ୍ତି। ଏଥିସହିତ ବନ୍ଧମୁଣ୍ଡା ଅଞ୍ଚଳକୁ ସ୍ମାର୍ଟ ସିଟି ଅନ୍ତର୍ଭୁକ୍ତ କରିବାକୁ ଦାବି ଦୋହରା ଯାଇଛି। କେତେକ ସ୍ଥାନରେ ସୁଲଭ ଶୌଚାଳୟ ନିର୍ମାର ପାଇଁ ଗୁରୁତ୍ୱାରୋପ କରାଯାଇଛି । ଗରିବ ତଥା ଅନାଥ ପିଲାଙ୍କ ନିମନ୍ତେ ସ୍ମାର୍ଟ ସିଟି ପକ୍ଷରୁ ଶିଶୁ ଓ ମହିଳା କଲ୍ୟାଣ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଝିରପାଣି ଅଞ୍ଚଳର ବିକାଶ ପାଇଁ ଖେଳ ପଡିଆ, ଗ୍ୟାଲେରି ଓ ଶୌଚାଳୟ ନିର୍ମାଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଆରଏମ୍‌ସି କମିଶନରଙ୍କୁ ଦାବିପତ୍ର ବେଳେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସମ୍ପାଦକ ରଶ୍ମିରଞ୍ଜନ ପାଢୀ ଓ ଅଜିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଧୂଳି ଉଡ଼ିବା ନେଇ ଅସନ୍ତୋଷ

ରାଉରକେଲା ଅଫିସ,୧୧।୧

ବାସନ୍ତୀ କଲୋନୀଠାରେ ଥିବା ଏସବିଆଇ ନିକଟ ରାସ୍ତାରେ ଗତ ୩ଦିନ ଧରି ପ୍ରବଳ ଧୂଳି ଉଡୁଥିବାରୁ ପଥଚାରୀଙ୍କୁ ନାକେଦମ ହେବାକୁ ପଡୁଛି। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସ୍ୱେରେଜ ପାଇପ ଲାଇନ ବିଛା କାମ ନେଇ ଠିକା ସଂସ୍ଥା ପକ୍ଷରୁ ନାଳ ଖୋଳା କାମ ଚାଲିଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଇଛି। ତେବେ ଆବାସିକ ଅଞ୍ଚଳରେ ଏଭଳି ଧୂଳି ଉଡିବା ଘଟଣାକୁ ଲୋକେ ସହଜରେ ହଜମ କରିପାରୁ ନାହାନ୍ତି। କୁହାଯାଇଛି ଯେ, ଗତ କିଛି ଦିନ ହେବ ଏଠାରେ ପାଣି ସିଞ୍ଚନ କରାଯାଉଥିଲା। ଏହା ବନ୍ଦ ହୋଇଯିବା ପରେ ଭୟଙ୍କର ଭାବେ ଧୂଳି ଉଡି ଘରକୁ ପଶୁଛି। ଏପରି ଅବସ୍ଥାରେ ରାସ୍ତା ପାର୍ଶ୍ୱ ବାସିନ୍ଦା କବାଟ ବନ୍ଦ କରି ରହିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି କରାଯାଇଛି।



ବାସନ୍ତୀ କଲୋନୀଠାରେ ରାସ୍ତାରେ ଧୂଳି ଉଡିବା ନେଇ ଅସନ୍ତୋଷ ଦେଖାଦେଇଛି।

# ପୁଣି ଏକ ଶେଲ୍‌ଟର ହୋମ୍ ସିଲ୍

ବ୍ରହ୍ମପୁର ଅଫିସ୍,୧୧।୧

କିଶୋର ନ୍ୟାୟ ଆଇନ ଉଲ୍ଲଂଘନ କରୁଥିବା ଶେଲ୍‌ଟର ହୋମରେ ଗଞ୍ଜାମ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇ ସେଗୁଡିକୁ ବନ୍ଦ କରାଯାଉଛି। ଗୁରୁବାର ବ୍ରହ୍ମପୁର ସହରର ୨ଟି ଶିଶୁ ଭବନ ବ୍ଲେସିଂ ବଏଜ ହୋମ ଓ ଗ୍ରେସ ଗୋସ୍‌ପେଲ୍ ଗ୍ରେସ ହୋମରେ ଚଢ଼ାଉ କରାଯାଇଥିଲା । ଉଭୟ ସ୍ଥାନରେ ଶିଶୁମାନଙ୍କ ରହିବା ପାଇଁ ମୌଳିକ ସୁବିଧା ନ ଥିବା ଜଣାପଡ଼ିବା ପରେ ସେସବୁକୁ ବନ୍ଦ କରାଯାଇଥିଲା। ଶୁକ୍ରବାର ପୁଣି ସହରରେ ଥିବା ୱାର୍ଲ୍ଡ ମିଶନ୍ ଇଭାନ୍‌ଜେଲିଜମ୍ ନାମକ ଏକ ଶେଲ୍‌ଟର ହୋମ୍‌ରେ ଚଢ଼ାଉ କରାଯାଇ ତାହାକୁ ସିଲ୍ କରି ଦିଆଯାଇଛି। ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ଥିବା ୱାର୍ଲ୍ଡ ମିଶନ୍ ଇଭାନ୍‌ଜେଲିଜମ୍ ଶିଶୁ ଭବନରେ ପୂର୍ବରୁ ଚଢାଉ ହୋଇଥିଲା । ସର୍ବନିମ୍ନ ମୌଳିକ ସୁବିଧା ନ ଥିବା ହେତୁ ଏହାକୁ ବନ୍ଦ କରିବା ପାଇଁ ସେ ସମୟରେ ଜିଲାପ୍ରଶାସନ ପକ୍ଷରୁ ଶେଲ୍‌ଟର ହୋମ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଦିଆଯାଇଥିଲା । ତଥାପି ତାହା ବନ୍ଦ ହୋଇ ନ ଥିଲା । ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ ଏବଂ ଶିଶୁ କଲ୍ୟାଣ କମିଟି ସଦସ୍ୟ ହରିହର ପାଢୀ, ସିଏଚ୍.ଜ୍ୟୋତି କୁମାରୀ, ଡ.ଶ୍ୟାମାକାନ୍ତ, ମିନତି ପ୍ରଧାନ ଏବଂ ଟାଉନ ଥାନା ପୋଲିସ ଚଢାଉ କରି ଉକ୍ତ ଶେଲ୍‌ଟର ହୋମକୁ ସିଲ୍ କରିଛନ୍ତି।

କୁଚେଇତା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ

# କ୍ରୀଡ଼ା ଭାତୃତ୍ୱ ବନ୍ଧନର ନିଆରା ଅନୁଭୂତି

ରାଉରକେଲା ଅଫିସ,୧୧।୧

ଖେଳ ହାରଜିତର ମୂଲ୍ୟାଙ୍କନ ଭିତରେ ସୀମିତ ନୁହେଁ। ଏହା ପରସ୍ପର ମଧ୍ୟରେ ଭାତୃତ୍ୱର ସେତୁବନ୍ଧ ପରି କାର୍ଯ୍ୟ କରେ। ଏଣୁ ହାରଜିତକୁ ମନରୁ ପୋଛି ଛାତ୍ରୀଛାତ୍ର କ୍ରୀଡା ପ୍ରତି ଅଗ୍ରହୀ ହେବା ଉଚିତ ବୋଲି ଲାଠିକଟା ନିକଟ କୁଚେଇତା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷକ କ୍ରୀଡାତ୍ସୋବର ଉଦ୍‌ଯାପନୀ ସମାରୋହରେ ଅତିଥି ରୂପେ ଯୋଗାଦେଇ ସାମାଜିକ କର୍ମୀ ଶାନ୍ତନୁ କୁସୁମ ପ୍ରକାଶ କରିଛନ୍ତି। ସେ ଆହୁରି କହିଥିଲେ ଯେ, ଖେଳ ସମାଜ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ। ଏ ନେଇ ଛାତ୍ରୀଛାତ୍ର ସଚେତନ ହେବା ସହ କ୍ରୀଡାର ମହତ୍ତ୍ୱକୁ ବୁଝିବା ଆବଶ୍ୟକ ବୋଲି କୁସୁମ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ମହାନ୍ତି ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଦୋଲମଣି ମେହେର ମଂଚ ପରିଚାଳନା କରିଥିଲେ। ଦୁଇ ଦିନ ବ୍ୟାପି ଆୟୋଜିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଲମ୍ଫ ଡିଆଁ, ଉଚ୍ଚ ଡିଆଁ ସହ ୫୦, ୧୦୦ ଓ ୨ଶହ ମିଟର ଦୌଡ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ମ୍ୟୁଜିକ ଚେୟାର ସହ ଫେନସି ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହଈଥିଲା। ଏଥିରେ ଶିକ୍ଷୟିତ୍ରୀ କଳ୍ପନା ରାୟ, ସରୋଜିନୀ ଦାସ, ଅନୁପମା ରାୟ, ନବନିତା ।ପାଢ଼ି, ରାଜଲକ୍ଷ୍ମୀ ବେହେରା, ଅର୍ଚ୍ଚନା ସାହୁ ଓ ଜ୍ୟୋତି ଚନ୍ଦ୍ରକା ପ୍ରମୁଖ ଉପସ୍ଥିତ ଥିଲେ।



କୁଚେଇତା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଜୋବ୍ରା ସୋଲାର, ୟୁଥ କ୍ଲବ ରାଉରକେଲା ବିଜୟୀ

ପଦ୍ମପୁର, ୧୧।୧ (ଡି.ଏନ.ଏ)

ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ପ୍ରଥମ ମ୍ୟାଚରେ ଜୋବ୍ରା ସୋଲାର କଟକ ଓ ଦ୍ୱିତୀୟ ମ୍ୟାଚ୍‌ରେ ୟୁଥ କ୍ରିକେଟ କ୍ଲବ ରାଉରକେଲା ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଜୋବ୍ରା ସୋଲାର୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୨ ରନ କରିଥିଲେ । ସୋଲାର ଦଳ ପକ୍ଷରୁ କୁନାଲ ମଲ୍ଲିକ ୭୦ (୪୭) ରନ୍ ସଂଗ୍ରହ କରିଥିଲେ । ୧୫୩ ରନ୍‌ର ଲକ୍ଷ୍ୟ ନେଇ ଜାମସେଦପୁର ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୩୭ ରନ୍ କରିବାକୁ ସକ୍ଷମ ହୋଇ ୧୫ ରନରେ ପରାସ୍ତ ହୋଇଥିଲା । ସୋଲାର ଦଳ ପକ୍ଷରୁ ମଳୟ ପ୍ରଧାନ ୨ଟି ଉଇକେଟ ଅକ୍ତିଆର କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ୍ ନାଗପୁର ସେରସା ଏବଂ ୟୁଥ କ୍ରିକେଟ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୨୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଶୋକ




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

**ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟ**

ବାରିକ ୩୦ (୨୨) ଏବଂ ରାଜୀବ ନାୟକ ୩୧ (୨୮) ରନ୍ ସଂଗ୍ରହ କରିଥିଲେ। ୧୩୦ ରନ୍‌ର ଲକ୍ଷ୍ୟ ନେଇ ନାଗପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୦୭ ରନ୍ ସଂଗ୍ରହ କରି ୨୨ ରନରେ ପରାଜିତ ହୋଇଥିଲା । ରାଉରକେଲା ଦଳ ପକ୍ଷରୁ ରାଜୀବ ନାୟକ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଭିଭାନ ଚାରିଟେବଲ ଟ୍ରଷ୍ଟ ସଭାପତି ଚନ୍ଦନ କୁମାର ବଂଶଲ ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ସୋଲାର ଦଳର କୁନାଲ ମଲ୍ଲିକ ଏବଂ ଦ୍ୱିତୀୟ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ୟୁଥ କ୍ଲବର ରାଜୀବ ନାୟକଙ୍କୁ ପୁରସ୍କୃତ କରିଥିଲେ। ସତ୍ୟବ୍ରତ ମହାପାତ୍ର, ଶ୍ୟାମସୁନ୍ଦର ପଣ୍ଡା, ଚୂଡାମଣି ପାଢ଼ୀ ଖେଳ ପରିଚାଳନା କରିଥିଲେ। ଆକାଶ କୁମାର ଦାଶ ସ୍କୋରର ଓ ମ୍ୟାକ ମିଲନ୍ ମହାକୁଡ ଧାରାବିବରଣୀ ପ୍ରଦାନ କରିଥିଲେ । ଶନିବାର ପ୍ରଥମ ମ୍ୟାଚ୍ ରାଞ୍ଚି ଓ ଜୋବ୍ରା ସୋଲାର ଏବଂ ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଓ ଜୁଭେନାଇଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

# ପୋଖରୀରେ ବୁଡ଼ିଗଲେ ଭଉଣୀ ଭାଇ

କାଲିମେଳା,୧୧।୧(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପଞ୍ଚାୟତ ସାଲମାରିକୋଣ୍ଡା ଗ୍ରାମରେ ଶୁକ୍ରବାର ଏକ ଅଘଟଣ ଘଟିଛି। ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡିଯାଇ ୨ ଶିଶୁଙ୍କ ମୃତ୍ୟୁ ହୋଇଛି। ସେମାନେ ସମ୍ପର୍କୀୟ ଭାଇଭଉଣୀ ବୋଲି ଜଣାପଡିଛି। ଏଭଳି ହୃଦୟ ବିଦାରକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ଖବରରୁ ଜଣାପଡିଛି, ଉକ୍ତ ଗ୍ରାମର ଦେବା ମାଡକାମିଙ୍କ ୫ ବର୍ଷର ପୁଅ ବିବେକ ଏବଂ ତାଙ୍କ ଘରକୁ ବୁଲିବାକୁ ଆସିଥିବା ଚିତ୍ରାଙ୍ଗପାଲି ପଞ୍ଚାୟତ ଉସକାପାଲି ଗ୍ରାମର ବଜା ପଡିଆମିଙ୍କ ୮ବର୍ଷର ଝିଅ ରାମେ ପଡିଆମି ଗୁରୁବାର ଅପରାହ୍ନ ୨ଟାରେ ସାଲମାରିକୋଣ୍ଡା ଗ୍ରାମରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଉଭୟେ ଗାଧୋଉଥିବା ସମୟରେ ପୋଖରୀର ଗଭୀର ଜଳକୁ ଚାଲିଯାଇ ବୁଡି ଯାଇଥିଲେ । ଦୀର୍ଘ ସମୟ ଧରି ୨ ଶିଶୁ ଘରକୁ ନ ଫେରିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରି ଗାଁ ପୋଖରୀ ନିକଟରେ ପହଞ୍ଚିଥିଲେ । ସେଠାରେ ଉଭୟଙ୍କ ପୋଷାକ ପଡିଥିବା ଦେଖିବାକୁ ପାଇଥିଲେ । ୨ ଶିଶୁ ନିଖୋଜ ଥିବା ସମ୍ପର୍କରେ ପରିବାର ଲୋକେ ଗ୍ରାମବାସୀଙ୍କୁ ଜଣାଇବା ପରେ ସମସ୍ତେ ପୋଖରୀର ଗଭୀର ଜଳରେ ପଶି ଶିଶୁଙ୍କୁ ଖୋଜିଥିଲେ । ପାଣିଭିତରୁ ଅପରାହ୍ନ ପ୍ରାୟ ୪ଟାରେ ସେମାନଙ୍କ ମୃତଦେହ ଗ୍ରାମବାସୀ ଉଦ୍ଧାର କରିଥିଲେ । ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଲୋକେ କାଲିମେଳା ଥାନାରେ ଲିଖିତ ଏତଲା କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଶିଶୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

# ବିଶ୍ରା ବ୍ଲକରେ ଲୋକ ସାଂସ୍କୃତିକ ମହୋତ୍ସବ

ରାଉରକେଲା ଅଫିସ, ୧୧।୧

ବିଶ୍ରା ବ୍ଲକର ଦଲପୋଷ ଅଞ୍ଚଳରେ ଆଞ୍ଚଳିକସ୍ତରୀୟ ଲୋକ ସାଂସ୍କୃତିକ ମହୋତ୍ସବ ଆରଏସ୍‌ପି ସିଏସ୍‌ଆର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଟି ନୃତ୍ୟ ଦଳ ଭାଗ ନେଇ ଆକର୍ଷଣୀୟ ଆଦିବାସୀ ତଥା ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପି ସହରସେବା ବିଭାଗ ଜିଏମ୍ ଅଜୟ ନାୟକ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ଡିଜିଏମ୍ ଇନଚାର୍ଜ ପି.ସି.ଦାସ ଯୋଗ ଦେଇଥିଲେ । ଏହି ଅବସରରେ ନାୟକ ବକ୍ତବ୍ୟ କହିଲେ, ପରମ୍ପରା ଓ ସଂସ୍କୃତିର ସୁରକ୍ଷା ପାଇଁ ଆରଏସ୍‌ପି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ସିଏସ୍‌ଆର ବିଭାଗ ଡିଜିଏମ୍ ଇନଚାର୍ଜ ପବିତ୍ରମୋହନ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମୁନମୁନ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ନୃତ୍ୟ ଦଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦଲପୋଷ ଗାଁ ପ୍ରଥମ ସ୍ଥାନ ଅଧିକାର କରି ୫ହଜାର ଟଙ୍କା ପୁରସ୍କାର ରାଶି ଜିଣିଥିବା ବେଳେ ସରୁଆବାହାଲ ଦ୍ୱିତୀୟ ପୁରସ୍କାର ବାବଦରେ ୪ ହଜାର ଓ ଉଡୁଷ କେନ୍ଦୁଟୋଲି ଗାଁ ୩ୟ ସ୍ଥାନ ଅଧିକାର କରି ୩ ହଜାର ଟଙ୍କା ଗ୍ରହଣ କରିଥିଲା। ଅବଶିଷ୍ଟ ୨୭ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ୧୫୦୦ ଟଙ୍କା ଲେଖାଁଏ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଆରଏସ୍‌ପି ପାନପୋଷ ଉପଖଣ୍ଡ ଅନ୍ତର୍ଗତ ୪ଟି ବ୍ଲକରେ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ନାଁରେ ପ୍ରତିବର୍ଷ ଏହି ଉତ୍ସବ ପାଳନ ହୋଇଆସୁଛି।



ଆରଏସପି ପକ୍ଷରୁ ବିଶ୍ରା ବ୍ଲକ ଅଞ୍ଚଳରେ ଲୋକ ସାଂସ୍କୃତିକ ମହୋତ୍ସବରେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି କଳାକାରମାନେ।




ଜଲଦା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପ୍ରିୟଦର୍ଶିନୀ ମହିଳା କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ରାଉରକେଲା ଅଫିସ,୧୧।୧

ଜଲଦା ନିକଟସ୍ଥ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟ ଯୁବ ଓ କ୍ରୀଡା ବିଭାଗ ସହଯୋଗରେ ଶୁକ୍ରବାର ଆତ୍ମରକ୍ଷା ତାଲିମ ତଥା କୌଶଳ ଶିକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟାପିକା ଗୀତିକା ପଟେଲ ଓ ରଞ୍ଜୁ ପଟେଲଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ କଲେଜ ଅଧ୍ୟକ୍ଷା ସୌଦାମିନୀ ଭୂୟାଁ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ନେବା ଜରୁରୀ ବୋଲି କହିଥିଲେ। ପ୍ରତ୍ୟେକ ମଣିଷ ଯେତେବେଳେ ନିଜ ଆତ୍ମରକ୍ଷା ପାଇଁ ଚିନ୍ତା କରୁଛି ସେତେବେଳେ କଲେଜ ଛାତ୍ରୀଙ୍କୁ ଏହି ଶିକ୍ଷା ପ୍ରଦାନ କରିବା ନିହାତି ଆବଶ୍ୟକ ବୋଲି ଭୂୟାଁ କହିଥିଲେ। ଏହାକୁ ଯିଏ ଆନ୍ତରିକତା ସହ ଆପଣାଇ ପାରିଲା ସିଏ ନିଶ୍ଚିତ ଭାବେ ଆସନ୍ନ ବିପଦରୁ ନିଜକୁ ସୁରକ୍ଷିତ ରଖିପାରିବ ବୋଲି ସେ କହିଥିଲେ। ଏଥିରେ ଅଧ୍ୟାପିକା ଗୀତିକା ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ଅମ୍ରିତା ପୁରନ ଓ ରତନୀ ଓରାମ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନା ଷଡଙ୍ଗୀ, ସରିତା ଦାସ, ଅରୁନ୍ଧତୀ ଦାସ ଓ ଇତିଶ୍ରୀ ପଟ୍ଟନାୟ ପ୍ରମୁଖ ଉପସ୍ଥିତ ଥିଲେ।



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।

- ବୁଦ୍ଧଦେବ



## ସଂକ୍ଷେପରେ

### ବାଏଲମା, କର୍ମାବାହାଲ, ପଞ୍ଚପଡାରେ ଇଭିଏମ ସଚେତନତା କାର୍ଯ୍ୟକ୍ରମ

**କୁତ୍ରା, ୧୧।୧ (ଡି.ଏନ.ଏ)**

କୁତ୍ରା ବ୍ଲକର ବାଏଲମା, କର୍ମାବାହାଲ ଓ ପଞ୍ଚପଡାଠାରେ ଶୁକ୍ରବାର ଗ୍ରାମବାସୀଙ୍କ ମଧ୍ୟରେ ଇଭିଏମ ମେଶିନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁତ୍ରା ବ୍ଲକର କନିଷ୍ଠଯନ୍ତ୍ରୀ କୋଦଣ୍ଡ ପ୍ରଧାନ ଓ ଭେଷଜ କିଷାନ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏକ ଇଭିଏମ ମେଶିନ ସାଙ୍ଗରେ ଧରି ବ୍ଲକ ଅନ୍ତର୍ଗତ ବାଏଲମା, କର୍ମାବାହାଲ ଓ ପଞ୍ଚପଡା ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଇଭିଏମ ମେଶିନରେ କିପରି ଭୋଟ ଦିଆଯାଇପାରିବ ତା’ ଉପରେ ବୁଝାଇଥିଲେ। ଏହା ଛଡା ଲୋକଙ୍କୁ ମେଶିନ ଟିପ ଚିହ୍ନ ଦେଇ ପ୍ରଶିକ୍ଷଣ କରିଥିଲେ। ଇଭିଏମ ମେଶିନରେ ଆମେ କେଉଁ ଚିହ୍ନରେ ଭୋଟ ଦେଲୁ ତାହା ଜାଣିବା ପାଇଁ ଏଥର ଇଭିଏମ ମେଶିନ ସହିତ ଏକ ଅନ୍ୟ ମେଶିନ ସଂଯୋଗ କରାଯାଇଛି। ଯେଉଁଥିରେ ଆମେ କେଉଁ ଚିହ୍ନରେ ଭୋଟ ଦେଲୁ ତାହା ସାଙ୍ଗେ ସାଙ୍ଗେ ଜାଣିବାରିବୁ । ଏନେଇ ଉପସ୍ଥିତ ଗ୍ରାମବାସୀ ଉତ୍ସାହର ସହିତ ମେଶିନ ବ୍ୟବହାର ନେଇ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମ ଗତ ୭ରୁ ଆରମ୍ଭ ହୋଇଛି। ବ୍ଲକର ସମସ୍ତ ଗ୍ରାମକୁ ଯାଇ ଲୋକଙ୍କୁ ଏହି ନୂତନ ଇଭିଏମ ମେଶିନକୁ ନେଇ ସଚେତନ କରାଯିବ ବୋଲି ଯନ୍ତ୍ରୀ କୋଦଣ୍ଡ ପ୍ରଧାନ ପ୍ରକାଶ କରିଥିଲେ। ସମଗ୍ର ବ୍ଲକ ପାଇଁ ଏଭଳି ଦୁଇଟି ମେସିନ ନେଇ ଦୁଇଟି ଟିମ୍ କରି ଲୋକଙ୍କୁ ସଚେତନତା କରାଯାଉଥିବା ପ୍ରକାଶ କରିଥିଲେ।

### ପୂର୍ବତନ ନଗରପାଳଙ୍କ ବିୟୋଗରେ ନାଗରିକ କମିଟିର ଶୋକ

**ସୁନ୍ଦରଗଡ, ୧୧।୧ (ଡି.ଏନ୍.ଏ)**

-ସୁନ୍ଦରଗଡର ପୂର୍ବତନ ନଗରପାଳ ତଥା ଜଣାଶୁଣା ବରିଷ୍ଠ ଆଇନଜୀବୀ ବିଶେଶ୍ୱର ପୁରୋହିତଙ୍କ ବିୟୋଗରେ ନାଗରିକ କମିଟି ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଗୁରୁବାର ନାଗରିକ କମିଟିର ସଭାପତି ଆଡଭୋକେଟ ଆଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜରୁରୀ ବୈଠକରେ ନାଗରିକ କମିଟିର ପ୍ରଥମ ସଭାପତି ତଥା ପୂର୍ବତନ ନଗରପାଳ ସ୍ୱର୍ଗତ ବିଶେଶ୍ୱର ବାବୁଙ୍କ ଆକସ୍ମିକ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୁନ୍ଦରଗଡର ବିଭିନ୍ ବିକାଶମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରାଯାଇ ସ୍ମୃତିଚାରଣ କରି ତାଙ୍କର ଅବଦାନ ସ୍ମରଣୀୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଚିନ୍ମୟ କୁମାର ପାଣିଗ୍ରାହୀ, ହରଜେନ୍ଦ୍ର ସିଂ, ପ୍ରଫୁଲ୍ଲ ସୁନ୍ୟାନୀ, ଅରୁଣ ପଟେଲ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ନୀଳମାଧବ ସାହାଣୀ, ଗୋପମହାନ୍ତ, ବିରଞ୍ଚି ତ୍ରିପାଠୀ, ବେଣୁମାଧବ ତ୍ରିପାଠୀ, ସୁମନ୍ତ ସାହୁ, ଧର୍ମେଶ ପଟେଲ, ବିଶ୍ୱରଞ୍ଜନ ହୋତା ପ୍ରମୁଖ ଯୋଗଦେଇଥିଲେ।

### ବଡଗାଁ ପଞ୍ଚାୟତ ସମିତି ବୈଠକ

**ବଡଗାଁ, ୧୧।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି । ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ମିଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଡିଓ ଦାୟୀତ୍ୱରେ ଥିବା ତହସିଲଦାର ସୋନାଲି ଚାନ୍ଦଙ୍କ ସହିତ ବ୍ଲକ ଷ୍ଟାପ, ବିଭିନ୍ନ ବିଭାଗର କର୍ମଚାରୀ, ଜିଲାପରିଷଦ ସଭ୍ୟା ସ୍ନେହଲତା ବେଜି, ସଭ୍ୟ ଅଶୋକ ଲାକ୍ରା, ସାଂସଦ ପ୍ରତିନିଧି ବସନ୍ତ ସାହୁ, ବିଧାୟକଙ୍କ ପ୍ରତିନିଧି ଅଶୋକ ବେହେରା ଓ ସରପଞ୍ଚ, ସମିତି ସଭ୍ୟା ସଭ୍ୟମାନେ ଯୋଗଦେଇଥିଲେ। ବୈଠକ ଆରମ୍ଭରେ ତହସିଲଦାର ଚାନ୍ଦ ଉପସ୍ଥିତ ଜନପ୍ରତିନିଧି ଓ କର୍ମଚାରୀଙ୍କୁ ସ୍ୱାଗତ ଜଣାଇଲା ପରେ ଜିପିଓ ମୁକ୍ତେଶ୍ୱର ସା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ଜନପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ ସମ୍ପୂର୍ଣ୍ଣ କରିଥିବା କେତେକ ହିତାଧିକାରୀଙ୍କୁ ଟଙ୍କା ମିଳିନଥିବା ଅଭିଯୋଗ କରିଥିଲେ। ଅବକାରୀ କର୍ମଚାରୀମାନେ ଲୋକଙ୍କୁ ଧରିବା ପରେ ହଇରାଣ କରୁଥିବା ଅଭିଯୋଗ ଉଠାଇଥିଲେ । ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଶିଶୁ ବିକାଶ, ଜଙ୍ଗଲ ଓ ଅବକାରୀ ଉପରେ ଆଲୋଚନା କରିଥିଲେ।

ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

# କ୍ରୀଡ଼ା କର୍ମନିଷ୍ଠା, ଶୃଙ୍ଖଳା ଭାବ ଶିକ୍ଷାଦିଏ

**ବେଦବ୍ୟାସ, ୧୧।୧ (ଡି.ଏନ.ଏ)**




ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି, ବକ୍ତା।

ବେଦବ୍ୟାସସ୍ଥିତ ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ୨୫ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବେଦବ୍ୟାସ ଶାଖାର ପ୍ରବନ୍ଧକ ମନିଷ ଚନ୍ଦ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କ୍ରୀଡା ଧ୍ୱଜା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସେ ବକ୍ତବ୍ୟ ମାଧ୍ୟମରେ କ୍ରୀଡା ଛାତ୍ରୀଛାତ୍ରଙ୍କୁ କର୍ମନିଷ୍ଠା ଓ ଶୃଙ୍ଖଳାଜ୍ଞାନ ଶିକ୍ଷାଦିଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ବରିଷ୍ଠ ସଦସ୍ୟ ତଥା ଶ୍ରମିକ ନେତା ଆଦିକନ୍ଦ ଭୋଳ, ସମ୍ମାନିତ ଅତିଥି ଭାବେ ଯୁବନେତା ତ୍ରିଷ୍ଟି ତଥା ସାମାଜିକ କର୍ମୀ ପ୍ରମୋଦ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟବସାୟ ଓ ସଂଯମୀ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ତରୁଣ ଆଇନଜୀବୀ ଉପେନ୍ଦ୍ର ବଘାର ଯୋଗଦେଇ କ୍ରୀଡାର ବଳିଷ୍ଠ ଉପାଦେୟତା ସମ୍ପର୍କରେ ବୁଝାଇବା ସହ ସୁସ୍ଥତା ଓ ଜାତୀୟ ସଂହତି ପ୍ରତିଷ୍ଠା କ୍ଷେତ୍ରରେ ଖେଳ କସରତର ଅନନ୍ୟ ଅବଦାନ ଥିବା ଉଲ୍ଲେଖ କରିଥିଲେ। ଏହି ଅବସରରେ ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ଗ୍ରେଟରର ଜନସମ୍ପର୍କ ଅଧିକାରୀ ରାକେଶ କୁମାର ସିଂ, ବ୍ୟାସ ମୁନି ମନ୍ଦିର ପୂଜକ ଅଜିତ ଦାଶ, ସମାଜସେବୀ ସୁନିନ୍ଦ୍ର ସିଂ, କିଶୋର କୁମାର ପଣ୍ଡା, ବ୍ୟାଙ୍କ କର୍ମଚାରୀ ମନୋରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ୟାସ ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ଅତିଥି ସ୍ୱାଗତ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ସସ୍ମିତା ରାଉତ ପ୍ରତିଯୋଗୀମାନଙ୍କ ଉଦ୍ଦେଶ୍ୟରେ କ୍ରୀଡା ଉତ୍ସବର ଶପଥ ପାଠ କରିଥିଲେ। କ୍ରୀଡା ଶିକ୍ଷକ ଶଶିଧର ସାହୁ ଓ ଗିରିଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପାଢ଼ୀ, ଉମେଶ ଚନ୍ଦ୍ର ଦାଶ, ମଞ୍ଜୁଳା ତ୍ରିପାଠୀ, ସୁପ୍ରିୟା ମହାରଣା, ସୀତା ନାଗ, ମଧୁସୂଦନ ଦାଶ, ଲକ୍ଷ୍ମୀଧର ସାହୁ, ସୁବାଷ ସାହୁ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ଉତ୍ସବ ସଫଳ ନିମନ୍ତେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

# ରେଲୱେ ଟ୍ରାକରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ରାଜଗାଙ୍ଗପୁର, ୧୧।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଲୱେ ପୋଲିସ ଅଧିନ ସମ୍ବଲପୁର ଜିଲାର ଗଡପୋଷ ଓ ଟାଙ୍ଗରମୁଣ୍ଡା ରେଲୱେ ଷ୍ଟେସନ ମଧ ଭାବରେ ଶୁକ୍ରବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରାଜଗାଙ୍ଗପୁର ରେଲୱେ ପୋଲିସ ଅଧିକାରୀ ଖଗେଶ୍ୱର ରାଉଲଙ୍କଠାରୁ ଜାଣିବାକୁ ମିଳିଛି ଯେ, ଶୁକ୍ରବାର ରାଉରକେଲା ପଟୁ ଯାଉଥିବା ଅହମ୍ମଦାବାଦ ଅପ୍ ଟ୍ରେନ୍‌ରୁ ଜଣେ ୩୦ ବର୍ଷୀୟ ଯୁବକ ଗଡପୋଷ ଓ ଟାଙ୍ଗରମୁଣ୍ଡା ମଧ ଭାଗରେ ଖସିପଡି ମୃତ୍ୟୁବରଣ କରିଛନ୍ତି। ରାଜଗାଙ୍ଗପୁର ଷ୍ଟେସନ ମାଷ୍ଟର ରଞ୍ଜିତ ସେନାପତି ଅବଗତ ପରେ ରାଜଗାଙ୍ଗପୁର ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିଛନ୍ତି। ଚିହ୍ନଟ ପାଇଁ ୯୬ ଘଣ୍ଟା ରଖାଯାଇଥିବା ବେଳେ ରାଜଗାଙ୍ଗପୁର ଷ୍ଟେସନରେ ମୃତଦେହ ରଖିବା ପାଇଁ କୌଣସି ଗୃହ ନ ଥିବାରୁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ବିଭିନ୍ନ ସମୟରେ ପୋଲିସ ମୃତଦେହକୁ ଷ୍ଟେସନ ବାହାରେ ରଖି ଦେଉଥିବାରୁ ପଚାଗନ୍ଧରେ ଅତିଷ୍ଠ ହୋଇ ଲୋକେ ରେଲୱେ ପୋଲିସ ଉପରେ ଚଢ଼ାଉ କରିଥାନ୍ତି। ଏହା ଛଡା ମୃତଦେହକୁ ଡାକ୍ତରଖାନାରେ ମଧ ରଖାଯାଉ ନ ଥିବାରୁ ପୋଲିସକୁ ନାକେଦମ ହେବାକୁ ପଡୁଥିବା ପୋଲିସ ପ୍ରକାଶ କରିଛି। ଉଦ୍ଧାର ମୃତଦେହକୁ ରାଜଗାଙ୍ଗପୁର ପୋଲିସ ଚିହ୍ନଟ ପାଇଁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ରଖିଥିବା ଜଣାପଡିଛି ।

## ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଲହୁଣୀପଡା, ୧୧।୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କୁଡେଇକଲା ପଞ୍ଚାୟତର ବିଲେଇପଡା ଠାରେ ଅବସ୍ଥିତ ବାବା ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଗୁରୁବାର ମହିଳା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ମାହାନ୍ତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହା ୧୨ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୬୦ଜଣ ଛାତ୍ରୀଙ୍କୁ ନାଗି ମୁଣ୍ଡା ଓ ମୁନି ଓରାମ ତାଲିମ ପ୍ରଦାନ କରିବେ। ୬୦ଜଣ ଛାତ୍ରୀ ତାଲିମ ଗ୍ରହଣ କରି ନିଜ ସହିତ ଅନ୍ୟମାନଙ୍କୁ ମଧ ତାଲିମ କୌଶଳ ସମ୍ପର୍କରେ ସୂଚନା ଦେଲେ ଅନ୍ୟ ସମସ୍ତେ ଉପକୃତ ହୋଇପାରିବେ ବୋଲି ଅଧକ୍ଷ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିରେ ବିଦ୍ୟାଳୟର ଅଧାପିକା, ଅଧାପକମାନେ ଉପସ୍ଥିତ ଥିଲେ।



ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଦିଆଯାଉଛି।

## ୧୪ରେ ଗୁରୁଣ୍ଡିଆଠାରେ ଜିଲାପାଳଙ୍କ ଜନଶୁଣାଣି

**ଲହୁଣୀପଡା, ୧୧।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଣେଇ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ମୁତାବକ ଚଳିତ ଜାନୁୟାରୀ ମାସ ୧୪ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟଠାରେ ସୁନ୍ଦରଗଡ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣାଣି କରିବା କାର୍ଯ୍ୟକ୍ରମ ରହିଛି। ଏଣୁ ଏହି କାର୍ଯ୍ୟକ୍ରମରେ ଜନସାଧାରଣ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ପହଞ୍ଚି ଜିଲାପାଳଙ୍କ ନିକଟରେ ନିଜର ଆପତ୍ତି ଅଭିଯୋଗ କରିପାରିବେ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି ।

## ଶ୍ରମିକ ନେତା ଜଗଦିଶ ନାଗଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ




ବେଦବ୍ୟାସ ଘାଟରେ ତିଳତର୍ପଣ କରାଯାଉଛି।

**ବେଦବ୍ୟାସ, ୧୧।୧ (ଡି.ଏନ.ଏ)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ବ୍ୟାସପୀଠ ବେଦବ୍ୟାସରେ ଶୁକ୍ରବାର ସକାଳ ୧୦ଟାରେ ରାଉରକେଲା ମଜଦୁର ସଭାର ପୂର୍ବତନ ସଭାପତି ସ୍ୱର୍ଗତ ଜଗଦିଶ ନାଗଙ୍କ ୧୩ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଏହି ଅବସରରେ ଠିକା ଶ୍ରମିକ ସଭାର ସାଧାରଣ ସମ୍ପାଦକ ବିଶିଷ୍ଟ ଶ୍ରମିକ ନେତା ଆଦିକନ୍ଦ ଭୋଳଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ଉପସ୍ଥିତ ଶ୍ରମିକ ନେତାମାନେ ସ୍ୱର୍ଗତ ଜଗଦିଶ ନାଗ ଜଣେ ଶ୍ରମିକ ବତ୍ସଳନେତା। ତାଙ୍କର ଆତ୍ମା ଅମର ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ରାଉରକେଲା ମଜଦୁର ସଭାର ସାଧାରଣ ସମ୍ପାଦକ ଶଶିଧର ନାୟକ, ଉପସଭାପତି କଳାକାର ସାହୁ, କିଶୋର ପାଣିଗ୍ରାହୀ, କୁଳମଣୀ ରାୟ, ବିମଳ ବେହୁରିଆ, ଦିପକ ମହାନ୍ତି, ଯୁଧିଷ୍ଠିର ସାହୁ, ପ୍ରଶାନ୍ତ ତରାଇ ପ୍ରମୁଖଙ୍କ ସମେତ ଶତାଧିକ ଶ୍ରମିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ। ଶେଷରେ ଉପସ୍ଥିତ ଶ୍ରମିକ ନେତାଙ୍କ ଶ୍ରମିକମାନେ ବେଦବ୍ୟାସ ଘାଟରେ ସ୍ୱର୍ଗତ ଜଗଦିଶ ନାଗଙ୍କ ଆତ୍ମାର ସଦଗତି ଓ ଅମର ଉଦ୍ଦେଶ୍ୟରେ ତିଳତର୍ପଣ କରିଥିଲେ।

## ଡ୍ୟାମ୍ ପରିଦର୍ଶନ କଲେ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ର

**ଲେଫ୍ରିପଡା,୧୧।୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରରେ ଆରମ୍ଭ ହୋଇଥିବା ଜାତୀୟ ଗ୍ରାମୀଣ ସ୍କାଉଟ୍ ଗାଇଡ୍ ରେଞ୍ଜର ରୋଭର ମହୋତ୍ସବରେ ୨୩ ରାଜ୍ୟର ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଶୁକ୍ରବାର ସେମାନେ ସରପଗଡ ଡ୍ୟାମ୍ ପରିଦର୍ଶନ କରିଛନ୍ତି। ସ୍କାଉଟ୍ ଗାଇଡ୍ ରେଞ୍ଜର ରୋଭର ଛାତ୍ରୀଛାତ୍ର ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗିରିଙ୍ଗକେଲା କେସିପି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ କେସିପି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ମିଶ୍ରଙ୍କ ସଭାପତିତ୍ୱରେ ସ୍କାଉଟ୍ ଗାଇଡ୍ ରାଜ୍ୟ ସଭାପତି କାଳୀପ୍ରସାଦ ମିଶ୍ର, ଦିଲ୍ଲୀ ସ୍କାଉଟ୍ ଗାଇଡ୍‌ର ସଂଯୋଜକ ଅମର ବାହାଦୁର କ୍ଷେତ୍ରୀ, ଲେଫ୍ରିପଡା ବ୍ଲକ୍‌ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ବଡଗାଁ ଆଇଟିଆଇ ପ୍ରିନ୍ସିପାଲ ଡ.ଅରୁଣ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଆୟୋଜିତ ବୈଠକରେ ସ୍କାଉଟ୍ ଗାଇଡ୍ ରେଞ୍ଜର ରୋଭର ଛାତ୍ରୀଛାତ୍ର ଗଣ ଉପସ୍ଥିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏକତାର ବାର୍ତ୍ତା ପ୍ରଦାନ କରିଥିଲେ। ପରେ ସ୍କାଉଟ୍‌ଗାଇଡ୍ ପକ୍ଷରୁ ସମସ୍ତେ ସରପଗଡ ଡ୍ୟାମ୍ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ କରିଥିଲେ।

ରାଜ୍ୟସ୍ତରୀୟ ଆର୍‌ଏସଏ କପ୍ ଫୁଟବଲ ଟୁର୍ନାମେଣ୍ଟ

## ବରଗଡକୁ ହରାଇ ଫୁଲଧୂଡି ଫାଇନାଲରେ

**ସୁନ୍ଦରଗଡ଼, ୧୧।୧(ଡି.ଏନ୍.ଏ)**

ସୁନ୍ଦରଗଡ ଫୁଟବଲ ରେଫରୀମାନଙ୍କୁ ନେଇ ଗଠିତ ରୁରାଲ ସ୍ପୋର୍ଟସ ଆସୋସିଏଶନ୍ ଓ ଏସଡିବିଏଲ କ୍ଲବ କିଂଜିର୍ମାର ମିଳିତ ଆନୁକୂଲ୍ୟରେ କଂଜିର୍ମା ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଆୟୋଜିତ ଚତୁର୍ଥ ରାଜ୍ୟସ୍ତରୀୟ ଆର୍‌ଏସଏ କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ତୃତୀୟ ଦିବସ। ସୁନ୍ଦରଗଡ ଏସ୍‌ଡିପିଡିଏସର ପ୍ରୋଗ୍ରାମ ମ୍ୟାନେଜର ଦୁର୍ଗାମାଧବ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ସାମାଜିକ କର୍ମୀ ଲଲିନ୍ ପୂଜାରି ଓ କୁଣ୍ଡୁକେଲା କଲେଜର ଅଧ୍ୟକ୍ଷ ବସନ୍ତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ସେମି ଫାଇନାଲରେ ବରଗଡ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଏବଂ ଜୟ ଜଗନ୍ନାଥ କ୍ଲବ ଫୁଲଧୂଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଦେଶୀ ଖେଳାଳି ଥିବା ବରଗଡ ଦଳକୁ ଜୟ ଜଗନ୍ନାଥ କ୍ଲବ ଫୁଲଧୂଡି କଡା ଟକ୍କର ଦେଇଥିଲା । ସଂଘର୍ଷପୂର୍ଣ୍ଣ ଖେଳର ୩୦ମିନିଟରେ ବରଗଡ ଦଳର ବିଦେଶୀ ଖେଳାଳି ଯୋଶେଫ ଜଷ୍ଟିନ ଏକ ଗୋଲ କରି ଦଳକୁ ଆଗୁଆ କରିଥିବା ବେଳେ ଖେଳର ୭୦ମିନିଟରେ ଫୁଲଧୂଡି ଦଳର ବିକି ଗୋପ ଏକ ସୁନ୍ଦର ଗୋଲ କରି ଖେଳକୁ ଡ୍ର କରିଥିଲେ । ଫଳରେ ଖେଳ ଡ୍ର ହେବାରୁ ପେନାଲିଟୀ ସୁଟ୍ ଆଉଟ ମାଧ୍ୟମରେ ଫୁଲଧୂଡି ଦଳ ୩-୦ରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି । ଉତ୍ତମ ଖେଳ ପ୍ରଦର୍ଶନ କରିଥିବାରୁ ଫୁଲଧୂଡି ଦଳର ବିକି ଗୋପଙ୍କୁ ମ୍ୟାନ ଅଫ୍ ଦମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା । ଏଥି ସହିତ ପୂର୍ବତନ ଖେଳାଳୀସୁନ୍ଦରଗଡର ରାଜେନ୍ଦ୍ର ମହାନ୍ତି ,ବିମଲ କୁମାର ବୋଷ , ପୂର୍ବତନ ରେଫରୀ ଜୟଦେବ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳକୁ ରେଫରୀ ରୋମାଞ୍ଚ ଭୈଷାଁଲ, ପ୍ରସନ୍ନ ଭୋଇ, ନିତ୍ୟାନନ୍ଦ ମେହେର, କ୍ଷୀତେଶ୍ୱର ଚୌଧୂରୀ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନରର ଦାୟିତ୍ୱ ତୁଲାଇଥିଲେ । ଆୟୋଜକ କମିଟିର ଆବାହକ ଅଶ୍ୱିନୀ କୁମାର ନାଏକ ଓ ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ସରସ୍ୱତୀ ଶିଶୁ ମନ୍ଦିର ରଜତ୍ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସ

# ନାଚ, ଗୀତରେ ଦୁଲୁକିଲା ମଞ୍ଚ, ଝୁମିଲେ ଦର୍ଶକ

**କୁଆଁରମୁଣ୍ଡା,୧୧।୧(ଡି.ଏନ.ଏ.)**





କୁଆଁରମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ରଜତ ଜୟନ୍ତୀ ଉଦ୍‌ଯାପନୀରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ(ବାମ)। ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଶତାଧିକ ଦର୍ଶକ।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୩ ଦିନିଆ ରଜତ ଜୟନ୍ତୀ ସମାରୋହର ଶୁକ୍ରବାର ଥିଲା ଉଦ୍‌ଯାପନୀ ଦିବସ। ଏଥିରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡିଶାର ଯୁଗ୍ମ ସମ୍ପାଦକ ଡ. ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ ନେଇ ଶିଶୁ ମନ୍ଦିରର ପ୍ରତିଷ୍ଠା କରାଯାଇଛି। ଏଠାରେ ପାଶ୍ଚ୍ୟାତ ଶୈଳୀରେ ନୁହେଁ, ସମ୍ପୂର୍ଣ୍ଣ ଭାବେ ପାରିବାରିକ ସ୍ନେହ, ଶ୍ରଦ୍ଧାରେ ଶିକ୍ଷାଦାନ କରାଯାଇଥାଏ। ଫଳରେ ଏକ ପୂର୍ଣ୍ଣାଙ୍ଗ ମନୁଷ୍ୟ ଗଠନରେ ଏହି ଶିକ୍ଷା ବିଶେଷଭାବେ ସହାୟକ ହୋଇଥାଏ ବୋଲି ଡ. ସାହୁ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ଶୈଳେଶ ତିୱାରୀ, ସମ୍ପାଦକ ଗୌରାଙ୍ଗ ଚରଣ ସାହୁ ଓ ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ସୁଆର ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ‘ଜ୍ଞାନ ଗଙ୍ଗା’କୁ ମୁଖ୍ୟବକ୍ତା ଡା.ସାହୁ ଉନ୍ମୋଚନ କରିଥିଲେ। ମାତ୍ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଉଦ୍‌ଯାପନୀ ଦିବସର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି କୌଣସି କାରଣରୁ ମଞ୍ଚରେ ଅନୁପସ୍ଥିତ ରହିଥିଲେ ମଧ୍ୟ ଏହା ଦର୍ଶକଙ୍କ ମନରେ ନିରାଶା ଆଣିବା ପୂର୍ବରୁ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଓ ଗୁରୁମା, ଗୁରୁଜୀମାନଙ୍କ ଦ୍ୱାରା ପରବେଷିତ ନୃତ୍ୟ, ଗୀତରେ ସମସ୍ତେ ବିଭୋର ହୋଇଯାଇଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଶୀତ ରାତିରେ ମଧ୍ୟ ରାତି ୯ଟା ପର୍ଯ୍ୟନ୍ତ ଦର୍ଶକମାନଙ୍କ ମନ ବେଶ୍ ଆକର୍ଷିତ କରିପାରିଥିଲା। ଏପରିକି କୁନି ପିଲାମାନଙ୍କ ନୃତ୍ୟ ଓ ଗୀତରେ ମଞ୍ଚ ଦୁଲୁକୁ ଥିବାବେଳେ ଦର୍ଶକମାନେ ମଧ୍ୟ ଝୁମିଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀଙ୍କ ସହ ଶତାଧିକ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ଗୁରୁମା ବିଶ୍ୱମୋହିନୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ଗୁରୁଜୀ ବିଜୟ ମହାନ୍ତି, ପ୍ରଶାନ୍ତ ମହାନ୍ତି, ବିଦ୍ୟାଧର ବିଶ୍ୱାଳ, ମୁସ୍କୁ ନନ୍ଦ, ସୁଶେଣ ଘୋଷ, ଗୁରୁମା କଲ୍ୟାଣୀ ଦାସ, ମମତାରାଣୀ ଦାସ, ମୀନା ବରାଳ, ଯଶୋଦା ନନ୍ଦ, ଶ୍ରାବଣୀ ରଜାକ, ମୀନା ସାହୁ, ନିରୂପମା ପଣ୍ଡାଙ୍କ ସହ ପରିଚାଳନା ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଛନ୍ତି।



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।
- ବୁଦ୍ଧଦେବ



## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ

**ସିନାପାଲି,୧୧।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଥାନା ଅନ୍ତର୍ଗତ ପେଣ୍ଡରେନ୍ ଗ୍ରାମରେ ଶୁକ୍ରବାର ଟ୍ରାକ୍ଟର ଓଲଟି ଜୟନ୍ତ ନାଗ (୨୨) ନାମକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରାପ୍ତସୂଚନା ଅନୁସାରେ ପେଣ୍ଡରେନ୍ ଗ୍ରାମର ଜଣେ ଚାଷୀଙ୍କ ଜମିରେ ଟ୍ରାକ୍ଟର କେଜୁଆଲ୍ ଯୋଗେ କାଦୁଅ କରୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିଥିଲା। ଡ୍ରାଇଭର୍ ଜୟନ୍ତ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଦମକଳ ବାହିନୀ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ ସିନାପାଲି ଥାନାରେ ଏକ ମାମଲା (ନଂ. ୭/୧୯) ରୁଜୁ ହୋଇଛି ।

### ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

**ମଥୁରାନଗରୀ,୧୧।୧-**

ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ ୱାର୍କର୍ସ ଆସୋସିଏଶନ, ବରଗଡ଼ ଜିଲା ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲାର ଅଙ୍ଗନୱାଡ଼ି କର୍ମୀ, ସହାୟିକାମାନେ ଗାନ୍ଧୀଛକ ନିକଟରେ ସମବେତ ହୋଇଥିଲେ ।

### ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

# ମନମୋହିଲା ସଚେତନତାଧର୍ମୀ ଶିଶୁ ନାଟକ

**ଦେବଗଡ, ୧୧।୧ (ସ୍ୱ.ପ୍ର.)**

ସ୍ଥାନୀୟ ଟାଉନ ହଲ୍‌ଠାରେ ଦେବଗଡର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟର୍‌ନେସନାଲ୍ ତରଫରୁ ୧୬ତମ ସର୍ବଭାରତୀୟ ବହୁଭାଷୀ କ୍ଷୁଦ୍ର ନାଟକ ଓ ନୃତ୍ୟ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚଳିତବର୍ଷ ଏହି ପ୍ରତିଯୋଗିତାରେ ମୋଟ ୭ଟି ନାଟ୍ୟଦଳ ଅଂଶଗ୍ରହଣ କରିବେ। ଆୟୋଜିତ ଉଦ୍‌ଘାଟନୀ ସଭାରେ ନିମନ୍ତ୍ରିତ ଭାବେ ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଏସିଆନ ପେସିଫିକ ହେବିଟେଟ୍ ସୋସାଇଟିର ସାଧାରଣ ସମ୍ପାଦକ ତଥା ଡ.ୱିଲିୟମ୍ ହେଣେଜ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ପରିବର୍ତ୍ତନର ଡ. ଲଲାଟେନ୍ଦୁ ନାଏକ, ଇଂ.ଚିତ୍ତରଞ୍ଜନ ପ୍ରଧାନ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ସମ୍ପାଦକ ସୁଜିତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ପୂର୍ବକ ନାଟ୍ୟସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଅନୁଷ୍ଠାନର ସମ୍ପାଦକ ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଶୋକ ନନ୍ଦଙ୍କ ସଭା ପରିଚାଳନା କରିଥିଲେ। ଜନ୍ମେଜୟ ନାୟକ ନାଟ୍ୟ ସନ୍ଧ୍ୟା ମଞ୍ଚ ପରିଚାଳନା କରିଥିଲେ। ଚଳିତବର୍ଷ ନାଟକ ମହୋତ୍ସବକୁ ଅଭିନେତା, ନିର୍ଦ୍ଦେଶକ ତଥା ନିର୍ଦ୍ଦେଶନା କ୍ଷେତ୍ରରେ ସଙ୍ଗୀତ ନାଟକ ପୁରସ୍କାରପ୍ରାପ୍ତ ସ୍ୱର୍ଗତ ଦୀନବନ୍ଧୁ ନାୟକଙ୍କ ନାମରେ ଉତ୍ସର୍ଗୀକୃତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ସହରର ବିଭିନ୍ନ ସ୍କୁଲରୁ ଆସିଥିବା ୫ ସ୍କୁଲ ଅନୁଷ୍ଠାନର କ୍ଷୁଦ୍ର ଶିଶୁ ନାଟକ ମଞ୍ଚସ୍ଥ ହୋଇଥିଲା । ପ୍ରଥମେ ମନ୍ଦାକିନୀ ବାଳିକା ଉନ୍ନୀତ ସ୍କୁଲର ନାଟକ 'ଆହୂତି', ଦ୍ୱିତୀୟରେ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ନାଟକ 'ଆମ ପରିବେଶ ଆମ ହାତରେ', ବାଳକ ଉଚ୍ଚ ପ୍ରାଥମିକ ସ୍କୁଲର 'ନିଶା ରାକ୍ଷସ', କେନ୍ଦ୍ରୀୟ ବିଦ୍ୟାଳୟର ହିନ୍ଦି ନାଟକ 'ସ୍କୁଲ ଏକ୍‌ବାଜାର' ଓ ଡିଭାଇନ ପବ୍ଲିକ ସ୍କୁଲର ନାଟକ ମଞ୍ଚସ୍ଥ ହୋଇଥିଲା। ଅନ୍ୟପକ୍ଷରେ ମହୋତ୍ସବ ଆୟୋଜନରେ କ୍ଲବର ସଦସ୍ୟ ତଥା କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଦାସ, ଶିବାଶିଷ ଝାଙ୍କର, ଯୁଗ୍ମ ସମ୍ପାଦକ ବଂଶୀଧର ସାହୁ, ବିଷ୍ଣୁ ଚରଣ ଦ୍ୱିବେଦୀ, ରାକେଶ ଶତପଥୀ, ଶ୍ରବଣ କୁମାର ନାଏକ, ଦିଲୀପ ଦେବଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରୁଛନ୍ତି।



ମନ୍ଦାକିନୀ ବାଳିକା ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା 'ଆହୂତି' ନାଟକର ଦୃଶ୍ୟ।

# ମଦଭାଟି ଗରମ ପାଣିରେ ପଡ଼ି ଯୁବକ ଗୁରୁତର, ବୁର୍ଲା ସ୍ଥାନାନ୍ତର

**ନୂଆପଡା ଅଫିସ,୧୧।୧**

ସ୍ଥାନୀୟ ନୂଆପଡାସ୍ଥିତି ମଦଭାଟିର ଗରମ ପାଣିରେ ପଡି ଲେଖରାମ ଶବର (୨୫) ନାମକ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ଚନାବେଡା ଗାଁର କୁନୁରାମ ଶବରଙ୍କ ପୁଅ ଲେଖରାମ ନୂଆପଡା ମଦଭାଟିରେ ଦୀର୍ଘ ଦିନ ଧରି କାମ କରିଆସୁଛନ୍ତି । ଶୁକ୍ରବାର ସନ୍ଧ୍ୟା ୭ଟାରେ ଭାଟି ଭିତରେ ଥିବା ଗରମ ପାଣି କୁଣ୍ଡରେ ହଠାତ ଭାରସାମ୍ୟ ହରାଇ ପଡିଯାଇଥିଲେ । ତାଙ୍କୁ ନିକଟରେ ଥିବା ଶ୍ରମିକମାନେ ଉଦ୍ଧାର କରିଥିଲେ ହେଁ ଶରୀରର ଅଧା ଅଂଶ ଜଳିଯାଇଥିଲା । ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି ।



ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଯୁବକ ଲେଖରାମ ।

# କିର୍ମିରାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

**କିର୍ମିରା,୧୧।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ଓଡିଶା ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଉପସ୍ଥିତ ଜନ ସାଧାରଣଙ୍କୁ ସମ୍ବୋଧିତ କରିବା ସହ କିର୍ମିରା ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସହାୟତା ରାଶି ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କିର୍ମିରାର ବିଭିନ୍ନ ଅଞ୍ଚଳର ୪୭ଟି ପ୍ରକଳ୍ପ ପାଇଁ ୨କୋଟିର ଅତିରିକ୍ତ ସହାୟତା ଘୋଷଣା କରିଥିଲେ। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ, ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ବିଡିଓ ଜୟନ୍ଦ୍ର ସେଠୀ, ବିଦ୍ୟୁତ ବିଭାଗର ସନ୍ତୋଷ ଦରଜି, ବିଏସଏନଏଲ ଏଜିଏମ ସରୋଜ ମିଶ୍ର, ତହସିଲଦାର କୁନ୍ତିରାଣୀ ନାଏକ, ସିଡିପିଓ ଯଶୋବନ୍ତୀ ପୁରୋହିତ, ଗୋଷ୍ଠୀ ସ୍ୱାର୍ଥକେନ୍ଦ୍ର ଅଧିକାରୀ ଘନଶ୍ୟାମ ସୋରେନ ଅତିଥି ଭାବେ ଯୋଗଦେଇଥିଲେ । ସଭାରେ ୨ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟ ଏବଂ ଗ୍ରାମବାସୀ ଯୋଗଦେଇଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ କିର୍ମିରା ସରପଞ୍ଚ ରୀନା ନାଏକ, ବନ୍ଧପାଲି ସରପଞ୍ଚ ମଞ୍ଜୁଲତା ପଟେଲ, ଅର୍ଡାର ଅଶ୍ୱିନୀ ଦଣ୍ଡପାଟ, ଝାରମୁଣ୍ଡାର ନଟବର ଅଗ୍ରୱାଲ, ସୁଲାହିର ଜାନକି ଜଗତ, ଏଇ ଧନଞ୍ଜୟ ସେଠୀ, ଜିପିଓ ଗୋପାଳ ଜୟପୁରିଆ, ଏବିଇଓ ଗୁଣମଣୀ ପଟେଲ, ଜେଇ କମଳ ରାଠୋରଙ୍କ ସମେତ ବ୍ଲକର ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ଲଇକେରା ଥାନା ଅଧିକାରୀ ପ୍ରବୀରକେଶରୀ ତ୍ରିପାଠୀ, ବାଗଡିହି ଫାଣ୍ଡି ଅଧିକାରୀ ସଚ୍ଚିଦାନନ୍ଦ ପଟେଲ, ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ଯୁବବାହିନୀ ସଦସ୍ୟ ସହଯୋଗ କରିଥିଲେ ।




ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ସମୀକ୍ଷା

**ଝାରସୁଗୁଡା ଅଫିସ,୧୧।୧**

ଓଡିଶା ବିଧାନସଭାର ଏକ ଷ୍ଟାଣ୍ଡିଂ କମିଟି ଶୁକ୍ରବାର ଝାରସୁଗୁଡା ଗସ୍ତରେ ଆସି ବିଭିନ୍ନ ସରକାରୀ ଯୋଜନା ଏବଂ ଘରୋଇ ଶିଳ୍ପର ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଛନ୍ତି। କମିଟି ଅଧ୍ୟକ୍ଷ ତଥା ବିଧାୟକ ଡା. ପ୍ରଫୁଲ୍ଲ ମାଝୀ ଏବଂ କମିଟି ସଦସ୍ୟ ବିଧାୟକ ରମେଶ ପଟୁଆ ଏହି ଗସ୍ତରେ ଆସିଥିଲେ। ଶୁକ୍ରବାର ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶିଳ୍ପ ସଂସ୍ଥା ଗୁଡିକ ଅନୁସୂଚିତ ଜାତି ଓ ଜନଜାତିଙ୍କ ନିଯୁକ୍ତି ନିଶ୍ଚିତ କରିବାକୁ କହିଥିଲେ। ପ୍ରତ୍ୟେକ ଘରୋଇ ଶିଳ୍ପରେ ୪୦% ଅନୁସୂଚିତ ଜାତି ଓ ଜନଜାତି ଯୁବତୀଯୁବକଙ୍କ ନିଯୁକ୍ତି ନିଶ୍ଚିତ କରିବାକୁ କମିଟି ଅଧ୍ୟକ୍ଷ ମାଝୀ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଶିଳ୍ପ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନ ଏବଂ ଜନହିତକର ଯୋଜନାର ସମୀକ୍ଷା କରିଥିଲେ। ଏହାସହ ଜିଲାରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନାର ଏବଂ ତାର ଅଗ୍ରଗତୀ ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀଙ୍କ ଠାରୁ ପଚାରି ବୁଝିଥିଲେ। ଏହି ବୈଠକରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଏସ୍‌ପି ଅଶ୍ୱିନି କୁମାର ମହାନ୍ତିଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



ସମ୍ମିଳନୀ କକ୍ଷରେ ସମୀକ୍ଷା କରାଯାଉଛି।

# ୨୭ତମ ୱାଇଏମ୍‌ସି କପ୍ କ୍ରିକେଟ: ନାଗପୁରକୁ ହରାଇଲା ଝାରସୁଗୁଡ଼ା

**ନୂଆପଡା ଅଫିସ,୧୧।୧**

ସ୍ଥାନୀୟ ମିନିଷ୍ଟାଡିୟମରେ ୱାଇଏମସି କ୍ଲବ ତରଫରୁ ଚାଲିଥିବା ୨୭ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଲିଗ ମ୍ୟାଚରେ ଝାରସୁଗୁଡା ଦଳ ନାଗପୁର ଦଳକୁ ୧୨ ରନରେ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ମ୍ୟାଚକୁ ପୂର୍ବାହ୍ନରେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ମୁଖ୍ୟଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ପାଣି ପଞ୍ଚାୟତ ଶୀର୍ଷ କମିଟି ଅଧ୍ୟକ୍ଷ ରାଜେଶ କୁମାର ନିଗମ, ଆଇନଜୀବୀ ଅମିତାଭ ବୋଷ, ଅଶୋକ କୁମାର ଦେୱାଙ୍ଗନ, ଶମ୍ଭୁପ୍ରସାଦ ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡା ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୯ ଉଇକେଟରେ ୧୬୬ ରନ କରିଥିଲା। ଜବାବରେ ନାଗପୁର ଦଳ ୧୫୪ ରନରେ ସମସ୍ତ ଉଇକେଟ ହରାଇଥିଲା । ଝାରସୁଗୁଡା ଦଳ ପକ୍ଷରୁ ସର୍ବାଧିକ ସନ୍ତୋଷ କୁମାର ଯାଦବ ୪୧, କେଶବ ୩୫ କରିଥିବା ବେଳେ ନାଗପୁର ଦଳ ପକ୍ଷରୁ ଏମଡି ଆତିଫ ଏବଂ ଶିବମ କୁମାର ଯଥାକ୍ରମେ ୩୦, ୨୧ ରନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଓସିଏ କାର୍ଯ୍ୟକାରୀ ଉପସଭାପତି ଦୁଲାଲ ପ୍ରଧାନ, ଓସିଏ ଉପସଭାପତି ସରୋଜ କୁମାର ସାହୁ, ପ୍ରକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ଏମଡି ଶରମନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଅମ୍ପାୟାର ଅନିଲ କୁମାର ସାହୁ, ସଞ୍ଜୟ କୁମାର ନାଏକ ଖେଳ ପରିଚାଳନା କରିଥିଲେ । ଶନିବାର ସେମିଫାଇନାଲ ଖେଳ ଝାରସୁଗୁଡା ଏବଂ ଆଭା ଟାଇଗର ସମ୍ବଲପୁର ଦଳ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସଭାପତି ଅମରେଶ ଦାସ କହିଛନ୍ତି ।



୨୭ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥି।

# କୃତୀ କ୍ରୀଡ଼ାବିତ୍ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଭେଡ଼େନ, ୧୧।୧ (ଡ଼ି.ଏନ.ଏ)**

ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭେଡ଼େନ ବ୍ଲକ ରେମଣ୍ଡା ସରକାରୀ ହାଇସ୍କୁଲର ଦୁଇଜଣ ଛାତ୍ରଙ୍କୁ ସ୍କୁଲ ପରିସରରେ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଦୁଇ ଛାତ୍ର ହେଲେ ନରେଶ ମେହେର ଏବଂ ବିଜୟ କୁମାର କର । ଉଭୟ ଛାତ୍ର ଗତ ୪ ଓ ୫ ତାରିଖରେ ନୟାଗଡ଼ ଠାରେ ଖେଳା ହୋଇଥିବା ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

ନରେଶ ମେହେର ୧୮ତମ ସ୍ଥାନ ଏବଂ ବିଜୟ କର ଦ୍ୱାଦଶ ସ୍ଥାନ ହାସଲ କରିଥିଲେ । ଶୁକ୍ରବାର ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମ୍ଭାର, କ୍ରୀଡ଼ା ଶିକ୍ଷକ ପର୍ଶୁରାମ ପାତ୍ର, ଶିକ୍ଷକ ଆଦିତ୍ୟ ଭୋଇ, ଜୟଶ୍ରୀ ଖଟୁଆ ଏବଂ ଅନ୍ୟ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଜୋବ୍ରା ସୋଲାର, ଯୁଥ କ୍ଲବ ରାଉରକେଲା ବିଜୟୀ

## ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟ

**ପଦ୍ମପୁର, ୧୧।୧ (ଡି.ଏନ.ଏ)**

ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ପ୍ରଥମ ମ୍ୟାଚରେ ଜୋବ୍ରା ସୋଲାର କଟକ ଓ ଦ୍ୱିତୀୟ ମ୍ୟାଚ୍‌ରେ ଯୁଥ କ୍ରିକେଟ କ୍ଲବ ରାଉରକେଲା ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଜୋବ୍ରା ସୋଲାର୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୨ ରନ କରିଥିଲେ । ସୋଲାର ଦଳ ପକ୍ଷରୁ କୁନାଲ ମଲ୍ଲିକ ୭୦ (୪୭) ରନ୍ ସଂଗ୍ରହ କରିଥିଲେ । ୧୫୩ ରନ୍‌ର ଲକ୍ଷ୍ୟ ନେଇ ଜାମସେଦପୁର ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୩୭ ରନ୍ କରିବାକୁ ସକ୍ଷମ ହୋଇ ୧୫ ରନରେ ପରାସ୍ତ ହୋଇଥିଲା । ସୋଲାର ଦଳ ପକ୍ଷରୁ ମଳୟ ପ୍ରଧାନ ୨ଟି ଉଇକେଟ ଅକ୍ତିଆର କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ୍ ନାଗପୁର ସେରସା ଏବଂ ଯୁଥ କ୍ରିକେଟ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୨୯ ରନ ସଂଗ୍ରହ କରିଥିଲେ ।

ଦଳ ପକ୍ଷରୁ ଅଶୋକ ବାରିକ ୩୦ (୨୨) ଏବଂ ରାଜୀବ ନାୟକ ୩୧ (୨୮) ରନ୍ ସଂଗ୍ରହ କରିଥିଲେ। ୧୩୦ ରନ୍‌ର ଲକ୍ଷ୍ୟ ନେଇ ନାଗପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୦୭ ରନ୍ ସଂଗ୍ରହ କରି ୨୨ ରନରେ ପରାଜିତ ହୋଇଥିଲା । ରାଉରକେଲା ଦଳ ପକ୍ଷରୁ ରାଜୀବ ନାୟକ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଭିଭାନ ଚାରିଟେବଲ ଟ୍ରଷ୍ଟ ସଭାପତି ଚନ୍ଦନ କୁମାର ବଂଶଲ ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ସୋଲାର ଦଳର କୁନାଲ ମଲ୍ଲିକ ଏବଂ ଦ୍ୱିତୀୟ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ଯୁଥ କ୍ଲବର ରାଜୀବ ନାୟକଙ୍କୁ ପୁରସ୍କୃତ କରିଥିଲେ। ସତ୍ୟବ୍ରତ ମହାପାତ୍ର, ଶ୍ୟାମସୁନ୍ଦର ପଣ୍ଡା, ଚୂଡାମଣି ପାଢ଼ୀ ଖେଳ ପରିଚାଳନା କରିଥିଲେ। ଆକାଶ କୁମାର ଦାଶ ସ୍କୋରର ଓ ମ୍ୟାକ ମିଲନ୍ ମହାକୁଡ ଧାରାବିବରଣୀ ପ୍ରଦାନ କରିଥିଲେ । ଶନିବାର ପ୍ରଥମ ମ୍ୟାଚ୍ ରାଞ୍ଚି ଓ ଜୋବ୍ରା ସୋଲାର ଏବଂ ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଓ ଜୁଭେନାଇଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

# ରଙ୍ଗ୍‌ପରବ୍ ଦ୍ୱିତୀୟ ସନ୍ଧ୍ୟା: ନାଟକ ଏପ୍ରିଲ- ୨୭

**ବେଲପାହାଡ଼,୧୧।୧(ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମଠାରେ ମିରର୍ ଥିଏଟରର ରୌପ୍ୟ ଜୟନ୍ତୀ ଅବସରରେ ଆୟୋଜିତ ହେଉଥିବା ରଙ୍ଗ୍‌ପରବ୍ ନାଟ୍ୟ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ଅବସରରେ ମିରର୍ ଥିଏଟର ପକ୍ଷରୁ ନାଟକ ଏପ୍ରିଲ-୨୭ ପ୍ରଦର୍ଶିତ ହୋଇଥିଲା। ପ୍ରେମ କାହାଣୀ ଉପରେ ଆଧାରିତ ଉକ୍ତ ନାଟକରେ ସନ୍ତୋଷ ସାହୁ, ଗୀତାଞ୍ଜଳୀ ଦାଶ, ଗୌରୀ କୁମ୍ଭାର, ପରମେଶ୍ୱର ମରେଇ, ଚିନ୍ତାମଣି ମେହେର, ସୁଶାନ୍ତ ମହାରଣା, କାହ୍ନା ବଗାର, ଲବ ପ୍ରଧାନ, ଅମନ ଢ଼ୋରା, ତ୍ରିଲୋଚନ ଜାମଡ଼ୋଲିଆ ଓ ସୋନିଆ ବେହେରା ବିଭିନ୍ନ ଚରିତ୍ରରେ ନିଖୁଣ ଅଭିନୟ କରିଥିଲେ । ସୁବାସ ପ୍ରଧାନ ରଚିତ ଓ ନିର୍ଦ୍ଦେଶିତ ଏପ୍ରିଲ-୨୭ ନାଟକରେ ନାୟକ ନିଜ ପ୍ରେମିକାକୁ ଜୀବନ ଠାରୁ ଭଲ ପାଇଛି । ମାତ୍ର କୌଣସି ପରିସ୍ଥିତିରେ ପଡ଼ି ତାଙ୍କୁ ହତ୍ୟା କରିବା ପାଇଁ ବାଧ ହୋଇଛି । ପରେ ପୋଲିସ ହାତରେ ଗିରଫ ହୋଇ ନ୍ୟାୟାଳୟକୁ ଗଲା ପରେ ବିଚାରପତିଙ୍କ ସମ୍ମୁଖରେ ନିଜ ଅପରାଧ ପାଇଁ ଫାଶି ଦଣ୍ଡାଦେଶ ପାଇଁ ଅନୁରୋଧ କରୁଛି । ଏହି ମର୍ମସ୍ପର୍ଶୀ କାହାଣୀକୁ ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଭାଜପା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସୁବାସ ଚୌହାନ ଅତିଥି ଭାବେ ଯୋଗଦେଇଥିଲେ ।



ରଙ୍ଗ୍‌ପରବ୍ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମିରର୍ ଥିଏଟରେ ପକ୍ଷରୁ ପ୍ରଦର୍ଶିତ ନାଟକ ଏପ୍ରିଲ-୨୭ର ଏକ ଦୃଶ୍ୟ ।